ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, July 1/2025 | Page 12 | ₹ 7.00
୫୧ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 216 | ମୂଲ୍ୟ ₹୭/-



**କଲୋନେଲ୍ ଭୂମିକାରେ ଅନୁପମ୍**
ଅଭିନେତା ଅନୁପମ ଖେରଙ୍କ ଦ୍ୱାରା ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ୍' ଫିଲ୍ମର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏଥିରେ ସେ କଲୋନେଲ୍ ଭୂମିକାରେ ନଜରକୁ ଆସିଛନ୍ତି। **୦୨**

**୧୨** **ଟିଆଫୋ ଦ୍ୱିତୀୟ ରାଉଣ୍ଡରେ**
ଆମେରିକାର ଫ୍ରାନ୍‌ସେସ୍ ଟିଆଫୋ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଘୋଷାରି ମାଡ଼

**ଅଭିଯୋଗ ଶୁଣାଣି ବେଳେ ଆକ୍ରମଣ**

- ୨୯ନଂ ୱାର୍ଡ କର୍ପୋରେଟରଙ୍କ ସମେତ ୩ ଗିରଫ
- କର୍ମଚାରୀଙ୍କ ଆନ୍ଦୋଳନରେ ସାମିଲ ବିଜେଡି ନେତାଙ୍କୁ ଉଠାଇ ନେଲା ପୋଲିସ
- ଜନପଥରେ ପୋଲିସ-ବିଜେଡି କର୍ମୀ ଧସ୍ତାଧସ୍ତି

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ହୋଇଛି। ଏହାର ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ୨୯ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତଙ୍କ ସମେତ କେତେଜଣ ବ୍ୟକ୍ତି ବିଏମ୍‌ସି କାର୍ଯ୍ୟାଳୟ ମଧ୍ୟରେ ଅତିରିକ୍ତ କମିଶନର ସାହୁଙ୍କୁ ଘୋଷାରି ଆଣି ତଳେ ପକାଇ ମାଡ଼ ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାକୁ ବିରୋଧ କରି ବିଏମ୍‌ସି କର୍ମଚାରୀମାନେ ପ୍ରଥମେ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ପରେ ବିଏମ୍‌ସି ସମ୍ମୁଖ ରାସ୍ତା ଉପରେ ବିକ୍ଷୋଭ କରିଥିଲେ। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୀବନ ରାଉତ, ରଶ୍ମି ମହାପାତ୍ର ଏବଂ ଦେବାଶିଷ ପ୍ରଧାନ। ୩ଜଣଙ୍କୁ ଗିରଫ ସତ୍ତ୍ୱେ କର୍ମଚାରୀଙ୍କ ରାସ୍ତାରୋକୋରେ ବିଜେଡିର ବହୁ ନେତା ସାମିଲ ହୋଇ ଆନ୍ଦୋଳନ କରିବାରୁ ସନ୍ଧ୍ୟାରେ ବାଣୀବିହାର-ମାଷ୍ଟର କ୍ୟାଣ୍ଟିନ୍ ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ ହୋଇଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅରୁଣ ସାହୁ, ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ବିଜେଡି ନେତାଙ୍କୁ ପୋଲିସ ଉଠାଇ ନେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



ବିଏମ୍‌ସି କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାଡ଼ି ନେଇ ମାଡ଼ ମରାଯିବାର ଦୃଶ୍ୟ।

**ଭୁବନେଶ୍ୱର, ୩୦।୬(ବନ୍ଦନା ସେଠୀ)**

ବିଏମ୍‌ସିର ଅଭିଯୋଗ ଶୁଣାଣି ସୋମବାର ଚାଲିଥିଲା। କମିଶନର ନ ଥିବାରୁ ଅତିରିକ୍ତ କମିଶନର ରତ୍ନାକର ସାହୁ ଅଭିଯୋଗ ଶୁଣାଣି କରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧.୩୦ଟା ବେଳକୁ ୱାର୍ଡ ନଂ. ୨୯ର କର୍ପୋରେଟର ଜୀବନ ରାଉତ ଏବଂ ତାଙ୍କ ସହିତ ୪/୫ଜଣ ବ୍ୟକ୍ତି ହଠାତ୍ ଅଭିଯୋଗ ପ୍ରକୋଷ୍ଠକୁ ପଶିଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ କମିଶନରଙ୍କୁ କର୍ପୋରେଟର ପ୍ରଶ୍ନ କରିଥିଲେ। ତେବେ ସେଭଳି କିଛି କରିନ ଥିବା ରତ୍ନାକର କହିବାରୁ କର୍ପୋରେଟରଙ୍କ ସହ ଆସିଥିବା ବ୍ୟକ୍ତିମାନେ ଆକ୍ରମଣ କରିଥିଲେ। ରତ୍ନାକରଙ୍କ ଶାର୍ଟର କଲର ଧରି ଘୋଷାରିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ତାଙ୍କ ଛାତିକୁ ଗୋଇଠା ମାରିବା ସହିତ ଲବିରୁ ଗେଟ୍ ପର୍ଯ୍ୟନ୍ତ ଘୋଷାରି ଘୋଷାରି ନେଇଯାଇଥିଲେ। ଏଥିସହ ତାଙ୍କୁ ଜବରଦସ୍ତି ଗାଡ଼ିରେ ବସାଇବାକୁ ମଧ୍ୟ ଉଦ୍ୟମ କରିଥିଲେ। ତେବେ ସେଠାରେ ଉପସ୍ଥିତ କର୍ପୋରେଟର ବିରଞ୍ଚି ମହାସୁପକାର, ମେୟର ସୁଲୋଚନା ଦାସଙ୍କ ପିଏସ୍‌ଓ ଏବଂ ଅନ୍ୟ କର୍ମଚାରୀମାନେ ଅତିରିକ୍ତ କମିଶନରଙ୍କୁ ଉଦ୍ଧାର କରିଥିଲେ। ଅତିରିକ୍ତ କମିଶନରଙ୍କ ଉପରେ ଏଭଳି ଆକ୍ରମଣକୁ ନେଇ ଅପ୍ରୀତିକର ପରିସ୍ଥିତି ହେବାରୁ ବିଏମ୍‌ସି ଅଫିସରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଖୋଦ ସରକାରୀ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ପରେ ନିଜର ସୁରକ୍ଷା ଦାବି କରି ବିଏମ୍‌ସିର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ଖାରବେଳ ଥାନାରେ ରତ୍ନାକର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବିଏନଏସ ଦଫା ୩୩୩, ୧୩୨, ୧୨୧(୧),୧୦୯, ୩୫୧(୨), ୬୨, ୧୪୦(୨), ୩୦୪, ୫୪, ୬୧(୨),୧୮୯(୨), ୧୯୦, ୩(୫)ରେ ଏକ ମାମଲା(ନଂ. ୨୮୦/୨୦୨୫) ରୁଜୁ କରି ୨୯ ନଂ. ୱାର୍ଡର କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲାଗିଛି। ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ଆକ୍ରମଣ ଘଟଣାକୁ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ମଙ୍ଗଳବାର ଠାରୁ ସାମୂହିକ ଛୁଟିରେ ରହିବାକୁ ଚେତାବନୀ ଦିଆଯାଇଛି।

ଏନେଇ ଅତିରିକ୍ତ କମିଶନର ରତ୍ନାକର କହିଛନ୍ତି, କମିଶନରଙ୍କ ଅନୁପସ୍ଥିତିରେ ମୁଁ ଲୋକଙ୍କ ଅଭିଯୋଗ ଶୁଣୁଥିଲି। ଏହି ସମୟରେ କର୍ପୋରେଟର ଜୀବନଙ୍କ ସହ ୫/୬ଜଣ ଯୁବକ ଚାମ୍ବରକୁ ଆସିଥିଲେ। ଜଗା ଭାଇଙ୍କୁ ଆପଣ କ'ଣ ପାଇଁ ଦୁର୍ବ୍ୟବହାର କଲେ ବୋଲି ପଚାରିଥିଲେ। ଏନେଇ କିଛି ଦୁର୍ବ୍ୟବହାର କରିନ ଥିବା ମନା କରିବାରୁ ମତେ ମାଡ଼ ମାରି ଗାଡ଼ି ଭିତରକୁ ନେବାକୁ ଚେଷ୍ଟା କରିଥିଲେ। ସକାଳେ ଭାଜପାର ଜଗନ୍ନାଥ ପ୍ରଧାନଙ୍କ ସହ ଫୋନ୍‌ରେ କଥା ହୋଇଥିଲି। ଏକ ଘଟଣାର ତଦନ୍ତ ରିପୋର୍ଟ ଦେଲ ନା ନାହିଁ ବୋଲି ଜଗନ୍ନାଥ ବାବୁ ପଚାରିଥିଲେ। ସବୁକିଛି ସାଧାରଣ ଥିଲା। ଯେଉଁମାନେ ଆସିକି ଏଭଳି ଦୁର୍ବ୍ୟବହାର କଲେ ସେମାନଙ୍କୁ ମୁଁ ଜାଣିନାହିଁ ବୋଲି ରତ୍ନାକର କହିଛନ୍ତି।

(ଅଧିକ ରିପୋର୍ଟ: ପୃଷ୍ଠା-୪)

# ଆଜିଠୁ ରେଳଯାତ୍ରୀ ଦେବେ ବର୍ଦ୍ଧିତ ଭଡ଼ା

**ସାଧାରଣ ଶ୍ରେଣୀ ପାଇଁ ୫୦୦ କିମି ପର୍ଯ୍ୟନ୍ତ ଲାଗୁ ହେବ ନାହିଁ**

**ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)**

ଭାରତୀୟ ରେଳ ପକ୍ଷରୁ କେତେକ କ୍ଷେତ୍ରରେ ଯାତ୍ରୀଭଡ଼ା ବୃଦ୍ଧି କରାଯାଇଛି। ଏହି ଭଡ଼ା ମଙ୍ଗଳବାରଠାରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି ହୋଇ ନ ଥିବାବେଳେ ୫୦୧ରୁ ୧୫୦୦ କି.ମି. ଦୂରତା ପାଇଁ ୫ ଟଙ୍କା ଏବଂ ୨୫୦୦ କି.ମି. ପର୍ଯ୍ୟନ୍ତ ୧୦ ଟଙ୍କା ଏବଂ ୨୫୦୧ ରୁ ୩୦୦୦ କିଲୋମିଟର ଦୂରତା ସ୍ଲାବ୍ ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି। ଭଡ଼ା ଗଠନକୁ ସୁବ୍ୟବସ୍ଥିତ କରିବା ତଥା ଯାତ୍ରୀସେବାର ଆର୍ଥିକ ସ୍ଥିରତା ବୃଦ୍ଧି କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ ଏହି ଭଡ଼ା ବୃଦ୍ଧି କରିଥିବା କୁହାଯାଇଛି। ସଂଶୋଧିତ ଭଡ଼ା ଭାରତୀୟ ରେଳ ସମ୍ମିଳନୀ ସଂଘ (ଆଇଆର୍‌ସିଏ) ଦ୍ୱାରା ଜାରି କରାଯାଇଥିବା ଅପ୍‌ଡେଟ୍‌ଯାତ୍ରୀବାହୀ ଭଡ଼ା ସାରଣୀ ଉପରେ ଆଧାରିତ। ସାଧାରଣ ଅଣ-ଏସି ଶ୍ରେଣୀ (ଅଣ-ଉପନଗର ଟ୍ରେନ)ର ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ପ୍ରତି କିଲୋମିଟରରେ ଅଧା ପଇସା ବୃଦ୍ଧି କରାଯାଇଛି। ଏହି ସର୍ତ୍ତ ଉପରେ ୫୦୦ କିଲୋମିଟର ପର୍ଯ୍ୟନ୍ତ କୌଣସି ବୃଦ୍ଧି ହୋଇନାହିଁ। ୫୦୧ ରୁ ୧୫୦୦ କି.ମି. ପାଇଁ ୫ ଟଙ୍କା, ୧୫୦୧ରୁ ୨୫୦୦ କିମି ପାଇଁ ୧୦ ଟଙ୍କା ଓ ୨୫୦୧ରୁ ୩୦୦୦ କିଲୋମିଟର ଦୂରତା ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ସ୍ଲିପର କ୍ଲାସ ଯାତ୍ରୀଙ୍କ ପାଇଁ ପ୍ରତି କି.ମି.ରେ ୦.୫ ଓ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କ ପାଇଁ ୦.୫ ପଇସା ବୃଦ୍ଧି କରାଯାଇଛି। ମେଲ/ଏକ୍ସପ୍ରେସ ଟ୍ରେନ (ନନ୍-ଏସି)ର ଦ୍ୱିତୀୟ ଶ୍ରେଣୀ ଯାତ୍ରୀ, ସ୍ଲିପର କ୍ଲାସ ଯାତ୍ରୀ ଓ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କ ପାଇଁ ପ୍ରତି କି.ମି.ରେ ୧ ପଇସା ଲେଖାଏଁ ବୃଦ୍ଧି କରାଯାଇଛି। ଏସି ଶ୍ରେଣୀ (ମେଲ/ଏକ୍ସପ୍ରେସ ଟ୍ରେନ) କ୍ଷେତ୍ରରେ ଏସି ଚେୟାର କାର୍, ଏସି-୩ ଟାୟାର /ଏସି-୩ ଟାୟାର ଇକୋନୋମି, ଏସି ୨-ଟାୟାର ଏବଂ ଏସି ପ୍ରଥମ/ଏକ୍‌ଜିକ୍ୟୁଟିଭ୍ ଶ୍ରେଣୀ/ଏକ୍‌ଜିକ୍ୟୁଟିଭ୍ ପ୍ରତି କିଲୋମିଟର ପାଇଁ ୨ ପଇସା ବୃଦ୍ଧି କରାଯାଇଛି। ଭଡ଼ା ସଂଶୋଧନ ରାଜଧାନୀ, ଶତାବ୍ଦୀ, ଦୁରନ୍ତୋ, ବନ୍ଦେ ଭାରତ, ତେଜସ୍, ହମ୍‌ସଫର, ଅମୃତ ଭାରତ, ମହାମାନ, ଗତିମାନ, ଅନ୍ତ୍ୟୋଦୟ, ☞ ପୃଷ୍ଠା-୪

# ବର୍ଷାରେ ଖେଳିବାକୁ ଜିଦ୍ କରିବାରୁ ଛୁରି ଭୁସି ପୁଅକୁ ହତ୍ୟା

**ନୂଆଦିଲ୍ଲୀ, ୩୦।୬**

ଦିଲ୍ଲୀର ସାଗରପୁର ଅଞ୍ଚଳରେ ବର୍ଷାରେ ଖେଳିବାକୁ ଜିଦ୍ କରିବାରୁ ଏ. ରଏ ନାମକ ଜଣେ ବ୍ୟକ୍ତି (୪୦) ରବିବାର ନିଜ ୧୦ ବର୍ଷର ପୁଅକୁ ଛୁରିରେ ଭୁସି ହତ୍ୟା କରିଛନ୍ତି। ପୀଡ଼ିତ ବାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଦାଦା ଦେବ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ଅଭିଯୁକ୍ତ ରଏଙ୍କୁ ପୋଲିସ ଗିରଫ କରିବା ସହ ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ରଏ ନିଜ ୪ ପୁଅଙ୍କ ସହ ସାଗରପୁର ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। କିଛି ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ମୃତ ବାଳକ ଜଣଙ୍କ ତାଙ୍କ ତୃତୀୟ ପୁଅ ହୋଇଥିବା ଜଣାପଡ଼ିଛି। ଶନିବାର ବର୍ଷାରେ ଖେଳିବାକୁ ପୁଅ ବାରମ୍ବାର ଜିଦ୍ କରିବାରୁ ରଏ ରାଗିଯାଇଥିଲେ ଏବଂ ରୋଷେଇ ଘରୁ ଏକ ଛୁରି ଆଣି ପୁଅର ଛାତିରେ ଭୁସି ଦେଇଥିଲେ।

**ଆଜିର ସମ୍ପାଦକୀୟ** | ଜନ ଓ ଗଣନା

# ୩ ମାସରେ ଇ-କେୱାଇସି ନ କଲେ ରାଶନ କାର୍ଡ ଅଚଳ

**ଭୁବନେଶ୍ୱର,୩୦।୬(ସୁନିତ୍ ମିଶ୍ର)**

- ୨୦.୫୮ ଲକ୍ଷ ଲୋକ କରିନାହାନ୍ତି ଇ-କେୱାଇସି
- ଏହି ହିତାଧିକାରୀଙ୍କୁ ମିଳିବନି ସରକାରୀ ଚାଉଳ

ରାଶନ କାର୍ଡର ଇ-କେୱାଇସି ପ୍ରକ୍ରିୟା ଲାଗି କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସମୟ ସୋମବାର ଶେଷ ହୋଇଛି। ଜୁଲାଇରୁ ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନଙ୍କ ରାଶନ କାର୍ଡ ୩ ମାସ ଲାଗି ଅଚଳ ହୋଇଯିବ। ପୁଣି ୩ ମାସ ଭିତରେ ଇ-କେୱାଇସି କରିଲେ କାର୍ଡ ପୁନଃ ସଚଳ ହେବ। ନ ହେଲେ ତାହା ସମ୍ପୂର୍ଣ୍ଣ କଟିଯିବ। ଏ ପର୍ଯ୍ୟନ୍ତ ୨୦ ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନାହାନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ଆସିବା ପରେ ଭୂତ ହିତାଧିକାରୀ ଚିହ୍ନଟ ଆରମ୍ଭ କରିଦେଇଛନ୍ତି। କିଛି ମାସ ମଧ୍ୟରେ ରାଜ୍ୟର ବହୁ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ରାଶନ କାର୍ଡ ମଧ୍ୟ କାଟିଦିଆଯାଇଛି। ବହୁ ଅଯୋଗ୍ୟ ହିତାଧିକାରୀ ନିଜ ଆଡୁ ରାଶନ କାର୍ଡ ଫେରାଇ ଦେଇଥିବା ଖବର ମଧ୍ୟ କିଛିଦିନ ତଳେ ମନ୍ତ୍ରୀ କହିଥିଲେ।



ପ୍ରବଳ ବର୍ଷା ଯୋଗୁ ଶିମିଳିପାଳ ଜାତୀୟ ଉଦ୍ୟାନର କାଳିକାପ୍ରସାଦ-ଗୁଡୁଗୁଡ଼ିଆ ମୁଖ୍ୟ ରାସ୍ତାର ମହୁଭଣ୍ଡାର ଗ୍ରାମ ନିକଟରେ ହୋଇଥିବା ଭୂସ୍ଖଳନ।

# ଶିମିଳିପାଳରେ ଭୂସ୍ଖଳନ


**ବାରିପଦା,୩୦।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ଭୂସ୍ଖଳନ ହୋଇଛି। ଫଳରେ ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ମୁଖ୍ୟ ରାସ୍ତାର ଗୁଡୁଗୁଡ଼ିଆ ଓ କାଳିକାପ୍ରସାଦ ଅଞ୍ଚଳକୁ ଚାରିଚକିଆ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କେବଳ ଦୁଇଚକିଆ ଯାନକୁ ଯାତାୟାତ ପାଇଁ ଅନୁମତି ଦିଆଯାଇଛି। ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି।

ସୂଚନାଯୋଗ୍ୟ, ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲା ସମେତ ଶିମିଳିପାଳ ଅଭୟାରଣ୍ୟରେ ପ୍ରବଳ ବର୍ଷା ହୋଇଛି। ଶିମିଳିପାଳ ସଂଲଗ୍ନ କାଳିକାପ୍ରାସଦ ଦେଇ ଗୁଡୁଗୁଡ଼ିଆ ଯାଇଥିବା ମୁଖ୍ୟରାସ୍ତାର ମହୁଭଣ୍ଡାର ଗ୍ରାମ ନିକଟରେ ଭୂସ୍ଖଳନ ଘଟିଛି। ଫଳରେ ଗମନାଗମନରେ ବାଧା ଉପୁଜିଛି। ୩ଟି ଗ୍ରାମପଞ୍ଚାୟତକୁ ଯାତାୟାତ ପାଇଁ କେବଳ ଦୁଇଚକିଆ ଯାନକୁ ଅନୁମତି ଦିଆଯାଇଛି। ସେହିପରି ଜରୁରିକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ, ଦମକଳବାହିନୀ ଓ ରାତ୍ରିଯାପନ କରିଥିବା ପର୍ଯ୍ୟଟକମାନଙ୍କୁ ଚହଲା ରାସ୍ତା ଦେଇ ଯଶୀପୁର ପଟେ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରବିବାର ରାତିରେ ଏହି ଘଟଣା ☞ ପୃଷ୍ଠା-୪

# ବିମାନ ଟିକେଟ ଖର୍ଚ୍ଚରୁ ବର୍ତ୍ତିବା ପାଇଁ ୮ କାର୍ ଚୋରି

**ବେଜିଂ, ୩୦।୬**



ବିମାନ ଟିକେଟ ମହଙ୍ଗା ହୋଇଥିବାରୁ ଉତ୍ତର-ପୂର୍ବ ଚାଇନାର ଲିଆଓନିଂ ପ୍ରଦେଶର ଚେନ୍ ନାମକ ଜଣେ ବ୍ୟକ୍ତି ନିଜ ଘରକୁ ଫେରିବା ପାଇଁ ୮ଟି କାର୍ ଚୋରି କରିଛନ୍ତି। ଗତ ମେ' ୩୧ରେ ସେ ଘରକୁ ଫେରିବା ପାଇଁ ୧୫୦୦ ୟୁଆନ୍ (ପ୍ରାୟ ୧୮ ହଜାର ଟଙ୍କା) ମୂଲ୍ୟରେ ଏକ ବିମାନ ଟିକେଟ କିଣିଥିଲେ। ତେବେ ଏହା ଅତ୍ୟଧିକ ମହଙ୍ଗା ହୋଇଥିବାରୁ ସେ ପରେ ଏହି ଟିକେଟକୁ ବାତିଲ କରିଦେଇଥିଲେ। ତାଙ୍କୁ ମଧ୍ୟ ଚାଇନାର ହୁନାନ୍ ପ୍ରଦେଶର ଚାଙ୍ଗସାରୁ ନିଜ ଘର ଥିବା ଲିଆଓନିଂ ପ୍ରଦେଶକୁ ଯିବାର ଥିଲା। ପୂର୍ବରୁ ଜଣେ ଗାଡ଼ି ଚୋର ହୋଇଥିବାରୁ କାର୍ ଚୋରି କରି ଘରେ ପହଞ୍ଚିବାକୁ ସେ ନିଷ୍ପତ୍ତି ନେଇଥିଲେ। ଚେନ୍ ରାତିରେ ବିଭିନ୍ନ କାର୍ ଡିଲରଶିପରେ ପ୍ରବେଶ କରୁଥିଲେ ଏବଂ କୌଶଳର ସହ କ୍ୟାବିନେଟରୁ ଚାବି ନେଇ ସର୍ଭିସିଂ ପାଇଁ ଅପେକ୍ଷାରେ ଥିବା ଗାଡ଼ିଗୁଡ଼ିକୁ ଚୋରି କରୁଥିଲେ। ଏହି ଯାତ୍ରାରେ ସେ ୧ ନିୟୁତ ୟୁଆନ୍ (ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା) ମୂଲ୍ୟର ୮ଟି କାର୍ ଚୋରି କରିଥିଲେ ଏବଂ ଉକ୍ତ କାର୍‌ଗୁଡ଼ିକ ଯୋଗେ ୭ଟି ସହର ଦେଇ ଯାତ୍ରା କରିଥିଲେ। ପ୍ରତ୍ୟେକ ଥର ଇନ୍ଧନ ସରିଯିବା ପରେ ସେ କାର୍‌କୁ ରଖି ଅନ୍ୟ ଏକ କାର୍ ଚୋରି କରୁଥିଲେ। ସେହିପରି ଚେନ୍ ନିଜ ଖାଦ୍ୟ ଏବଂ ରାସ୍ତାର ଟୋଲ୍ ଦେବା ପାଇଁ ଗାଡ଼ିରେ ଥିବା ବିଭିନ୍ନ ମୂଲ୍ୟବାନ ଜିନିଷପତ୍ର ମଧ୍ୟ ଚୋରି କରିଥିଲେ। ୧୪ ଘଣ୍ଟାରୁ ଅଧିକ ସମୟ ଧରି ଯାତ୍ରା କରିବା ପରେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ଗତ ମାସ ୪ ତାରିଖରେ ଚାଇନାର ଶିଜିଆଜୁଆଙ୍ଗ୍ ସହରରେ ଥିବା ହେବେଇ କାର୍ ପାର୍କିଂ ସ୍ଥଳରେ ଏକ ଚୋରି କାର୍ ମଧ୍ୟରେ ଶୋଇଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେ ଚୋରି କରିଥିବା ସମସ୍ତ ୮ଟି କାର୍‌କୁ ପୋଲିସ ଜବତ କରିଛି। ଏବେ ଚେନ୍ ପୋଲିସ ହାଜତରେ ରହିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଚାଇନାରେ କାର୍ ଚୋରି ପରି ଅପରାଧ ପାଇଁ ଦୋଷୀଙ୍କୁ ୧୦ ବର୍ଷରୁ ଅଧିକ ଜେଲ ଏବଂ ଜରିମାନାର ବ୍ୟବସ୍ଥା ରହିଛି।

## ସଂକ୍ଷେପରେ

### ଭାଜପା ଛାଡ଼ିଲେ ବିଧାୟକ ରାଜା ସିଂ



**ହାଇଦ୍ରାବାଦ,୩୦।୬**

ତେଲଙ୍ଗାନାର ଭାଜପା ବିଧାୟକ ଟି. ରାଜା ସିଂ ସୋମବାର ଦଳରୁ ଇସ୍ତଫା ଦେଇଛନ୍ତି। ରାମଚନ୍ଦ୍ର ରାଓ ଭାଜପା ରାଜ୍ୟ ସଭାପତି ନିଯୁକ୍ତ ହେବାକୁ ଯାଉଥିବା ଗଣାମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏଥିରେ ଗଭୀର ଅସନ୍ତୋଷ ବ୍ୟକ୍ତ କରି ସେ ଇସ୍ତଫା ଦେଇଥିବା କହିଛନ୍ତି। ଅନେକ ଲକ୍ଷ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପ୍ରତାରିତ କରାଯାଇଥିବା ଦଳୀୟ ନିଷ୍ପତ୍ତିରୁ ପ୍ରତିଫଳିତ ହେଉଛି ବୋଲି ସେ ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି।

### ୩ ବର୍ଷ ହେଲା ଘରେ ନିଜକୁ ବନ୍ଦ ରଖିଥିବା ଇଞ୍ଜିନିୟର ଉଦ୍ଧାର

**ମୁମ୍ବାଇ,୩୦।୬**

ନଭି ମୁମ୍ବାଇର ଏକ ଆପାର୍ଟମେଣ୍ଟ ମଧ୍ୟରେ ୩ ବର୍ଷ ହେଲା ନିଜକୁ ବନ୍ଦକରି ରଖିଥିବା ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କୁ ଗତ ସପ୍ତାହରେ ଉଦ୍ଧାର କରାଯାଇଛି। ଅନୁପ କୁମାର ନାୟାର ନାମକ ଏହି ବ୍ୟକ୍ତି ଅତ୍ୟଧିକ ବିଷାଦଗ୍ରସ୍ତ ଏବଂ ମାନସିକ ଆଘାତ ଯୋଗୁ ସ୍ୱେଚ୍ଛାକୃତ ଭାବେ ନିଜକୁ ବନ୍ଦ କରି ରଖିଥିଲେ। ଜୁଇନଗରର ସେକ୍ଟର-୨୪ସ୍ଥିତ ଘରକୁଲ ସୋସାଇଟିରେ ରହୁଥିବା ନାୟାର ପୂର୍ବରୁ କମ୍ପ୍ୟୁଟର ପ୍ରୋଗ୍ରାମର ଭାବେ କାର୍ଯ୍ୟ କରୁଥିଲେ। ସୋସିଆଲ୍ ଆଣ୍ଡ ଏଭାଞ୍ଜେଲିକାଲ ଆସୋସିଏଶନ ଫର୍ ଲଭ୍ (ସିଲ୍) ନାମକ ଏନ୍‌ଜିଓର ସାମାଜିକ କର୍ମୀଙ୍କ ସୂଚନା ଅନୁଯାୟୀ, ସେ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ଫ୍ଲାଟ୍‌ରୁ ବାହାରି ନ ଥିଲେ। ନିଜର ମୌଳିକ ଆବଶ୍ୟକତା ପାଇଁ ସେ ଫୁଡ୍ ଡେଲିଭରି ଆପ୍ ବ୍ୟବହାର କରୁଥିଲେ। କିଛିବର୍ଷ ପୂର୍ବେ ମା'ବାପାଙ୍କ ମୃତ୍ୟୁ ଏବଂ ବଡ଼ଭାଇଙ୍କ ଆତ୍ମହତ୍ୟା ତାଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା ଏବଂ ସେ ବାହାର ଦୁନିଆରୁ ଦୂରେଇ ରହିଥିଲେ।

# ସାର୍କର ବିକଳ୍ପ ଗଢୁଛନ୍ତି ଚାଇନା, ପାକିସ୍ତାନ

## ଭାରତକୁ ଟକ୍କର ଦେବାକୁ ଯୋଜନା

**ନୂଆଦିଲ୍ଲୀ,୩୦।୬**

ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଗଠନ (ସାର୍କ)ରେ ଭାରତ ପ୍ରମୁଖ ସଦସ୍ୟ ରହିଛି। ଏଥିରେ ଭାରତର ପ୍ରାଧାନ୍ୟ ରହିଥିବାରୁ ଏହାକୁ ଟକ୍କର ଦେବା ପାଇଁ ଏକ ବିକଳ୍ପ ସଂଗଠନ ଗଢ଼ିବା ପାଇଁ ଚାଇନା ଏବଂ ପାକିସ୍ତାନ ଯୋଜନା ଚଳାଇଛନ୍ତି। ବାଂଲାଦେଶ ସେମାନଙ୍କ ସହ ସାମିଲ ହୋଇଛି। ଏଥିପାଇଁ ଇସ୍‌ଲାମାବାଦ ଏବଂ ବେଜିଂ ମଧ୍ୟରେ ଆଲୋଚନାରେ ଅଗ୍ରଗତି ଘଟିଥିବା ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ନୂଆ ଆଞ୍ଚଳିକ ସଂଗଠନ ଗଢ଼ିବା ନେଇ ଗତ ୧୯ ତାରିଖରେ ଚାଇନାର କୁନ୍‌ମିଙ୍ଗ୍‌ଠାରେ ବୈଠକ ବସିଥିଲା। ସାର୍କର ସଦସ୍ୟ ଥିବା ଦକ୍ଷିଣ ଏସିଆର ଅନ୍ୟ ଦେଶଗୁଡ଼ିକୁ ଆମନ୍ତ୍ରଣ କରି ନୂଆ ସଂଗଠନରେ ସାମିଲ କରିବା ଉକ୍ତ ବୈଠକର ଲକ୍ଷ୍ୟ।




କୁନ୍‌ମିଙ୍ଗ୍ ବୈଠକ ପୂର୍ବରୁ ଗତ ମେ'ରେ ଅନୁରୂପ ଭାବେ ଚାଇନା, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡରର ସମ୍ପ୍ରସାରଣ ସହ ତାଲିବାନ ଶାସିତ ରାଷ୍ଟ୍ରରେ ଆଞ୍ଚଳିକ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୮୫ ଡିସେମ୍ବର ୮ରେ ସାର୍କ ଗଠନ ହୋଇଥିଲା। ଏହି ସଂଗଠନରେ ୭ ପ୍ରତିଷ୍ଠାତା ସଦସ୍ୟ ରହିଥିବାବେଳେ ୨୦୦୭ରେ ଆଫଗାନିସ୍ତାନ ସାମିଲ ହୋଇଥିଲା। ସାର୍କର ସଦସ୍ୟମାନେ ହେଲେ ଭାରତ, ବାଂଲାଦେଶ, ଆଫଗାନିସ୍ତାନ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ଭୁଟାନ। ତେବେ ୨୦୧୪ କାଠମାଣ୍ଡୁ ସମିଟ୍ ପରେ ସାର୍କ ନେତାମାନେ ଏକାଠି ହୋଇ ନ ଥିବାରୁ ଏହି ସଂଗଠନ ନିଷ୍କ୍ରିୟ ରହିଛି।

୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ସାର୍କ ଭିଡିଓ କନ୍‌ଫରେନ୍ସରେ କୋଭିଡ-୧୯ ଜରୁରୀ ପାଣ୍ଠି ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ଭାରତ ୧୦ ନିୟୁତ ଡଲାର ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିବର୍ଷ ନଭେମ୍ବରରେ ଇସ୍‌ଲାମାବାଦରେ ୧୯ତମ ସାର୍କ ସମିଟ୍ ହେବାକୁ ଥିବାବେଳେ ଜମ୍ମୁ-କଶ୍ମୀରର ଉରିରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ଯୋଗୁ ଭାରତ ଉକ୍ତ ସମ୍ମିଳନୀରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଥିଲା। ସୂଚନାଯୋଗ୍ୟ, ଉରି ଆତଙ୍କବାଦୀ ଆକ୍ରମଣରେ ଭାରତର ୧୭ ଜଣ ଯବାନ ନିହତ ହୋଇଥିଲେ। ଆତଙ୍କବାଦ ଏବଂ ଆଞ୍ଚଳିକ ହସ୍ତକ୍ଷେପ କାରଣରୁ ଆଫଗାନିସ୍ତାନ, ବାଂଲାଦେଶ ଏବଂ ଭୁଟାନ ମଧ୍ୟ ସମ୍ମିଳନୀରୁ ନିଜକୁ ଦୂରେଇ ରଖିଥିଲେ। ଫଳରେ ସମିଟ୍ ବାତିଲ ହୋଇଥିଲା। ଏହା ପରେ ଆଉ ସମ୍ମିଳନୀ ଅନୁଷ୍ଠିତ ହୋଇନାହିଁ। ଚାଇନା ଓ ପାକିସ୍ତାନର ପ୍ରସ୍ତାବିତ ନୂଆ ସଂଗଠନରେ ସାର୍କ ସଦସ୍ୟ ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ଆଫଗାନିସ୍ତାନ ସାମିଲ ହେବେ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ନୂଆ ସଂଗଠନ ଚିନ୍ତାଧାରାକୁ ବାଂଲାଦେଶ ଖଣ୍ଡନ କରିଛି। ଆମେ କୌଣସି ସଂଗଠନ ଗଢୁନାହୁଁ ବୋଲି ଢାକା ବହିର୍ବ୍ୟାପାର ଉପଦେଷ୍ଟା ଏମ୍. ତୌହିଦ ହୋସେନ୍ କହିଛନ୍ତି।



ଝାଡ଼ଖଣ୍ଡର ଲାଟେହାର ଜିଲାରେ ପ୍ରବଳ ବର୍ଷା ଯୋଗୁ ଏକ ବ୍ରିଜ୍ ଭାସିଯାଇଥିବାବେଳେ ଉକ୍ତ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ମଣିପୁରରେ ୪ ଜଣଙ୍କୁ ଗୁଳିକରି ହତ୍ୟା

**ଇମ୍ଫାଲ,୩୦।୬**

ମଣିପୁରର ଚୁରାଚାନ୍ଦପୁର ଜିଲାର ମୋଙ୍ଗଜାଙ୍ଗ ଗ୍ରାମ ନିକଟରେ ସୋମବାର ଅପରାହ୍ନରେ ଅଜଣା ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ସମେତ ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୨ଟା ବେଳେ ସେମାନେ ଏକ କାର୍ ଯୋଗେ ଯାଉଥିବାବେଳେ ଚୁରାଚାନ୍ଦପୁର ସହରଠାରୁ ପ୍ରାୟ ୭ କିଲୋମିଟର ଦୂରରେ ଏହି ଗୁଳିକାଣ୍ଡ ଘଟିଛି। ଆକ୍ରମଣକାରୀମାନେ ଅତି ନିକଟରୁ ଗୁଳି ଚଳାଇଥିଲେ ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରୁ ପୋଲିସ ଡଜନେରୁ ଊର୍ଦ୍ଧ୍ୱ ଖାଲି କାର୍ତ୍ତୁଜ୍ ଜବତ କରିଥିବାରୁ ଆକ୍ରମଣକାରୀଙ୍କ ପାଖରେ ସ୍ୱୟଂକ୍ରିୟ ଅସ୍ତ୍ର ରହିଥିବା ସୂଚନା ମିଳୁଛି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରି ନ ଥିବାବେଳେ ଏହା ପଛର ଉଦ୍ଦେଶ୍ୟ ମଧ୍ୟ ଜଣାପଡ଼ି ନାହିଁ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ପୋଲିସ ସମେତ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଆକ୍ରମଣକାରୀଙ୍କ ଧରିବା ପାଇଁ ତଲାସି ଅଭିଯାନ ଜାରି ରହିଛି। ୨୦୨୩ ମେ' ୩ରୁ ମଣିପୁରରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ୧୨୦୦ ଜଣ ଆହତ ହୋଇଥିଲେ। ଏହି ହିଂସାରେ ୬୦ ହଜାରରୁ ଅଧିକ ଲୋକ ଘରଦ୍ୱାର ହରାଇ ବିସ୍ଥାପିତ ହେବା ସହ ଅନେକ ମନ୍ଦିର ଓ ଚର୍ଚ୍ଚ ଭଙ୍ଗାରୁଜା ହୋଇଥିଲା।

## କଶ୍ମୀରରେ ନୂଆ ମେଣ୍ଟ

**ଶ୍ରୀନଗର, ୩୦।୬**

ଜମ୍ମୁ-କଶ୍ମୀର ପିପୁଲ୍ସ କନ୍‌ଫରେନ୍ସ (ଜେକେପିସି)ର ଅଧକ୍ଷ ସଜ୍ଜାଦ ଲୋନ୍ ସୋମବାର ଶ୍ରୀନଗରରେ ଏକ ନୂତନ ରାଜନୈତିକ ମେଣ୍ଟ ଘୋଷଣା କରିଛନ୍ତି। ଏହି ମେଣ୍ଟର ନାମ 'ପିପୁଲ୍ସ ଆଲାୟନ୍ସ ଫର୍ ଚେଞ୍ଜ' ରଖାଯାଇଛି। ଏହି ମେଣ୍ଟରେ ଜେକେପିସି ସହ ହକିମ ମହମ୍ମଦ ୟାସିନଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ (ପିଡିଏଫ୍) ଏବଂ ଜଷ୍ଟିସ୍ ଆଣ୍ଡ୍ ଡେଭେଲପ୍‌ମେଣ୍ଟ ଫ୍ରଣ୍ଟ (ଜେଡିଏଫ୍) ସାମିଲ ହୋଇଛି। ଏହି ଅବସରରେ ସଜ୍ଜାଦ କହିଛନ୍ତି, କଶ୍ମୀରରେ ଅନେକ ବର୍ଷ ଧରି ଶାସନ କରିଥିବା ୨ ପ୍ରମୁଖ ରାଜନୈତିକ ଦଳ ବିରୋଧରେ 'ପିପୁଲ୍ସ ଆଲାୟନ୍ସ ଫର୍ ଚେଞ୍ଜ' ମେଣ୍ଟ ବିକଳ୍ପ ଭାବେ ଉଭା ହେବ।

## ଟ୍ରମ୍ପଙ୍କ ନୂଆ ବିଲ୍‌ରେ ରିମିଟାନ୍ସ ଟ୍ୟାକ୍ସ ୧%କୁ ହ୍ରାସ

### ଭାରତୀୟ ଉପକୃତ ହେବେ

**ନୂଆଦିଲ୍ଲୀ,୩୦।୬**



ଡୋନାଲ୍ଡ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଗ୍ ବିଉଟିଫୁଲ୍ ବିଲ୍‌ରେ ପ୍ରସ୍ତାବିତ ୫ ପ୍ରତିଶତ ରିମିଟାନ୍ସ ଟ୍ୟାକ୍ସକୁ ୧ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ବିଲ୍ ସିନେଟ୍‌ର ଏକ ପ୍ରମୁଖ ପ୍ରତିବନ୍ଧକକୁ ଅତିକ୍ରମ କରିଛି। ସଂଶୋଧିତ ବିଲ୍‌ରେ ଟିକସ ହ୍ରାସ କରାଯାଇଥିବାରୁ ଆମେରିକାରେ କାର୍ଯ୍ୟ କରୁଥିବା ଭାରତୀୟ ପେସାଦାର ଏବଂ ପ୍ରବାସୀ ଭାରତୀୟମାନେ ନିଜ ଦେଶକୁ ଟଙ୍କା ପଠାଇବାରେ ଅଧିକ ଟିକସ ଦେବାକୁ ପଡ଼ିବ ନାହିଁ। ସେମାନଙ୍କ ପାଇଁ ଏହା ଏକ ବଡ଼ ଆଶ୍ୱସ୍ତି ବୋଲି କୁହାଯାଉଛି। ନଗଦ ଅର୍ଥ, ମନିଅର୍ଡର ଏବଂ କ୍ୟାଶିୟର୍ସ ଚେକ୍ ଜରିଆରେ ଟଙ୍କା ପ୍ରେରଣ କ୍ଷେତ୍ରରେ ଉକ୍ତ ଟିକସ ଲାଗୁ ହେବ। ତେବେ ଆର୍ଥିକ ସଂସ୍ଥାରେ ଥିବା କିମ୍ବା ଏହାଦ୍ୱାରା ପରିଚାଳିତ ଆକାଉଣ୍ଟ ପାଇଁ ରିମିଟାନ୍ସକୁ ବାଦ୍ ଦିଆଯାଇଛି। ସେହିପରି ଆମେରିକା ଜାରି କରିଥିବା ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡରେ ଯେଉଁମାନେ ପାଣ୍ଠି ଲଗାଇଛନ୍ତି, ସେମାନେ ମଧ୍ୟ ଉକ୍ତ ଟିକସରୁ ବାଦ୍ ପଡ଼ିବେ। ଗତ ମେ'ରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ବିଲ୍‌ର ପୂର୍ବ ଭର୍ସନ ଗୃହୀତ ହୋଇଥିବାବେଳେ ପ୍ରସ୍ତାବିତ ୫% ଟିକସକୁ ନେଇ ବହୁ ଭାରତୀୟ ପେସାଦାର ଚିନ୍ତାରେ ଥିଲେ।

# ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୧୨ ମୃତ

### ମୃତକଙ୍କ ମଧ୍ୟରୁ ଜଣେ ଓଡ଼ିଶାର

**ସାଙ୍ଗାରେଡ୍ଡୀ/ହାଇଦ୍ରାବାଦ,୩୦।୬**

ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲାରେ ଥିବା ଏକ ଔଷଧ କମ୍ପାନୀ ଫ୍ୟାକ୍ଟ୍ରିରେ ସୋମବାର ସକାଳେ ବିସ୍ଫୋରଣ ଘଟି ୧୨ ଜଣଙ୍କ ମୃତ୍ୟୁ ହେବା ସହ ୩୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ଓଡ଼ିଶାର ବୋଲି କୁହାଯାଉଛି। ତାଙ୍କ ନାମ ନଗରଜିତ୍ ତିୱାରୀ। ପଶମିଲାରାମ ଶିଳ୍ପାଞ୍ଚଳରେ ଥିବା ସିଗାଚି ଫାର୍ମା କମ୍ପାନୀ ପ୍ଲାଣ୍ଟର ରିଆକ୍ଟରରେ ରାସାୟନିକ ପ୍ରତିକ୍ରିୟାରୁ ଏହି ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି। ବିସ୍ଫୋରଣ ସମୟରେ ଫ୍ୟାକ୍ଟ୍ରିରେ ୧୫୦ ଜଣ କାମ କରୁଥିଲେ ଏବଂ ଘଟଣାସ୍ଥଳରେ ୯୦ ଜଣ ଥିଲେ ବୋଲି ଫ୍ୟାକ୍ଟ୍ରି ସୂତ୍ରରୁ ଉଦ୍ଧାର କରି ପୋଲିସ ଆଇଜି ଭି. ସତ୍ୟନାରାୟଣ କହିଛନ୍ତି। ସକାଳ ୯ଟା ୨୮ରୁ ୯ଟା ୩୫ ମଧ୍ୟରେ ବିସ୍ଫୋରଣ ଘଟିଥିବାବେଳେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇ ଦିଆଯାଇଥିଲା। ବିସ୍ଫୋରଣରୁ ଲାଗିଥିବା ନିଆଁ ଲିଭାଇବାକୁ ୧୦ଟି ଅଗ୍ନିଶମ ଦମକଳକୁ ନିୟୋଜିତ କରାଯାଇଥିଲାବେଳେ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ସାମିଲ ହୋଇଥିଲେ। ୩ ଜଣଙ୍କ ମୃତଦେହ ଚିହ୍ନଟ ହୋଇଥିବାବେଳେ ୬ ମୃତଦେହ ଏଭଳି ଜଳିଯାଇଛି ଯେ ଚିହ୍ନଟ କରିବା ପାଇଁ ଡିଏନ୍‌ଏ ପରୀକ୍ଷା କରାଇବାକୁ ପଡ଼ିବ ବୋଲି ପଟାନଚେରୁ ତହସିଲଦାର ଏ. ରଙ୍ଗା ରାଓ କହିଛନ୍ତି। ଅନ୍ୟ ୩ ମୃତଦେହକୁ ଭଗ୍ନାବଶେଷ ମଧ୍ୟରୁ ବାହାର କରିବାକୁ ଉଦ୍ୟମ ଜାରି ରହିଛି।

ମୃତକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି।

# ବଙ୍କର-ବଷ୍ଟର ମିଶାଇଲ ବିକଶିତ କରୁଛି ଭାରତ

**ନୂଆଦିଲ୍ଲୀ,୩୦।୬**

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟିକୁ ଧ୍ୱଂସ କରିବା ଲାଗି ଆମେରିକା ଗତ ୨୨ ତାରିଖରେ ଜିବିୟୁ-୫୭/ଏ ବଙ୍କର-ବଷ୍ଟରକୁ ନିୟୋଜିତ କରିଥିଲା। ଏହି ଅତ୍ୟାଧୁନିକ ସାମର୍ଥ୍ୟ ହାସଲ କରିବା ଲାଗି ଭାରତ ଜୋର୍‌ଦାର ଉଦ୍ୟମ ଚଳାଇଛି। ନୂଆ ତଥା ଶକ୍ତିଶାଳୀ ମିଶାଇଲ୍ ସିଷ୍ଟମ୍ ନିର୍ମାଣ ସହ ଭାରତ ଭବିଷ୍ୟତ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛି। ଏହି ମିଶାଇଲ୍ ସିଷ୍ଟମ୍ ଭୂଗର୍ଭରେ ଥିବା ଶକ୍ତିଶାଳୀ ଢାଞ୍ଚାକୁ ଭେଦ କରିପାରିବ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଅଗ୍ନି-୫ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ୍‌ର ଉନ୍ନତ ଭର୍ସନ୍‌ର ବିକାଶ କରାଯାଉଛି। ଅଗ୍ନି-୫ ଆଣବିକ ଅସ୍ତ୍ର ସହ ୫,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରଖିଥିବାବେଳେ ନୂଆ ଭାରିଆଣ୍ଟରେ ପାରମ୍ପରିକ ଅସ୍ତ୍ର ସାମର୍ଥ୍ୟ ରହିବ, ଯାହା ୭,୫୦୦ କିଲୋଗ୍ରାମ ବଙ୍କର-ବଷ୍ଟର ଯୁଦ୍ଧାସ୍ତ୍ର ବହନ କରିପାରିବ। ମାଟିତଳେ ୫୦ରୁ ୧୦୦ ମିଟର ଗଭୀରରେ ଥିବା ବହୁସ୍ତରୀୟ ଶକ୍ତିଶାଳୀ କଂକ୍ରିଟ୍ ଢାଞ୍ଚାକୁ ଏହା ଧ୍ୱଂସ କରିପାରିବ। ଆମେରିକା ନକଟରେ ୧୪ଟି ଜିବିୟୁ-୫୭ ବ୍ୟବହାର କରିଥିଲା, ଯାହାକି ବିଶ୍ୱର ସବୁଠୁ ଶକ୍ତିଶାଳୀ ବଙ୍କର-ବଷ୍ଟର ବୋମା। ଭାରତ ଅନୁରୂପ ସାମର୍ଥ୍ୟ ହାସଲ କରିବାକୁ ଚାହୁଁଥିବା ଜଣାପଡ଼ିଛି।




## ଫୁରସତ୍

# ଆଖୁଛେଦାରୁ ନିର୍ମିତ ପ୍ରଥମ ସ୍କୁଲ

**ନଏଡା**

ସ୍ଥାପତ୍ୟ କ୍ଷେତ୍ରରେ ସମ୍ପ୍ରତି ଅନେକ ପରିବର୍ତ୍ତନ ଘଟିଛି। ଦେଶରେ ବିଭିନ୍ନ ସାର୍ବଜନୀନ ସମ୍ପତ୍ତିର ନିର୍ମାଣକୁ ପରିବେଶ ଅନୁକୂଳ କରିବା ପାଇଁ ବିଭିନ୍ନ ନିର୍ମାଣ ସାମଗ୍ରୀ ଉପରେ ପରୀକ୍ଷଣ ଆରମ୍ଭ ହୋଇଛି। ନିକଟରେ ଉତ୍ତରପ୍ରଦେଶର ନଏଡାରେ ଆଖୁଛେଦାରୁ ପ୍ରସ୍ତୁତ ଏକ କନ୍‌ଷ୍ଟ୍ରକ୍ସନ୍ ବ୍ଲକ୍ ସୁଗାରକ୍ରିଟ୍ ଦ୍ୱାରା ଏକ ନୂତନ ସ୍କୁଲ୍ ବିଲ୍ଡିଂକୁ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରାଯାଇଛି। ପୂର୍ବ ଲଣ୍ଡନ ବିଶ୍ୱବିଦ୍ୟାଳୟ (ୟୁଇଏଲ୍), ଇଣ୍ଡିଆନ୍ ମାନୁଫାକ୍ଚରର କେମିକାଲ୍ ସିଷ୍ଟମ୍ ଟେକ୍ନୋଲୋଜି (ସିଏସ୍‌ଟି) ଏବଂ ପଞ୍ଚଶୀଳ ବାଲାକ୍ ଇଣ୍ଟର୍ କଲେଜ (ପିବିଆଇସି)ର ମିଳିତ ସହଯୋଗରେ ଏହି ପ୍ରକଳ୍ପକୁ ଅନ୍ତିମ ରୂପ ଦିଆଯାଇଛି। ପଞ୍ଚଶୀଳ ବାଲାକ୍ ଇଣ୍ଟର୍ କଲେଜ ପରିସର ମଧ୍ୟରେ ଏହି ସ୍କୁଲର ନିର୍ମାଣ ହୋଇଛି।

୨୦୨୩ରେ ୟୁଇଏଲ୍ ଗବେଷକ ଆଲାନ୍ ଚାଣ୍ଡଲର ଏବଂ ଆର୍ମର ଗୁଟିରେଜ୍ ରିଭାସ୍‌ଙ୍କ ଦ୍ୱାରା ସୁଗାରକ୍ରିଟ୍‌କୁ ବିକଶିତ କରାଯାଇଥିଲା। ଆଖୁରୁ ରସ ବାହାର କରିବା ପରେ ବଳକା ଆଖୁଛେଦାରେ ମିନେରାଲ ବାଇଣ୍ଡର୍ସ ମିଳାଇ ଏକ ଇକୋ-ଫ୍ରେଣ୍ଡଲି କନ୍‌ଷ୍ଟ୍ରକ୍ସନ୍ ବ୍ଲକ୍ ପ୍ରସ୍ତୁତ କରି ଗବେଷକମାନେ ଏହାର ନାମ ସୁଗାରକ୍ରିଟ୍ ରଖିଛନ୍ତି। ନିର୍ମାଣ ସମୟରେ ପାରମ୍ପରିକ ଇଟା ତୁଳନାରେ ସୁଗାରକ୍ରିଟ୍‌ର ବ୍ୟବହାର ଦ୍ୱାରା ୬ ଗୁଣ କମ୍ କାର୍ବନ ନିର୍ଗତ ହୋଇଥାଏ।



ପ୍ରଥମ ଥର ପାଇଁ ସୁଗାରକ୍ରିଟ୍‌ର ବ୍ୟବହାର କରାଯାଇ ନଏଡ଼ାରେ ଏକ ପୂର୍ଣ୍ଣାଙ୍ଗ ଶ୍ରେଣୀଗୃହର ନିର୍ମାଣ କରାଯାଇଛି। ଆଗକୁ ଏପରି ଆହୁରି ସ୍କୁଲ୍ ବିଲ୍ଡିଂ ନିର୍ମାଣ ସମ୍ଭବ ବୋଲି ଏହି ପ୍ରକଳ୍ପର ନେତୃତ୍ୱ ନେଉଥିବା ୟୁଇଏଲ୍ ଇଞ୍ଜିନିୟର ରିଭାସ୍ କହିଛନ୍ତି। ନଏଡାରେ ନିର୍ମିତ ବିଦ୍ୟାଳୟର ଛାତ ଏକ ଷ୍ଟିଲ୍ ଫ୍ରେମ୍ ଦ୍ୱାରା ସମର୍ଥିତ, ଯେଉଁଥିରେ ଏକ କ୍ଲେରେଷ୍ଟୋରି ୱିଣ୍ଡୋ ରହିଛି। ଏହାଦ୍ୱାରା ଶ୍ରେଣୀଗୃହ ମଧ୍ୟରେ ପ୍ରାକୃତିକ ଆଲୋକ ପ୍ରବେଶ କରିପାରିଥାଏ। ବର୍ଷା ସମୟରେ ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷା ଦେବା ପାଇଁ ଡିଜାଇନର୍‌ମାନେ ସ୍କୁଲରେ ଏକ ବାରଣ୍ଡା ମଧ୍ୟ ପ୍ରସ୍ତୁତ କରିଛନ୍ତି। ସୁଗାରକ୍ରିଟ୍‌ର ବ୍ୟବହାରରେ କିପରି ପରିବେଶ ଉପଯୋଗୀ କୋଠା ନିର୍ମାଣ ହୋଇପାରିବ ତାହା ଏହି ସ୍କୁଲ୍ ପ୍ରମାଣିତ କରୁଛି ବୋଲି ରିଭାସ୍ କହିଛନ୍ତି। ବିଶ୍ୱ ସ୍ତରରେ ଆଖୁ ଉତ୍ପାଦନରେ ଭାରତ ଶୀର୍ଷରେ ଥିବାରୁ, କୋଠା ନିର୍ମାଣରେ ମାଟିରେ ତିଆରି ଇଟାର ବିକଳ୍ପ ଭାବେ ଆଖୁଛେଦାରୁ ତିଆରି ସୁଗାରକ୍ରିଟ୍‌ର ବ୍ୟବହାର ସମ୍ଭବ। ଏହାଦ୍ୱାରା ମୃତ୍ତିକା କ୍ଷୟକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନ୍‌ଜିଓ ପ୍ରୟତ୍ନ ଫାଉଣ୍ଡେଶନର ସହଯୋଗରେ ଏହି ଟିମ୍ ସମ୍ପ୍ରତି ହରିୟାଣାର ହିସାରରେ ଆଉ ଏକ ସୁଗାରକ୍ରିଟ୍ ଫାସିଲିଟିର ନିର୍ମାଣରେ ନିଜକୁ ନିୟୋଜିତ ରଖିଛି।



# କଲୋନେଲ୍ ଭୂମିକାରେ ଅନୁପମ୍

### 'ତନ୍‌ଭି ଦି ଗ୍ରେଟ୍' ଟ୍ରେଲର ଆଉଟ୍

**ମୁମ୍ବାଇ**

ଅଭିନେତା ଅନୁପମ ଖେର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ୍' ଫିଲ୍ମର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏହି ଫିଲ୍ମ ସହ ଅନୁପମ ୨୩ ବର୍ଷ ପରେ ନିର୍ଦ୍ଦେଶନାକୁ ଫେରିଛନ୍ତି। ପୂର୍ବରୁ ଏହି ଫିଲ୍ମ କାନ୍ସ ସମେତ ବିଭିନ୍ନ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇସାରିଛି। ୩ ମିନିଟ୍ ୪ ସେକେଣ୍ଡର ଏହି ଟ୍ରେଲରରେ ଜଣେ ଅଟିଷ୍ଟିକ ଯୁବତୀ ତନ୍‌ଭିଙ୍କର କାହାଣୀ ଦେଖିବାକୁ ମିଳିଛି। ତନ୍‌ଭିଙ୍କ ଚରିତ୍ରରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତ ନଜରକୁ ଆସିଛନ୍ତି। ଏହି ଫିଲ୍ମ ସହ ବଲିଉଡ୍‌ରେ ସେ ଡେବ୍ୟୁ କରିଛନ୍ତି। ଫିଲ୍ମର କାହାଣୀ ଅନୁଯାୟୀ, ତନ୍‌ଭି ତାଙ୍କ ସ୍ୱର୍ଗତ ବାପାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସେନାରେ ଯୋଗଦେବାକୁ ସ୍ୱପ୍ନ ଦେଖନ୍ତି। ତେବେ ଅଟିଷ୍ଟିକ୍ ହୋଇଥିବାରୁ ଏହା ତାଙ୍କ ପକ୍ଷେ ସହଜ ହୋଇ ନ ଥାଏ। ତେବେ ତନ୍‌ଭି ସମସ୍ତ ପ୍ରତିବନ୍ଧକକୁ ଦୂର କରି କିପରି ସେନାରେ ଯୋଗଦେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେସିତ। ଏହି ଟ୍ରେଲରରେ ଅନୁପମଙ୍କୁ ଜଣେ କଲୋନେଲ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିଛି। ସେ ତନ୍‌ଭିଙ୍କ ଜେଜେ ହୋଇଥିବାବେଳେ ବାପାଙ୍କ ମୃତ୍ୟୁ ପରେ ସେ ତନ୍‌ଭିଙ୍କୁ ସମ୍ଭାଳୁଛନ୍ତି। ଆସନ୍ତା ଜୁଲାଇ ୧୮ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ଅନୁପମ ଏବଂ ଶୁଭାଙ୍ଗୀଙ୍କ ବ୍ୟତୀତ ଅଭିନେତା ବୋମନ୍ ଇରାନୀ, ଜ୍ୟାକି ଶ୍ରଫ୍, ଅଭିନେତ୍ରୀ ପଲ୍ଲବୀ ଯୋଶୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ସୁବର୍ଣ୍ଣରେଖା ସ୍ଥିତି ଗମ୍ଭୀର

## ୪ ବ୍ଲକର ଲକ୍ଷାଧିକ ଲୋକ ଜଳବନ୍ଦୀ



ବାଲିଆପାଳ ବ୍ଲକ ଚୌଧୁରୀକୁଦ ଗ୍ରାମର କେତେଜଣ ଲୋକ ବଜାରକୁ ଆସିବା ଲାଗି ବୋଟ୍‌କୁ ଅପେକ୍ଷା କରି ରହିଛନ୍ତି।

**ଭୋଗରାଇ,୩୦।୬(ପ୍ରଦୀପ ଦାସ)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସୁବର୍ଣ୍ଣରେଖା ଉପରମୁଣ୍ଡ ଓ ନିମ୍ନ ଅବବାହିକାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି। ଏଭଳି ସ୍ଥିତିରେ ଝାଡ଼ଖଣ୍ଡରେ ଥିବା ଚାନ୍ଦିଲ ଡ୍ୟାମ ସହିତ ଗାଲୁଡ଼ିହି ଓ ଖରଖାଇ ବ୍ୟାରେଜରୁ ଉଦବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ବନ୍ୟାଜଳ ବୃଦ୍ଧିପାଇଛି। ରବିବାର ବିଳମ୍ବିତ ରାତିରେ ରାଜଘାଟ ଗେଜଠାରେ ବିପଦସଂକେତ ୧୦.୩୬ ମିଟର ଊର୍ଦ୍ଧ୍ୱରେ ପ୍ରବାହିତ ହୋଇ ୨ କୂଳ ଲଘି ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ନଦୀକୂଳିଆ ଗାଁର ସ୍ଥିତିକୁ ବିଗାଡି ଦେଇଛି। ସୋମବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୧୧.୫୬ମିଟରରେ ବନ୍ୟା ପାଣି ସ୍ଥିର ରହି ଅପରାହ୍ନ ୩ଟାରେ ପାଣି ଧୀରେ ଧୀରେ କମୁଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି।

ସପ୍ତାହେ ପରେ ସୁବର୍ଣ୍ଣରେଖାରେ ପୁଣି ଏକ ବନ୍ୟା ଜନଜୀବନକୁ ଦୁର୍ବିଷହ କରିଥିବା ବେଳେ ଉତ୍ତର ବାଲେଶ୍ୱରର ୪ ବ୍ଲକର ଶତାଧିକ ଗାଁର ଲକ୍ଷାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି। ଭୋଗରାଇ ବ୍ଲକର ୧୬, ବାଲିଆପାଳ ବ୍ଲକର ୧୨, ଜଳେଶ୍ୱର ବ୍ଲକ ୧୨, ବସ୍ତା ବ୍ଲକର ୬ ପଞ୍ଚାୟତ ସହିତ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଓ ସାରସକଣା ପଞ୍ଚାୟତ ଲୋକେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଭୋଗରାଇ ବ୍ଲକର ମନ୍ନୁନଗର, କୁହ୍ଲା, କୁମ୍ଭୀରଗ ମାଟିଖିଣା, ନାନକାର, ଖଳାବାଡିଆ, ରସଲପୁର, ସନ୍ତୋଷପୁର, ଗବଗାଁଟିରକୁଳା, ନୀଳପୁରା ଆଦି ଗାଁଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ବାଲିଆପାଳ ବ୍ଲକର ବଡାପାଳ, କୁଦମାନସିଂ, ବିଷ୍ଣୁପୁର, କୁଲ୍ହାଚଢ଼ ଆଦି ଗାଁଗୁଡିକ ଜଳବନ୍ଦୀ ହୋଇଛନ୍ତି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବା ପାଇଁ ଡଙ୍ଗା ଏକମାତ୍ର ସାହାରା ପାଲଟିଛି। ବନ୍ୟାଞ୍ଚଳର ମୁଖ୍ୟ ରାସ୍ତାଗୁଡିକ ବୁଡ଼ିଯାଇ କେଉଁଠି ଅକାତକାତ ପାଣିର ସ୍ରୋତ ଛୁଟୁଛି। ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟାପାଣି ଲହଡି ଭାଙ୍ଗୁଥିବାରୁ ଲୋକେ ଭୟଭୀତ ହୋଇଛନ୍ତି। ଆରଡିସି ବି. ପରମେଶ୍ୱର, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ୍(ସାଧାରଣ) ସୁଧାକର ନାୟକ, ଏଡିଏମ (ରାଜସ୍ୱ) ହେମନ୍ତ ସିଂ, ୪ ବ୍ଲକର ବିଡିଓ, ତହସିଲଦାର, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ, ଏସ୍‌ପି ରାଜପ୍ରସାଦଙ୍କ ସହ ବହୁ ବରିଷ୍ଠ ଅଧିକାରୀ ସୋମବାର ପୂର୍ବାହ୍ନରେ ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ କରି ବନ୍ୟା ପ୍ରପୀଡିତଙ୍କ ସମସ୍ୟା ପଚାରି ବୁଝିଛନ୍ତି। ବନ୍ୟାରେ କେହି ଭୟଭୀତ ନ ହୋଇ ସୁରକ୍ଷା ସ୍ଥାନକୁ ଚାଲିଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ ସେବା ଓ ଗୋଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ହେଲେ ମିର୍ଦ୍ଧା ଟପ୍ପୋ

**ଭୁବନେଶ୍ୱର,୩୦।୬ (ସୁନିତ୍ ମିଶ୍ର)**



ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି ଓଏଏସ୍ ଅଫିସର ମିର୍ଦ୍ଧା ଟୋପ୍ପୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ସେ ପିଡି ଡିୟୁଡିଏ(ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି), କେନ୍ଦୁଝରର ଭାବେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ମିର୍ଦ୍ଧା ପାଟଣା, କରଞ୍ଜିଆ ଏବଂ ଝୁମ୍ପୁରା ବ୍ଲକର ବିଡିଓ ଭାବେ କାର୍ଯ୍ୟ କରିସାରିଛନ୍ତି। ଏହାପରେ ସେ ବରଗଡ ଏଡିଏମ୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିବା ତାଙ୍କ ପ୍ରଶାସନିକ କାର୍ଯ୍ୟର ଏକ ବଡ ସଫଳତା ବୋଲି ଚର୍ଚ୍ଚା ହେଉଛି।






## ରାଶନ କାର୍ଡ: ସରିଛି ଇ-କେୱାଇସି ଶେଷ ତାରିଖ




# ଶିଶୁ ସେବିକାଙ୍କୁ ମାସିକ ମିଳିବ ୩ହଜାର ଟଙ୍କା

**ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)**

ନୂତନ ଶିକ୍ଷା ନୀତି -୨୦୨୦ ଅନୁସାରେ ରାଜ୍ୟରେ ଶିଶୁଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ପ୍ରଥମଥର ଶିଶୁ ବାଟିକା ଖୋଲାଯାଇଛି। ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷରୁ ଏହା କାର୍ଯ୍ୟ କରୁଥିବାବେଳେ ଏଥିରେ ୫ରୁ ୬ ବର୍ଷ ବୟସର ପିଲାଙ୍କୁ ପାଠପଢ଼ାଯିବ। ଶିଶୁ ବାଟିକାରେ ଶିଶୁଙ୍କ ଯତ୍ନ ନେବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବାକୁ ସ୍ୱତନ୍ତ୍ର ଭାବେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯିବ। ଶିଶୁ ବାଟିକାରେ ପିଲାଙ୍କ ଉପସ୍ଥାନକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁସାରେ ଶିଶୁ ସେବିକା ନିଯୁକ୍ତି ସ୍କୁଲ ମ୍ୟାନେଜମେଣ୍ଟ କମିଟି (ଏସଏମସି) ପକ୍ଷରୁ କରାଯିବ। ରୋଷେୟା ଏବଂ ସହାୟିକାଙ୍କ ସମତୁଲ୍ୟ ଦରମା ହିସାବରେ ପ୍ରତିମାସରେ ୩ହଜାର ଟଙ୍କା ମିଳିବ। ଖୁବଶୀଘ୍ର ଓଡିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏହି ନିଯୁକ୍ତି ପ୍ରକ୍ରିୟା ଏବଂ ଦାୟିତ୍ୱ ସମ୍ବନ୍ଧୀୟ ବିସ୍ତୃତ ନିୟମାବଳୀ ଦିଆଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ଚିଠିରେ ଉଲ୍ଲେଖ କରାଯାଇଛି।

# ଶୀତଳଭଣ୍ଡାର ଭିତ୍ତିଭୂମି ସୁଦୃଢ଼ ହେବ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୬(ସୌମ୍ୟରଞ୍ଜନ ରାଉତ)**

ଶୀତଳଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ନେଇ ସୋମବାର ଏକ ବୈଠକ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଏକ ଅବିରତ ପ୍ରୟାସ। ଏହା ବର୍ଷସାରା ଲୋକଙ୍କୁ ଦାନା ଯୋଗାଇଦେବା ସହ ରୋଜଗାରର ସ୍ରୋତ ଯୋଗାଇଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ଏହା ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ପରିବହନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି। ପୂର୍ବରୁ ଖାଦ୍ୟ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ବର୍ତ୍ତମାନ ଏହାର ଫଳ, ପନିପରିବା ଏବଂ ଖାଦ୍ୟଶସ୍ୟ ବିଦେଶକୁ ରପ୍ତାନି ମଧ୍ୟ ହେଲାଣି। ବିଦେଶରେ ଓଡ଼ିଶାର ସୁବାସିତ ଚାଉଳ ଓ ପନିପରିବାର ଚାହିଦା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। କୃଷକଙ୍କୁ ପର୍ଯ୍ୟାପ୍ତ ବଜାର ସୁବିଧା ସହ ଉତ୍ପାଦର ଉଚିତ ମୂଲ୍ୟ ପ୍ରଦାନ, ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା। ଏହାକୁ ଧ୍ୟେୟ କରି ରାଜ୍ୟର ପ୍ରତ୍ୟେକ ସବ୍ ଡିଭିଜନରେ ଶୀତଳଭଣ୍ଡାର ନିର୍ମାଣ କରାଯିବା ପ୍ରକ୍ରିୟା ଜାରି ରହିଛି। ଏହା ଆମ ଚାଷୀ ଭାଇଭଉଣୀଙ୍କ ରୋଜଗାରରେ ବୃଦ୍ଧି ସହିତ ରାଜ୍ୟରେ ଦେଖାଦେଉଥିବା କୃତ୍ରିମ ଅଭାବକୁ ଦୂର କରିବାରେ ସହାୟକ ହେବ। ରାଜ୍ୟରେ ଶୀତଳଭଣ୍ଡାର ନିର୍ମାଣ ଲାଗି ଏକ କମ୍ପାନୀ ପକ୍ଷରୁ ପ୍ରସ୍ତାବ ମଧ୍ୟ ଉପସ୍ଥାପନ ହୋଇଛି ବୋଲି ସିଂଦେଓ କହିଛନ୍ତି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


DSPL - 158



### ୭୬ତମ ବନମହୋତ୍ସବ ପାଳନ ଉପଲକ୍ଷେ
### ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳିତ ହୋଇଥାଏ। ସବୁଜ ଆଚ୍ଛାଦନ ବୃଦ୍ଧି କରିବା, ବନୀକରଣକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ସଂରକ୍ଷଣରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ବନ ମହୋତ୍ସବ ପାଳନର ଲକ୍ଷ୍ୟ। ୭୬ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି। ବନ୍ୟସଂପଦ ଦେଶସମୃଦ୍ଧିର ଏକ ପ୍ରଧାନ ଉତ୍ସ। ମୃତ୍ତିକା ଓ ଜଳ ସଂରକ୍ଷଣ, ଜୈବମଣ୍ଡଳର ସୁରକ୍ଷା, ବାୟୁମଣ୍ଡଳରୁ ନିର୍ଗତ ବିଷାକ୍ତ ବାଷ୍ପକୁ ବିଶୋଧିତ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ଜଙ୍ଗଲ ନିର୍ବାହ କରିଥାଏ।

ଏପରି ସ୍ଥଳେ, ଆଧୁନିକତାର ବଶୀଭୂତ ମାନବ ସଭ୍ୟତା ଜଙ୍ଗଲ ଅବକ୍ଷୟର ମୁଖ୍ୟ କାରଣ ହୋଇଛି। ଏହାର ଫଳସ୍ୱରୂପ, ଆମ୍ଭେମାନେ ଜଳବାୟୁ ପରିବର୍ତ୍ତନ ଜନିତ ବିଭିନ୍ନ ଅଭାବନୀୟ ପରିସ୍ଥିତିଗୁଡିକର ସମ୍ମୁଖୀନ ହେଉଛୁ। ଏହିସବୁ ପରିସ୍ଥିତିକୁ ଏଡ଼ାଇବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି।

ପ୍ରତିବର୍ଷ ପରି, ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାପକ ବୃକ୍ଷ ରୋପଣର ବ୍ୟବସ୍ଥା କରିଛନ୍ତି। ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ଚଳିତ ବର୍ଷାଋତୁରେ ବିଭିନ୍ନ ବନୀକରଣ ଯୋଜନା ଯଥା, କୃତ୍ରିମ ଜଙ୍ଗଲ, ପ୍ରାକୃତିକ ଜଙ୍ଗଲର ପୁନର୍ଜନନ, ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି କାର୍ଯ୍ୟରେ ୧.୮୩ କୋଟି ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏତଦ୍ ବ୍ୟତୀତ ସୁଲଭ ମୂଲ୍ୟରେ ଜନସାଧାରଣମାନଙ୍କୁ ୩.୨୬ କୋଟି ବୃକ୍ଷ ଚାରା ବଣ୍ଟନ ହେବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି।

ସୁତରାଂ, ଏହାର ସୁଯୋଗ ନେଇ ନିଜ ଜମି, ଅନୁଷ୍ଠାନ ପ୍ରାଙ୍ଗଣ, ତଥା ପଥପାର୍ଶ୍ୱରେ ଖାଲି ଥିବା ସ୍ଥାନମାନଙ୍କରେ ବ୍ୟାପକ ବୃକ୍ଷରୋପଣ କରିବା ନିମନ୍ତେ ଜନସାଧାରଣଙ୍କର ଅକୁଣ୍ଠ ଓ ସକ୍ରିୟ ସହଯୋଗ କାମନା କରୁଛି।

(ଗଣେଶ ରାମ ସିଂଖୁଣ୍ଟିଆ)
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବିଭାଗ, ଓଡ଼ିଶା





### ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ
### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ବାର୍ତ୍ତା'



୭୬ ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ଓଡିଶାର ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଜଙ୍ଗଲ ହିଁ ପ୍ରକୃତିର ସର୍ବଶ୍ରେଷ୍ଠ ଅବଦାନ। ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ପରିବେଶର ସନ୍ତୁଳନକୁ ରକ୍ଷା କରି ବିଭିନ୍ନ ପ୍ରାକୃତିକ ଦୁର୍ବିପାକର ସମ୍ଭାବନାକୁ ଜଙ୍ଗଲ ହିଁ ନିୟନ୍ତ୍ରଣ କରିଥାଏ। ସୁତରାଂ ଜଙ୍ଗଲର ସୁରକ୍ଷା ସହିତ ପର୍ଯ୍ୟାପ୍ତ ବୃକ୍ଷରୋପଣ ଏବଂ ଜଙ୍ଗଲ ସଂପଦର ଅଭିବୃଦ୍ଧି ବର୍ତ୍ତମାନ ପାଇଁ ଅପରିହାର୍ଯ୍ୟ।

ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ବ୍ୟାପକ ବୃକ୍ଷ ରୋପଣ କରାଯିବା ସହିତ ଜନସାଧାରଣଙ୍କ ସହଯୋଗ ଦ୍ୱାରା ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାରଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମନ୍ୱୟରେ "ଅମୃତ ମିତ୍ର ଯୋଜନା" ଆନୁକୂଲ୍ୟରେ ରାଜ୍ୟର ସହରାଞ୍ଚଳ ମାନଙ୍କରେ "ମହିଳାଙ୍କ ପାଇଁ ଗଛଟିଏ" ଅଭିଯାନ ଆରମ୍ଭ ହୋଇଅଛି। ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଚଳିତ ବର୍ଷ "ଏକ୍ ପେଡ୍ ମା କେ ନାମ୍ ୨.୦" ଅଭିଯାନରେ ବିଦ୍ୟାଳୟର ପରିସର ଓ ତତ୍ ସଂଲଗ୍ନ ଅଞ୍ଚଳ ମାନଙ୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସାମିଲ କରି ବୃକ୍ଷରୋପଣ କରିବାର ଯୋଜନା ରଖିଛନ୍ତି।

ତେଣୁ ପବିତ୍ର ବନମହୋତ୍ସବ ପାଳନ ଅବସରରେ ଅଧିକରୁ ଅଧିକ ଗଛ ଲଗାଇ ଏକ ସ୍ୱଚ୍ଛ ସବୁଜ ସୁନ୍ଦର ପରିବେଶ ସୃଷ୍ଟିର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି।

(ମୋହନ ଚରଣ ମାଝୀ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବିଭାଗ, ଓଡ଼ିଶା

OIPR-08002/13/0018/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବୁଦ୍ଧିଷ୍ଟ ଇଣ୍ଟରନ୍ୟାଶନାଲ ଫୋରମ ଫର ପିସ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ, ସ୍ଥାନ: ସିୟାଇଏସ୍‌ଡି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିକ୍ଷା ମନ୍ଦିରରର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗୋପୀନାଥ ଦେବଙ୍କ ୧୦ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଗ୍ନି ସ୍ଥାପନ, ସ୍ଥାନ: ନହରକଣ୍ଟାସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଆଇ, ଅମିନ ଚାକିରି ବାବଦୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ୧୫।
- କୋଠଘର ପ୍ରକାଶନୀ ପକ୍ଷରୁ ଶାନ୍ତିଲତା ପଲାଇଙ୍କ କବିତା ପୁସ୍ତକ ଓ ଗଳ୍ପ ସଂକଳନ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ହନୁମାନ ଚାଳିଶା ପାଠ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୪ଟା ୩୦।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ହେରା ପଞ୍ଚମୀ–ମହାଲକ୍ଷ୍ମୀଙ୍କ ଗୁଣ୍ଡିଚା ମନ୍ଦିରକୁ ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୮ଟା।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।
- ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୯ଟା।

## ମୟୂରଭଞ୍ଜ

- ହେରାପଞ୍ଚମୀ ଉପଲକ୍ଷେ ମା' ଲକ୍ଷ୍ମୀଙ୍କ ଦ୍ୱାରା ରଥ କାଠ ଭଙ୍ଗା,ସ୍ଥାନ:ଚିତ୍ରଡ଼ା ମାଉସୀମା ମନ୍ଦିର, ମୋରଡ଼ା ସମୟ:ସନ୍ଧ୍ୟା ୬ଟା।
- ମହାପ୍ରଭୁଙ୍କ ବେଶ ଦର୍ଶନ, ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୋଷାଣୀ ନୂଆଗାଁ କାଳୁଆ ମନ୍ଦିର, ସମୟ: ସକାଳ ୮ଟା ୩୦।
- ବନ ମହୋତ୍ସବ, ସ୍ଥାନ: ଗାନ୍ଧୀନଗର ୧୦ମ ଗଳି, ସମୟ: ସକାଳ ୮ଟା ୩୦।
- ଡାକ୍ତର ଦିବସ, ସ୍ଥାନ: ଆଇଏଏମ ହାଉସ, ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ଶିବଙ୍କ ବିଗ୍ରହ ସଂସ୍କାର, ସ୍ଥାନ: ରମ୍ଭା,ସମୟ: ସକାଳ ୬ଟା।
- ଦିବଂଗତ କମ୍ୟୁନିଷ୍ଟ ନେତା ଦୂତୀକୃଷ୍ଣ ପଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ଆସିକା ବ୍ଲକ ଜୟପୁର ଗୌରାଙ୍ଗ ପାଠାଗାର, ସମୟ : ପୂର୍ବାହ୍ନ ୧୦ଟା।
- ଖେମୁଣ୍ଡି ଲୋକ ମହୋତ୍ସବ ଉଦଘାଟନ, ସ୍ଥାନ: ଦିଗପହଣ୍ଡି ବଜାର ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କାଉଡ଼ିଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- ହେରାପଞ୍ଚମୀ ଉପଲକ୍ଷେ ମା' ମହାଲକ୍ଷ୍ମୀଙ୍କ ରଥଭଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, କାକଟପୁର, ମହାକାଳପଡ଼ା, ଦେଉଳସାହି, ଓଳାଭର, ରାଜକନିକା, ଜମପଡ଼ା, ମାର୍ଶାଘାଇ, ଶ୍ରୀଲକ୍ଷ୍ମୀବରାହଜୀଉ ମନ୍ଦିର ସମ୍ମୁଖ, ଆଳି, ଶ୍ରୀବନବିହାରୀଜୀଉ ମନ୍ଦିର, ପେଣ୍ଠ, ରାଜନଗର, ଶ୍ରୀ ଦଧିବାମନଜୀଉ ମନ୍ଦିର, ରାଜନଗର, ଶ୍ରୀଜଗନ୍ନାଥ ମନ୍ଦିର, କେରଡାଗଡ଼, ରାଜନଗର, ଶ୍ରୀବଳଦେବଜୀଉ ମନ୍ଦିର, ଗରଦପୁର, ଶ୍ରୀଜଗନ୍ନାଥ ମନ୍ଦିର, ମାହାଳ, ଗରଦପୁର, ଶ୍ରୀଦଧିବାମନଜୀଉ ମନ୍ଦିର, ତମାଳ ଶାସନ, ପଟ୍ଟାମୁଣ୍ଡାଇ, ଶ୍ରୀଦଧିବାମନଜୀଉ ମନ୍ଦିର, ଡେରାବିଶ, ସମୟ: ରାତି ୯ଟା।

## ଯାଜପୁର

- ଘୋଷଯାତ୍ରା ଉପଲକ୍ଷେ ମାଉସୀମା ମନ୍ଦିର ପରିସରରେ ମୟୂରୀ ଡ୍ୟାନ୍ସ ଏକାଡେ଼ମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ହେରା ପଞ୍ଚମୀ, ସ୍ଥାନ: ଖଣ୍ଡପଡା ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହେରା ପଞ୍ଚମୀ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ସନ୍ଧ୍ୟା ବେଶରେ ଲକ୍ଷ୍ମୀନାରାୟଣ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ନୃସିଂହ ଅବତାର ବେଶ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡା, ସମୟ: ସକାଳ ୬ଟା।
- ରାୟଗଡା ଲେଡିଜ୍ କ୍ଲବ ପକ୍ଷରୁ ଡାକ୍ତର ଦିବସରେ ଡାକ୍ତରଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ, ସ୍ଥାନ: ଲାୟନ୍ସ କ୍ଲବ୍, ରାୟଗଡା, ସମୟ: ଅପରାହ୍ନ ୫ଟା ୩୦।
- ମା' ଲକ୍ଷ୍ମୀଙ୍କ ଆଗମନ ଓ ବଚନିକା ପରେ ରଥ ଭାଙ୍ଗି ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ,
- ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ରାତି ୯ ଟା।

## ସମ୍ବଲପୁର

- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ଏମବିଏ ବ୍ୟାଚର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ : ଆଇଆଇଏମ୍ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ହେରା ପଞ୍ଚମୀ କାର୍ଯ୍ୟକ୍ରମ , ସ୍ଥାନ : ଝାଡୁଆପଡା ସ୍ଥିତ ମାଉସୀ ମାଆ ମନ୍ଦିର, ସମୟ : ଅପରାହ୍ନ ୫ଟା।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- ନିଶା ନିବାରଣ ସଚେତନତା ରାଲି, ସ୍ଥାନ: କୃଷ୍ଣ ଆଶ୍ରମ, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା
- କଳ୍ପତରୁ ଆଶ୍ରମ ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଭାଜପା ସରକାର ବିରୋଧରେ ଭାରତ ମୁକ୍ତିମୋର୍ଚ୍ଚା ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ଭବାନୀପାଟଣା ବ୍ଲକ କୁରୁରୁଖମାର, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ବାମନ ପର୍ଶୁରାମ ଅବତାର, ସ୍ଥାନ:ମାଉସୀମା ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର,ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ହେରା ପଞ୍ଚମୀ କାର୍ଯ୍ୟକ୍ରମ, ସ୍ଥାନ: ଉଫୁଲା ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲା ପରିଷଦ ନୂଆପଡ଼ା ଗ୍ରାମୀଣ ପରିମଳ ଶାଖା ପକ୍ଷରୁ ସଫେଇ ଅଭିଯାନ, ବୃକ୍ଷ ରୋପଣ, ସ୍ଥାନ: ଜିଲାର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଧାର୍ମିକ ସ୍ଥଳ, ଜନଗହଳିପୂର୍ଣ୍ଣ ସ୍ଥାନ, ସମୟ: ସକାଳ ୮ଟା।
- ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡ଼ିଆଳ ପକ୍ଷରୁ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା, ସ୍ଥାନ: ଥାନା ଛକ ଖଡ଼ିଆଳ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରସ୍ଥ ଚନ୍ଦ୍ର ଅର୍ଥଲାଭ, ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧି କରାଇବ। ଦୀର୍ଘ ଦିନ ହେଲା ଯାହା ହୋଇପାରିନି ତାହା ପୂର୍ଣ୍ଣତା ଲାଭ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କରୁ ଖୁସି ହେବେ। ଆନୁଷ୍ଠାନିକ କାମରେ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାର୍ଯ୍ୟହାସଲରେ ବିଜାତୀୟ ବ୍ୟକ୍ତି ପ୍ରତିବାଦର ସ୍ୱରକୁ ତୀବ୍ର କରିପାରେ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବେ। ଜମିଜମା, ଘର ତିଆରି, ଯାନ ମରାମତି ଦିଗରେ ମନୋନିବେଶ କରିପାରନ୍ତି। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯିବ।

**ମିଥୁନ** ଧନ ସ୍ଥାନରେ ବୁଧଙ୍କ ଯୋଗୁ ଆଶା କରିଥିବା ସ୍ଥାନରୁ ଅର୍ଥ ପାଇବାରେ ଅସୁବିଧା ହେବ ନାହିଁ। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କ୍ରୟବିକ୍ରୟ ଦ୍ୱନ୍ଦ୍ୱଯୁକ୍ତ ହେବେ। ଯାତ୍ରା, ପ୍ରତିଯୋଗିତା, କଚେରି ମାମଲା, ମନୋରଞ୍ଜନ କାର୍ଯ୍ୟକ୍ରମ ଦିଗରୁ ଉପକୃତ ହେବେ। ସାମାନ୍ୟ ଥଣ୍ଡାଜନିତ ରୋଗରେ ପୀଡ଼ିତ ହୋଇପାରନ୍ତି।

**କର୍କଟ** ରାଶ୍ୟାଧିପତିଙ୍କ ସହ ମଙ୍ଗଳ ଓ କେତୁ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବଢ଼ାଇବ। କର୍ମକ୍ଷେତ୍ରରେ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ପରୋକ୍ଷ ଶତ୍ରୁତାଜନିତ ଟେନ୍‌ସନ ଲାଗି ରହିବା ଯୋଗୁ ଆନମନା ରହିପାରନ୍ତି। ସହକର୍ମୀ, ପଡ଼ୋଶୀ କିମ୍ବା ନବାଗତ ବନ୍ଧୁଙ୍କ ସହ ଆଳାପ ଆଲୋଚନା ବେଶ୍ ଜମିପାରେ।

**ସିଂହ** ଲାଭଭାବରେ ବୁଧାଦିତ୍ୟଙ୍କ ସ୍ଥିତି ହେତୁ ଆପଣଙ୍କ ଆଶା ପୂରଣ କରିବାରେ ସମର୍ଥ ହେବ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବା ହେତୁ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ପର ଉପରେ ନିର୍ଭରକରିବା କାରଣରୁ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇପାରେ।

**କନ୍ୟା** ଶନି ଓ ବୃହସ୍ପତିଙ୍କ ସ୍ଥିତିଜନିତ ପରିବାର, ଯାନବାହନ ଏବଂ ସାମୂହିକ କାମରେ ସମସ୍ୟା ଆସିପାରେ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନଙ୍କ ପ୍ରତି ସଜାଗ ରହିବା ଭଲ ହେବ। ପ୍ରଶାସନ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ଆକସ୍ମିକ ନୂତନ ବନ୍ଧୁସମ୍ପର୍କ ସ୍ଥାପନହେବା ସୂଚନା ରହିଛି।

**ତୁଳା** କର୍ମସ୍ଥାନରେ ବୁଧଙ୍କ ସ୍ଥିତି କାରଣରୁ ବନ୍ଧୁସମ୍ପର୍କ ଏବଂ ଯାତ୍ରା ପ୍ରୀତିପ୍ରଦ ରହିବ। ଆର୍ଥିକ ସାହାଯ୍ୟ ଓ ବ୍ୟକ୍ତିଗତ ସହଯୋଗ ଲାଭକରି କାମକୁ ଆଗେଇନେବେ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ପ୍ରିୟପାତ୍ର ହେବେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବା ସହ ସୁନାମ ଅର୍ଜନ କରିବେ।

**ବିଛା** କର୍ମଭାବସ୍ଥ ଚନ୍ଦ୍ର କର୍ମାରମ୍ଭ, ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଓ ବନ୍ଧୁମିଳନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟିକରିବ। ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣକରି ସର୍ବଜନ ପ୍ରଶଂସିତ ହେବେ। ସାମୂହିକ ଆଲୋଚନା, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ ।

**ଧନୁ** ରବି ଓ ବୃହସ୍ପତି ଏକତ୍ର ରହିଥିବାରୁ ଆପଣଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଅପ୍ରିୟତା ଅର୍ଜନ କରିବେ। ପାରିବାରିକ ଅଶାନ୍ତି ଥମିଯିବାରୁ ପୂର୍ବାଷାଢ଼ା ନକ୍ଷତ୍ର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କୁ ମନ କଥା କହିବାକୁ ପଛେଇଯିବା ଫଳରେ ସମାଧାନ ବିଳମ୍ବିତ ହେବ। ସରକାରୀ ସ୍ତରରୁ ଶୁଭଖବର ପାଇ ଉଲ୍ଲସିତ ହୋଇପାରନ୍ତି।

**ମକର** ଆଜି ଅଷ୍ଟମ ଚନ୍ଦ୍ର ହେତୁ ପରିବାରରେ ଅଶାନ୍ତି ଉପୁଜିପାରେ। ମଙ୍ଗଳଙ୍କ ଦୁର୍ବଳତାରୁ ପରିବାରର କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ବା ବାଣିଜ୍ୟାରମ୍ଭ ସକାଶେ ପଡ଼ୋଶୀଙ୍କ ସହଯୋଗ ହିତକାରକ ହେବ। ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁ ସମ୍ପର୍କ ଦୃଢ଼ କରିବେ।

**କୁମ୍ଭ** ଶନିଙ୍କ ଧୈର୍ଯ୍ୟ ଓ ସହନଶୀଳତା ଦ୍ୱାରା ସମସ୍ତ ଚେଷ୍ଟା ଓ ପରିଶ୍ରମ ମୂଲ୍ୟହୀନ ନ ହୋଇପାରେ। କେତେକ ଆକସ୍ମିକ ସମସ୍ୟାକୁ ନେଇ ଯାତ୍ରା, କର୍ମାରମ୍ଭ କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବ। ପୂର୍ବ ପରିକଳ୍ପିତ ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମଣିବେ। ଚେଷ୍ଟା କରୁଥିବା କାମରେ ସାହାଯ୍ୟ ଲାଭର ଯୋଗ ରହିଛି।

**ମୀନ** ପାପଗ୍ରହ ମଧ୍ୟସ୍ଥ ଗୁରୁ ଓ ଚନ୍ଦ୍ର ଯୋଗୁ ଶାରୀରିକ ସୁସ୍ଥତା ନ ରହିବା ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚଭାର ବଢ଼ିଚାଲିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ, ସଭାସମିତିରେ, ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିଆସିବ। ଚନ୍ଦ୍ର ଷଷ୍ଠଭାବସ୍ଥ ଯୋଗୁ ସନ୍ତାନଙ୍କ କାର୍ଯ୍ୟରେ ଚିନ୍ତିତ ହେବେ।

ଆଜି ଜୁଲାଇ ୧ ତାରିଖ, ଆଷାଢ଼ ଶୁକ୍ଳପକ୍ଷ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଅଦ୍ୟ ହେରାପଞ୍ଚମୀ, ବିପତ୍‌ତାରିଣୀ ବ୍ରତ, ବନ ମହୋତ୍ସବ ସପ୍ତାହ ଆରମ୍ଭ, (ଜୁଲାଇ ୧ରୁ ୭), ଚିକିତ୍ସକ ଦିବସ। ରାଶିନକ୍ଷତ୍ର–ଦିବା ୮।୫୪ ଗତେ ଉତ୍ତରା ଫାଲ୍‌ଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୫ ଗତେ, ଘ.୦୬।୫୪ ମଧ୍ୟେ, ଘ. ୦୯।୩୮ ଗତେ, ଘ.୧୨।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୭ ମଧ୍ୟେ ରାହୁକାଳ।

# ଟୋକନ ଅବଧିକୁ ମାସେ ବୃଦ୍ଧି କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୩୦।୬(ସୁନିତ୍ ମିଶ୍ର)

ରବିଧାନ ସଂଗ୍ରହକୁ ନେଇ ରାଜ୍ୟର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ସୋମବାର ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଟୋକନର ଅବଧି ୩୦ ଜୁନ୍‌ରେ ଶେଷ ହୋଇଛି। ଧାନକିଣା କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଟୋକନ ଅବଧିକୁ ଆଉ ଏକମାସ ବୃଦ୍ଧି କରାଯାଉ ଓ ଚାଷୀଙ୍କ ପାଖରେ ଥିବା ବଳକା ରବି ଧାନକୁ ସରକାର କିଣନ୍ତୁ ବୋଲି ବିଜେଡି ଦାବି କରିଛି।

ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଏବଂ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ରବିଧାନ କିଣା ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଅବଧି ଶେଷ ହୋଇଛି, ହେଲେ ପ୍ରାୟ ୧,୫୬,୦୨୯ ମେଟ୍ରିକ୍ ଟନ୍ ଧାନ ରାଜ୍ୟର ବିଭିନ୍ନ ମଣ୍ଡିରେ ପଡ଼ିରହିଛି। ଏହି ଧାନ ଉଠିବ କି ନାହିଁ, ସେନେଇ ସ୍ୱଚ୍ଛତା ନ ଥିବା ଯୋଗୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ମାତ୍ର ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ପ୍ରେସ୍ ବିବୃତିରେ କହିଛନ୍ତି, ଅବଧି ଶେଷହେବା ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଆଖି ସ୍କାନ୍ କାମ ଶେଷ ହୋଇଗଲେ ଧାନ ପରେ ଉଠାଯିବ। ମନ୍ତ୍ରୀଙ୍କ ଏହି ବିବୃତି ରାଜ୍ୟର ଚାଷୀଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣିଛି। ସେଥିପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଆମେ ସାଧୁବାଦ ଜଣାଉଛୁ। କିନ୍ତୁ ମନ୍ତ୍ରୀଙ୍କ ବିବୃତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଆମର ସନ୍ଦେହ ରହିଛି ବୋଲି ସେ କହିଛନ୍ତି।

# କଲେଜ ଅଧ୍ୟକ୍ଷମାନେ ଦେଉନାହାନ୍ତି ବାୟୋମେଟ୍ରିକ ଉପସ୍ଥାନ

ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)

କଲେଜ ଅଧ୍ୟକ୍ଷମାନେ ବାୟୋମେଟ୍ରିକ ଉପସ୍ଥାନ ଦେଉନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ସୋମବାର ପୁନଃ ଚିଠି ମାଧ୍ୟମରେ ସମସ୍ତ କଲେଜ ଅଧ୍ୟକ୍ଷ ଏବଂ ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦିଆଯିବା ସହିତ କଲେଜରେ ୭ଘଣ୍ଟା ରହିବାକୁ ତାଗିଦ କରାଯାଇଛି। ସେହିପରି ଅନ୍ୟ କର୍ମଚାରୀମାନେ ମଧ୍ୟ ବାୟୋମେଟ୍ରିକ ଦେଉନାହାନ୍ତି। ଏଥିଯୋଗୁ ପାଠପଢ଼ା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭାଗ ପାଖରେ ଏଭଳି ଅଭିଯୋଗ ପହଞ୍ଚିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ

ଅଧ୍ୟକ୍ଷଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ବାୟୋମେଟ୍ରିକ୍ ଉପସ୍ଥାନ ଠିକ୍ ଭାବେ ଦେଉ ନ ଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇଆସୁଛି। ଗତ ଫେବୃଆରୀ ପ୍ରଥମ ସପ୍ତାହରେ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏକାମ୍ର କଲେଜକୁ ଅଚାନକ ଗସ୍ତ କରିଥିଲେ। ଅପରାହ୍ନରେ ବହୁ ଅଧ୍ୟାପକ ଓ କର୍ମଚାରୀ କଲେଜରେ ନ ଥିଲେ। ଏହାକୁ ନେଇ ବିଭାଗ ତନାଘନା କରିବା ସହ ଫେବୃଆରୀ ୧୫ରେ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରବେଶ ଓ ପ୍ରସ୍ଥାନ ସମୟରେ ଫିଙ୍ଗରପ୍ରିଣ୍ଟ ଦେବାକୁ କଲେଜଗୁଡ଼ିକୁ ତାଗିଦ କରିଥିଲେ। ବାରମ୍ବାର ତାଗିଦ କରିବା ସତ୍ତ୍ୱେ ମଧ୍ୟ ଅଧ୍ୟକ୍ଷ ଓ କର୍ମଚାରୀମାନେ ବାୟୋମେଟ୍ରିକ୍ ନିୟମ ଉଲ୍ଲଂଘନ କରୁଥିବା ନଜର ରହିଛି।

# ଜୁଲାଇରେ ସ୍ୱାଭାବିକରୁ ଅଧିକ ବର୍ଷିବ

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ଗତ କିଛିଦିନ ଧରି ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଜୁଲାଇରେ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ରହିଛି। ସ୍ୱାଭାବିକ ବର୍ଷାର ୧୦୬% ବୃଷ୍ଟିପାତ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଜୁନ୍ ୧ରୁ ୨୯ ମଧ୍ୟରେ ରାଜ୍ୟରେ ୨୪୪.୯ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୨୦୯.୩ ମିମିଠାରୁ ଏହା ୧୭ ପ୍ରତିଶତ ଅଧିକ ରହିଛି। ଜଗତ୍‌ସିଂହପୁର, ବୌଦ୍ଧ, ସୋନପୁର, ମୟୂରଭଞ୍ଜ ଜିଲାରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବାବେଳେ କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ବାଲେଶ୍ୱରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଗଜପତି, ନୂଆପଡ଼ା, ଝାରସୁଗୁଡ଼ା ଓ ଯାଜପୁର ଜିଲାରେ ଅଭାବୀ ବର୍ଷା ହୋଇଥିବାବେଳେ ବାକି ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ରାଜ୍ୟରେ ସକ୍ରିୟ ଥିବା ଲଘୁଚାପ ପ୍ରଭାବରେ ଗତ ୨୪ ଘଣ୍ଟାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ଓ ୧୦ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ମୟୂରଭଞ୍ଜ ଜାମଦାରେ ସର୍ବାଧିକ ୧୩୨ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟପଟେ ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହା ସକ୍ରିୟ ରହିଛି। ପରେ ୨ ଦିନରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଓ ଉତ୍ତର–ପଶ୍ଚିମ ଦେଇ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ସହ ଗ୍ୟାଙ୍ଗଟକ୍ ପଶ୍ଚିମବଙ୍ଗ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଗତି କରିବ। ଏହା ପ୍ରଭାବରେ ଆଗାମୀ ୪ରୁ ୫ ଦିନ ଯାଏ ବର୍ଷା ଲାଗି ରହିବ। ଜୁଲାଇ ୪ ତାରିଖ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବା ସହିତ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଅତି ପ୍ରବଳ ବର୍ଷା ନେଇ ୭ ଜିଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ରାୟଗଡ଼ା, ନୂଆପଡ଼ା, ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ଗଜପତି, ଦେବଗଡ଼, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାକୁ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି।

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାଇ ବଳ ଦିଏ ଭାଇକି**
**ନଈ ବଳ ଦିଏ ନଈକି।**

ଭାଇ ହିଁ ଭାଇକୁ ସବୁବେଳେ ସବୁ କାର୍ଯ୍ୟରେ ସାହାଯ୍ୟ କରିଥାଏ। କୌଣସି ବାଦ ବିବାଦ ଦେଖାଦେଲେ ଭାଇ ପାଖରେ ଠିଆ ହୋଇ ବଳ ଓ ସାହସ ଯୋଗାଇ ଦେଇଥାଏ। ଠିକ୍ ସେହିପରି ନଈରୁ ଅନେକ ଶାଖା ବାହାରିଥିବାବେଳେ ବଡ଼ ବା ମୁଖ୍ୟ ନଈଟି ତାହାରି ଶାଖା ନଈକୁ ଜଳ ଯୋଗାଇଥାଏ, ଯାହାଫଳରେ ଶାଖା ନଈରେ ଜଳ ପ୍ରବାହିତ ହୋଇଥାଏ। ଭାଇ ଏବଂ ନଈ ଗୋଟିଏ ବିଚାର ଦୃଷ୍ଟିରୁ ସାହାଯ୍ୟକାରୀ ଅଟନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଣ୍ଡାରି ମୁଠି**
**ହଲେଇ ହଲେଇ**
**ଯୋଉ ଛଅଟିକୁ**
**ସେଇ ଛଅଟି।**

ଅଳ୍ପ କାମକୁ ଅଳ୍ପ ଫଳ। ଯେତିକି ସଞ୍ଚୟ ସେତିକି ଖର୍ଚ୍ଚ। ପରୋକ୍ଷରେ କୃପଣର ସ୍ୱଳ୍ପ ସଞ୍ଚିତ ଧନ ପାଇଁ ମନରେ ଥିବା ଅସୀମ ବ୍ୟାକୁଳତା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ରେଳଯାତ୍ରୀ...

ଜନ ଶତାବ୍ଦୀ, ଯୁବା ଏକ୍ସପ୍ରେସ, ଏସି ଭିଷ୍ଟାଡୋମ୍ କୋଚ, ଅନୁଭୂତି କୋଚ ଏବଂ ସାଧାରଣ ଅଣ–ଉପନଗର ସେବା ଭଳି ପ୍ରିମିୟର ଓ ସ୍ୱତନ୍ତ୍ର ଟ୍ରେନ ସେବା ପାଇଁ ମଧ୍ୟ ପ୍ରଯୁଜ୍ୟ। ଅନ୍ୟପଟେ ରିଜର୍ଭେଶନ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି। ପ୍ରଯୁଜ୍ୟ ନିୟମ ଅନୁଯାୟୀ ଜିଏସ୍‌ଟି ଲାଗୁ ହେବ। ଭଡ଼ା ରାଉଣ୍ଡିଂ ନୀତି ବିଦ୍ୟମାନ ମାନଦଣ୍ଡ ଅନୁଯାୟୀ ରହିବ। ଜୁଲାଇ ପହିଲାରେ କିମ୍ବା ତା'ପରେ ବୁକ୍ ହୋଇଥିବା ଟିକେଟ ପାଇଁ ସଂଶୋଧିତ ଭଡ଼ା ପ୍ରଯୁଜ୍ୟ ହେବ। ଏହି ତାରିଖ ପୂର୍ବରୁ ଜାରି ହୋଇଥିବା ଟିକେଟଗୁଡ଼ିକ କୌଣସି ଭଡ଼ା ସମାୟୋଜନ ବିନା ବିଦ୍ୟମାନ ଭଡ଼ାରେ ବୈଧ ରହିବ। ପିଆର୍‌ଏସ୍, ୟୁଟିଏସ୍ ଏବଂ ମାନୁଆଲ ଟିକେଟିଂ ସିଷ୍ଟମଗୁଡ଼ିକୁ ସେହି ଅନୁସାରେ ଅପ୍‌ଡେଟ୍ କରାଯାଉଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

### ଶିମିଳିପାଳରେ ଭୂସ୍ଖଳନ...

ଘଟିଥିବାରୁ ସୋମବାର ସକାଳୁ ମନ୍ତ୍ରୀ ଖୁଣ୍ଟିଆଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଖୁବ୍‌ଶୀଘ୍ର ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୨ଘଣ୍ଟା ମଧ୍ୟରେ ଶିମିଳିପାଳର ବିଭିନ୍ନ ସ୍ଥାନରେ ରେକର୍ଡ ହୋଇଥିବା ମୋଟ ବର୍ଷାର ପରିମାଣ ୪୩୨.୬୦ମିମି ଥିବା ବେଳେ ଏହା ହାରାହାରି ଭାବେ ୨୪.୦୩ମିମି ରେକର୍ଡ କରାଯାଇଛି। ଶିମିଳିପାଳର କବାଟଘାଇ ରେଞ୍ଜ୍‌ରେ ୧୦୦.୨ମିମି, ରାମତୀର୍ଥରେ ୯୩.୯୮ମିମି, କେନ୍ଦୁମୁଣ୍ଡିରେ ୬୦.୯୬ମିମି, ଉପର ବାରହାକାମୁଡ଼ାରେ ୫୨.୬ମିମି, ଚହଲାରେ ୪୯.୪ମିମି, ନଅଁଣାରେ ୩୧.୪ମିମି, ବରେହିପାଣିରେ ୨୫.୧୪୬ମିମି, କୁଳିପାଳରେ ୨୫.୪ମିମି, ଜେନାବିଲରେ ୨୫.୪ମିମି, ଭବସାରେ ୨୦.୩୨ମିମି, ସାତକୋଶିଆରେ ୧୨.୭ମିମି, ଡୋଭରେ ୧୨.୨ମିମି, ପିଠାବଟାରେ ୮.୧୨୮ମିମି, ପୋଡାଡିହାରେ ୭.୬୨ମିମି, ଠାକୁରମୁଣ୍ଡାରେ ୫.୦୮ମିମି, ବଡ଼ଗାଁରେ ୨.୫୪ମିମି, ଡୁକୁରାରେ ୧.୭୭୮ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଛାଡିବା ପରେ ରାସ୍ତାର ମରାମତି କରାଯାଇ ଯାତାୟାତ ସ୍ୱାଭାବିକ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ପ୍ରସଙ୍ଗ

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିବୁ: ଓଏଏସ୍ ସଂଘ

ଭୁବନେଶ୍ୱର,୩୦।୬(ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର କାର୍ଯ୍ୟାଳୟ ପରିସରରେ ଆକ୍ରମଣ ପ୍ରସଙ୍ଗକୁ ନେଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଫିସର୍ସ ସଂଘ କଡ଼ା ନିନ୍ଦା କରିଛି। ସଂଘର ରାଜ୍ୟ ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଛନ୍ତି, ଏଭଳି ବର୍ବରୋଚିତ ଘଟଣାକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ ବି କମ୍ ହେବ। ଘଟଣାକୁ ନେଇ ମଙ୍ଗଳବାରଠାରୁ ସମସ୍ତ ଓଏଏସ୍ ଅଫିସର ଛୁଟିରେ ରହିବାକୁ ନିଷ୍ପତ୍ତି ହୋଇଛି। ସରକାର ତୁରନ୍ତ ଘଟଣାରେ କଡ଼ା ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ସମସ୍ତ ସଂଘକୁ ନେଇ ଆନ୍ଦୋଳନକୁ ଓହ୍ଲାଇବୁ। ସେ କହିଛନ୍ତି, ରାଜଧାନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ହେଲା ବିଏମ୍‌ସି। ଦିନ ଦ୍ୱିପ୍ରହରରେ କାର୍ଯ୍ୟାଳୟ ପରିସରରେ ପଶି ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କୁ ଏଭଳି ମରଣାନ୍ତକ ଆକ୍ରମଣ କରିବା ଆଦୌ ସଭ୍ୟ ସମାଜ ପ୍ରତି ସମୀଚୀନ ନୁହେଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ସଂଘର ଖୁବ୍‌ଶୀଘ୍ର ବୈଠକ ବସିବ। ତା' ପରେ ସଂଘ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରିପୋର୍ଟ ଲେଖାହେବା ସୁଦ୍ଧା ଜ୍ୟୋତିରଞ୍ଜନ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବିଏମ୍‌ସି ମୁଖ୍ୟାଳୟ ଭିତରେ ୬ରୁ ୭ ବ୍ୟକ୍ତି ବିନା ଅନୁମତିରେ ସଭା କକ୍ଷରେ ପ୍ରବେଶ କରିଥିଲେ। ଅନ୍ୟ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଅତିରିକ୍ତ କମିଶନର ରତ୍ନାକରଙ୍କୁ ଘୋଷାରି ନେଇ ମାଡ଼ ମାରିଥିଲେ।

## ଘଟଣାର ନିନ୍ଦା କଲେ ମେୟର

ଅତିରିକ୍ତ କମିଶନର ରତ୍ନାକର ସାହୁ ଆକ୍ରମଣକୁ ନେଇ ନିନ୍ଦା କରିବା ସହିତ ଏହା ଦୁର୍ଭାଗ୍ୟ ଜନକ କଥା ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ବିଏମ୍‌ସି କାର୍ଯ୍ୟାଳୟରେ ପଶି ୫ଜଣ ଯୁବକ ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ସହିତ ଘୋଷାରି ଘୋଷାରି ନେବା ଘଟଣାରୁ ରାଜ୍ୟରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା କିପରି ରହିଛି ତାହା ସ୍ପଷ୍ଟ ହୋଇଛି। ଯେଉଁଭଳି ଅମାନୁଷିକ ଭାବେ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରାଯାଇଛି ଏଥିରୁ ରାଜଧାନୀରେ ସମସ୍ତେ ଅସୁରକ୍ଷିତ ମନେ କରିବେ। ଅଭିଯୋଗ ଶୁଣାଣିରେ ୧୦୦ରୁ ଅଧିକ ଲୋକ ଥିଲେ। ସିସିଟିଭି ଫୁଟେଜରେ ଆକ୍ରମଣକାରୀଙ୍କ ଦୃଶ୍ୟ ରହିଛି। ଏହି ଆକ୍ରମଣ ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ସହିତ ଗନ୍‌ମ୍ୟାନ ନିୟୋଜିତ ହେବା ଆବଶ୍ୟକ ବୋଲି ମେୟର କହିଛନ୍ତି।

# ଆରମ୍ଭ ହେଲା ଆଡ଼ପ ଦର୍ଶନ

## ଶ୍ରଦ୍ଧାଳୁଙ୍କୁ ମିଳିଲା ଆଡ଼ପ ଅବଢ଼ା

ପୁରୀ,୩୦ା୬
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ଏବେ ଜନ୍ମବେଦି ଆଡ଼ପମଣ୍ଡପରେ ବିଜେ କରିଛନ୍ତି। ରବିବାର ଆଡ଼ପ ପହଣ୍ଡି ପରେ ସୋମବାର ଅନ୍ୟାନ୍ୟ ନୀତି ହେବା ସହ ସାହାଣମେଲା ଦର୍ଶନ ଆରମ୍ଭ ହୋଇଛି। ବର୍ଷକ ପରେ ପୁଣି ଜନ୍ମବେଦିରେ ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତମାନେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଦାରୁବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତଙ୍କ ସୁଅ ଛୁଟୁଛି। ମହାପ୍ରଭୁଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ବେଶ୍ ଆନନ୍ଦିତ ଥିବା କହିବା ସହ ଆଡ଼ପ ଅବଢ଼ା ପାଇ କୃତାର୍ଥ ହୋଇଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।


ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବା ଆଡ଼ପମଣ୍ଡପରେ ସୋମବାର ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସାରି ଫେରିଛନ୍ତି।

ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ପଟେ ଭକ୍ତଙ୍କ ଦର୍ଶନ ପାଇଁ ବାରିକେଡ୍ ବ୍ୟବସ୍ଥା ହୋଇଛି। ଭକ୍ତମାନେ ବାରିକେଡ୍‌ରେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରି ନାକଚଣା ଦ୍ୱାର ପଟେ ପ୍ରସ୍ଥାନ କରୁଛନ୍ତି।

ଅପରପକ୍ଷରେ ଶ୍ରୀମନ୍ଦିରରେ ଏବେ କୋଳାହଳ ଦେଖିବାକୁ ମିଳୁନି। କେବଳ ପାର୍ଶ୍ୱଦେବଦେବୀଙ୍କ ପୂଜାର୍ଚ୍ଚନା ଜାରି ରହିଛି। ଏଥିସହ ଦକ୍ଷିଣୀ ଘରେ ଥିବା ଠାକୁରଙ୍କୁ ପୂଜା କରାଯାଉଛି। ମହାପ୍ରସାଦ ହୋଇ ନ ଥାଏ, କେବଳ ଶୀତଳ ଭୋଗ ଲାଗି କରାଯାଉଛି। ଶ୍ରୀମନ୍ଦିରରେ ମହାପ୍ରଭୁ ନ ଥିବାବେଳେ ମହାପ୍ରସାଦ ଏବେ ଗୁଣ୍ଡିଚା ମନ୍ଦିରରେ ଭକ୍ତ ପ୍ରାପ୍ତ ହେଉଛନ୍ତି। ଭକ୍ତଙ୍କ ଭିଡ଼ ଓ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଶୃଙ୍ଖଳିତ ଦର୍ଶନ ପାଇଁ ସଶସ୍ତ୍ର ବନ୍ଧୁକଧାରୀ ମୁତୟନ କରାଯାଇଥିବା ବେଳେ ଗୁଣ୍ଡିଚା ମନ୍ଦିର ଚାରିପଟେ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଛି। ମଙ୍ଗଳବାର ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ପରେ ସୋମବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଦତ୍ତମହାପାତ୍ର ସେବାୟତମାନେ ସିଂହାସନ ଉପରେ ଚଢ଼ି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ସାଧାରଣ ଦର୍ଶନ ବନ୍ଦ ରହିଥିଲା।

ସେହିପରି ଶ୍ରୀବିଗ୍ରହମାନେ ଆଡ଼ପ ମଣ୍ଡପକୁ ବିଜେ କରିବା ପରେ ଭକ୍ତମାନଙ୍କୁ ଆଡ଼ପ ଅବଢ଼ା ମିଳିଛି। ଶ୍ରୀବିଗ୍ରହମାନେ ରଥ ଉପରେ ଥିବାବେଳେ ଶୁଖିଲା ମହାପ୍ରସାଦ ଭୋଗ ଖାଉଥିଲେ। ୪ ଦିନ ପରେ ମହାପ୍ରଭୁଙ୍କ ପାଖରେ ଅନ୍ନପ୍ରସାଦ ଭୋଗ ଲାଗି ହୋଇଛି। ସକାଳ ଧୂପରେ ମହାପ୍ରଭୁଙ୍କୁ ଅବଢ଼ା, ଘିଅ ଅନ୍ନ, କାନିକା, ଖେଚୁଡ଼ି, ମେଣ୍ଢାମୁଣ୍ଡିଆ, ଅଦା ଓ ହେଙ୍ଗୁ ଖେଚୁଡ଼ି, ଡାଲମା, ବେସର, ମହୁର, ଶାଗ, ପିଠା, ଖଟା ଆଦି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଲାଗି ହୋଇଥିଲା। ପରେ ଭକ୍ତମାନେ ଆନନ୍ଦବଜାରରେ ପାଇଛନ୍ତି ଆଡ଼ପ ଅବଢ଼ା। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଡ଼ପ ଅବଢ଼ା ଖାଇଲେ ୧୦୦ ଜନ୍ମର ପାପ କ୍ଷୟ ହୁଏ ବୋଲି ପୌରାଣିକ ଆଖ୍ୟା ରହିଛି।

# ଅଗଷ୍ଟ ୧ରୁ ଆର୍‌ଆଇ, ଅମିନ ମେନ୍ ପରୀକ୍ଷା

ଭୁବନେଶ୍ୱର, ୩୦ା୬ (ସୁଚିସ୍ମିତା ସାହୁ)

## ପ୍ରତି ଜିଲ୍ଲାରେ ପରୀକ୍ଷା କେନ୍ଦ୍ର

ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍ଏସ୍‌ସି) ଦ୍ୱାରା ପରିଚାଳିତ ରାଜସ୍ୱ ନିରୀକ୍ଷକ(ଆରଆଇ), ସହକାରୀ ନିରୀକ୍ଷକ(ଏଆର୍‌ଆଇ), ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଓ ଅମିନ ମେନ୍ ପରୀକ୍ଷା ଅଗଷ୍ଟ ୧ରୁ ଆରମ୍ଭ ହେବ। ଏନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମ୍ପ୍ୟୁଟର ମୋଡ୍‌ରେ (ସିବିଆର୍‌ଇ) ପରୀକ୍ଷା କରାଯିବ ଓ ସମସ୍ତ ଜିଲ୍ଲାରେ ସେଣ୍ଟର ରହିବ। ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଯୋଗ୍ୟ ବିଦ୍ୟାର୍ଥୀମାନେ ଓଏସ୍ଏସ୍ଏସ୍‌ସି ୱେବ୍‌ସାଇଟ୍‌ରେ ଆଇଡି ଓ ପାସ୍‌ୱାର୍ଡ ଲଗ୍ ଇନ କରି ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ତାରିଖ, ପରୀକ୍ଷା କେନ୍ଦ୍ର ସମ୍ବନ୍ଧୀୟ ସମସ୍ତ ସୂଚନା ଉକ୍ତ ଆଡ୍‌ମିଟ୍ କାର୍ଡରୁ ପାଇପାରିବେ ବୋଲି ସୂଚନା ଦିଆଯାଇଛି।

ବିଜ୍ଞପ୍ତି ଅନୁସାରେ, ଓଏସ୍ଏସ୍ଏସ୍‌ସି ପକ୍ଷରୁ ଉପରୋକ୍ତ ନିଯୁକ୍ତି ପାଇଁ ପ୍ରିଲିମ୍ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ବିଭିନ୍ନ ପ୍ରକାର ଦୁର୍ନୀତି ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ପରୀକ୍ଷାର୍ଥୀଙ୍କ ସହ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରି କି ମାମଲା ଥାନା ଓ କୋର୍ଟକୁ ଯାଇଥିଲା। ରାଜ୍ୟ ସରକାର କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ପରୀକ୍ଷା କେନ୍ଦ୍ର ଚୟନରେ କେଳେଙ୍କାରୀ ଓ ନକଲି ସେଣ୍ଟର ମାଲିକ ଗିରଫ ଆଦିକୁ ପ୍ରସଙ୍ଗ କରି ଷ୍ଟୁଡେଣ୍ଟସ ଏଗ୍‌ନେଷ୍ଟ କରପ୍‌ଶନ ନେତୃତ୍ୱରେ ଆଶାୟୀମାନେ ଦୀର୍ଘମାସ ଧରି ଆନ୍ଦୋଳନ ଚଳାଇବା ସହ ପରୀକ୍ଷା ବାତିଲ ଦାବି କରିଥିଲେ। ତେବେ ଗତ ଅପ୍ରିଲ ୨୩ରେ ପ୍ରିଲିମ୍ ପରୀକ୍ଷା ଦେଇଥିବା ସମସ୍ତ ଚାକିରି ଆଶାୟୀଙ୍କୁ ଓଏସ୍ଏସ୍ଏସ୍‌ସି ପକ୍ଷରୁ ଉତ୍ତୀର୍ଣ୍ଣ କରାଯାଇଥିଲା। ତେବେ ପ୍ରିଲିମ୍ ପରୀକ୍ଷାରେ କପିକରି ଧରାପଡ଼ିଥିବା ୯ଜଣ ମୁଖ୍ୟ (ମେନ୍) ପରୀକ୍ଷା ଦେଇପାରିବେ ନାହିଁ। ବାକି ସମସ୍ତ ଆଶାୟୀମାନେ ମେନ୍ ପରୀକ୍ଷା ଦେଇପାରିବେ ବୋଲି ଓଏସ୍ଏସ୍ଏସ୍‌ସି ସୂଚନା ଦେଇଥିଲା।

# ଅତିରିକ୍ତ କମିଶନରଙ୍କ ନାଁରେ ଯୁବ କଂଗ୍ରେସର ଥାନାରେ ଏତଲା

ଭୁବନେଶ୍ୱର,୩୦ା୬
(ରବିନାରାୟଣ ଜେନା)

## ଗୋଡ଼ ବାଡ଼େଇ ଭାଙ୍ଗିବା ପ୍ରସଙ୍ଗ

ଯୁବ କଂଗ୍ରେସ ପକ୍ଷରୁ ରବିବାର ଆନ୍ଦୋଳନ ସମୟରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ କର୍ମୀଙ୍କୁ ବାରିକେଡ୍ ଡେଇଁଲେ ଗୋଡ଼ ବାଡ଼େଇ ଭାଙ୍ଗିବାକୁ ଧମକ ଦେଲେ ବୋଲି ଅଭିଯୋଗ କରି କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି।

ସୋମବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦେଇଥିବା ଏତଲାରେ କହିଛନ୍ତି, ଯଦି ନରସିଂହ ଭୋଳଙ୍କ ବିରୋଧରେ ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଯୁବକଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ସେ କହିଛନ୍ତି, ରବିବାର ପ୍ରାୟ ଅପରାହ୍ନ ୫ଟା ବେଳେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ପୁରୀ ରଥଯାତ୍ରା ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା, ଦଳାଚକଟାରେ ତିନିଜଣ ଭକ୍ତଙ୍କ ମୃତ୍ୟୁ, ପ୍ରାୟ ୫୦ ଭକ୍ତଙ୍କର ଗୁରୁତର ଆହତ ଅବସ୍ଥା ଏବଂ ବିଶେଷ କରି ଶିଳ୍ପପତି ଗୌତମ ଆଦାନୀଙ୍କ ପାଇଁ ରଥଟଣା ବନ୍ଦ ପ୍ରଭୃତି ପ୍ରସଙ୍ଗରେ ଏହି ବିକ୍ଷୋଭ କରାଯାଇଥିଲା। ତେବେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ କହିଥିଲେ, ଯେଉଁ ଆନ୍ଦୋଳନକାରୀମାନେ ବାରିକେଡ୍ ଡେଇଁବେ ସେମାନଙ୍କ ଗୋଡ଼ ବାଡ଼େଇ ଭାଙ୍ଗିଦେବ। ସେ ଆହୁରି ମଧ୍ୟ କହିଥିଲେ, ଯିଏ ଗୋଡ଼ ବାଡ଼େଇ ଭାଙ୍ଗି ଦେବ ତାକୁ ପୁରସ୍କାର ମିଳିବ। ଏସିପି ଭୋଳଙ୍କର ଏହି ନିର୍ଦ୍ଦେଶ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି।

ରଣଜିତ କହିଛନ୍ତି, ଯଦି ଯୁବକଂଗ୍ରେସ କର୍ମୀମାନେ ବାରିକେଡ୍ ନିକଟରେ ଆସି ଆନ୍ଦୋଳନ କରିଥାନ୍ତେ ତେବେ ଭୋଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଠାରେ ଥିବା ପୋଲିସ କର୍ମଚାରୀମାନେ ଯୁବ କଂଗ୍ରେସ କର୍ମୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥାନ୍ତେ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଜଣେ ପୋଲିସ ଅଫିସର ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଭାବେ ବେଆଇନ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ବଦଳରେ ତାଙ୍କର ନିର୍ଦ୍ଦେଶ ପରିସ୍ଥିତିକୁ ଅଣାୟତ୍ତ କରିବାପାଇଁ ଉଦ୍ଦିଷ୍ଟ ଥିଲା। ଭୋଳଙ୍କ ନିର୍ଦ୍ଦେଶ ପଛରେ ବର୍ବରୋଚିତ କାଣ୍ଡ ଭିଆଇବା ଘଟଣା ଭଳି ଷଡ଼ଯନ୍ତ୍ର ଲୁଚି ରହିଛି। ତେଣୁ ତାଙ୍କ ବିରୋଧରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି ବୋଲି ରଣଜିତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ପ୍ରକାଶ ମିଶ୍ର ଓ ମନୋଜ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ବରିଷ୍ଠ ଅଧିକାରୀଙ୍କ ସହ ସ୍ଥିତି ଅନୁଧ୍ୟାନ କଲେ ଗର୍ଗ

## ଶରଧାବାଲିରେ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ

**ଶରଧାବାଲି ରଥ ନିକଟରେ ରବିବାର ଭୋର ସମୟରେ ଦଳାଚକଟା ଘଟି ୩ଜଣ ଭକ୍ତଙ୍କ ମୃତ୍ୟୁ ଘଟିବା ସହ ୧୦ରୁ ଊର୍ଦ୍ଧ୍ୱ ଆହତ ହେବା ଘଟଣାର ସୋମବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଉନ୍ନୟନ କମିଶନର ଅନୁ ଗର୍ଗ ପୁରୀରେ ପହଞ୍ଚି ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ତଦନ୍ତକୁ ନିର୍ଦ୍ଧାରିତ ସମୟରେ ଶେଷ କରି ଘଟଣା ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉନ୍ନୟନ କମିଶନର ଗର୍ଗ କହିଛନ୍ତି।**

ପୁରୀ,୩୦ା୬
(ଅଜିତ୍ କୁମାର ମହାନ୍ତି)

ରଥ ନିକଟରେ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ କରିବାକୁ ନିର୍ଦ୍ଦେଶ ପାଇଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ଗସ୍ତ କରି ଦଳାଚକଟା ଘଟଣାସ୍ଥଳରେ ଅନୁଧ୍ୟାନ କରିଛନ୍ତି। ତଦନ୍ତ କମିଶନ ଅଧ୍ୟକ୍ଷା ଗର୍ଗ କହିଛନ୍ତି, ଘଟଣାସ୍ଥଳ ନିକଟରେ ଥିବା ସମସ୍ତ ସିସିଟିଭି ଫୁଟେଜ ଓ ଭିଡିଓ ଫୁଟେଜକୁ ତଦନ୍ତ ପରିସରକୁ ନିଆଯାଇଛି। ଏଥିସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବରିଷ୍ଠ ଅଧିକାରୀ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି। ଅଘଟଣର ସମ୍ପୂର୍ଣ୍ଣ ତଦନ୍ତ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଛି। କେଉଁ କେଉଁ କାରଣ ପାଇଁ ଏପରି ଅଘଟଣ ଘଟିଲା ତାହାର ତଦନ୍ତ କରାଯାଉଛି। ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପାଇଁ ଆଉ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ବ୍ୟବସ୍ଥା କରାଯିବ। ତଦନ୍ତର ପ୍ରଥମ ଦିନରେ ସମସ୍ତଙ୍କ ସହ ଏନେଇ ପ୍ରାଥମିକ ଆଲୋଚନା କରିଛି। ଆସନ୍ତା ୩୦ ଦିନ ମଧ୍ୟରେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରାଯିବ। ଦଇତାପତି, ସେବାୟତ, ମନ୍ଦିର କର୍ମଚାରୀ, ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ଗ୍ରହଣ କରାଯିବ। ଏଥିସହିତ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ମୃତକଙ୍କ ପରିବାର, ସମ୍ପର୍କୀୟ, ଅଧିକାରୀମାନଙ୍କ ସହ ଆଲୋଚନା କରି ଭଲ ଭାବେ ସବୁ ବୁଝିବା ପରେ ଯାହା କହିହେବ ବୋଲି ଗର୍ଗ କହିଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ନୂଆ ଟିମ୍ ଗଠନ କରାଯାଇଛି। ନୂଆ ଟିମ୍ ବର୍ତ୍ତମାନ ପୁରୀରେ ଉପସ୍ଥିତ ରହିଛନ୍ତି। ଅରବିନ୍ଦ ଅଗ୍ରୱାଲ ପୂର୍ବରୁ ପୁରୀର ଜିଲ୍ଲାପାଳ ରହିଥିଲେ। ଜିଲ୍ଲାପାଳ ଚଞ୍ଚଳ


ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ରାଣାଙ୍କ ବହୁତ ଅଭିଜ୍ଞତା ରହିଛି। ସେହିପରି ପିନାକ ମିଶ୍ର ପୂର୍ବରୁ ଏସ୍‌ପି ଭାବରେ କାର୍ଯ୍ୟ କରିଛନ୍ତି, ତେଣୁ ନୂଆ ଟିମ୍ ସମ୍ପୂର୍ଣ୍ଣ ଅଭିଜ୍ଞ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରତ୍ୟେକ ଘଟଣାକୁ ଅନୁଧ୍ୟାନ କରାଯାଉଛି। ଆଶା ଅଛି ମହାପ୍ରଭୁଙ୍କ ଯାତ୍ରା ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ବୋଲି ଉନ୍ନୟନ କମିଶନ ଅନୁ ଗର୍ଗ ସୂଚନା ଦେଇ କହିଛନ୍ତି। ସେହିପରି ରଥଯାତ୍ରାର ସମ୍ପୂର୍ଣ୍ଣ ତଦାରଖ ନିମନ୍ତେ ନିଯୁକ୍ତି ପାଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ସହିତ ରଥଯାତ୍ରା ନେଇ ସମୀକ୍ଷା ବୈଠକ କରିଥିଲେ। ପ୍ରକାଶ ଯେ, ରଥ ନିକଟରେ ଭୋର୍ ସମୟରେ ଦଳାଚକଟା ଘଟଣାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ତୁରନ୍ତ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ବଦଳି କରାଯିବା ସହ ନୂଆ ଜିଲ୍ଲାପାଳ ଭାବେ ଚଞ୍ଚଳ ରାଣା ଏବଂ ପିନାକ ମିଶ୍ରଙ୍କୁ ଏସ୍‌ପିଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହିତ ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ ଅଗ୍ରୱାଲଙ୍କୁ ରଥଯାତ୍ରାର ସମ୍ପୂର୍ଣ୍ଣ ତଦାରଖ ନିମନ୍ତେ ନିଯୁକ୍ତ କରାଯାଇଛି। ସେହିପରି ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ଘଟଣାର ପ୍ରଶାସନିକ ତଦନ୍ତ କରି ସରକାରଙ୍କୁ ଏକ ମାସ ମଧ୍ୟରେ ରପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସାପ କାମୁଡ଼ାରେ ୨ ମୃତ

ବଣାଇଁ,୩୦ା୬
(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ପଞ୍ଚାୟତରେ ସାପ କାମୁଡ଼ାରେ ସୋମବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କରୁଡ଼ିଧୁଆ ଗ୍ରାମର ଶୁକଦେବ ଓରାମଙ୍କ ନାବାଳିକା ଝିଅ ରଶ୍ମି ଓରାମ (୧୨) ଓ ବଡପଡା ଗ୍ରାମର ଅଜିତ ଓରାମ (୪୨)। ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ରଶ୍ମି ତଳେ ଶୋଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ବେକ ପାଖରେ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅଜିତ ରାତିରେ ଘରୁ ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ଗୋଡ଼କୁ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବଣାଇଁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ବଣାଇଁ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।

# ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

ଫୁଲବାଣୀ/ବାଲିଗୁଡ଼ା,୩୦ା୬
(ସଞ୍ଜୟ କୁମାର ପାଣିଗ୍ରାହୀ/ ରାକେଶ କୁମାର ରାଉତ)

## ଘଞ୍ଚ ଜଙ୍ଗଲରେ ମାଓବାଦୀ-ସୁରକ୍ଷାକର୍ମୀ ଗୁଳି ବିନିମୟ


ଜବତ ମାଓ ସାମଗ୍ରୀ।

ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପୋଲିସକୁ ସୋମବାର ଏକ ବଡ଼ ସଫଳତା ମିଳିଛି। ଏହି ଅଭିଯାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ଜଣ ଦୁର୍ଦ୍ଦାନ୍ତ ମାଓବାଦୀ ନିହତ ହୋଇଛନ୍ତି। ଏଥିସହ ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଗୁଳି, ୱାକିଟକି, ବ୍ୟାଟେରି ଏବଂ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ମୃତ ମାଓବାଦୀ ଦ୍ୱୟ ହେଲେ ମଙ୍କୁ ଏବଂ ଚନ୍ଦନ। ମଙ୍କୁ ହେଉଛନ୍ତି କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ଏସିଏମ୍ କ୍ୟାଡର ଏବଂ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୋଲିସ ପ୍ରାରମ୍ଭିକ ସୂଚନା ପାଇଛି। ଉଭୟଙ୍କ ମୃତଦେହ ଜବତ କରାଯାଇଛି। ସନ୍ଧ୍ୟା ସୁଦ୍ଧା ସମ୍ପୃକ୍ତ ଅଞ୍ଚଳରେ ଏସ୍‌ଓଜି, ଡିଭିଏଫ୍ ଏବଂ ସିଆର୍‌ପିଏଫ୍‌ର ମିଳିତ ଅପରେଶନ ଜାରି ରହିଛି।

ବାଲିଗୁଡ଼ା ଥାନା ଅଧୀନସ୍ଥ ଇନ୍ଦ୍ରିସୁଗା ସଂରକ୍ଷିତ ଜଙ୍ଗଲ ନିକଟରେ କେତେଜଣ ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଜିଲ୍ଲା ପୋଲିସ ଗୋଇନ୍ଦା ସୂତ୍ରରୁ ଖବର ପାଇଥିଲା। ଏହାପରେ କନ୍ଧମାଳ ଏସ୍‌ପି ହରିଶ ବି.ସି.ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ଡିଭିଏଫ୍ ଯବାନ ଟିମ୍ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଡିଭିଏଫ୍ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ମଙ୍କୁ ଏବଂ ଚନ୍ଦନଙ୍କ ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ ପ୍ରାୟ ବର୍ଷେ ହେବ କେକେବିଏନ୍ ଟପ ନେତା ଦାସୁରୁ ପୋଲିସ ଗୁଳିରେ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଟପ କ୍ୟାଡର ସମାୟା ମାଡକାମ ଆତ୍ମ ସମର୍ପଣ କରିଥିଲେ। ଏବେ ଆଉ ୨ ଜଣଙ୍କ ମୃତ୍ୟୁ ପରେ ସଂଗଠନ ଦୁର୍ବଳ ହେଉଥିବା ଅନୁମାନ କରାଯାଉଛି।


# ଆରୋଗ୍ୟଦାତାଙ୍କୁ ସୁସ୍ଥ ରଖିବା

## ଆଜି ଜାତୀୟ ଚିକିତ୍ସକ ଦିବସ

ଚିକିତ୍ସକମାନେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏପରି କୌଣସି ବ୍ୟକ୍ତି ନାହାନ୍ତି ଯେଉଁମାନଙ୍କର କି କୌଣସି ପ୍ରକାର ଡାକ୍ତରୀ ଚିକିତ୍ସା ବା ପରାମର୍ଶର ଆବଶ୍ୟକ ପଡ଼ିନାହିଁ। ୧୯୧୦ ମସିହା ବେଳକୁ ଶହେ ଜଣରେ ମାତ୍ର ୭ ଜଣ ଚିକିତ୍ସକ ଦରକାର ପଡୁଥିଲେ। କିନ୍ତୁ ଏବେ ଶହେ ଜଣରେ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଚିକିତ୍ସକ ଦରକାର ପଡୁଛନ୍ତି। ଏବେ ପ୍ରାୟ ଏମିତି ଜଣେ ବ୍ୟକ୍ତି ନାହାନ୍ତି ଯାହାଙ୍କର କୌଣସି ରୋଗ ନାହିଁ।

ଡାକ୍ତରମାନେ କେବଳ ରୋଗର ଚିକିତ୍ସା କିମ୍ବା ଅସ୍ତ୍ରୋପଚାର (ଅପରେଶନ) କରନ୍ତି ନାହିଁ, ରୋଗ କେମିତି ହେବନାହିଁ ତାହାର ବ୍ୟବସ୍ଥା ମଧ୍ୟ କରିଥାଆନ୍ତି। ଆଗରୁ କୁହାଯାଉଥିଲା 'ରୋଗର ପ୍ରତିଷେଧକ ହେଉଛି ଏହାର ଚିକିତ୍ସା।' କିନ୍ତୁ ଏବେ କୁହାଯାଉଛି 'ରୋଗର ପ୍ରତିଷେଧକ ହିଁ ହେଉଛି ରୋଗର ପ୍ରକୃତ ଚିକିତ୍ସା।'

ସାଧାରଣତଃ ଡାକ୍ତରମାନେ ଅନ୍ୟମାନଙ୍କ ଅପେକ୍ଷା ଦୀର୍ଘ ସମୟ ଧରି ଓ ଅସମୟରେ କାମ କରିଥାଆନ୍ତି। ଛୁଟି ଓ ପର୍ବପର୍ବାଣିରେ ଏମାନଙ୍କର କାମ ବଢ଼ିଯାଇଥାଏ ଏବଂ ଏମାନେ ପରିବାର, ମାତାପିତା ଓ ପିଲାମାନଙ୍କ ପାଇଁ ଅଧିକ ସମୟ ଦେଇପାରନ୍ତି ନାହିଁ। ରୋଗୀମାନେ ସାଧାରଣତଃ ଉଦ୍‌ବେଗ ଓ ଆଶଙ୍କାରେ ରହିଥାଆନ୍ତି। ସେମାନଙ୍କ ସହ ଓ ସେମାନଙ୍କର ଆତ୍ମୀୟମାନଙ୍କ ସଙ୍ଗେ ସହୃଦୟତାର ସହିତ ବ୍ୟବହାର କରିବାକୁ ପଡ଼ିଥାଏ ଓ ସବୁ ସମୟରେ ରୋଗୀକୁ ଆରୋଗ୍ୟ କରିବା ଓ ଜୀବନ ରକ୍ଷା କରିବା ସମ୍ଭବ ହୋଇ ନ ଥାଏ, ଯାହାକି କେହି କେବେ ଚାହିଁ ନ ଥାନ୍ତି। ଅନେକ ସମୟରେ ଏଥିପାଇଁ ଅପ୍ରୀତିକର ପରିସ୍ଥିତି, ଗଣ୍ଡଗୋଳ ଓ ଡାକ୍ତରଙ୍କ ଉପରେ ଆରୋପ ଏବଂ ଆକ୍ରମଣ ହୋଇଥାଏ। ଜଟିଳ କ୍ଷେତ୍ରରେ ସମ୍ବେଦନା ଓ ଉପଯୁକ୍ତ ଚିକିତ୍ସା ବିଧାନକଲେ ମଧ୍ୟ ଲୋକମାନେ ସନ୍ତୁଷ୍ଟ ହୋଇ ନ ଥାନ୍ତି।




ଡାକ୍ତରଙ୍କୁ ପ୍ରତ୍ୟେକ ଦିନ ଓ ସବୁ ସମୟରେ ଚିକିତ୍ସା ବିଜ୍ଞାନ ଓ ନୂଆ ନୂଆ କଥାର ଜ୍ଞାନ ଆହରଣ କରିବାକୁ ପଡ଼ିଥାଏ। ଫଳରେ ଜଣେ ଡାକ୍ତର ସବୁ ସମୟରେ ଜଣେ ଛାତ୍ର ଅବସ୍ଥାରେ ଥାଏ। ଏଥିଲାଗି ଡାକ୍ତର ଓ ରୋଗୀର ସମ୍ପର୍କ ପରସ୍ପର ବିଶ୍ୱାସ ଏବଂ ଭରସା ଉପରେ ପ୍ରତିଷ୍ଠିତ ହେବା ଉଚିତ। ଜଣେ ଡାକ୍ତର ଯିଏ ରୋଗୀକୁ ଉତ୍ତମ ରୂପେ ଜାଣିଥାନ୍ତି ତାଙ୍କୁ ସେ ଉପଯୁକ୍ତ ଚିକିତ୍ସା ବା ପରାମର୍ଶ ଦେଇପାରନ୍ତି।

ଡାକ୍ତରମାନଙ୍କର ଏବେ ମୁଖ୍ୟ ଭୂମିକା ହେଉଛି ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟିକରି ରୋଗର ବ୍ୟାପକତାକୁ ହ୍ରାସ କରିବା। ଅନ୍ୟପକ୍ଷରେ ଏବେ ପ୍ରାୟତଃ ଅନେକ ଲୋକ ସ୍ୱାସ୍ଥ୍ୟ ସଚେତନ ହେଲେଣି। ବର୍ତ୍ତମାନ ଅଧିକାଂଶ ସଂକ୍ରାମକ ରୋଗ ନିୟନ୍ତ୍ରଣରେ ରହିଛି। ଅନେକ ପ୍ରାଣଘାତକ ରୋଗର ସମ୍ପୂର୍ଣ୍ଣ ରୂପେ ବିନାଶ କରାଯାଇପାରିଛି ଓ ସମସ୍ତ ଅଣସଂକ୍ରାମକ ରୋଗର ପ୍ରଥମରୁ ନିରୂପଣ ଓ ଚିକିତ୍ସା କରାଯାଇ ନିୟନ୍ତ୍ରଣକୁ ଅଣାଯାଇପାରିଛି। ଏଥିପାଇଁ ଡାକ୍ତରମାନଙ୍କର ଭୂମିକା ପ୍ରଶଂସନୀୟ। ମାତ୍ର ଏହା ସତ୍ତ୍ୱେ ମଧ୍ୟ କାର୍ଯ୍ୟସ୍ଥଳରେ ଅନେକ ସ୍ଥାନରେ ଡାକ୍ତରମାନେ ନିଜକୁ ନିରାପଦ ମଣୁନାହାନ୍ତି।

ପ୍ରତିବର୍ଷ ଜୁଲାଇ ୧ ତାରିଖକୁ 'ଜାତୀୟ ଡାକ୍ତର ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି- ''ଯେଉଁମାନେ ଆମକୁ ଆରୋଗ୍ୟ କରୁଛନ୍ତି ଆମେ ସେମାନଙ୍କୁ ମଧ୍ୟ ସୁସ୍ଥ ଓ ସ୍ୱାଚ୍ଛନ୍ଦରେ ରଖିବା। ଏହି ଦିନଟି ଭାରତରତ୍ନ ତଥା ମହାନ୍ ଚିକିତ୍ସକ ଡା. ବିଧାନ ଚନ୍ଦ୍ର ରାୟଙ୍କର ଜନ୍ମ ଏବଂ ତିରୋଧାନ ଦିବସ (ଜନ୍ମ-ଜୁଲାଇ ୧, ୧୮୮୨, ତିରୋଧାନ-ଜୁଲାଇ ୧, ୧୯୬୨)। ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଥିଲେ। ଅନ୍ୟପକ୍ଷରେ ଭାରତୀୟ ଚିକିତ୍ସକ ସଂଘର ପ୍ରତିଷ୍ଠା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ସ୍ମୃତି ଓ ଡାକ୍ତରମାନଙ୍କର ସମାଜରେ ମହାନ୍ କାର୍ଯ୍ୟ ପାଇଁ ୧୯୯୧ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଅଛି।

-ଡା. ରାମଚନ୍ଦ୍ର ରାଉତ,
ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୮୨୪୯୦୮୭୯୯୫



"ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ–ଅଧିକ ଖୋଜି ପାରିବ –ଅଧିକ ଶ୍ରମ କରିପାରିବ– ସେ ହିଁ ଅଧିକ ଶକ୍ତି ଲାଭ କରିବ। –ଶ୍ରୀଅରବିନ୍ଦ



# ଜନ ଓ ଗଣନା

ଭାରତର ଜନଗଣନା ୨୦୧୧ରେ ଶେଷଥର ପାଇଁ ହୋଇଥିଲା ଓ ସେହି ଅନୁଯାୟୀ ଦେଶର ଲୋକ ସଂଖ୍ୟା ପାଖାପାଖି ୧୨୧ କୋଟି ଥିଲା। ଜାତିସଂଘ ତଥ୍ୟ ଅନୁଯାୟୀ, ଏହି ସଂଖ୍ୟା ୧୪୨ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚି କେବେଠାରୁ ଚାଇନାକୁ ଟପିଗଲାଣି। ବେସରକାରୀ ଭାବେ ଭାରତର ଜନସଂଖ୍ୟା ୧୫୦ କୋଟି ହେବ ବୋଲି କୁହାଯାଉଛି। ୨୦୧୧ ପରବର୍ତ୍ତୀ ଜନଗଣନା ୨୦୨୧ରେ ହୋଇଥାଆନ୍ତା। କିନ୍ତୁ ଏହାକୁ ବନ୍ଦ କରାଗଲା ଓ ଏହାର କାରଣ କୋଭିଡ୍ ମହାମାରୀ ବୋଲି ସରକାରୀ ଭାବେ କୁହାଗଲା। ମହାମାରୀ ଯିବାର ୩ବର୍ଷରୁ ଅଧିକ ସମୟ ବିତଗଲା ପରେ ନିକଟରେ କେନ୍ଦ୍ର ସରକାର ଜନଗଣନା ସହ ଜାତିଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଖିବାକୁ ଗଲେ ୨୦୨୦ ମାର୍ଚ୍ଚ ପରେ ବିଶ୍ୱର ୧୪୩ଟି ଦେଶ ସେମାନଙ୍କ ଜନଗଣନା ଶେଷ କରିଥିବାବେଳେ ଭାରତ ଜନଗଣନା କରି ନ ପାରି ୟେମେନ, ଆଫଗାନିସ୍ତାନ, ସିରିଆ, ୟୁକ୍ରେନ ଏବଂ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକ ସହ ତାଲିକାଭୁକ୍ତ ହୋଇଗଲା। ତେବେ ୧୪ ବର୍ଷ ପରେ ୧ ଏପ୍ରିଲ ୨୦୨୬ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବାକୁ ଯାଉଛି ବୋଲି ୨୯ ଜୁନ୍ ୨୦୨୫ରେ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା ଆୟୁକ୍ତ ସୂଚନା ଦେଇଛନ୍ତି। ଏହି ପର୍ଯ୍ୟାୟରେ ଗୃହଗଣନା କରାଯାଇ ତାଲିକାଭୁକ୍ତ କରାଯିବ। ଏଥିରେ ଘରର ଅବସ୍ଥା, ପରିବାରର ସମ୍ପତ୍ତି ଓ ପାଉଥିବା ସୁବିଧା ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ। ଏହାପରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ୧ ଫେବୃଆରୀ ୨୦୨୭ରେ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଅନ୍ୟାନ୍ୟ ବିବରଣୀ ସଂଗ୍ରହ କରାଯିବ।

ସାଧାରଣରେ ଜନଗଣନା ମାଧ୍ୟମରେ ଅର୍ଥ ବ୍ୟବସ୍ଥା ଓ ସମାଜର ବ୍ୟାପକ ପରିସଂଖ୍ୟାନଗତ ଅଧ୍ୟୟନ କରାଯାଇଥାଏ ଏବଂ ସେଥିରୁ ବିଶ୍ୱସନୀୟ ତଥ୍ୟ ମିଳେ। ସାର୍ବଜନୀନ ନୀତି ପ୍ରଣୟନ ନିମନ୍ତେ ଏହିସବୁ ଆଧାର ହୋଇଥାଏ। ଦେଶରେ ଦୀର୍ଘବର୍ଷ ହେଲା ତଥ୍ୟ ଅଭାବ ଯୋଗୁ ଅନେକ ସମସ୍ୟା ଦେଖା ଦେଉଛି। ଉଦାହରଣ ସ୍ୱରୂପ, ଜନଗଣନା ବିଳମ୍ବ ହେତୁ ନ୍ୟାଶନାଲ କଞ୍ଜପଶନ ଏକ୍ସପେଣ୍ଡିଚର ସୂଚକାଙ୍କ ସର୍ଭେ ପାଇଁ ପୁରୁଣା ଅର୍ଥାତ୍ ୨୦୧୧–୧୨ ତଥ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଆର୍ଥିକ ତଥ୍ୟ ନ ରହିବା ଦ୍ୱାରା ଜିଡିପି, ନିଯୁକ୍ତି ହାର ଓ ମୁଦ୍ରାସ୍ଫୀତି ଭଳି ଆକଳନ ସମ୍ପର୍କରେ ଯେତେ ତଥ୍ୟ ଓ ସଂଖ୍ୟା ପ୍ରକାଶ ପାଉଛି, ତାହା ସବୁ ବାସ୍ତବତା ଆଧାରିତ ହେଉ ନାହିଁ ବୋଲି ଅଭିଯୋଗ ହେଉଛି। ଜନଗଣନା ତଥ୍ୟ ମଧ୍ୟ ସମ୍ବଳ ସମବଣ୍ଟନ ପାଇଁ ଅପରିହାର୍ଯ୍ୟ। ଜନଗଣନାରେ ବିଳମ୍ବ ଯୋଗୁ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଉଥିବା ସର୍ଭେ ଭରସାଯୋଗ୍ୟ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଜନଗଣନା କରାଇବାକୁ ବିଳମ୍ବରେ ହେଉ ପଛେ ସରକାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ । କିନ୍ତୁ ସରକାର ଯେଉଁ ସବୁ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ତାହାର ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ। ଏହା ସତ୍ୟ ଯେ, ପରିବାରଗୁଡ଼ିକରୁ ଠିକ୍ ତଥ୍ୟ ମିଳିପାରିଲେ ତାହା ଦେଶର ଆର୍ଥିକ ଓ ସାମାଜିକ ପରିସଂଖ୍ୟାନ ପାଇଁ ଉପଯୋଗୀ ହୋଇପାରନ୍ତା। ତାହାକୁ ଆଧାର କରି ନୀତି ନିର୍ଦ୍ଧାରଣ ସହଜ, ସମୟୋପଯୋଗୀ ତଥା ଲକ୍ଷ୍ୟ ହାସଲରେ ସାହାଯ୍ୟ କରନ୍ତା। କିନ୍ତୁ ଦେଖାଯାଉଛି ସାଧାରଣ ଲୋକ ତଥ୍ୟ ଦେବା ବେଳେ ଅନେକ ସମୟରେ ଭୁଲ ସୂଚନା ଦେଉଛନ୍ତି। ନିଜର ଆୟ ସ୍ତରକୁ କମାଇ ଦେଲେ ଗରିବ ଭାବେ ନିଜକୁ ଦର୍ଶାଇ ଅଧିକ ସୁବିଧା ଓ ସୁଯୋଗ ପାଇପାରିବେ ବୋଲି ଅନେକେ ଧରି ନେଇଛନ୍ତି। ସେହିପରି ସଂରକ୍ଷଣ ଓ ଅଧିକ ପ୍ରତିଶତ ଦିବ୍ୟାଙ୍ଗ ବର୍ଗରେ ସାମିଲ ହେବା ପାଇଁ ମଧ୍ୟ କେତେ କୌଶଳ ଆପଣାଯାଉଥିବା ଶୁଣିବାକୁ ମିଳେ। ଫଳରେ ସାମାଜିକ ଓ ଆର୍ଥିକ ସ୍ଥିତି ଠିକ୍ ଭାବେ ଜଣାପଡ଼େ ନାହିଁ। ବାସ୍ତବ ତଥ୍ୟ ଉପଲବ୍ଧ ହେଉ ନ ଥିବାରୁ ଯୋଜନା ପ୍ରଣୟନ ଓ ତାହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି।

ଏହି ପରିପ୍ରେକ୍ଷୀରେ ଜନଗଣନାକୁ ଦେଖିଲେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଢେର ସମୟ ଧରି ଏଥିରେ ଜାତିଭିତ୍ତିକ ଜନଗଣନା ଦାବି କରୁ ଆସୁଥିଲେ। ପରେ କଂଗ୍ରେସ ସେହି ସ୍ରୋତରେ ଭାସିଗଲା। ଭାଜପା ଏହାଠାରୁ ଦୂରେଇ ରହିଥିଲେ ମଧ୍ୟ ଭୋଟବ୍ୟାଙ୍କକୁ ଦେଖି ଏବେ ସବୁଠାରୁ ଆଗରେ ସାମିଲ ହୋଇଯାଇଛି । ସେହିପରି ବିହାରରେ ଆଗକୁ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ ବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ଆରମ୍ଭ କରିଛନ୍ତି। ଏହା ଗଣତନ୍ତ୍ରର ମୂଳ ତତ୍ତ୍ୱକୁ ଦୁର୍ବଳ କରିଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କାରଣ ବିହାରରେ ପାଖାପାଖି ୨ କୋଟି ୯୩ ଲକ୍ଷ ଲୋକଙ୍କ ଜନ୍ମ ଓ ପୈତୃକ ସ୍ଥିତିର ମୂଳ ପ୍ରମାଣ ଖୋଜାଯିବ। ଯେଉଁମାନଙ୍କ ନାମ ଭୋଟର ତାଲିକାରେ ଅଛି ସେମାନଙ୍କ ପାଇଁ କିଛି ଅସୁବିଧା ନାହିଁ। କିନ୍ତୁ ଯେଉଁମାନେ ନୂଆକରି ଭୋଟର ତାଲିକାରେ ସାମିଲ ହେବାକୁ ଚାହୁଁଛନ୍ତି, ସେମାନେ ନିଜର, ମାତାପିତା ଓ ପୂର୍ବଜଙ୍କ ଜନ୍ମଠାରୁ ଆରମ୍ଭ କରି ସବୁ ତଥ୍ୟ ସରକାରଙ୍କୁ ପ୍ରମାଣ ଭାବେ ଯୋଗାଇବାକୁ ପଡ଼ିବ। ସମସ୍ୟା ହେଲା ଏହିସବୁ ତଥ୍ୟ ସରକାରୀ ସ୍ତରରେ ମଧ୍ୟ ମିଳିବା କଷ୍ଟକର। ତେଣୁ ଅନେକ ଲୋକ ଭୋଟର ତାଲିକାରୁ ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଗଲାଣି। ଏହା ମଧ୍ୟ କୁହାଯାଉଛି ଯେ, କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ଏଥିରେ ବାଦ୍ ପକାଇବା ଲାଗି ଚେଷ୍ଟା ଚାଲିଛି। ଏଥିରୁ ରାଜନୀତି ସ୍ପଷ୍ଟ ବାରିହୋଇ ପଡୁଛି। ଆଜିର ସ୍ଥିତିରେ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ନିର୍ବାଚନ କମିଶନ ଭୋଟର ତାଲିକାକୁ ସ୍ୱଚ୍ଛ କରିବା ଲାଗି ପଦକ୍ଷେପ ନେବାର ଆବଶ୍ୟକତା ଥିବା ବେଳେ ଜନଗଣନା ଆୟୁକ୍ତ ମଧ୍ୟ ତ୍ରୁଟିଶୂନ୍ୟ ତଥ୍ୟ ସଂଗ୍ରହ କରାଇବାରେ ବ୍ୟବସ୍ଥା କରିବା ଉଚିତ। ଏଥିରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ସହ ବାସ୍ତବ ତଥ୍ୟ ରୂପାୟନ ହୋଇପାରିଲେ ଯୋଜନାଗୁଡ଼ିକ ଫଳପ୍ରଦ ହୋଇପାରନ୍ତା।

## su | do | ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | |
| | | 9 | 5 | | | | | |
| | | 4 | | | | 7 | | 1 |
| | 4 | 2 | | 8 | | | 7 | 6 |
| | | | | 6 | | | | |
| | 8 | 3 | | | 9 | 1 | | |
| 9 | 5 | | | | 3 | | 8 | |
| 7 | | 1 | | | | 3 | | |
| | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 8 | 9 | 7 | 1 | 4 | 5 | 6 |
| 4 | 9 | 5 | 6 | 8 | 2 | 3 | 7 | 1 |
| 7 | 6 | 1 | 3 | 5 | 4 | 2 | 8 | 9 |
| 3 | 8 | 4 | 7 | 6 | 9 | 5 | 1 | 2 |
| 6 | 5 | 7 | 2 | 1 | 8 | 9 | 4 | 3 |
| 9 | 1 | 2 | 4 | 3 | 5 | 8 | 6 | 7 |
| 1 | 2 | 9 | 5 | 4 | 6 | 7 | 3 | 8 |
| 8 | 4 | 3 | 1 | 9 | 7 | 6 | 2 | 5 |
| 5 | 7 | 6 | 8 | 2 | 3 | 1 | 9 | 4 |

ଗତକାଲିର ଉତ୍ତର

# ଶହେବର୍ଷର ଆହ୍ୱାନ



ବିଚିତ୍ର ବିଶ୍ୱାଳ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଶହେ ବର୍ଷ ପୂର୍ତ୍ତି ହେବାକୁ ଆଉ ଏଗାର ବର୍ଷ ବାକି ଅଛି। ଗୋଟିଏ ପ୍ରଦେଶକୁ ଶହେ ବର୍ଷ ପୂରଣ ହେବା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। ଏହି ଅବସରରେ ରାଜ୍ୟ ସରକାର, ରାଜନୈତିକ ଦଳ ଓ ବିଭିନ୍ନ ସଙ୍ଗଠନମାନଙ୍କ ତରଫରୁ ଓଡ଼ିଶା ଶହେବର୍ଷକୁ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କିନ୍ତୁ ପ୍ରଶ୍ନ ଉଠୁଛି, ଓଡ଼ିଶା ଶହେବର୍ଷକୁ କେବଳ କ'ଣ ଗୋଟେ ଉତ୍ସବ ଭାବେ ପାଳନ କରାଯିବ ନା ବାସ୍ତବ ଅର୍ଥରେ ଏକ ସଂପନ୍ନ ତଥା ବିକଶିତ ଓ ଅସଲ ଉପଲବ୍ଧିକୁ ପାଳନ କରାଯିବ! ୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ହିସାବ କଲେ ଆଜି ଅଣାନବେ ବର୍ଷରେ ପହଞ୍ଚିଥିବା ଓ ପ୍ରତିଦିନର ଖବରକାଗଜ ଖୋଲିଲେ ଆମ ଓଡ଼ିଶା ଅବସ୍ଥା ଯାହା ଦିଶୁଛି, ଖବରକୁ ଆସିପାରୁ ନ ଥିବା ଆହୁରି ଅନେକ ଘଟଣାକୁ ମିଶାଇଲେ ତା'ର ଦୁଃଖଦ ପରିସ୍ଥିତି ସ୍ପଷ୍ଟ ବିଦ୍ୟମାନ। ଦେଶ ଓ ରାଜ୍ୟ ଅର୍ଥନୈତିକ ପ୍ରଗତିର ଡେଙ୍ଗୁରା ପିଟୁଥିବା ବେଳେ ଓ ଗାଁ ଲୋକମାନେ ଚୁଆପାଣି ପିଇବା, ବିନା ବିଜୁଳିରେ କାଳ କାଟିବା, ଗର୍ଭବତୀ ମହିଳା ଭାରରେ ବୁହା ହୋଇ ଡାକ୍ତରଖାନା ଯିବା, ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁବରଣ କରିବା, ରୋଜଗାର ପାଇଁ ଲକ୍ଷ ଲକ୍ଷ ଯୁବକ ଦାଦନ ଯିବା, ଋଣ ଭାରରେ ଚାଷୀ ଆତ୍ମହତ୍ୟା କରିବା, ସରକାରୀ ବିଦ୍ୟାଳୟରେ ଛାତ୍ରଙ୍କ ସଂଖ୍ୟା କମିବା, ପ୍ରାକୃତିକ ସମ୍ପଦର ଆଖିବୁଜା ଶୋଷଣ ହେବା ଓ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଏବେ ବି ଏକ ବଡ଼ ଆହ୍ୱାନ ହୋଇ ଠିଆ ହୋଇଛି। ଏଇ ସବୁ ଘା'କୁ ଦେହରେ ବୁହାଇ ଓଡ଼ିଶା କ'ଣ ନିଜର ଶହେତମ ଜନ୍ମଦିବସ ପାଳନ କରିପାରିବ? ଶହେତମ ସ୍ୱନକ୍ଷତ୍ର ପାଳନ କରିବା ବେଳକୁ ଆମେ କ'ଣ ଓଡ଼ିଶାର ଏ ରୂପକୁ ବଦଳେଇପାରିବା ନାହିଁ? ଆସନ୍ତା ଏଗାର ବର୍ଷରେ ଏହା ହିଁ ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇପାରିବ କି?

ସଂପ୍ରତି ରାଜ୍ୟ ସରକାର ଶହେ ବର୍ଷର ଓଡ଼ିଶା ୨୦୩୬ ପାଇଁ ଏକ ଭିଜନ ଦସ୍ତାବିଜ ପ୍ରସ୍ତୁତ କରି ପ୍ରକାଶିତ କରିଛନ୍ତି। ଏହି ଭିଜନ ଦସ୍ତାବିଜ ସେତେବେଳେ ପ୍ରକାଶ ହୋଇଛି, ଯେତେବେଳେ ସାରା ଓଡ଼ିଶା ଯାଜପୁରଠୁ ସୁନ୍ଦରଗଡ଼ଯାଏ ହଇଜା ଆତଙ୍କରେ ଆତଙ୍କିତ। ଗୋପାଳପୁରରେ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାରର ଶିକାର ହୋଇଛନ୍ତି। ଗଞ୍ଜାମ ଜିଲାରେ ଦୁଇଜଣ ଦଳିତଙ୍କୁ ସ୍ୱଘୋଷିତ ଗୋରକ୍ଷକଙ୍କ ଦ୍ୱାରା ଲଣ୍ଡା କରି, ମାଡ଼ ମାରି, ବେକରେ ଚପଲମାଳ ପକେଇ ଅମାନବୀୟ ନିର୍ଯାତନା ଦିଆଯାଇଛି। କଳାହାଣ୍ଡି ଜିଲାର ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଲାଞ୍ଚ ନେବାବେଳେ ଧରା ପଡ଼ିବା। ଯଦି କେବଳ ଏହି ତିନୋଟି ଘଟଣାକୁ ବିଚାରକୁ ନିଆଯାଏ, ତେବେ ୧୯୩୬ ମସିହାର ଓଡ଼ିଶା ଅପେକ୍ଷା ଆଜିର ଓଡ଼ିଶା ଆହୁରି ଖରାପ ପରିସ୍ଥିତିରେ ଅଛି ବୋଲି ମାନିବାକୁ ପଡ଼ିବ। ୨୦୨୫ ମସିହାରେ ଯେତେବେଳେ ଜ୍ଞାନକୌଶଳ ଓ ସଞ୍ଚାରକ୍ରାନ୍ତିର ବିକାଶ ଚରମ ସୀମାରେ ପହଞ୍ଚିଛି, ସେତେବେଳେ ଓଡ଼ିଶା ଦୂଷିତ ପାନୀୟ ଜଳଜନିତ ରୋଗରେ ପଡ଼ି କେବଳ ଦୁର୍ଭାଗ୍ୟଜନକ ନୁହେଁ, ଆମ ବିକାଶର ବାହୁସ୍ଫୋଟ ଗାଲରେ ଏକ ଶକ୍ତ ଚାପୁଡ଼ା। ଗୋପାଳପୁର ପରି ପର୍ଯ୍ୟଟନସ୍ଥଳୀରେ ବି ମହିଳା ବଳାତ୍କାରର ଶିକାର ହେବା, ଦଳିତଙ୍କ ଉପରେ ଅମାନବୀୟ ଅତ୍ୟାଚାର ହେବା, ଉଚ୍ଚ ବେତନଭୋଗୀ ସରକାରୀ ଅଧିକାରୀ ଦୁର୍ନୀତିଗ୍ରସ୍ତ ହେବା, ଅବକ୍ଷୟମୁଖୀ ସାମ୍ପ୍ରତିକ ଓଡ଼ିଶାର ପରିଚୟ। ଏସବୁ ସମସ୍ୟାର ଉପଯୁକ୍ତ ସମାଧାନ କରିବା ହେଉଛି ଶହେବର୍ଷର ଓଡ଼ିଶା ସବୁଠାରୁ ବଡ଼ ଆହ୍ୱାନ।

ଆଜିକାଲି ସରକାରଙ୍କ ସବୁଠାରୁ ବଡ଼ କୌଶଳ ହେଉଛି ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିକୁ ଅସ୍ୱୀକାର କରିବା, ଗଣମାଧ୍ୟମକୁ ହାତ କରି ନିଜର ମହିମା ଗାନ କରିବା ଓ ଉତ୍ତରଦାୟିତ୍ୱକୁ ଏଡ଼ିଯାଇ ବିରୋଧୀ ଦଳକୁ କଟାକ୍ଷ କରିବା। ବର୍ତ୍ତମାନର ବାସ୍ତବିକ ପରିସ୍ଥିତିକୁ ଅସ୍ୱୀକାର କରି ଭବିଷ୍ୟତର ସ୍ୱପ୍ନ ଦେଖାଇବା କେବଳ ସ୍ୱପ୍ନର ମହଲ ଗଢ଼ିବା ସହିତ ସମାନ। କାରଣ ବର୍ତ୍ତମାନକୁ ସ୍ୱୀକାର କଲେ ହିଁ ସମସ୍ୟାର ସମାଧାନ କରି ଏକ ସୁନ୍ଦର ଭବିଷ୍ୟତ ଗଢ଼ିହେବ। ସଂପ୍ରତି ସରକାର ୨୦୩୬ ପାଇଁ ପ୍ରକାଶ କରିଥିବା ଦସ୍ତାବିଜ୍ ବର୍ତ୍ତମାନ ଓଡ଼ିଶାର ଦୁଃସ୍ଥ ପରିସ୍ଥିତିକୁ ସ୍ୱୀକାର କରୁଛି ବୋଲି ଜଣାପଡ଼ିବ।



'ବର୍ଷ ଏକ ଉପଲବ୍ଧି ଅନେକ' ସ୍ଲୋଗାନ୍ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ପୂର୍ତ୍ତି ପାଳନ କରିବାକୁ ଯିବା ବେଳେ, ଓଡ଼ିଶାକୁ ବେଆଇନ ବାଂଲାଦେଶୀଙ୍କ କବଳରୁ ମୁକ୍ତ କରିବା ସହିତ ଦାଦନମୁକ୍ତ କରିପାରିବା କି? ଦଳିତ, ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରିପାରିବା କି? ପ୍ରାକୃତିକ ସମ୍ପଦର ଅସଲ ଜଗୁଆଳି ଓ ଆଦିବାସୀଙ୍କ ଜଙ୍ଗଲ, ପାହାଡ଼, ଝରଣା ଉପରେ କମ୍ପାନୀ ଶୋଷଣକୁ ବନ୍ଦ କରି ସେମାନଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିବା ପାଇଁ ଉପଯୁକ୍ତ ସୁଯୋଗ ଦେବା ନିମନ୍ତେ ସରକାର ପଦକ୍ଷେପ ନିଅନ୍ତୁ। ତଥାକଥିତ ଅର୍ଥନୈତିକ ବିକାଶ ଓ ହାତଗଣତି ପୁଞ୍ଜିପତିଙ୍କ ବିକାଶ ପାଇଁ ଆଖିବୁଜା ପ୍ରାକୃତିକ ସମ୍ପଦର ଲୁଣ୍ଠନ ବନ୍ଦ କରି ଏକ ଚିରନ୍ତନ ବିକାଶଖସଡ଼ା, ଯେଉଁଥିରେ ବ୍ୟକ୍ତି, ସମାଜ ଓ ପ୍ରକୃତି ସହିତ ସନ୍ତୁଳନ ବଜାୟ ରହୁଥିବ, ତାହା ଉତ୍କଳ ଜନନୀ ତା'ର ସନ୍ତାନମାନଙ୍କ ପାଖରୁ ଆଶା କରେ। ଏହିପରି ବିକଳ୍ପ ବିକାଶର ନକ୍ସା ଓଡ଼ିଶା ମାଟିରୁ ଆରମ୍ଭ ହୋଇ ସାରା ଦେଶକୁ ଆଲୋକ ଦେଖାଉ। ସ୍ଥାନୀୟ ଅଞ୍ଚଳର ସମ୍ବଳ ଓ ଉତ୍ପାଦନ ପ୍ରଥମେ ସ୍ଥାନୀୟ ଲୋକଙ୍କ ଉନ୍ନତି ପାଇଁ ବ୍ୟବହାର ହେଉ। ତା'ହେଲେ ଯାଇ ବେକାରି ସମସ୍ୟାକୁ ସମାଧାନ କରାଯାଇପାରିବ। ଗୋରକ୍ଷା ସହିତ ନାରୀ ସୁରକ୍ଷା ମଧ୍ୟ ଆମର ବ୍ରତ ହେଉ। ମହିଳାଙ୍କ ସାମାଜିକ ସୁରକ୍ଷା ବିନା ଅର୍ଥନୈତିକ ବିକାଶ ପଙ୍ଗୁ ଓ ଅଥର୍ବ। ସାଧାରଣ ଲୋକଟିଏକୁ କୌଣସି ବି ସରକାରୀ କାର୍ଯ୍ୟରେ ଲାଞ୍ଚ ଦେବାକୁ ପଡ଼ିବ ନାହିଁ କି ସରକାରୀ ବିକାଶମୂଳକ ପ୍ରକଳ୍ପରେ ପି.ସି. ପ୍ରଚଳନ ହେବ ନାହିଁ। ସରକାର ଏହାକୁ ନିଶ୍ଚିତ କରିପାରିବେ କି? ଶାସନରେ ସାଧାରଣ ଲୋକଙ୍କ ବାସ୍ତବିକ୍ ଭାଗୀଦାରି ହେଲେ ହିଁ ପ୍ରତ୍ୟେକ ବିକାଶ କାର୍ଯ୍ୟ ଲୋକାଭିମୁଖୀ ହୋଇପାରିବ। ଗ୍ରାମସଭା ଓ ପଲ୍ଲିସଭାକୁ ରାଜନୈତିକ ଦଳଙ୍କ ପ୍ରଭାବରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଗଲେ ଗ୍ରାମସ୍ୱରାଜର ଅସଲ ଅବଧାରଣା ପ୍ରତିଷ୍ଠା ହୋଇପାରିବ। ଭୁବନେଶ୍ୱରରେ ବଡ଼ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ହେବା ସହିତ ଗ୍ରାମାଞ୍ଚଳରେ ଯେଉଁଠି ଜନସଂଖ୍ୟାର ବୃହତ୍ ଭାଗ ସ୍ୱାସ୍ଥ୍ୟ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି, ତାଙ୍କ ପାଖରେ ତଥା ବ୍ଲକସ୍ତରରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଉପଲବ୍ଧି କରାନଗଲେ ଓଡ଼ିଶା ସ୍ୱାସ୍ଥ୍ୟ ସୁରକ୍ଷା ହେବ କିପରି? ଭାଷାଭିତ୍ତିରେ ଗଠନ ହୋଇଥିବା ଓଡ଼ିଶା ଶାସନ, ନିଯୁକ୍ତି, ଶିକ୍ଷା, ପରୀକ୍ଷା ଆଦି ଓଡ଼ିଆ ଭାଷାରେ ହେବା ଉଚିତ ନୁହେଁ କି! ଓଡ଼ିଶା ଅସ୍ମିତାର ଏହାଠାରୁ ବଡ଼ ପ୍ରତୀକ ଆଉ କ'ଣ ଅଛି?

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ହେବା ବେଳକୁ ଯଦି ଏସବୁ ହୋଇନଥିବ, ତେବେ ସେ ଉତ୍ସବ କେବଳ ଉତ୍ସବରେ ହିଁ ସୀମିତ ରହିବ। ଉପରୋକ୍ତ ଲକ୍ଷ୍ୟ ସରକାରଙ୍କ ଦ୍ୱାରା ହାସଲ ହେବାର ସମ୍ଭାବନା କମ୍ ଦେଖାଯାଏ। କାରଣ ସରକାରଙ୍କ ବିକାଶ ଦର୍ଶନ, ଠିକ୍ ଏହାର ବିପରୀତ, ପୁଞ୍ଜିପତି ଓ ଧନିକ ବର୍ଗଙ୍କ ତୋଷଣ ନିମନ୍ତେ ଉଦ୍ଦିଷ୍ଟ। ସରକାରଙ୍କ ପ୍ରାଥମିକତାରେ ସାଧାରଣ ଓ ସ୍ୱାର୍ଥ ଏକ ବଡ଼ ବୃତ୍ତରେ ଛୋଟ ବିନ୍ଦୁ ସଦୃଶ। ତେଣୁ ଶହେବର୍ଷର ଓଡ଼ିଶାକୁ ବାସ୍ତବିକ ରୂପ ଦେବାର ପ୍ରକୃତ ସୈନିକ ଓ ହିତାଧିକାରୀ ହେଉଛନ୍ତି ସାଧାରଣ ଓଡ଼ିଶାବାସୀ। ସେମାନଙ୍କ ବିନା ଏହା ସମ୍ଭବ ନୁହେଁ। ତେଣୁ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଏଥିପାଇଁ ଜାଗ୍ରତ ହେବାକୁ ହେବ। ଓଡ଼ିଆ ଉଠିଲେ ଓଡ଼ିଶା ଉଠିବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଆମ ସମବେଦନା କେତେ ନିରପେକ୍ଷ



ଡ. ଚିନ୍ତାମଣି ପଣ୍ଡା

ପର ଦୁଃଖରେ ଦୁଃଖୀ ହେବା ତଥା ସମବେଦନା ପରିପ୍ରକାଶ କରିବା ଏକ ସ୍ୱୟଂକ୍ରୀୟ ପ୍ରବୃତ୍ତି। ସେଥିପାଇଁ ଗୁଜରାଟୀ କବି ନରସିଂହ ମେହଟାଙ୍କ ଭାଷାରେ ''ବୈଷ୍ଣବ ଜନତୋ ତେନେ କହିଏ ଯୋପୀଡ଼ ପରାଇ ଜାନେରେ।'' କିନ୍ତୁ ଏହି ସହାନୁଭୂତିକୁ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଦଳୀୟ ଭିତ୍ତିରେ ଜ୍ଞାପନ କରିବା ମାନସିକ ବିକୃତି। ଅଧୁନା ପୀଡ଼ିତ ମଣିଷଟିକୁ ଦରଦ ଦେଖେଇବାରେ ଆମେ ଯେଉଁ ବାଛ ବିଚାରଭାବକୁ ଆପଣାଉଛେ ତଦ୍ୱାରା ସାମାଜିକ ଅଧୋଗତି ଯେ ନ ଘଟୁଛି କହିବା ବାହୁଲ୍ୟ ହେବ। ଦାଣ୍ଡରେ ଚାଲିଯିବାବେଳେ ଯଦି କେହି ଝୁଣ୍ଟିପଡ଼ି ଖଣ୍ଡିଆଖାବରା ହେଲା, ସେତେବେଳେ ସାହାଯ୍ୟ କରିବା ଆଗରୁ ଆମେ ଦେଖୁ ସେ ଆମ ନିଜ ଲୋକ କିମ୍ବା ଚିହ୍ନା ପରିଚିତ କି? ଅନ୍ୟଥା ଦେଖି ନ ଦେଖିଲା ପରି ବାଟକାଟି ଚାଲିଯାଉ। ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ପହଲଗାମ୍ ନିକଟରେ ଘଟିଥିବା ପର୍ଯ୍ୟଟକଙ୍କ ଘୃଣିତ ହତ୍ୟାକାଣ୍ଡକୁ ବୁଝି ଯଦି ପଡ଼ୋଶୀ ଦେଶ ଆତଙ୍କବାଦୀଙ୍କ ବର୍ବରତାକୁ ନିନ୍ଦା କରିବା ସହ ସମୁଚିତ ସମବେଦନା ପ୍ରକାଶ କରିଥା'ନ୍ତା, ତେବେ ଆପାତତଃ ଯୁଦ୍ଧ ଭଳି ପରିସ୍ଥିତିକୁ ଏଡ଼େଇ ଦିଆଯାଇ ପାରିଥା'ନ୍ତା, କିନ୍ତୁ ହେଲାନାହିଁ। ଆମ ଦେଶରେ ମଧ୍ୟ ଏ ପ୍ରକାରର ମାନସିକତା କ୍ୱଚିତ୍ ଦେଖିବାକୁ ମିଳେ। ମେଘାଳୟରେ ମଧୁଯାତ୍ରା ବେଳେ ରାଜ ରଘୁବଂଶୀଙ୍କୁ ହତ୍ୟା କରି ଫିଙ୍ଗିଦେବା କଥା ଜଣାପଡ଼ିବା ପରେ ତାଙ୍କ ଶାଳକ ଓ ଶାଶୁଙ୍କର ନିଜ ଝିଅର ଦୋଷ ସ୍ୱୀକାର କରିବା ସହିତ ଅକୁଣ୍ଠ ସମର୍ଥନ, ଦୁଃସମୟରେ ସହାନୁଭୂତି ତଥା ତଦନ୍ତରେ ସହଯୋଗ ନିଶ୍ଚିତ ଭାବରେ ଉଚ୍ଚକୋଟୀର ସଂସ୍କାରକୁ ସୂଚାଏ। ଅପରପକ୍ଷରେ ସାରା ଦେଶରେ ଚହଳ ସୃଷ୍ଟି କରିଥିବା ଗୋପାଳପୁର ଗଣବଳାତ୍କାର ପୀଡ଼ିତା କିମ୍ବା ପୀଡ଼ିତାଙ୍କ ପରିବାରକୁ ଅଭିଯୁକ୍ତମାନଙ୍କ ପରିବାର ପକ୍ଷରୁ ଲେଶମାତ୍ର ସାନ୍ତ୍ୱନାର ସ୍ୱର ମିଳେ ନାହିଁ। ବରଂ ସେମାନେ ନିଜ ନିଜର ଅଭିଯୁକ୍ତ ପିଲାଙ୍କ ଦୋଷ ଲୁଚାଇବା ପାଇଁ ଅଯଥାରେ ପୀଡ଼ିତାଙ୍କ ପରିବାରର ଚରିତ୍ର ସଂହାର କରନ୍ତି। ଏପରି ଦୁର୍ଘଟଣା ଯଦି ତାଙ୍କ ନିଜ ଝିଅ ପ୍ରତି ଘଟିଆନ୍ତା? ଜଘନ୍ୟ ଅପରାଧ ଘଟାଇ ଜେଲ୍‌ଦଣ୍ଡ ଭୋଗୁଥିବା ଅପରାଧୀର ପରିବାର ନିଜ ସଂସାର କେମିତି ଚଳିବ ସେନେଇ ସରକାରଙ୍କ ପାଖରେ ଦାବି ରଖୁଥିବା ବେଳେ ହତ୍ୟା ପୀଡ଼ିତର ପରିବାର ପ୍ରତି ଆଖି ବୁଜି ଦେଇଥା'ନ୍ତି। ନରହତ୍ୟାକାରୀକୁ ପୋଲିସ ଗୋଡ଼େଇବା ବେଳେ ସେ ଧରାପଡ଼ିବା ଆଗରୁ ଯଦି ପାଣିକୁ ଡେଇଁ ପଡ଼ିଲା କି ବିଷପାନ କରିଦେଲା, ତେବେ ସମସ୍ତ ସହାନୁଭୂତି ତା' ନିକଟକୁ ଚାଲିଯାଏ। ହତ୍ୟା ପୀଡ଼ିତଙ୍କୁ ପଚାରେ କିଏ? ଅପରାଧୀ ଯଦି ଜେଲ୍‌ରୁ ଖସିଯିବାକୁ ଚେଷ୍ଟା କରି ଜଖମ ହୁଏ, ଆମେ ଜେଲରଙ୍କୁ ସଙ୍ଗେ ସଙ୍ଗେ ଦୋଷୀ ସାବ୍ୟସ୍ତ କରିପକାଉ, ସତେଅବା ଅପରାଧୀଟି ଦେଶପ୍ରେମୀ ଥିଲା!



ମାଓବାଦୀମାନେ ଅନେକ ନିରୀହ ଜନତା ତଥା ପୋଲିସ କର୍ମୀ ତଥା ଯବାନଙ୍କୁ ହତ୍ୟା କରୁଥିବା ବେଳେ ମାନବାଧିକାର କର୍ମୀ ବୋଲାଉଥିବା ପଞ୍ଚାଏ ବ୍ୟକ୍ତି ଅସମ୍ଭବ ନୀରବତା ଅବଲମ୍ବନ କରୁଥା'ନ୍ତି, କିନ୍ତୁ ମୁହାଁମୁହିଁ ବେଳେ ଜଘନ୍ୟ ହତ୍ୟାକାରୀ ମାଓବାଦୀଟି ଟଳିପଡ଼ିଲେ ଉଇ ପିମ୍ପୁଡ଼ି ପରି ବହୁ ସଂଖ୍ୟାରେ ଗାତରୁ ବାହାରି ଏମାନେ ଆନ୍ଦୋଳନ, ଗଣଧାରଣାମାନ ସଂଘଟିତ କରାଇ ପ୍ରତିବାଦର ସ୍ୱରକୁ ଶାଣିତ କରନ୍ତି ଏବଂ ତଦନ୍ତ କମିଶନର ଦାବି ରଖନ୍ତି । ସେଥିପାଇଁ ଯଥାର୍ଥରେ ଉଚ୍ଚତମ ନ୍ୟାୟାଳୟ ଏ ପ୍ରକାର ମାନସିକତା ରଖୁଥିବା ବ୍ୟକ୍ତିଙ୍କୁ ମାନବାଧିକାର ଆତଙ୍କବାଦୀର ଆଖ୍ୟା ଦେଇଛନ୍ତି। ଖାଲି ସେତିକି ନୁହେଁ, ଯେଉଁ ରାଜନେତାମାନେ ଶାସକ ଦଳରେ ଥିବାବେଳେ ଅପରାଧ ପୃଷ୍ଠଭୂମିର ବ୍ୟକ୍ତିଙ୍କୁ ଖୋଲାଖୋଲି ପୃଷ୍ଠପୋଷକତା ଯୋଗାଇ ଆସୁଥିଲେ, ଆଉ ପୀଡ଼ିତଙ୍କର ଗୁହାରିକୁ ଅଣଦେଖା କରୁଥିଲେ, ବିରୋଧୀ ଦଳକୁ ଗଲା ପରେ ସେମାନେ ନିଜର ଭାବମୂର୍ତ୍ତିକୁ ମାଜିମୁଜି ଚିକ୍କଣ କରି ଅପରାଧ ଉପରେ ପ୍ରବଚନ ଦେବାର ଦୃଷ୍ଟାନ୍ତ ବିରଳ ନୁହେଁ । ସେଇ ସମାନ ଘଟଣା ପାଇଁ ସଦନରେ ତୁମ୍ବୀତୋଫାନ କରି ନିରପେକ୍ଷ ତଦନ୍ତ ଦାବି କରିବା ଦ୍ୱନ୍ଦ୍ୱାତ୍ମକ ସହାନୁଭୂତି ନୁହେଁ କି? ଲୋକ ଚରିତ୍ରରେ ଏ ପ୍ରକାର ବୈଚିତ୍ର୍ୟ ଅଧିକ ପ୍ରତିଫଳିତ ହୁଏ ଯେତେବେଳେ ଘଟଣାଟିରେ ନିଜର ଦୋଷ ଦୁର୍ବଳତା ପଦାରେ ପଡ଼ିବାର ଭୟଥାଏ। ନିକଟରେ ନୟାଗଡ଼ ଜିଲାରେ ଘଟିଥିବା ଏକ ସଂଘଟିତ ନରହତ୍ୟା ଏହାର ନିଚ୍ଛକ ଉଦାହରଣ। ପରକୀୟା ପ୍ରୀତି ସନ୍ଦେହରେ ମା' ଓ ପୁଅ ମିଶି ବାପାକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ସହ ତତ୍କାଳ ଶବଦାହ କରି ଚିହ୍ନ ବର୍ଣ୍ଣ ଲିଭେଇ ଦେବାର ବ୍ୟବସ୍ଥା କରିଦେଲେ। କିନ୍ତୁ ଯଦି ଡାକ୍ତରଖାନାରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଆନ୍ତା, ତେବେ ସବୁ ଦୋଷ ଆମ୍ବୁଲାନ୍ସ କିମ୍ବା ଡାକ୍ତରଙ୍କ ଉପରେ ଲଦିଦେଇ ଖସିଯିବାକୁ ଚେଷ୍ଟା କରିଥାନ୍ତେ। ଓଲଟା ରାଜପଥରେ ଶବ ରଖି ଚାକିରି ଦାବି କରିଥାନ୍ତେ। ସେହିପରି ବାର୍‌ହା ଫାଶରେ ଯଦି ଭୁଲ୍‌ବଶତଃ ଛନ୍ଦି ହୋଇ ମଣିଷଟିଏ ମରିଯାଏ, ତେବେ ଧରାପଡ଼ିବା ଭୟରେ ଆମେ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ତାକୁ ଫଳେ ପୁଷ୍ଟେ କ୍ଷତିପୂରଣ ଦେଇ ମୁହଁ ବନ୍ଦ କରି ଘଟଣାକୁ ଚପାଇ ଦେଇଥାଉ। କିନ୍ତୁ ସେଇ ବାର୍‌ହା ଆକ୍ରମଣରେ ଜୀବନ ଗଲେ ଶବ ରଖି କ୍ଷତିପୂରଣ ତଥା ଚାକିରି ପାଇଁ ଅଡ଼ିବସୁ। ତେଣୁ ଉଭୟ ଘଟଣାରେ ପୀଡ଼ିତଙ୍କୁ ସହାନୁଭୂତି ଦେଖାଇବାରେ ଆମେ ବାଛ ବିଚାରପୂର୍ଣ୍ଣ ମନୋବୃତ୍ତି ଆପଣାଇଥାଉ। ଅତଏବ ନିଜ–ପର ନିର୍ବିଶେଷରେ ଯଦି ସମସ୍ତଙ୍କୁ ସମଦୃଷ୍ଟିରେ ଦେଖାଯାନ୍ତା, ତେବେ ସେହି ହିସାବରେ ସହାନୁଭୂତି ବି ନିରପେକ୍ଷ ରହନ୍ତା। ଅନ୍ୟଥା ଏହା ପକ୍ଷପାତିତାପୂର୍ଣ୍ଣ ତଥା ନିଜକୁ ସୁହାଇଲା ଭଳି ହେବ ଏଥିରେ ଦ୍ୱିରୁକ୍ତି ନାହିଁ।

**ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା**
**ମୋ: ୮୧୪୪୦୬୬୦୧୬**

## ଏଇ ଭାରତରେ

ଚେନ୍ନାଇର ୩୬ ବର୍ଷୀୟା ଡି. ଉମାରାନୀ ଅସହାୟ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ବିଶେଷକରି ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଅସହାୟ ଅବସ୍ଥାରେ ରହୁଥିବା ୮୦୦ ଲୋକଙ୍କୁ ପ୍ରତିଦିନ ଦୁଇବେଳା ମାଗଣାରେ ଖାଇବାକୁ ଦେଉଛନ୍ତି। ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂରାଣୀ' ଅର୍ଥାତ୍ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି। ଉମା ଚେନ୍ନାଇ କିଲକାଟାଲ୍ଲାଇର ଉଜଭାର ସନ୍ଧାଇ ନିକଟରେ ରହୁଛନ୍ତି। ସେ କୋଭିଡ୍ ମହାମାରୀ ପରେ ଏହି ସେବା ଆରମ୍ଭ କରିଥିଲେ। ସେତେବେଳେ ତିରୁଭାନ୍ନା ମଲାଇରେ ଜଣେ ନର୍ସିଂ ଟ୍ୟୁଟର ଭାବେ କାମ କରୁଥିବା ଉମା ତାଙ୍କ ସଞ୍ଚିତ ଅର୍ଥରେ ମାଗଣା ଖାଦ୍ୟ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ମଧ୍ୟ ତାହା ଜାରି ରଖିଛନ୍ତି। ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଯାଉ ଆଦି ଦେଉଛନ୍ତି। ଖାଇବାକୁ ଦେଉଥିବା ଜାଗାର ନାମ ରଖିଛନ୍ତି ଥାଭାମୋଝି ଅନ୍ନଧନ କୋଡାମ(ଥାଭାମୋଝି ମାଗଣା ଖାଦ୍ୟ କେନ୍ଦ୍ର)। ଖାଦ୍ୟ ପ୍ରସ୍ତୁତ କରିବାରେ କେତେଜଣ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି। ଉମାଙ୍କ ଏପରି କାର୍ଯ୍ୟ ପାଇଁ କେତେଜଣ ବ୍ୟକ୍ତି ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜୁଲାଇ ୧୯୭୬

- ଓଡ଼ିଶାର ଅପରକୋଲାବ ଜଳସେଚନ ପ୍ରକଳ୍ପ ଯୋଜନା କମିଶନ୍ ଦ୍ୱାରା ଅନୁମୋଦିତ।
- ଭାରତ ମହାସାଗର ଭିତରେ ଥିବା ସିଚେଲିସ ଦ୍ୱୀପପୁଞ୍ଜ ଦୀର୍ଘ ୧୬୨ ବର୍ଷ କାଳ ଇଂଲଣ୍ଡର ଉପନିବେଶ ହୋଇ ରହିବା ପରେ ସ୍ୱାଧୀନତା ଲାଭ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ନେବାର ପ୍ରବୃତ୍ତି

ମହାଶୟ,

କୁକୁର ଲାଞ୍ଜକୁ ଯେତେ ସିଧା କରିବାକୁ ଚେଷ୍ଟା କଲେ ବି ସିଏ ଜମା ସିଧା ହୁଏ ନାହିଁ। ବିଭିନ୍ନ ସରକାରୀ ଅଫିସରେ ଅର୍ଥ ପୈଠ କରିବାକୁ ଗଲେ ସେମାନେ ଅନ୍‌ଲାଇନ୍‌ରେ ଡିପୋଜିଟ୍ କରିବାକୁ କହୁଛନ୍ତି। ଯଦି ଅନ୍‌ଲାଇନ୍‌ରେ ଡିପୋଜିଟ୍ ନ ହୋଇପାରୁଛି କିମ୍ବା ପୈଠକର୍ତ୍ତାଙ୍କର ଅଜ୍ଞତାବଶତଃ ସମ୍ଭବ ନ ହୋଇପାରୁଛି ତେବେ ତାହା ପୈଠ ନ ହୋଇ ପଡ଼ିରହୁଛି ଏବଂ ପୈଠକର୍ତ୍ତାଙ୍କୁ ଫାଇନ୍ ଗଣିବାକୁ ପଡୁଛି। ଆର୍‌ଆଇ ଅଫିସରେ ଯଦି ନିଆଯାଉଛି ପ୍ରାପ୍ୟଠାରୁ ଢେର ଅଧିକ ଅର୍ଥ ରଖୁଛନ୍ତି। କେତେବେଳେ କହୁଛନ୍ତି ଖୁଚୁରା ଟଙ୍କା ନାହିଁ, କେତେବେଳେ କହୁଛନ୍ତି ଅପେକ୍ଷା କର। ସିଧାସଳଖ ଲାଞ୍ଚ ନେବା କଥା କହୁନାହାନ୍ତି। ଯେଉଁ ଲୋକଙ୍କ ଘର ପାଖରୁ ଆର୍‌ଆଇ ଅଫିସ ମାଇଲ ମାଇଲ ଦୂର ସେମାନଙ୍କ ପାଇଁ ଏହି ଡିପୋଜିଟ୍ କଷ୍ଟ ଅନେକ ପରିମାଣରେ ବାଧକ ସାଜୁଛି। ତେଣୁ ସରକାରଙ୍କୁ ଅନୁରୋଧ ଲୋକେ ତାଙ୍କର ଖଜଣା ନିକଟତମ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ କେମିତି ଦେଇପାରିବେ ତାହାର ବ୍ୟବସ୍ଥା କଲେ ଲୋକେ ଉପକୃତ ହୁଅନ୍ତେ। ଲାଞ୍ଚ କାରବାରରୁ ମଧ୍ୟ ମୁକ୍ତି ମିଳନ୍ତା।

**–ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର**

## ଚିରନ୍ତନୀ

ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ–ଦିବସ ସମ ଜୀବନ–ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
–(ଜଡ଼–ଦର୍ଶନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବୃହତ୍ ଉଠାଜଳସେଚନ ପ୍ରକଳ୍ପ ବିଫଳ

## ନିର୍ଦ୍ଧାରିତ ଜମିରେ ପାଣି ମାଡୁନି, ରବି ଚାଷ ଆଶା ଧୂଳିସାତ୍

**ଯାଜପୁର,୩୦।୬(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକରୁ ନିର୍ଦ୍ଧାରିତ ଜମିରେ ପାଣି ମାଡ଼ି ପାରୁନାହିଁ। ଏହାସହ ପ୍ରକଳ୍ପଗୁଡ଼ିକ ଅତି ନିମ୍ନମାନର ଏବଂ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହିମର୍ମରେ ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ସଭାପତି କୁଳମଣି ଶୁକ୍ଳା ଏବଂ ପୂର୍ବତନ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଜୟବ୍ରତ ଦେ ବୃହତ୍ ଉଠାଜଳସେଚନ ବିଭାଗର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଜିଲାରେ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଖରିଫ ଓ ରବି ଚାଷରେ ୧୨,୮୦୦ ହେକ୍ଟର ଜମିରେ ଜଳସେଚନ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ହେଲେ ବାସ୍ତବରେ ଜିଲାରେ ଏହି ପ୍ରକଳ୍ପ ଆରମ୍ଭ ହେବାର ପ୍ରାୟ ୧୫ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଧାର୍ଯ୍ୟ ଜମିରେ ଜଳସେଚନ ହୋଇପାରିନାହିଁ। ଏବେବି କ୍ଲଷ୍ଟର-୧୧ ନମ୍ବର ଅସଲପୁର ପ୍ରକଳ୍ପରେ ଅଧିକାଂଶ ଚାଷୀ ପାଣି ପାଇଁ ଅନେଇ ବସିଛନ୍ତି। ଏନେଇ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ଅସଲପୁର ପ୍ରକଳ୍ପରେ ୨୦ଟି ଗ୍ରାମର ୨୦୦୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବ ବୋଲି ନିର୍ଦ୍ଧାରଣ ହୋଇଥିଲା। ତଦନୁସାରେ ୨୦୨୧ ଖରିଫ ଋତୁରେ ୩୭୯ ଘଣ୍ଟା, ୨୦୨୨ରେ ୪୮୧ ଘଣ୍ଟା, ୨୦୨୩ରେ ୧୪୩୫ ଘଣ୍ଟା ଏବଂ ୨୦୨୪ରେ ଖରିଫ ଋତୁରେ ୯୫୭ ଘଣ୍ଟା ପମ୍ପ ଚାଲିଛି। ଏଥିରୁ ଅସଲପୁର ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବା ପ୍ରମାଣିତ ହେଉଛି। କିନ୍ତୁ ପମ୍ପ ଚାଲିଥିଲେ ମଧ୍ୟ ଜମିକୁ ପାଣି ମାଡିବା ନିଶ୍ଚିତ ନୁହେଁ ବୋଲି କେତେଜଣ ଚାଷୀ ପ୍ରକାଶ କରିଛନ୍ତି। ପମ୍ପ ଚାଲିବା କାଗଜପତ୍ରରେ ଦର୍ଶାଯାଇଥାଇ ପାରେ ବୋଲି ଅଭିଯୋଗ ରହିଛି। ଏହାବ୍ୟତୀତ ଚାଷୀଙ୍କ ଦାବି ଅନୁସାରେ ଆବଶ୍ୟକ ଆଉଟଲେଟ୍ ନିର୍ମାଣ ହୋଇପାରିନାହିଁ। କେବଳ ଖରିଫ ଋତୁରେ କେତେକ ଜମିରେ ଜଳସେଚନ ହୋଇ ପାରୁଥିବାବେଳେ



ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପ।

ରବି ଋତୁରେ ଚାଷୀଙ୍କୁ ନିରାଶ କରିଛି। ଏହିକ୍ରମରେ ବିପୁଳ କୋଟି ଟଙ୍କା ପାଣିରେ ପଡ଼ିଛି ବୋଲି ଅଭିଯୋଗ ହୋଇଛି।

ସେହିପରି ଯାଜପୁର, ବିଞ୍ଝାରପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳ ପାଇଁ କ୍ଲଷ୍ଟର-୨୦ ନମ୍ବରରେ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହି ପ୍ରକଳ୍ପକୁ ଏଲ୍ ଆଣ୍ଡ ଟି ଠିକାସଂସ୍ଥା ଦ୍ୱାରା ସମ୍ପାଦିତ ହେଉଛି। କିନ୍ତୁ ପ୍ରକଳ୍ପ କାର୍ଯ୍ୟରେ ମିଥ୍ୟା ବିଲ୍ ଭାଉଚର, କାର୍ଯ୍ୟ ଅତି ବିଳମ୍ବ ହେଉଥିଲେ ବି କୌଣସି ଜରିମାନା ଧାର୍ଯ୍ୟ କରାଯାଉନାହିଁ, ଅଗ୍ରିମ ପେମେଣ୍ଟ ପ୍ରଦାନ ଇତ୍ୟାଦି କ୍ଷେତ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗଗୁଡ଼ିକୁ ବିଭାଗ ପକ୍ଷରୁ ହୋଇଥିବା ତଦନ୍ତ ରିପୋର୍ଟରେ ଖଣ୍ଡନ କରାଯାଇଛି। ରିପୋର୍ଟ ଅନୁସାରେ ସମ୍ପୃକ୍ତ ଠିକାସଂସ୍ଥା ୨୦୨୪ ନଭେମ୍ବରରେ ୧୫ କୋଟି ୫୪ ଲକ୍ଷ ୨ ହଜାର ୩୨୧ ଟଙ୍କା ରନିଂ ବିଲ୍ ପ୍ରଦାନ କରିବାକୁ ଆବେଦନ କରିଥିଲେ। ହେଲେ ଆବଶ୍ୟକ ନିରୀକ୍ଷଣ କରିବା ପରେ ୭ କୋଟି ୬୨ ଲକ୍ଷ ୨୬ ହଜାର ୪୭୮ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟରେ ବିଳମ୍ବ ଏବଂ ଆବଶ୍ୟକ କାଗଜପତ୍ର ଦାଖଲ କରିବାରେ ବିଫଳ ହେବା ଯୋଗୁ ଠିକାସଂସ୍ଥାକୁ ପାଉଣା ଅର୍ଥ କାଟି ଦିଆଯାଇଛି। କାର୍ଯ୍ୟରେ ବିଳମ୍ବ ଯୋଗୁ ସମ୍ପୃକ୍ତ ଠିକାସଂସ୍ଥାକୁ ଚେତାବନୀ ଦିଆଯାଇଛି ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି।

ଜିଲାରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଯେତେବେଳେ ଆରମ୍ଭ ହୋଇଥିଲା ଚାଷୀମାନେ ଦୁଇ ଫସଲି କରି ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇପାରିବେ ବୋଲି ଆଶା ରଖିଥିଲେ। ହେଲେ ଖରିଫ ଚାଷରେ କେବଳ ଜଳସେଚନ ହୋଇପାରିବ ବୋଲି ଯେତେବେଳେ ଚାଷୀ ଜାଣିଲେ, ସମସ୍ତ ଆଶା ଚୂରମାର ହୋଇଯାଇଛି। ତଥାପି ପ୍ରଶାସନିକ ଅଧିକାରୀମାନେ ଠିକାଦାରଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ପାର୍ବତୀଗିରି ମେଗା ଉଠା ଜଳସେଚନ ପ୍ରକଳ୍ପରେ ଖରିଫରେ ୧୨ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଜଳସେଚନ ହୋଇପାରିଛି ବୋଲି ରିପୋର୍ଟ ଦେଉଛନ୍ତି। କିନ୍ତୁ ପ୍ରକଳ୍ପର ଖରସ୍ରୋତା ନଦୀରୁ ତୁଳସୀପୁର ପମ୍ପହାଉସ୍ ଜରିଆରେ ରସୁଲପୁର ବ୍ଲକ ଭଗୀରଥପୁର, ସାରଙ୍ଗପୁର, ଚିକରପଡ଼ା, ନଥୁଆରଙ୍ଗ, ଆଦମପୁର, ନଗୁଆଁ, ବାଲାଙ୍ଗ, ବାଙ୍କଅଁଟା, କୁକୁଡ଼ା ପ୍ରଭୃତି ଅଞ୍ଚଳର ଚାଷୀଙ୍କ ଜମିରେ ଏଯାଏ ପାଣି ମାଡ଼ି ନାହିଁ ବୋଲି ଚାଷୀମାନେ କହିଛନ୍ତି।

# ବରୁଣିଆରେ ବଣୁଆ ହାତୀର ଉପଦ୍ରବ



ଚାଷଜମିରେ ବୁଲୁଥିବା ହାତୀ।

**ଚଣ୍ଡିଖୋଲ,୩୦।୬ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବୈରୀ ଡାଲିଯୋଡା ରେଞ୍ଜ ଅଧୀନ ପଶ୍ଚିମ ବଡ଼ଚଣାର ପାରିଆ ପଞ୍ଚାୟତ ବରୁଣିଆ ଗ୍ରାମରେ ଗତ ୨ ଦିନ ହେବ ଏକ ବଣୁଆ ହାତୀ ଉପଦ୍ରପ ଜାରି ରଖିଛଇ। ହାତୀଟି ଲୋକଙ୍କ ବାଡିବଗିଚାରେ ପଶି ପନିପରିବା ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ହାତୀଟି କଦଳୀ ଗଛଗୁଡ଼ିକ ଭାଙ୍ଗି ଦେଉଛି। ସେହିଭଳି ବାଇଗଣ, ବରୁଗୁଡି, କଲରା,ଟମାଟୋ ଆଦି ପନିପରିବା ଚାଷ ନଷ୍ଟ କରିଛି। ଚାଷୀମାନେ ସାଧାରଣତଃ ଏବେ ପରିବା ଚାଷ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ହାତୀ ଯେତିକି ଖାଉଛି ତା'ଠାରୁ ଅଧିକ ଦଳି ଚକଟି ନଷ୍ଟ କରି ଦେଉଛି। ବନ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଛି। ବନ ବିଭାଗ କର୍ମଚାରୀଙ୍କ କହିବା ଅନୁଯାୟୀ ହାତୀଟି ଢେଙ୍କାନାଳ ଜଙ୍ଗଲରୁ ପଳାଇ ଆସିଛି। ଖୁବ ଶୀଘ୍ର ସେ ଫେରିଯିବ। ଏଥିପାଇଁ ଗ୍ରାମବାସୀ ସତର୍କ ରଖିବାକୁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଦାବି ହୋଇଛି।

# ସାମାଜିକ କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**କଳିଙ୍ଗନଗର,୩୦।୬ (ଶୁଭାଶିଷ ରାଉତ):**

ସାମାଜିକ ଗଣମାଧ୍ୟମରେ ଫେକ୍ ଆଇଡି ଜରିଆରେ ଚରିତ୍ର ସଂହାର କରି ଜଣେ ସାମାଜିକ କର୍ମୀଙ୍କୁ ସୋମବାର ଆକ୍ରମଣ କରାଯାଇଥିବା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ଏହାକୁ ଆଧାର କରି ସୁକିନ୍ଦା ଥାନା ଆଇଆଇସି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ସିଭିଲ ସୋସାଇଟି ଫୋରମ ଯାଜପୁରର ସମ୍ପାଦକ ତଥା ଖବରଦାତା ବିଶ୍ୱନାଥ ପାତ୍ରଙ୍କ ସହ ତାଙ୍କ ପରିବାରର ଚରିତ୍ର ସଂହାର କରି ସୁକିନ୍ଦା ଜାମୁପୋଷି ଗ୍ରାମର ସୁଶାନ୍ତ ମଲିକ ରବିବାର ଫେସ୍‌ବୁକରେ ବିଭିନ୍ନ କଥା ପୋଷ୍ଟ କରିଥିଲେ।। ସେଦିନ ବିଶ୍ୱନାଥ କୌଣସି କାମରେ ବ୍ଲକ କାର୍ଯ୍ୟାଳୟ ଯାଉଥିବା ସମୟରେ ସୁଶାନ୍ତ, ବିବେକାନନ୍ଦ ବୋଷ ଏବଂ କେତେଜଣ ବିଜେଡି କର୍ମୀ ତାଙ୍କ ବୁମ୍ ଛଡ଼ାଇ ନେବା ସହ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।। ଏପରି କି ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏତିକିରେ କଥା ସରି ନ ଥିଲା। ଡ୍ୟାନି ବାବୁଙ୍କ ବିରୋଧରେ ମୁହଁ ଖୋଲିଲେ ବୋମା ପକାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଡ୍ୟାନିଙ୍କ ନିର୍ଦ୍ଦେଶ ନ ମାନିଲେ ବିଚ ରାସ୍ତାରେ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଶ୍ୱନାଥ ଲିଖିତ ଅଭିଯୋଗ କରି ନିଜର ସୁରକ୍ଷା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଥାନା ପରିସରରେ ପ୍ରେମୀ ଯୁଗଳଙ୍କ ବାହାଘର



ପରିବାର ସଦସ୍ୟ, ପୋଲିସ ଗହଣରେ ବିବାହ ବନ୍ଧନରେ ବାନ୍ଧିହୋଇଥିବା ପ୍ରେମୀ ଯୁଗଳ।

**ଚଣ୍ଡିଖୋଲ,୩୦।୬(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ଥାନା ପରିସରରେ ଶନିବାର ଏକ ନିଆରା ବାହାଘର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀଣୀ ମଧୁସ୍ମିତା ବେହେରା ଏହି ବିବାହ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସୂଚନା ଅନୁଯାୟୀ, ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ରିତୁ ପ୍ରଶନ୍ନ ସାମଲ ଓ ରିନୁ ମଲିକ ପରସ୍ପରକୁ ଭଲ ପାଉଥିଲେ। ହେଲେ ସେମାନଙ୍କ ପରିବାର ଏହି ସମ୍ପର୍କକୁ ଗ୍ରହଣ କରିପାରି ନ ଥିଲେ। ଫଳରେ ଉଭୟ ଘରୁ ଲୁଚି ପଳାଇ ଆସିଥିଲେ। କୌଣସି ମତେ ସେମାନେ ବଡ଼ଚଣା ଥାନା ଅଧିକାରୀଣୀଙ୍କ ହାବୁଡରେ ପଡିଥିଲେ। ଉଭୟ ସାବାଳକ ହୋଇଥିବାରୁ ସେମାନଙ୍କୁ ଥାନା ଅଧିକାରୀଣୀ ଥାନାକୁ ଆଣିଥିଲେ। ଥାନାରେ ସେମାନଙ୍କୁ ରଖି ଉଭୟ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସମସ୍ତେ ଥାନାରେ ପହଞ୍ଚିବା ପରେ ଥାନା ଅଧିକାରୀ ସେମାନଙ୍କୁ ବୁଝାସୁଝା କରିଥିଲେ। ଉଭୟ ପରିବାର ରାଜି ହେବା ପରେ ଥାନା ପରିସରରେ ସେମାନଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଉଭୟ ପରସ୍ପରକୁ ଫୁଲମାଳ ପିନ୍ଧାଇଥିଲେ। ଏହାପରେ ଫଟୋ ପାଇଁ ପୋଜ୍ ଦେଇଥିଲେ। ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଥାନା ଅଧିକାରୀଣୀଙ୍କ ଉଦ୍ୟମ କ୍ରମେ ବିବାହ ସମ୍ପନ୍ନ ହୋଇଥିବାରୁ ଉଭୟ ପରିବାର ଖୁସିବ୍ୟକ୍ତ କରିଛନ୍ତି।

# ମଇଥାନ ଇସ୍ପାତ କାରଖାନାରୁ ଚୋରି ସାମଗ୍ରୀ ଜବତ, ଜଣେ କୋର୍ଟ ଚାଲାଣ

**କଳିଙ୍ଗନଗର,୩୦।୬(ଶୁଭାଶିଷ ରାଉତ)**

ଯାଜପୁର ଯଖପୁରା ଥାନା ପୋଲିସ ବରପାଳ ସାହି ଦଶମାଣିଆ ଗ୍ରାମରେ ଚଢ଼ାଉ କରି ଜଗା ନାୟକ (୨୯)ଙ୍କୁ ଗିରଫ କରିଛି। ମଇଥାନ କାରଖାନାରୁ ଚୋରି ହୋଇଥିବା ଏକ ମୋଟରକୁ ସେଠାରୁ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୯ ତାରିଖ ସନ୍ଧ୍ୟାରେ ମଇଥାନ ଇସ୍ପାତ କାରଖାନାର ସୁରକ୍ଷା ଅଧିକାରୀ ବିଦ୍ୟାଧର ମହାନ୍ତି କାରଖାନାରୁ ୬ କନଭେୟର ବେଲ୍ଟ, ମୋଟର ଏବଂ ଗୋଟିଏ ସମର ସିବୁଲ ପାଣି ପମ୍ପ ଗତ ୨୮ ତାରିଖ ରାତିରେ କାରଖାନାରୁ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଯଖପୁରା ପୋଲିସ ଏକ ମାମଲା(ନଂ.୯୬/୨୫) ରୁଜୁ କରି ତଦନ୍ତ କରି ଜଗାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେମାନେ ଚୋରି ସାମଗ୍ରୀ ଫିଙ୍ଗି ଦେଇ ଫେରାର ଥିବା ପୋଲିସ କହିଛି। ଅନ୍ୟ ୨ ଜଣ ଫେରାର ଅଛନ୍ତି। ସେମାନଙ୍କୁ ପୋଲିସ ଶୀଘ୍ର ଧରିବାକୁ ଉଦ୍ୟମ ଚଳାଇଛି ବୋଲି ଏଏସ୍‌ଆଇ ବସନ୍ତ କୁମାର ସାହୁ କହିଛନ୍ତି।

# ଗ୍ୟାସ୍ ସିଲିଣ୍ଡର ଲିକ୍‌କୁ ନେଇ ଆତଙ୍କ

## ଅଙ୍ଗନୱାଡ଼ିରେ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତ୍ତିଲେ ଶିଶୁ

**ଚଣ୍ଡିଖୋଲ,୩୦।୬(ପ୍ରଦୀପ୍ତ କୁମାର ପୃଷ୍ଟି):**

ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ରୋଷେଇ ସମୟରେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ନିକଟସ୍ଥ ବିଦ୍ୟାଳୟର ଶିକ୍ଷକମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ ଅଘଟଣରୁ ପିଲାମାନେ ବର୍ତ୍ତି ଯାଇଛନ୍ତି। ଏହି ଘଟଣା ପରେ ସେଠାରେ ଆତଙ୍କ ସୃଷ୍ଟି ହୋଇଥିଲା। ଖବର ପାଇବା ପରେ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ନେବାକୁ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ଥିଲେ। ଏଭଳି ଘଟଣା ସୋମବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ପଞ୍ଚାୟତ ପାଥପୁର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଘଟିଛି। ତେବେ ଏହି ଘଟଣାରେ କୌଣସି କ୍ଷୟକ୍ଷତି ହୋଇନାହିଁ।

ସୂଚନା ଅନୁଯାୟୀ, ପାଥପୁର ଗ୍ରାମର ୬,୭ ଓ ୮ନଂ. ୱାର୍ଡ ପାଇଁ ୨ ଜଣ ଅଙ୍ଗନୱାଡି କର୍ମୀ ଓ ସହାୟିକା ନିଯୁକ୍ତି ପାଇଛନ୍ତି। ଗୋଟିଏ ଘରେ ସୋମବାର ସହାୟିକା ରୋଷେଇ ଆରମ୍ଭ କରିଥିବାବେଳେ ଗ୍ୟାସ ସିଲିଣ୍ଡର୍ ପାଖରୁ ଲିକ ହୋଇ ପାଇପ୍ ଜଳି ଉଠିଥିଲା। ବାଲିଚନ୍ଦ୍ରପୁରସ୍ଥିତ ସିଡିପିଓ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ସଭା ଥିବାରୁ କର୍ମୀ ୨ ଜଣ ଅନୁପସ୍ଥିତ ଥିଲେ। ନିଆଁ ଜଳିବାରୁ ରୋଷେଇ କରୁଥିବା ସହାୟିକା ପାଟି କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ପାଖ ବିଦ୍ୟାଳୟର ଶିକ୍ଷକ ପହଞ୍ଚି ପିଲାମାନଙ୍କୁ ବାହାରକୁ ନେଇ ଆସିଥିଲେ। ବିଦ୍ୟାଳୟରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ କରାଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ଥିଲେ। ହେଲେ କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା

**ଯାଜପୁର ଟାଉନ,୩୦।୬ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସୁକାନ୍ତ ସାହୁ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିବେ। ଏହି ଉପଲକ୍ଷେ ସୋମବାର ଅପରାହ୍ନରେ ସହକାରୀ ଜିଲାପାଳ ନିବେଦିତା ପ୍ରଧାନ, ସହକାରୀ ଜିଲାପାଳ ବାସୁଦେବ ନାୟକ, ବିଭାଗୀୟ ଅଧିକାରୀ ସୁଧାକର ପ୍ରଧାନ, ଲକ୍ଷ୍ମୀଧର ସଏ, ବରିଷ୍ଠ ରାଜସ୍ୱ ସହାୟକ ଅଶୋକ ମିଶ୍ର, ଅତିଶ ପରିଡ଼ା, ମାନସୀ ସାହୁ, ମିନତୀ ସ୍ୱାଇଁ ଓ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ତାଙ୍କର ସୁଖ, ସମୃଦ୍ଧି, ସୁସ୍ଥ ଓ ନିରାମୟ ଜୀବନଯାପନ କାମନା କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ-୨୫-୨୬-୦୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରାଯିବ। **କାର୍ଯ୍ୟର ନାମ:** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ, ପଦାପାହାଡ଼, ପଦାପାହାଡ଼-ଜରୋଲି, ପଦାପାହାଡ଼-ବଲାଣିଖାଦାନ ସେକ୍ସନରେ ୨୫.୬୩୭ କିମି ପାଇଁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍/ଆର୍୨୬୦ ରେଲ୍ (ଏଲଡବ୍ଲ୍ୟୁଆର୍) ସହ ପିଏସ୍‌ସି-୧୪ ସ୍ଲିପର୍ ଉପରେ ବିଦ୍ୟମାନ ବିଛାଯାଇଥିବା ୬୦ କିଗ୍ରା ୯୦ ୟୁଟିଏସ୍ ରେଲଧାରଣାର ଟିଏଫଆର୍ ସମେତ ଥ୍ରୁ ରେଲ୍ ନବୀକରଣ (ପ୍ରାଥମିକ)ର ଅବଶିଷ୍ଟ କାର୍ଯ୍ୟ (୪ର୍ଥ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୨,୨୧,୩୯,୬୩୭.୧୫। **ଇଏମ୍‌ଡି:** ୨,୬୦,୭୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ୨୧।୦୭।୨୦୨୫। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେମାନେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-332)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 16-KUR-TRD-OT-2025-26

**କାର୍ଯ୍ୟର ନାମ :** ଭୁବନେଶ୍ୱର ଷ୍ଟେସନର କୋଚିଂ କମ୍ପ୍ଲେକ୍ସରେ ଟ୍ରାମୱେ ପ୍ରକାର OHE ସହିତ IPL-1, IPL-2 ଏବଂ IPL-3 ର ବିଦ୍ୟୁତୀକରଣ।

**ବିଜ୍ଞାପିତ ମୂଲ୍ୟ (₹):** 1,01,38,548.47, EMD (₹) : 2,00,700.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.15.07.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-296/Q/25-26

**भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान**
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No.14/2025-26 Date of Insertion- 30.06.2025

**वॉक-इंन-इंटरव्यू**

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान सीफा, कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशनल–II** पद भर्ती के लिए दिनांक **11.07.2025** को **पू. 10.00** बजे वॉक–इंन–इंटरव्यू आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **11.07.2025 at ICAR-CIFA, Bhubaneswar** at 10.00 A.M for **01 (One) nos. of Young Professional-II (YP-II),** (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**.

**मुख्य जाँचकर्ता/Principal Investigator**

# ୨୩ ଅଭିଯୋଗର ତତ୍କାଳ ସମାଧାନ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

## ଦଶରଥପୁର ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ଦଶରଥପୁର,୩୦।୬(ସୁଶାନ୍ତ କୁମାର ବେହୁରିଆ):**

ସୋମବାର ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲାପାଳ ପି. ଅନଷୋ ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ସୋମବାର ମୋଟ ୭୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୫୦ , ଗୋଷ୍ଠୀଗତ ଓ ଗ୍ରାମ୍ୟ ସମସ୍ୟା ୫, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୨ ଅଭିଯୋଗର ଶୁଣାଣି କରାଯାଇଥିଲା। ୨୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଭାରପ୍ରାପ୍ତ ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ଦଶରଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**EKLAVYA MODEL RESIDENTIAL SCHOOL**
**KUCHINDA, DIST.-SAMBALPUR-768222 (ODISHA)**
Email : emrskuchinda2018@gmail.com
Website : https://emrskuchinda.com

**TENDER NOTICE**

**Notice No. : 328** **Date : 30.06.2025**

Sealed tenders are invited from reputed and experienced manpower service providers/ firms/ agencies for outsourcing of manpower skilled/ unskilled (e.g., Housekeeping staff 03-one preferably Lady, Driver cum Watchman-01, Plumber cum Electrician-01, Cook cum Attendant -02, Head Cook -01 etc.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU organization

The tender document containing terms and conditions can be obtained from the office of the undersigned by downloaded from the website : https://emrskuchinda.com from 30.06.2025 to 18.07.2025.

- Last date and time for submission : **18.07.2025, up to 5.00 P.M.**
- Tender opening date : **19.07.2025 at 10.00 A.M.**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

**Sd./- Principal**
**EMRS, Kuchinda**

**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**
**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **"ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ"** ଏବଂ **"ଯେମିତି ଅଛି ଯାହା ଅଛି ସ୍ଥିତିରେ"** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୧୨.୦୮.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୧.୦୮.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ପ୍ରଭାସ ସାହୁ,** ପିତା: ଶ୍ରୀ ରାଜକିଶୋର ସାହୁ, **ସହ-ଋଣଗ୍ରହୀତା: ଶ୍ରୀମତୀ କୁନିବାଳା ସାହୁ,** ସ୍ୱାମୀ: ଶ୍ରୀ ପ୍ରଭାସ ସାହୁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଧୀରେନ ବେହେରା,** ପିତା: ଶ୍ରୀ ଏକାଦଶୀ ବେହେରା; ଡିମାଣ୍ଡ ନୋଟିସ ତାରିଖ: **୨୨.୦୮.୨୦୨୪;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୨୮**) ହେଉଛି **ତା୧୯.୦୮.୨୦୨୪ରିଖ ସୁଦ୍ଧା ₹୧୦,୦୫,୫୮୯/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୭.୧୨.୨୦୨୪;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୧୧,୧୩,୬୪୫/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା-ଖୋର୍ଦ୍ଧା, ତହସିଲ-ବାଣପୁର, ମୌଜା-ସୋରଣ, ରେକର୍ଡ ଅଫ୍ ରାଇଟ୍ ନଂ.-୯୫୦, ପ୍ଲଟ୍ ନଂ.-୧୮୨୪, ରକବା ଏକର ୦.୦୨୦ ⁰/₀, ଜମିର କିସମ ହୋମଷ୍ଟିଡ୍।** ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ବନ ଜେନା, ପଶ୍ଚିମ: ବୀଣାପାଣି ସାହୁ।

| ସଂରକ୍ଷିତ ମୂଲ୍ୟ | ₹୨୨,୦୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୨୦,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ,** ପିତା: ଶ୍ରୀ ଦୀନବନ୍ଧୁ ନାୟକ, **ସହ-ଋଣଗ୍ରହୀତା: ଶ୍ରୀମତୀ ରେଖା ନାୟକ,** ସ୍ୱାମୀ: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଜ୍ଞାନେନ୍ଦ୍ର ପ୍ରସାଦ ସାହୁ,** ପିତା: ଶ୍ରୀ କୈଳାଶ ଚନ୍ଦ୍ର ସାହୁ; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୫୮**) ହେଉଛି **ତା୧୮.୧୧.୨୦୨୨ରିଖ ସୁଦ୍ଧା ₹୫,୩୦,୦୦୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୬.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୩,୩୧,୪୫୪/-।**
**ସମ୍ପତ୍ତିର ବର୍ଣ୍ଣନା: କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ ତହସିଲ, ମଙ୍ଗଳପୁର ମୌଜାରେ** ସମ୍ବଳିତ ନିମ୍ନଲିଖିତ ଜମି ଓ ଭବନର ଭାଗ ଓ ଅଂଶବିଶେଷ, **ରେକର୍ଡ ଅଫ୍ ରାଇଟ୍ ନଂ. ୨୯୪, ପ୍ଲଟ୍ ନଂ. ୮୪, ରକବା ଏକର ୦.୦୪୩.୬୮ ଡିସିମିଲ, ମୋଟ କ୍ରୟ ରକବା ୦.୦୭୦ ଡିସିମିଲ ମଧ୍ୟରୁ ଏ.୦.୦୪୩.୬୩ ଡିସିମିଲ। ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ (ଘରବାରି),** ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ବିଚିତ୍ରାନନ୍ଦ ନାୟକ, ଦକ୍ଷିଣ: ରାସ୍ତା ଓ ସନ୍ତୋଷ ନାୟକ, ପୂର୍ବ: ରାସ୍ତା, ପଶ୍ଚିମ: ହରି ନାୟକ ଓ ଅନ୍ୟମାନେ।

| ସଂରକ୍ଷିତ ମୂଲ୍ୟ | ₹୨୮,୭୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୮୭,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ଟୁଙ୍ଗା,** ପିତା: ଶ୍ରୀ ଅନନ୍ତ ଟୁଙ୍ଗା, **ସହ-ଋଣଗ୍ରହୀତା: ଶ୍ରୀମତୀ ବିଜୟିନୀ ଟୁଙ୍ଗା,** ସ୍ୱାମୀ: ଶ୍ରୀ ଅଜୟ କୁମାର ଟୁଙ୍ଗା, **ଗ୍ୟାରେଣ୍ଟିଦାତା: ୧. ଶ୍ରୀ ସୂର୍ଯ୍ୟମଣି ସାମନ୍ତ,** ପିତା: ଶ୍ରୀ ଦୁର୍ଗା ଚରଣ ରାଉତ ସାମନ୍ତ ଏବଂ **୨. ଶ୍ରୀ ସୁଶାନ୍ତ କୁମାର ଜେନା,** ପିତା: ଶ୍ରୀ ପ୍ରଭାକର ଜେନା; ଡିମାଣ୍ଡ ନୋଟିସ ତାରିଖ: **୧୨.୧୧.୨୦୨୧;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୪୬୩ ଏବଂ ୧୬୮୧୮୬୦୦୦୦୬୩୬**) ହେଉଛି ଯଥାକ୍ରମେ **ତା୧୨.୧୧.୨୦୨୧ରିଖ ସୁଦ୍ଧା ଯଥାକ୍ରମେ ₹୧୧,୯୬,୨୫୧/- ଏବଂ ₹୧୧,୦୧,୦୪୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୮.୧୨.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ଯଥାକ୍ରମେ ୨୦,୩୨,୪୪୯ ଏବଂ ₹୧୮,୬୧,୦୦୯/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ନିଜିଗଡ଼ରେ** ଅବସ୍ଥିତ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ.୬୦୪/୧୭୪୦, ପ୍ଲଟ ନଂ.୧୭୩୩/୪୩୧୭, ରକବା ଏ.୦.୦୪୦ ଡିସିମିଲ। ମୋଟ କ୍ରୟ ରକବା ଏ.୦.୦୪୦ ଡିସିମିଲ, ଜମିର କିସମ: ହୋମଷ୍ଟିଡ୍, ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୭୩୩/୨୫୩୯ (ଅଂଶ), ପୂର୍ବ: ପ୍ଲଟ୍ ନଂ. ୧୭୩୩/୨୫୩୯ (ଅଂଶ), ପଶ୍ଚିମ: ବୀରବର ପଣ୍ଡା।

| ସଂରକ୍ଷିତ ମୂଲ୍ୟ | ₹୪୫,୨୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୫୨,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ।
**ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮।**

**ତାରିଖ: ୨୫.୦୬.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

# ୧୬ ଚିହ୍ନଟଙ୍କୁ ୪ ଆଶ୍ରୟସ୍ଥଳରେ ଥଇଥାନ

## ବାଂଲାଦେଶୀ, ମ୍ୟାନ୍ମାର, ରୋହିଙ୍ଗ୍ୟା ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପାରାଦୀପ, ୩୦।୬(ଶରତ ରାଉତ)

ଭାରତ ସରକାରଙ୍କ ଗୃହ ବିଭାଗର ନିର୍ଦ୍ଦେଶ ଅନୁସାରେ ସୋମବାର ଜଗତ୍‌ସିଂହପୁର ଜିଲାରେ ବାଂଲାଦେଶୀ ଓ ମ୍ୟାନ୍ମାର ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ପାରାଦୀପରୁ ୯ ଓ ଏରସମାରୁ ୭ ଜଣଙ୍କୁ ଠାବ କରାଯାଇଛି। ସେମାନଙ୍କୁ ସରକାରଙ୍କ ଆଶ୍ରୟସ୍ଥଳରେ ଥଇଥାନ କରାଯାଇଛି ବୋଲି ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି। ପାରାଦୀପରୁ ଚିହ୍ନଟ ହୋଇଥିବା ସ୍ଥାନ ହେଲା ୩ ନଂ. ୱାର୍ଡ ଲକପଡା ବସ୍ତି। ସେମାନଙ୍କୁ ଅଠରବାଙ୍କୀ ଆହାରକେନ୍ଦ୍ର ପାଖ ଆଶ୍ରୟସ୍ଥଳରେ ରଖାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବେହେରା କୁହନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜଗତ୍‌ସିଂହପୁର ଜିଲାପାଳ ଓ ଏସ୍‌ପି ସମସ୍ତ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ବାଂଲାଦେଶୀ ଓ ମ୍ୟାନ୍ମାର ରୋହିଙ୍ଗ୍ୟାଙ୍କ ସମ୍ପର୍କରେ ଯାଞ୍ଚ କରିବେ। ଏହି ପ୍ରକ୍ରିୟା ସୋମବାରରୁ ଆରମ୍ଭ ହୋଇ ଆଗକୁ ମଧ୍ୟ ଜାରି ରହିବ। ଯେଉଁମାନେ ଭାରତୀୟ ପ୍ରମାଣପତ୍ର ଦେଖାଉଛନ୍ତି, ସେମାନଙ୍କ ଉପରେ ମଧ୍ୟ ଅଧିକ ଯାଞ୍ଚ ହେବ। ପ୍ରାଥମିକ ଯାଞ୍ଚବେଳେ ଚିହ୍ନଟ ହୋଇଥିବା ସମସ୍ତ ଲୋକେ ବାଂଲାଭାଷୀ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଚିହ୍ନଟ ପ୍ରକ୍ରିୟାବେଳେ ଆଶ୍ରୟସ୍ଥଳରେ ରହୁଥିବା ପାରାଦୀପର ୯ ଜଣ ଲୋକଙ୍କ ସମ୍ପର୍କୀୟମାନେ ସନ୍ଧ୍ୟାରେ ସେଠାରେ ଭିଡ଼ ଲଗାଇଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ୨୦୧୫ରେ ରାଜ୍ୟ ସରକାରଙ୍କ ଚିହ୍ନଟ ପ୍ରକ୍ରିୟାରେ ଜଗତ୍‌ସିଂହପୁର ଜିଲାରେ ସମୁଦାୟ ୪୯୭ ବାଂଲାଦେଶୀ ଥିଲେ ବୋଲି ବିଧାନସଭାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ଏଥିରେ ପାରାଦୀପ ପୌରାଞ୍ଚଳରେ ୨୯୦ ଜଣ ଥିଲେ। ଏବେ ସେହି ଲୋକଙ୍କ ପାଖରେ ସମସ୍ତ ପ୍ରକାର ସରକାରୀ ପରିଚୟ ପତ୍ର ଥିବା ଜଣାପଡିଛି। ଆଗକୁ ଏହି ଚିହ୍ନଟ ପ୍ରକ୍ରିୟା କିପରି ରାଜନୈତିକ ମୋଡ ନେବ ତାହା ଦେଖିବାକୁ ରହିଲା।


ପୋଲିସ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରୁଛି ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି: ୭୯ ଅଭିଯୋଗ

କୁଜଙ୍ଗ,୩୦।୬(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ କୁଜଙ୍ଗରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନା କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ଅଭିଯୋଗ ଶିବିରରେ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୭୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲାବେଳେ, ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୬୮ ଓ ଗୋଷ୍ଠୀଗତ ସମସ୍ୟା ବା ଗ୍ରାମ୍ୟ ସମସ୍ୟା ୧୧ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମସ୍ୟା ୩ , ଆବାସ ୮, ଜମିଜମା ୨୬, ଭତ୍ତା ପାଇଁ ୮, ପୋଲିସ ସହାୟତା ପାଇଁ ୪ ଏବଂ ଅନ୍ୟାନ୍ୟ ୧୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲା ଏସ୍‌ପିଭବାନୀ ଶଙ୍କର ଉଦ୍‌ଗାତା, ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, କୁଜଙ୍ଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ଭାରପ୍ରାପ୍ତ ତହସିଲଦାର ଅଭିଷେକ ପଣ୍ଡାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ ଦିନରେ ମନ୍ଦିର ମରାମତି ଶେଷ କରିବାକୁ ନିର୍ଦ୍ଦେଶ

## ଗୋରେଖନାଥ ପୀଠରେ ଶ୍ରାବଣ ଜଳାଭିଷେକ ପାଇଁ ପ୍ରସ୍ତୁତି

ରଘୁନାଥପୁର, ୩୦।୬(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ଜୁଲାଇ ୧୪ରୁ ଶ୍ରାବଣ ଜଳାଭିଷେକ ଆରମ୍ଭ ହେବ। ଏହି କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଅଧ୍ୟକ୍ଷତା କରିଥିଲେ। ୨ବର୍ଷ ତଳୁ ମନ୍ଦିର ଓ ମୁଖଶାଳାର ଜଏଣ୍ଟ ମୁହଁରୁ ବର୍ଷାପାଣି ଭିତରେ ପଡି ଭକ୍ତଙ୍କ ଭାବନାରେ ଆଘାତ ପହଞ୍ଚୁଥିଲା। ଏଥିସହ ପୂଜକଙ୍କ ସେବାକାର୍ଯ୍ୟରେ ସମସ୍ୟା ବିଷୟରେ ସେବାୟତ ଆଲୋକ ପଣ୍ଡା ଉପଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଉପଜିଲାପାଳ ତରାଇ ଏଥିରେ ଉଦ୍‌ବେଗ ପ୍ରକାଶ କରିବା ସହ ଆସନ୍ତା ୧୫ ଦିନରେ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରେଳଷ୍ଟେଶନରୁ ପୀଠକୁ ସଂଯୋଗ କରୁଥିବା ରାସ୍ତା ଯାତାୟାତ ଅନୁପଯୋଗୀ ହୋଇପଡିଛି। ଉକ୍ତ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ଭକ୍ତଙ୍କ ଯାତାୟାତକୁ ସୁଗମ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୋଲବମବେଳେ ମାନସିକ ରୋଷେଇ ବନ୍ଦ ରହିବା, ଶୃଙ୍ଖଳିତ ଜଳାଭିଷେକ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା, ସୂଚନାକେନ୍ଦ୍ର, ଅସ୍ଥାୟୀ ଶୌଚାଳୟ, ରଘୁନାଥପୁର ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ ଓ ଟ୍ୟାଙ୍କର ବ୍ୟବସ୍ଥା, ଆରଡି ବିଭାଗ ପକ୍ଷରୁ ଚତୁର୍ପାର୍ଶ୍ୱରୁ ପୀଠକୁ ଆସିବାକୁ ଥିବା ରାସ୍ତାଘାଟ ସଫେଇ, ବିଦ୍ୟୁତ୍ ବିଭାଗ ପକ୍ଷରୁ ରାସ୍ତାଘାଟ, ବେଢ଼ା ଭିତର ଓ ଚତୁର୍ପାର୍ଶ୍ୱ ଆଲୋକୀକରଣ କରାଯିବା ଓ ଭକ୍ତଙ୍କ ପାଇଁ ବିଶ୍ରାମକକ୍ଷ ଏବଂ ଫାଷ୍ଟଏଡ୍ ବ୍ୟବସ୍ଥା କରିବା ପାଇଁ ଆଲୋଚନା ହୋଇଥିଲା। ପୌରପାଳିକା ପକ୍ଷରୁ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ଡଷ୍ଟବିନ ଦାୟିତ୍ୱ, ବେଢ଼ା ପରିସର ପରିଷ୍କାର ପାଇଁ କର୍ମଚାରୀ ନିୟୋଜନ ଏବଂ ତିର୍ତ୍ତୋଲ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତଙ୍କ ପାଇଁ ଜରୁରିକାଳୀନ ସେବା ଓ ଦୈବୀ ଦୁର୍ଘଟଣା ନିୟନ୍ତ୍ରଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ସେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଉପସ୍ଥିତ ରହି ନିରନ୍ତର ସେବା ଯୋଗାଇଦେବାକୁ ଉପଜିଲାପାଳ ତରାଇ ପରାମର୍ଶ ଦେଇଥିଲେ। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ରାତ୍ର ୧୦ ଟା ୩୦ରେ ପ୍ରଭୁଙ୍କ ପହୁଡ ପଡି ମଧ୍ୟରାତ୍ର ୧ଟାରେ ଖୋଲାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ବୈଠକରେ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ଜଇପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଶ୍ୱକେଶନ ଖୁଣ୍ଟିଆ, ଆଇଆଇସି ପ୍ରଦୀପ୍ତ କୁମାର ସେଠୀ, ଅଗ୍ନିଶମ ଅଧିକାରୀ ସୁବାସ ଚନ୍ଦ୍ର ଭୋଳ, ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ ଓ ପୌରପାଳିକା ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ପୂଜକ ଦିଲୀପ କୁମାର ପଣ୍ଡା, ସୁଦର୍ଶନ ଦାଶ, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଆନ୍ଦୋଳନ ପାଇଁ ଚେତାବନୀ ଦେଲା ଟ୍ରକ୍ ମାଲିକ ସଂଘ


ଖବରଦାତା ସମ୍ମିଳନୀରେ ଟ୍ରକ୍ ମାଲିକସଂଘ ନେତୃମଣ୍ଡଳୀ ଓ କର୍ମକର୍ତ୍ତା।

## କର୍ମକର୍ତ୍ତା ଚୟନରେ ବିବାଦରୁ ସଭା ରଦ୍ଦ ଘଟଣା

ପାରାଦୀପ,୩୦।୬(ଶରତ ରାଉତ): ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକସଂଘ ବିବାଦ କ୍ରମଶଃ ରାଜନୈତିକ ମୋଡ଼ ନେଇଛି। ସୋମବାର ଟ୍ରକ୍ ମାଲିକସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଅନ୍ୟ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ସଭ୍ୟମାନେ ଖବରଦାତା ସମ୍ମିଳନୀ ଜରିଆରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଭାପତି ପଟ୍ଟନାୟକ କହିଛନ୍ତି, ଉକ୍ତ ସଂଘ ଅନେକ ସଂଘର୍ଷ ପରେ ସ୍ୱାଭାବିକ ଓ ଶୃଙ୍ଖଳିତ ଭାବେ ଚାଲିଛି। ସଂଘର ନିୟମାନୁସାରେ ପ୍ରତି ୫ ବର୍ଷରେ ଥରେ କର୍ମକର୍ତ୍ତା ନିର୍ବାଚନ କିମ୍ବା ଚୟନ କରାଯାଇଥାଏ। ଏହା ସାଧାରଣ ସଭାରେ ଗୃହୀତ ହୋଇଥାଏ। ରବିବାର ପୂର୍ବ ସୂଚୀ ଅନୁସାରେ ସାଧାରଣ ସଭା କରିବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ସଂଘ ପକ୍ଷରୁ ଗତ ୧୬ ତାରିଖରେ ସ୍ଥାନୀୟ ଲକ୍ ଥାନା ପୋଲିସକୁ ସୂଚନା ଦିଆଯାଇଥିଲା। ରବିବାର ସଭାକାର୍ଯ୍ୟ ଆରମ୍ଭ ହେବାର ଅଧ ଘଣ୍ଟା ପୂର୍ବରୁ ଲକ୍ ଥାନା ଅଧିକାରୀ ଚିଠି ଯୋଗେ ସଭା ସ୍ଥଗିତ ରଖିବା ପାଇଁ କହିଥିଲେ। ଏଥିସହ ପୋଲିସ ଫୋର୍ସ ପଠାଇ ଚାପ ପକାଇ ସଭା ରଦ୍ଦ କରିଦିଆଯାଇଥିଲା। ସେତେବେଳେ ସଂଘର ୭୦୦ ଲୋକଙ୍କ ପାଇଁ ରୋଷେଇ ହେଉଥିଲା। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସଭା ରଦ୍ଦ କରିବା ପାଇଁ ସ୍ଥାନୀୟ ବିଧାୟକ ତଥା ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସଂଘ ସଭାପତି ପଟ୍ଟନାୟକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସଂଘରେ କୌଣସି ବିବାଦ ନାହିଁ। ହାତଗଣତି ୪/୫ଜଣ ସଭ୍ୟଙ୍କୁ ନେଇ ସ୍ୱାଇଁ ଏପରି କରୁଛନ୍ତି। ୭୦୦ ପରିବାର ପ୍ରତିପୋଷଣ ହେଉଛନ୍ତି। ମନ୍ତ୍ରୀ ସ୍ୱାଇଁ ଏପରି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ, ଅନ୍ୟଥା ଏଥିପାଇଁ ସଂଘର ସମସ୍ତ ସଭ୍ୟ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳପାରିନାହିଁ।

# 'ଶିକ୍ଷକଙ୍କ କାର୍ଯ୍ୟକାଳ ଅବଧି ୬୨ ବର୍ଷ ହେଉ'

ରଘୁନାଥପୁର, ୩୦।୬ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଜୁନିୟର କଲେଜର ତର୍କଶାସ୍ତ୍ର ବିଭାଗର ବରିଷ୍ଠ ଅଧ୍ୟାପକ ସୁମନ୍ତ ଚନ୍ଦ୍ର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପିକା ଅଧ୍ୟାପକଙ୍କ କାର୍ଯ୍ୟକାଳ ଅବଧି ୬୦ ପରିବର୍ତ୍ତେ ୬୨ ବର୍ଷ କରିବା ପାଇଁ ମତ ପ୍ରକାଶ ପାଇଛି। ସଭାରେ ପୌରୋହିତ୍ୟ କରୁଥିବା କଲେଜର ଅଧ୍ୟକ୍ଷ ପ୍ରଫେସର ରମେଶ ଚନ୍ଦ୍ର ସାହୁ ଏ ସମ୍ପର୍କରେ କହିଥିଲେ। ଉପସ୍ଥିତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସାମୂହିକ ଭାବେ ଏହାକୁ ସମର୍ଥନ କରିଛନ୍ତି। ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ କାର୍ଯ୍ୟକାଳ ଅବଧି ୬୨ ବର୍ଷ ଥିବାବେଳେ ଶିକ୍ଷକମାନଙ୍କ ପ୍ରତି ଏଭଳି ଅବିଚାର କରାଯିବା ନ୍ୟାୟସଙ୍ଗତ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଫେସର ସାହୁ ଅବସରପ୍ରାପ୍ତ ଅଧ୍ୟାପକ ଦାସଙ୍କ ଆଦର୍ଶ ଓ ସମୟାନୁବର୍ତ୍ତିତାକୁ ତାରିଫ କରିବା ସହ ୬୦ ପରେ ଏକ ନୂଆ ଜୀବନର ଅୟମାରମ୍ଭ ହେବ ବୋଲି ପ୍ରକାଶ କରିଥିଲେ। ସେହିପରି ପ୍ରାକ୍ତନ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ଅବସର ପରର ଜୀବନ ମୁକ୍ତ ଆକାଶର ବିହଙ୍ଗ ସଦୃଶ ବୋଲି କହିଥିଲେ। ଯୁକ୍ତ ୩ ଡିଗ୍ରୀ କଲେଜର ଅଧ୍ୟକ୍ଷ ଦୟାନିଧି ରାଉତରାୟ ଓ ପୂର୍ବତନ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି, ଅଧ୍ୟାପକ ଅଭୟ ମହାରଣା, କୁମୁଦିନୀ ଦ୍ୱିବେଦୀ,ପୁଷ୍ପଲତା ଦାଶ, ପୂର୍ବତନ କିରାଣି ଶରତ ଚନ୍ଦ୍ର ମହାନ୍ତି ଓ ଲତିଫ ମହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦାସଙ୍କ ଛାତ୍ରବତ୍ସଳତା ଓ ଶୈକ୍ଷିକ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କ ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟାପକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ କମଳଲୋଚନ ଆଚାର୍ଯ୍ୟ ଅତିଥି ପରିଚୟ, ରବୀନ୍ଦ୍ର ଓଝା ସ୍ୱାଗତ ଭାଷଣ ଓ ସ୍ୱାରକ ମିଶ୍ର ସଭା ସରଞ୍ଜନା କରିଥିଲେ। ଯୁକ୍ତ ୩ ଡିଗ୍ରୀ କଲେଜ ଅଧ୍ୟାପକ ଭଗବାନ ଦାସ, ଅଜିତ ଭୁୟାଁ, ପ୍ରଶାନ୍ତ କୁମାର ବେହେରା, ତ୍ରିଲୋଚନ ମହାପାତ୍ରଙ୍କ ସହ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ। ମିଟୁ ରାଉତ ଧନ୍ୟବାଦ ଦେଇଥିଲେ।

# କାୟା ବିସ୍ତାର କରୁଛି ବେଆଇନ ନିଶା କାରବାର

ଜଗତ୍‌ସିଂହପୁର, ୩୦।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସଦର ମହକୁମା ସମେତ ସମଗ୍ର ଜିଲାରେ ମାଦକଦ୍ରବ୍ୟ କାରବାର ବଢ଼ିଚାଲିଛି। ଚୋରା ମଦ ଓ ବ୍ରାଉନସୁଗାର ର୍‍ୟାକେଟ୍ ଯେଉଁଭଳି ଭାବେ କାୟା ବିସ୍ତାର କରି ଚାଲିଛି ତାହା ସାଧାରଣ ଲୋକଙ୍କୁ ଅତିଷ୍ଠ କଲାଣି। ବିଶେଷ କରି ନକଲି ମଦ ଚିନ୍ତା ବଢ଼ାଇଲାଣି। ରାଜଧାନୀ ଭୁବନେଶ୍ୱରରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ନକଲି ମଦପିଇ ୨ ଜଣଙ୍କ ମୃତ୍ୟୁ ଘଟିବା ପରେ ଜଗତ୍‌ସିଂହପୁର ଜିଲାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲା ଅବକାରୀ ଓ ଜିଲା ପୋଲିସ ବିଭାଗ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନ ନେଲେ କୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜିଲା ମୁଖ୍ୟାଳୟ ସମେତ ଜିଲାର ପ୍ରାୟ ଅଞ୍ଚଳରେ ଚୋରା ମଦ କାରବାର ଲଗାମଛଡା ଭଳି ଅନୁଭୂତ ହେଉଛି। ଗାଁଗୁଡ଼ିକରେ ଅବାଧରେ ଏହା ବିକ୍ରି ହେଉଥିଲେ ସୁଦ୍ଧା ଚଢ଼ାଉ ହେଉନାହିଁ। ଚୋରା ମଦ କାରବାରକାରୀମାନେ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ପେଟି ପେଟି ବିଦେଶୀ ଓ ଦେଶୀ ମଦ କିଣି ଚଢା ଦରରେ ଗାଁଗୁଡ଼ିକରେ ବିକ୍ରି କରୁଛନ୍ତି। ଏହାକୁ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ମାଲିକ, ଅବକାରୀ ଓ ପୋଲିସ ବିଭାଗର ଅନେକ କର୍ମଚାରୀମାନେ ପ୍ରଶ୍ରୟ ଦେଉଛନ୍ତି। କାରଣ ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକୁ ମଦ ବିକ୍ରି ପାଇଁ ଟାର୍ଗେଟ୍ ଦିଆଯାଇଥିବାରୁ ଏହା ପୂରଣ ଉଦ୍ଦେଶ୍ୟରେ ସେମାନେ ଏଭଳି ପନ୍ଥା ଆପଣାଉଛନ୍ତି। ଆଉ ଅବକାରୀ ବିଭାଗ ମଧ୍ୟ ଘଣ୍ଟ ଘୋଡ଼ାଇ ଚାଲିଛି। ଏହାବାଦ ପ୍ରଚୁର ପରିମାଣର ନକଲି ମଦ କାରବାର ଚାଲିଛି। ଯେହେତୁ ଗାଁଗୁଡ଼ିକରେ ମଦ ଚୋରା ଚାଲାଣକାରୀମାନେ ସେମାନଙ୍କ କାୟା ବିସ୍ତାର କରିଛନ୍ତି ତେଣୁ ନକଲିକୁ ଅସଲି ମଦ କହି ସହଜରେ ବିକି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଏହାକୁ ପାନ କରି ଅନେକ ଅସୁସ୍ଥ ହେବା ସହ ବିପଦଗାମୀ ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ପୋଲିସ ଓ ଅବକାରୀ ବିଭାଗ ସବୁ ଜାଣି ମାସିକିଆ ଚାନ୍ଦା ନେଇ ଅନେକ କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରୁଛନ୍ତି। ଜଗତ୍‌ସିଂହପୁର ସହର କଥା ଦେଖିଲେ ଜଣାଯାଏ ଠିପିବନ୍ଦ ଏକ ନିର୍ଦ୍ଦିଷ୍ଟ ମଦ ଦୋକାନ ସମ୍ମୁଖରେ ସନ୍ଧ୍ୟା ହେଲେ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟ ଫୁଡ ଦୋକାନ ଖୋଲି ଯାଇଛି। ମଦ ପାନ ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକାର ପରିବେଶ ସୃଷ୍ଟି ହେଉଛି। ଏବେ ବର୍ଷା ଦିନ ଆସିଯାଇଥିବାରୁ ପରିବେଶ ଅଧିକ ଖରାପ ହେବାର ଆଶଙ୍କା ରହିଛି। ରାତି ଓ ପ୍ରାତଃ ସମୟରେ ଉକ୍ତ ମଦ ଦୋକାନରୁ କାର, ଅଟୋ, ଚାରି ଚକିଆ ଯାନ, ବାଇକ୍ ଓ ସ୍କୁଟର ଆଦି ବହୁ ପରିମାଣର ମଦ ଜିଲା ଓ ବାହାରକୁ ଚାଲାଣ ହେଉଛି। ଛୋଟ ଚୋରା କାରବାରକାରୀମାନେ ବିଶେଷକରି ସ୍କୁଟର ଉପରେ ନିର୍ଭର କରୁଛନ୍ତି। କାରଣ ଏବେ ସ୍କୁଟରର ଚାହିଦା ନାହିଁ। ଏହାର ମୂଲ୍ୟ ମଧ୍ୟ ବହୁତ କମ୍। ଯଦି ଧରାପଡେ ତେବେ ଅବକାରୀ ବିଭାଗ କିମ୍ବା ପୋଲିସ ସ୍କୁଟର ଜବତ କଲେ ସେମାନଙ୍କର କୌଣସି କ୍ଷତି ହେବନାହିଁ। ତେଣୁ ଚୋରା କାରବାରକାରୀମାନେ ପୁରୁଣା ସ୍କୁଟରକୁ ବହୁଳ ବ୍ୟବହାର କରୁଛନ୍ତି।

କେବଳ ମଦ ନୁହେଁ, ବ୍ରାଉନସୁଗାର କାରବାର ମଧ୍ୟ ଚିନ୍ତାଜନକ ହେଲାଣି। ପକେଟ୍‌ରେ କିମ୍ବା ଅତି ଛୋଟ ଜାଗାରେ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଚାଲାଣ ହୋଇପାରୁ ଥିବାରୁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀମାନଙ୍କୁ ଚକମା ଦେଖାଇବାରେ ଅସାଧୁ ବ୍ୟକ୍ତିମାନେ ସମର୍ଥ ହେଉଛନ୍ତି। ଏହି କାରବାରରେ ମୂଳଧନର ୩/୪ ଗୁଣା ଲାଭ ହେଉଥିବାରୁ ଏଥିପ୍ରତି ଅନେକ ଅସାଧୁ ଲୋକଙ୍କ ଆକର୍ଷଣ ବଢୁଛି। ଏହି ନିଶା ସେବନରେ ଅଭ୍ୟସ୍ତ ହୋଇଗଲା ପରେ ଅନେକେ ଛାଡିପାରୁ ନ ଥିବାରୁ ଅର୍ଥାଭାବ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତା' ପରେ ବ୍ରାଉନସୁଗାର ର୍‍ୟାକେଟ୍‌ରେ ଛନ୍ଦି ହୋଇ ପଡୁଛନ୍ତି ଏବଂ ଏହି କାରବାର କରିବାକୁ ବାଧ୍ୟ ହେଉଛନ୍ତି। ଏଥିରେ ଅନେକ ଶିକ୍ଷିତ ଓ ଅବସ୍ଥାପନ୍ନ ପରିବାରର ପିଲା ସାମିଲ ହେଉଥିବାର ନଜିର ରହିଛି। ଏହାର ଚେର କେବଳ ଜଗତ୍‌ସିଂହପୁର ନୁହେଁ ବାଲେଶ୍ୱର, ଖୋର୍ଦ୍ଧା, କଟକ, ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ପର୍ଯ୍ୟନ୍ତ ଲମ୍ବିଛି। କାରବାର କଟକରୁ ନିୟନ୍ତ୍ରଣ ହେଉଛି। ଅନେକ ଯୁବକ ଏଥିରେ ସାମିଲ ଅଛନ୍ତି। ଏପରି କି ସେମାନଙ୍କ ପାଖରେ ମାରଣାସ୍ତ୍ର ଥିବା ମଧ୍ୟ କୁହାଯାଉଛି। ବ୍ରାଉନସୁଗାର ନେଇ ଏହି ଯୁବକମାନେ ଯୋଜନାବଦ୍ଧ ଭାବରେ ବାଇକ୍‌ରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଉଛନ୍ତି। ତା' ପରେ ସେଠାରୁ ଭାଗ ଭାଗ ହୋଇ ଅଲଗା ଅଞ୍ଚଳରେ ଏହା ପହଞ୍ଚାଉଛନ୍ତି। ଯିଏ ଯେଉଁଠି ପହଞ୍ଚୁଛନ୍ତି ସେଠାରେ ମଧ୍ୟ ତତ୍କାଳ କାରବାର ପାଇଁ ପ୍ରସ୍ତୁତ ହୋଇଯାଉଥିବା କୁହାଯାଉଛି। ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅନିତା ପ୍ରଧାନ କହିଛନ୍ତି, ଏବେ ସଦର ଅବକାରୀ ଥାନାରେ କର୍ମଚାରୀଙ୍କ ଅଭାବ ରହିଛି। ଏଥିସହ ସଚେତନତା ଅଭିଯାନ ଚାଲିଥିବାରୁ ଆଶାଜନକ ଚଢ଼ାଉ କରି ହେଉନାହିଁ। ଯେହେତୁ ଭୁବନେଶ୍ୱରରେ ନକଲି ମଦ ପାନ କରି ମୃତ୍ୟୁ ଭଳି ସଙ୍ଗୀନ ଅଭିଯୋଗ ଆସିଲାଣି ତେଣୁ ସେମାନେ ସତର୍କ ରହିବା ସହ ଚଢ଼ାଉ ଜୋରଦାର କରିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ-୨୫-୨୬-୦୪ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରାଯିବ। **କାର୍ଯ୍ୟର ନାମ:** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ, ପଦାପାହାଡ଼, ପଦାପାହାଡ଼-ଜରୋଲି, ପଦାପାହାଡ଼-ବଲାଣିଖାଦାନ ସେକ୍ସନରେ ୨୫.୬୩୭ କିମି ପାଇଁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍/ଆର୍୨୬୦ ରେଲ୍ (ଏଲଡବ୍ଲ୍ୟୁଆର) ସହ ପିଏସ୍‌ସି-୧୪ ସ୍ଲିପର୍ ଉପରେ ବିଦ୍ୟମାନ ବିଛାଯାଇଥିବା ୬୦ କିଗ୍ରା ୯୦ ୟୁଟିଏସ୍ ରେଲଧାରଣାର ଟିଏଫଆର୍ ସମେତ ଥ୍ରୁ ରେଲ୍ ନବୀକରଣ (ପ୍ରାଥମିକ)ର ଅବଶିଷ୍ଟ କାର୍ଯ୍ୟ (୪ର୍ଥ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୨,୨୧,୩୯,୬୩୭.୧୫। ଇଏମ୍‌ଡି: ୨,୬୦,୭୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ୨୨।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେମାନେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-332)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 16-KUR-TRD-OT-2025-26

**କାର୍ଯ୍ୟର ନାମ :** ଭୁବନେଶ୍ୱର ଷ୍ଟେସନର କୋଚିଂ କମ୍ପ୍ଲେକ୍ସରେ ଟ୍ରାମୱେ ପ୍ରକାର OHE ସହିତ IPL-1, IPL-2 ଏବଂ IPL-3 ର ବିଦ୍ୟୁତୀକରଣ ।

**ବିଜ୍ଞାପିତ ମୂଲ୍ୟ (₹): 1,01,38,548.47,** EMD (₹) : 2,00,700.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.07.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-296/Q/25-26

**EKLAVYA MODEL RESIDENTIAL SCHOOL**
**KUCHINDA, DIST.-SAMBALPUR-768222 (ODISHA)**
Email : emrskuchinda2018@gmail.com
Website : https://emrskuchinda.com

**TENDER NOTICE**

Notice No. : 328 Date : 30.06.2025

Sealed tenders are invited from reputed and experienced manpower service providers/ firms/ agencies for outsourcing of manpower skilled/ unskilled (e.g., Housekeeping staff 03-one preferably Lady, Driver cum Watchman-01, Plumber cum Electrician-01, Cook cum Attendant -02, Head Cook -01 etc.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU organization

The tender document containing terms and conditions can be obtained from the office of the undersigned by downloaded from the website : https://emrskuchinda.com from 30.06.2025 to 18.07.2025.

- Last date and time for submission : **18.07.2025, up to 5.00 P.M.**
- Tender opening date : **19.07.2025 at 10.00 A.M.**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

Sd./- Principal
EMRS, Kuchinda

**भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान**
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No.14/2025-26 Date of Insertion- 30.06.2025

**वॉक-इंन-इंटरव्यू**

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान सीफा, कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशनल–II** पद भर्ती के लिए दिनांक **11.07.2025** को **पू. 10.00** बजे वॉक–इंन–इंटरव्यू आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट **http://www.cifa.nic.in** पर जाएं ।

**WALK-IN INTERVIEW**

A Walk-in-Interview will be held on **11.07.2025 at ICAR-CIFA, Bhubaneswar** at 10.00 A.M for **01 (One) nos. of Young Professional-II (YP-II),** (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**.

मुख्य जाँचकर्ता/Principal Investigator

**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**
**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖାରୁ** ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୧୨.୦୮.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡରର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୧.୦୮.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ପ୍ରଭାସ ସାହୁ,** ପିତା: ଶ୍ରୀ ରାଜକିଶୋର ସାହୁ, **ସହ-ଋଣଗ୍ରହୀତା: ଶ୍ରୀମତୀ କୁନିବାଳା ସାହୁ,** ସ୍ୱାମୀ: ଶ୍ରୀ ପ୍ରଭାସ ସାହୁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଧୀରେନ ବେହେରା,** ପିତା: ଶ୍ରୀ ଏକାଦଶୀ ବହେରା; ଡିମାଣ୍ଡ ନୋଟିସ ତାରିଖ: **୨୨.୦୮.୨୦୨୪;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୨୮**) ହେଉଛି **ତା୧୯.୦୮.୨୦୨୪ରିଖ ସୁଦ୍ଧା ₹୧୦,୦୫,୫୯୯/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୭.୧୨.୨୦୨୪;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୧୧,୧୩,୬୪୫/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା-ଖୋର୍ଦ୍ଧା, ତହସିଲ-ବାଣପୁର, ମୌଜା-ସୋରଣ, ରେକର୍ଡ ଅଫ୍ ରାଇଟ୍ ନଂ.-୯୫୦, ପ୍ଲଟ୍ ନଂ.-୧୮୨୪, ରକବା ଏକର ୦.୦୨୦ ୧/୨, ଜମିର କିସମ ହୋମଷ୍ଟିଡ୍ ।** ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ବନ ଜେନା, ପଶ୍ଚିମ: ବୀଣାପାଣି ସାହୁ ।

| ସଂରକ୍ଷିତ ମୂଲ୍ୟ | ₹୨୨,୦୭,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୨୦,୭୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ,** ପିତା: ଶ୍ରୀ ଦୀନବନ୍ଧୁ ନାୟକ, **ସହ-ଋଣଗ୍ରହୀତା: ଶ୍ରୀମତୀ ରେଖା ନାୟକ,** ସ୍ୱାମୀ: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଜ୍ଞାନେନ୍ଦ୍ର ପ୍ରସାଦ ସାହୁ,** ପିତା: ଶ୍ରୀ କୈଳାଶ ଚନ୍ଦ୍ର ସାହୁ; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୫୮**) ହେଉଛି **ତା୧୮.୧୧.୨୦୨୨ରିଖ ସୁଦ୍ଧା ₹୫,୩୦,୦୦୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୭.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୩,୩୧,୪୫୪/-।**
**ସମ୍ପତ୍ତିର ବର୍ଣ୍ଣନା: କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ ତହସିଲ, ମଙ୍ଗଳପୁର ମୌଜାରେ** ସମ୍ବଳିତ ନିମ୍ନଲିଖିତ ଜମି ଓ ଭବନର ଭାଗ ଓ ଅଂଶବିଶେଷ, **ରେକର୍ଡ ଅଫ୍ ରାଇଟ୍ ନଂ. ୨୯୪, ପ୍ଲଟ୍ ନଂ. ୮୮୪, ରକବା ଏକର ୦.୦୪୩.୬୮ ଡିସିମିଲ, ମୋଟ କ୍ରୟ ରକବା ୦.୦୭୦ ଡିସିମିଲ ମଧ୍ୟରୁ ଏ.୦.୦୪୩.୬୩ ଡିସିମିଲ । ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ (ଘରବାରି),** ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ବିଚିତ୍ରାନନ୍ଦ ନାୟକ, ଦକ୍ଷିଣ: ରାସ୍ତା ଓ ସନ୍ତୋଷ ନାୟକ, ପୂର୍ବ: ରାସ୍ତା, ପଶ୍ଚିମ: ହରି ନାୟକ ଓ ଅନ୍ୟମାନେ ।

| ସଂରକ୍ଷିତ ମୂଲ୍ୟ | ₹୨୮,୭୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୮୭,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ଟୁଙ୍ଗା,** ପିତା: ଶ୍ରୀ ଅନନ୍ତ ଟୁଙ୍ଗା, **ସହ-ଋଣଗ୍ରହୀତା: ଶ୍ରୀମତୀ ବିଜୟିନୀ ଟୁଙ୍ଗା,** ସ୍ୱାମୀ: ଶ୍ରୀ ଅଜୟ କୁମାର ଟୁଙ୍ଗା, **ଗ୍ୟାରେଣ୍ଟିଦାତା: ୧. ଶ୍ରୀ ସୂର୍ଯ୍ୟମଣି ସାମନ୍ତ,** ପିତା: ଶ୍ରୀ ଦୁର୍ଗା ଚରଣ ରାଉତ ସାମନ୍ତ ଏବଂ **୨. ଶ୍ରୀ ସୁଶାନ୍ତ କୁମାର ଜେନା,** ପିତା: ଶ୍ରୀ ପ୍ରଭାକର ଜେନା; ଡିମାଣ୍ଡ ନୋଟିସ ତାରିଖ: **୧୨.୧୧.୨୦୨୧;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୪୬୩ ଏବଂ ୧୬୮୧୮୬୦୦୦୦୬୩୬**) ହେଉଛି ଯଥାକ୍ରମେ **ତା୧୨.୧୧.୨୦୨୧ରିଖ ସୁଦ୍ଧା ଯଥାକ୍ରମେ ₹୧୧,୯୭,୨୫୧/- ଏବଂ ₹୧୧,୦୧,୦୪୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୮.୧୨.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ଯଥାକ୍ରମେ ୨୦,୩୨,୪୪୯ ଏବଂ ₹୧୮,୬୧,୦୦୯/- ।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ନିଜିଗଡ଼ରେ** ଅବସ୍ଥିତ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ.୬୦୪/୧୭୪୦, ପ୍ଲଟ ନଂ.୧୭୩୩/୪୩୧୭, ରକବା ଏ.୦.୦୪୦ ଡିସିମିଲ । ମୋଟ କ୍ରୟ ରକବା ଏ.୦.୦୪୦ ଡିସିମିଲ, ଜମିର କିସମ: ହୋମଷ୍ଟିଡ୍, ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୭୩୩/୨୫୩୯ (ଅଂଶ), ପୂର୍ବ: ପ୍ଲଟ୍ ନଂ. ୧୭୩୩/୨୫୩୯ (ଅଂଶ), ପଶ୍ଚିମ: ବୀରବର ପଣ୍ଡା ।

| ସଂରକ୍ଷିତ ମୂଲ୍ୟ | ₹୪୫,୨୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୫୨,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୬୦୯ଙ୍କ ସହ ଯୋଗାଯୋଗ କରନ୍ତୁ ।
**ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି । ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮ ।**

**ତାରିଖ: ୨୫.୦୬.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

# ଆବଶ୍ୟକ ସୁବିଧା ନ ଥିବାରୁ ହନ୍ତସନ୍ତ ହେଉଛନ୍ତି ପର୍ଯ୍ୟଟକ

ଖଣ୍ଡପଡ଼ା,୩୦।୬(ଅଜୟ କୁମାର ମହାରଣା)




ଶୌଚାଳୟ ନିର୍ମାଣ ପରେ ବନ୍ଦ ହୋଇ ପଡ଼ିଛି। ଗାଡ଼ି ପାର୍କିଂ ସ୍ଥାନରେ ଆଲୋକ ଓ ଶୌଚାଳୟ ନ ଥିବାରୁ ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି।

## ନୀଳମାଧବ ପର୍ଯ୍ୟଟନସ୍ଥଳ

- ଆଲୋକୀକରଣ, ପାନୀୟ ଜଳ, ଶୌଚାଳୟ ନାହିଁ
- ଘରୋଇ ଶୌଚାଳୟରେ ଜଣପିଛା ୩୦ରୁ ୫୦ଟଙ୍କା ଦେଇ ପର୍ଯ୍ୟଟକ ଅସନ୍ତୁଷ୍ଟ

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ ନୟାଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ଏବେ ପର୍ଯ୍ୟଟକମାନଙ୍କ ସମାଗମରେ ଚଳଚଞ୍ଚଳ ହେଉଛି। ପ୍ରତ୍ୟେହ ଏହି ପୀଠକୁ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଆସୁଥିବା ବେଳେ ଏଥି ମଧ୍ୟରୁ ୭୦ ଭାଗ ପର୍ଯ୍ୟଟକ ପଶ୍ଚିମବଙ୍ଗ (କୋଲକତା)ରୁ ବିଭିନ୍ନ ଯାନବାହନରେ ଆସୁଥିବା ପରିଲକ୍ଷିତ ହେଉଛି। ମାତ୍ର ପର୍ଯ୍ୟଟକମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ବିଭିନ୍ନ ଯାନବାହନରେ ପର୍ଯ୍ୟଟକମାନେ ପ୍ରଥମେ ଏଠାରେ ପହଞ୍ଚିବା ପରେ ଗାଡ଼ି ପାର୍କିଂ ପରିସରରେ ନା ଅଛି ପାନୀୟ ଜଳର ସୁବିଧା, ସ୍ନାନ ଶୌଚାଦି ନିମନ୍ତେ ବ୍ୟବସ୍ଥା। ଗାଡ଼ି ପାର୍କିଂ ସ୍ଥଳରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ରାତ୍ରିରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍ନାନ ଶୌଚାଦି ଲାଗି କୌଣସି ଶୌଚାଳୟର ସୁବିଧା ନ ଥିବାରୁ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି।

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋର ଶ୍ରୀନୀଳମାଧବ ପୀଠରେ ପଞ୍ଚାୟତ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ନିର୍ମାଣ କରାଯାଇଥିବା ଏକ ଶୌଚଳୟ ନିର୍ମାଣ ପରଠାରୁ ତାଲା ଝୁଲୁଥିବାବେଳେ ମୁଖ୍ୟତଃ ପାଣି ସମସ୍ୟା ଯୋଗୁ ଏହା ପର୍ଯ୍ୟଟକମାନଙ୍କ କୌଣସି କାର୍ଯ୍ୟରେ ଆସୁନାହିଁ। ଏହି ଶୌଚାଳୟ ପାଇଁ ୨ଟି ବୋରୱେଲ ଖୋଳାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ବିଭିନ୍ନ ସମୟରେ ଏହାର ରକ୍ଷଣାବେକ୍ଷଣ, ଆଲୋକୀକରଣ, ଜଳ ଯୋଗାଣ ଅବା ରଙ୍ଗ କରିବା ଦିଗରେ ପଞ୍ଚାୟତ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ମାତ୍ର ଏହା କାହିଁକି କାର୍ଯ୍ୟକ୍ଷମ ହୋଇପାରୁନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ୨୦୨୨ ଠାରୁ ନୀଳମାଧବ ବିକାଶ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରୁଥିବା ଠିକା ସଂସ୍ଥା ଉକ୍ତ ଶୌଚାଳୟକୁ ପ୍ରଶାସନିକ ସହାୟତାରେ ଅକ୍ତିୟାର କରି ଏଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରି ସେଠାରେ ତାଙ୍କ ବ୍ୟବସାୟିକ ଫାଇଦା ହାସଲ କରୁଛନ୍ତି। ମୁଖ୍ୟତଃ ପାଣି ସମସ୍ୟା ଯୋଗୁ ଶୌଚାଳୟଟି କାର୍ଯ୍ୟ କରୁ ନ ଥିବା ଜଣାପଡିଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପ୍ରୟାସ କ୍ରମେ ଏବେ ଏହା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ରହିଛି। ମାତ୍ର ଶୌଚାଳୟରେ ମୁଖ୍ୟତଃ ଜଳର ଆବଶ୍ୟକତା ରହିଥିବାରୁ ଏଠାରେ ଥିବା ଜଳ ଯୋଗାଣ ବ୍ୟବସ୍ଥାରେ କିପରି ସୁଧାର ଆସିପାରିବ ସେ ଦିଗରେ ସରପଞ୍ଚ ଶ୍ରୀୟାରାଣୀ ବେହେରା ପ୍ରୟାସ ଜାରି ରଖିଛନ୍ତି। ଖୁବ୍ଶୀଘ୍ର ଉକ୍ତ ଶୌଚାଳୟକୁ ପାଣିର ସୁବିଧା କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ ବିକାଶ ପ୍ରକଳ୍ପରେ ସାମିଲ ହୋଇଥିବା ମାଘମେଳା ପଡ଼ିଆ(ରାତିପାର୍କ) ପରିସରରେ ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ତାହା ପର୍ଯ୍ୟଟକମାନଙ୍କ ବ୍ୟବହାରରେ ଆସିପାରୁନାହିଁ। ନୀଳମାଧବ ପୀଠକୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଯାତ୍ରୀ, ପର୍ଯ୍ୟଟକ ବିଶେଷ କରି ମହିଳା ଯାତ୍ରୀମାନେ ସ୍ନାନ ଶୌଚାଦି ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସୁଯୋଗ ନେଇ ଏଠାରେ ନିର୍ମିତ ଘରୋଇ ଶୌଚାଳୟରେ ସ୍ନାନ ଶୌଚାଦି ନିମନ୍ତେ ଜଣ ପିଛା ୩୦ରୁ ୫୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ପର୍ଯ୍ୟଟକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ମାଘମେଳା ପଡ଼ିଆ ପରିସରରେ ଓ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ନିର୍ମିତ ହୋଇଥିବା ଶୌଚାଳୟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷରେ ଏଠାରେ ଏକାଧିକ ସ୍ଥାନରେ ଶୌଚାଳୟ ନିର୍ମାଣ ଦିଗରେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପିଛାକରି ଲୁଟିଲେ ୩୦ ଗ୍ରାମ୍ ସୁନା ଚେନ

ନୂଆଗାଁ, ୩୦।୬ (ଧନେଶ୍ୱର ସାହୁ)

ଅଭିନବ ଉପାୟରେ ଚେନ୍ ଲୁଟିବାରେ ସଫଳ ହୋଇଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତ ଜଣଙ୍କ ପ୍ରଥମେ ସହଯୋଗ କରି ପରିଚିତ ହେବା ପରେ ସୁନା ଚେନ ଲୁଟିବାକୁ ପିଛା କରିଥିଲେ। ପରେ ଘରେ ଆଶ୍ରୟ ପାଇଥିଲେ ଏବଂ ଶେଷରେ ୩୦ ଗ୍ରାମର ସୁନା ଚେନ୍ ଲୁଟିବାରେ ସଫଳ ହୋଇଥିଲେ। ସୋମବାର ଏପରି ଏକ ଘଟଣା ଘଟିଛି ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ। ନୂଆଗାଁ ଥାନା ପାରାଡ଼ିପି ପଞ୍ଚାୟତ ବାଲଣ୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ଗୋଛାୟତ ଭୁବନେଶ୍ୱରରେ ରୁହନ୍ତି। ତାଙ୍କର ନୂଆଗାଁରେ ମଧ୍ୟ ଏକ ଘର ରହିଛି। ତେବେ ପୁରୁଷୋତ୍ତମ ରବିବାର ସନ୍ଧ୍ୟାରେ ସ୍ତ୍ରୀଙ୍କ ସହ ନୂଆଗାଁକୁ ଆସିବାକୁ ବାହାରିଥିବା ବେଳେ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ତାଙ୍କ ମୋବାଇଲଟି ହଜି ଯାଇଥିଲା। ମୋବାଇଲ ଖୋଜିବା ସମୟରେ ଜଣେ ଅପରିଚିତ ବ୍ୟକ୍ତି ଖୋଜିବାରେ ସାହାଯ୍ୟ କରିଥିଲେ। ମୋବାଇଲ ନ ପାଇ ସେ ନୂଆଗାଁ ଆସିବା ପାଇଁ ବସରେ ଚଢ଼ିବାରେ ଉକ୍ତ ଅପରିଚିତ ବ୍ୟକ୍ତି ମଧ୍ୟ ଉକ୍ତ ବସରେ ଚଢିଥିଲେ। ତେବେ ପୁରୁଷୋତ୍ତମ ସ୍ତ୍ରୀଙ୍କ ମନରେ ସନ୍ଦେହ ହେବାରୁ ସେ ସେଠାରୁ ଯାଇ ଅନ୍ୟ ଏକ ବସରେ ଚଢ଼ିଥିଲେ। ହେଲେ ଅପରିଚିତ ବ୍ୟକ୍ତି ଜଣକ ପିଛା କରି ପୁଣି ସେହି ବସରେ ବସି ନୂଆଗାଁ ଆସିଥିଲେ। ସ୍ୱାମୀ ସ୍ତ୍ରୀ ଓ ଅପରିଚିତ ବ୍ୟକ୍ତି ଜଣକ ମଧ୍ୟ ନୂଆଗାଁରେ ଆସି ଓହ୍ଲାଇ ଥିଲେ। ତେବେ ତମେ କେଉଁଠି କି ଯିବ ବୋଲି ପୁରୁଷୋତ୍ତମ ଅପରିଚିତ ବ୍ୟକ୍ତିଙ୍କୁ ପଚାରିବାରେ ଜଣେ ସମ୍ପର୍କୀୟ ଆସି ମୋତେ ନେଇ କି ଯିବା କଥା କିନ୍ତୁ ସେ ଆସିବେନି ମନା କଲେ ବୋଲି ସେ କହିଥିଲେ। ରାତିରେ ଅପରିଚିତ ବ୍ୟକ୍ତଙ୍କ ପ୍ରତି ଦୟା ଦେଖାଇ ପୁରୁଷୋତ୍ତମ ନିଜ ଘରେ ରହିବାକୁ ଆଶ୍ରୟ ଦେବା ସହ ଖାଇବାକୁ ମଧ୍ୟ ଦେଇଥିଲେ। ସକାଳୁ ଉଠି ପୁରୁଷୋତ୍ତମ ଶୌଚ ହେବାକୁ ଯାଇଥିବା ବେଳେ ଅପରିଚିତ ବ୍ୟକ୍ତି ଜଣକ ଶୌଚାଳୟର ବାହାର ପଟୁ କବାଟ ବନ୍ଦ କରି ତାଙ୍କ ସ୍ତ୍ରୀଙ୍କ ବେକରୁ ୩୦ ଗ୍ରାମର ସୁନା ଚେନକୁ ଝାମ୍ପି ନେଇ ଦୌଡି ପଳାଇ ଯାଇଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

# ଗୁଣ୍ଡିଚାଘରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡା, ୩୦।୬
(ଅଜୟ କୁମାର ମହାରଣା)



ଘୋଷଯାତ୍ରା ଅବସରରେ ମନ୍ଦିରରୁ ବାହାରି ବିଗ୍ରହମାନେ ଏବେ ଗୁଣ୍ଡିଚା ଘର ଜନ୍ମବେଦୀରେ ଅବସ୍ଥାନ କରିଛନ୍ତି। ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ପାରମ୍ପରିକ ପ୍ରଥାନୁଯାୟୀ ଗୁଣ୍ଡିଚା ଘରେ ସେବାସୀମାନଙ୍କ ଦ୍ୱାରା ପାଳିତ ହେଉଛି। ସନ୍ଧ୍ୟାଧୂପ ସମୟରେ ବିଗ୍ରହମାନଙ୍କ ଦର୍ଶନ ନିମନ୍ତେ ଗୁଣ୍ଡିଚା ଘରେ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହେଉଛି। ତେବେ ଭକ୍ତମାନେ କିଭଳି ଶୃଙ୍ଖଳିତ ଭାବେ ବିଗ୍ରହମାନଙ୍କୁ ଦର୍ଶନ କରିବେ ସେ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ପୋଲିସ ଓ ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପାଗଳ କୁକୁର କାମୁଡ଼ାରେ ୧୦ ଆହତ

ଖଣ୍ଡପଡ଼ା,୩୦।୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୁଳା ପଞ୍ଚାୟତ ଅଞ୍ଚଳରେ ପାଗଳା କୁକୁର ଆତଙ୍କରେ ଜନସାଧାରଣ ଭୟଭିତ ହୋପଡିଛନ୍ତି। ରବିବାର ସ୍ଥାନୀୟ ଅଞ୍ଚଳର ରଘୁନାଥ ଦଳେଇ ଦୋକାନ ଦୁଆରେ ବସିଥିବାବେଳେ ଏକ ପାଗଳା କୁକୁର ହଠାତ୍ ତାଙ୍କ ଉପରକୁ ଡେଇଁ ତାଙ୍କ ଆଖିପତାକୁ କାମୁଡି କ୍ଷତାକ୍ତ କରି ଦେଇଥିଲା। ପରେ ଲୋକମାନଙ୍କ ପାଟି ଶୁଣି କୁକୁରଟି ଅନ୍ୟତ୍ର ଦୌଡି ପଳାଇଥିଲା। ସେ ଅଞ୍ଚଳ ମୁଣ୍ଡିଆସାହିର ୩ରୁ୪ବର୍ଷର ଛୁଆ ଜଗନ୍ନାଥ ମନ୍ତ୍ରୀ, ଅର୍ଚ୍ଚିତା ଦଳେଇ, ତାପସ ବେହେରା, ବେବୀ ସ୍ୱାଇଁ, ଆଦିତ୍ୟ ବେହେରା(୫) ଓ ପାଟଣା ସାହିର ତୁଷାର ଦଳେଇ(୭), ତଳସାହିର ରାଜେଶ୍ୱରୀ ମଲ୍ଲିକ(୬), ମଳିକସାହିର କୁନମୁନ(୯), ଜଗନ୍ନାଥସାହିର ସନ୍ଧ୍ୟାରାଣୀ ଗିରି(୧୪) ସମେତ ମାଳିସାହିର ୮ ଜଣଙ୍କୁ କାମୁଡି କ୍ଷତାକ୍ତ କରି ଦେଇଛି। ସ୍ଥାନୀୟ ବାସିନ୍ଦା ଏହି କୁକୁରକୁ ଘଉଡାଇ ଦେଇଛନ୍ତି। ଉକ୍ତ ବୁଲା ପାଗଳା କୁକୁରକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବିପଦଶଙ୍କୁଳ ଦହିଖାଇ-ବରକୋଳି ରାସ୍ତା

ଖଣ୍ଡପଡ଼ା,୩୦।୬ (ଅଜୟ କୁମାର ମହାରଣା)



ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହିରୁ ଆଡ଼କଟାକୁ ସଂଯୋଗ କରୁଥିବା ରାସ୍ତାର ଦହିଖାଇଠାରୁ ନିକଟସ୍ଥ ବରକୋଳି ଛକକୁ ସଂଯୋଗ କରୁଛି। ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ବିପଦ ଶଙ୍କୁଳ ପାଲଟିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାରୁ ସାମାନ୍ୟ ବର୍ଷା ସମୟରେ ଏଥିରେ ପାଣି ଜମା ହୋଇ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଏହି ବାଇପାସ ରାସ୍ତାଟି ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋ ନୀଳମାଧବ କ୍ଷେତ୍ରକୁ ସଂଯୋଗ କରୁଥିବାରୁ ପ୍ରତ୍ୟେହ ଶତାଧିକ ହାଲକା ଯାନବାହନ ସହ ଭାରିଯାନ ଚଳାଚଳ କରୁଛି। ରାସ୍ତାର ଏଭଳି ଅବସ୍ଥାକୁ ଦେଖି ଗାଡି ଚାଳକ ସମେତ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଖଳିସାହି, ସିଂଘାପଡା, ଗଡିଆସାହି ଓ ବେଣାଗାଡିଆ ପଞ୍ଚାୟତବାସୀ ଦାବି କରିଛନ୍ତି।




କାଞ୍ଚି ଅଭିଯାନ ବେଶରେ ଶ୍ରୀଜୀଉ (ଉପର), ଗୁଣ୍ଡିଚା ଘରେ ସଂକୀର୍ତ୍ତନ ଚାଲାଛି (ତଳ)।

# କାଞ୍ଚି ଅଭିଯାନ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ନୟାଗଡ଼, ୩୦।୬ (ଲୋକନାଥ ମିଶ୍ର)

ରତ୍ନବେଦି ଛାଡ଼ି ଜନ୍ମବେଦିରେ ବିରାଜିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ରବିବାରଠାରୁ ଭକ୍ତ ଆଡପ ମଣ୍ଡପରେ ସନ୍ଧ୍ୟା ଦର୍ଶନ କରୁଛନ୍ତି। ଏହି ଅବସରରେ ନୟାଗଡ଼ ପୁରୁଣା ସହରର ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ ସୋମବାର କାଞ୍ଚି ଅଭିଯାନ ବେଶରେ ସନ୍ଧ୍ୟାରେ ଦର୍ଶନ ଦେଇଛନ୍ତି। ରବିବାର ଶ୍ରୀଜୀଉ ରାଜା ରାଜେଶ୍ୱରୀ ବେଶରେ ଦର୍ଶନ ଦେଇଥିଲେ। ଶ୍ରୀଜୀଉଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ ଜମିଛି। ଅନ୍ୟପକ୍ଷେ ଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟା ବେଶ ଅବସରରେ ଭଜନ କୀର୍ତ୍ତନ ଲାଗି ରହିଛି। ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ ଶ୍ରୀଜୀଉଙ୍କ ବେଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 16-KUR-TRD-OT-2025-26

**କାର୍ଯ୍ୟର ନାମ :** ଭୁବନେଶ୍ୱର ଷ୍ଟେସନର କୋଚିଂ କମ୍ପ୍ଲେକ୍ସରେ ଟ୍ରାମୱେ ପ୍ରକାର OHE ସହିତ IPL-1, IPL-2 ଏବଂ IPL-3 ର ବିଦ୍ୟୁତୀକରଣ ।

ବିଜ୍ଞାପିତ ମୂଲ୍ୟ (₹): 1,01,38,548.47, EMD (₹) : 2,00,700.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.07.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-296/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୫-୨୬-୦୪ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରାଯିବ। **କାର୍ଯ୍ୟର ନାମ:** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ, ପଦାପାହାଡ଼, ପଦାପାହାଡ଼-ଜରୋଲି, ପଦାପାହାଡ଼-ବଲାଣିଖାଦାନ ସେକ୍ସନରେ ୨୫.୬୩୭ କିମି ପାଇଁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍/ଆର୍‌୨୬୦ ରେଲ୍ (ଏଲଡବ୍ଲ୍ୟୁଆର) ସହ ପିଏସ୍‌ସି-୧୪ ସ୍ଲିପର୍ ଉପରେ ବିଦ୍ୟମାନ ବିଛାଯାଇଥିବା ୬୦ କିଗ୍ରା ୯୦ ୟୁଟିଏସ୍ ରେଲଧାରଣାର ଟିଏଫଆର୍ ସମେତ ଥ୍ରୁ ରେଲ୍ ନବୀକରଣ (ପ୍ରାଥମିକ)ର ଅବଶିଷ୍ଟ କାର୍ଯ୍ୟ (୪ର୍ଥ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୨,୨୧,୩୯,୬୩୭.୧୫ । **ଇଏମ୍‌ଡି:** ୨,୬୦,୭୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ୨୧।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେମାନେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-332)


# ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର: ୬୫ ଅଭିଯୋଗ

ଗଣିଆ, ୩୦।୬ (ସନ୍ତୋଷ କୁମାର ପ୍ରଧାନ)



ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଗଣିଆ ବ୍ଲକ୍‌ରେ ନୟାଗଡ଼ ଜିଲାପାଳଙ୍କ ସୋମବାର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଏହି ଜନ ଶିବିରରେ ୬୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୬୫ଟି ଅଭିଯୋଗ ମଧ୍ୟରୁ ୪୯ଟି ବ୍ୟକ୍ତିଗତ, ୧୨ଟି ସାମୂହିକ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଲାଗି ୪ଟି ପଞ୍ଜୀକୃତ ହୋଇଥିଲା।

ଛାମୁଣ୍ଡିଆ ପଞ୍ଚାୟତ ଭଗାମୁଣ୍ଡାଠାରେ ନୂତନ ଭାବେ ନିର୍ମିତ ହେଉଥିବା ବିଏସ୍‌ଏନ୍‌ଏଲ ଟାୱାର ୬ ମାସ ହେଲା କାର୍ଯ୍ୟକ୍ଷମ ହୋଇଥିଲେ ମଧ କେବଳ ୫ ଜି ମୋବାଇଲ ଓ ବିଏସ୍‌ଏନ୍‌ଏଲ୍ ଦ୍ୱାରା ଭୋଲଟ କଲ୍ ପରେ କିଛି କାର୍ଯ୍ୟକ୍ଷମ ହେଉଛି। ମାତ୍ର ୯୫ ଭାଗ ଏହାର ସୁଫଳ ପାଇପାରୁନାହାନ୍ତି। ଏପରିକି ଅନେକ ସମୟରେ ନେଟ୍‌ୱର୍କ ରହୁନାହିଁ। ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦୁପଲ୍ଲୀ ପୁରୁଣାସାହି ଗ୍ରାମ ଉପରେ ୧୧ କେଭି ତାର ହଟାଇବାକୁ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପୂର୍ବରୁ ଏ ନେଇ ୫ ଥର ଜିଲାପାଳଙ୍କ ଶିବିରରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଏହାକୁ ନେଇ ଜିଲାପାଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏ ସମ୍ପର୍କରେ ମୁଖ୍ୟ କାର୍ଯ୍ୟାଳୟକୁ ଲିଖିତ ଭାବେ ଜଣାଇଛନ୍ତି ବୋଲି କହିଥିଲେ। ଉପରୁ ଅନୁମତି ଆସିଲେ ତାର ହଟିବ ବୋଲି କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ବସ୍ ଗଣିଆରୁ ବଡ଼ସିଲିଙ୍ଗା ଯାଉଥିବାବେଳେ ଏହାକୁ ଡଙ୍କାରିସାହିଠାରୁ ଭାୟା କୁମ୍ଭୀରଖଣି, ଧୋବାବୋରେଇ, ରାଜିଙ୍ଗି ଓ ବେଷ୍ଟିପଡ଼ା ଦେଇ ଯିବା ଆସିବା କରିବାକୁ ଗ୍ରାମବସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଭଳି ପାଣ୍ଡରାସିଂହା ଗ୍ରାମବାସୀ ଖଳିସରା ସରହଦରେ ମୁଖ୍ୟମନ୍ତ୍ରୀ ବସ୍ ବସ୍‌ଷ୍ଟାଣ୍ଡ ତିଆରି କରୁଛନ୍ତି। ସେଥିପାଇଁ ଖଳିସରା ଲୋକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ବସ୍‌ଷ୍ଟାଣ୍ଡଟି ସରକାରୀ ଜମିରେ କରିବା ପରିବର୍ତ୍ତେ ଏକ ବ୍ୟକ୍ତିଗତ ଜାଗା ଉପରେ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ବାରମ୍ବାର ମନା କରିବା ସତ୍ତ୍ୱେ ବେଖାତିରକରି ବସ୍‌ଷ୍ଟାଣ୍ଡ ତିଆରି କରାଯାଉଛି। ତେଣୁ ଖଳିସରା ଗ୍ରାମବାସୀ ୩ ଦିନ ମଧ୍ୟରେ ବସ୍‌ଷ୍ଟାଣ୍ଡକୁ ବନ୍ଦ ନ କଲେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଶେଷରେ ଜିଲାପାଳଙ୍କ ଦ୍ୱାରା କିଶୋର ପ୍ରସାଦ ଗ୍ରାମର ଭିନ୍ନକ୍ଷମ ଭରତ ରାଉତଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଉପଜିଲାପାଳ କର୍ଣ୍ଣଦେବ ସମାଧାର, ପିଡି ଲଗ୍ନଜିତ ରାଉତ, ଏସ୍‌ପି ଏସ୍. ସୁଶ୍ରୀ, ତହସିଲଦାର ପ୍ରୀତିବାଳା ରଣା, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାଶ, ବ୍ଲକ୍ ଅଧକ୍ଷା ଝୁନା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକ୍‌ର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀ ସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।


**EKLAVYA MODEL RESIDENTIAL SCHOOL**
**KUCHINDA, DIST.-SAMBALPUR-768222 (ODISHA)**
Email : emrskuchinda2018@gmail.com
Website : https://emrskuchinda.com

**TENDER NOTICE**

Notice No. : 328 Date : 30.06.2025

Sealed tenders are invited from reputed and experienced manpower service providers/ firms/ agencies for outsourcing of manpower skilled/ unskilled (e.g., Housekeeping staff 03- one preferably Lady, Driver cum Watchman-01, Plumber cum Electrician-01, Cook cum Attendant -02, Head Cook -01 etc.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU organization

The tender document containing terms and conditions can be obtained from the office of the undersigned by downloaded from the website : https://emrskuchinda.com from 30.06.2025 to 18.07.2025.

- Last date and time for submission : **18.07.2025, up to 5.00 P.M.**
- Tender opening date : **19.07.2025 at 10.00 A.M.**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

Sd./- Principal
EMRS, Kuchinda



**भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान**
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No.14/2025-26 Date of Insertion- 30.06.2025

**वॉक-इंन-इंटरव्यू**

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान सीफा, कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशनल–II** पद भर्ती के लिए दिनांक **11.07.2025** को **पू. 10.00** बजे वॉक–इंन–इंटरव्यू आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **11.07.2025 at ICAR-CIFA, Bhubaneswar** at 10.00 A.M for **01 (One) nos. of Young Professional-II (YP-II),** (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**.

मुख्य जाँचकर्ता/Principal Investigator



**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**
Repco Home Finance
**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୭୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **"ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ"** ଏବଂ **"ଯେମିତି ଅଛି ଯାହା ଅଛି ସ୍ଥିତିରେ"** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୧୨.୦୮.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ପୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୧.୦୮.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ପ୍ରଭାସ ସାହୁ**, ପିତା: ଶ୍ରୀ ରାଜକିଶୋର ସାହୁ, **ସହ-ଋଣଗ୍ରହୀତା: ଶ୍ରୀମତୀ କୁନିବାଳା ସାହୁ**, ସ୍ୱାମୀ: ଶ୍ରୀ ପ୍ରଭାସ ସାହୁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଧୀରେନ ବେହେରା**, ପିତା: ଶ୍ରୀ ଏକାଦଶୀ ବେହେରା; ଡିମାଣ୍ଡ ନୋଟିସ ତାରିଖ: **୨୨.୦୮.୨୦୨୪**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୧୮୧୬୦୦୦୦୭୨୮**) ହେଉଛି **ତା୧୯.୦୮.୨୦୨୪ରିଖ ସୁଦ୍ଧା ₹୧୦,୦୫,୫୯୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୭.୧୨.୨୦୨୪**; ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୧୧,୧୩,୬୪୫/-**।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା-ଖୋର୍ଦ୍ଧା, ତହସିଲ-ବାଣପୁର, ମୌଜା-ଯୋରଣ, ରେକର୍ଡ ଅଫ୍ ରାଇଟ୍ ନଂ.-୯୫୦, ପ୍ଲଟ୍ ନଂ.-୧୮୨୪, ରକବା ଏକର ୦.୦୨୦ ଡି., ଜମିର କିସମ ହୋମଷ୍ଟିଡ୍** । ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ବନ ଜେନା, ପଶ୍ଚିମ: ବୀଣାପାଣି ସାହୁ ।

| ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ |
|---|---|---|
| ₹୨୨,୦୬,୦୦୦/- | ₹୨,୨୦,୬୦୦/- | ₹୨୫,୦୦୦/- |

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ**, ପିତା: ଶ୍ରୀ ଦୀନବନ୍ଧୁ ନାୟକ, **ସହ-ଋଣଗ୍ରହୀତା: ଶ୍ରୀମତୀ ରେଖା ନାୟକ**, ସ୍ୱାମୀ: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଜ୍ଞାନେନ୍ଦ୍ର ପ୍ରସାଦ ସାହୁ**, ପିତା: ଶ୍ରୀ କୈଳାଶ ଚନ୍ଦ୍ର ସାହୁ; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୧୮୧୬୦୦୦୦୭୫୮**) ହେଉଛି **ତା୧୮.୧୧.୨୦୨୨ରିଖ ସୁଦ୍ଧା ₹୫,୩୦,୦୦୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୬.୨୦୨୩**; ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୩,୩୧,୪୫୪/-**।
**ସମ୍ପତ୍ତିର ବର୍ଣ୍ଣନା: କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ ତହସିଲ, ମଙ୍ଗଳପୁର ମୌଜାରେ** ସମ୍ବଳିତ ନିମ୍ନଲିଖିତ ଜମି ଓ ଭବନର ଭାଗ ଓ ଅଂଶବିଶେଷ, **ରେକର୍ଡ ଅଫ୍ ରାଇଟ୍ ନଂ. ୨୫୪, ପ୍ଲଟ୍ ନଂ. ୮୪, ରକବା ଏକର ୦.୦୪୩.୬ ଡିସିମିଲ, ମୋଟ କ୍ରୟ ରକବା ୦.୦୭୦ ଡିସିମିଲ ମଧ୍ୟରୁ ଏ.୦.୦୪୩.୬ ଡିସିମିଲ । ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ (ଘରବାରି)**, ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ବିଚିତ୍ରାନନ୍ଦ ନାୟକ, ଦକ୍ଷିଣ: ରାସ୍ତା ଓ ସନ୍ତୋଷ ନାୟକ, ପୂର୍ବ: ରାସ୍ତା, ପଶ୍ଚିମ: ହରି ନାୟକ ଓ ଅନ୍ୟମାନେ ।

| ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ |
|---|---|---|
| ₹୨୮,୭୬,୦୦୦/- | ₹୨,୮୭,୬୦୦/- | ₹୨୫,୦୦୦/- |

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ଟୁଙ୍ଗା**, ପିତା: ଶ୍ରୀ ଅନନ୍ତ ଟୁଙ୍ଗା, **ସହ-ଋଣଗ୍ରହୀତା: ଶ୍ରୀମତୀ ବିଜୟିନୀ ଟୁଙ୍ଗା**, ସ୍ୱାମୀ: ଶ୍ରୀ ଅଜୟ କୁମାର ଟୁଙ୍ଗା, **ଗ୍ୟାରେଣ୍ଟିଦାତା: ୧. ଶ୍ରୀ ସୂର୍ଯ୍ୟମଣି ସାମନ୍ତ**, ପିତା: ଶ୍ରୀ ଦୁର୍ଗା ଚରଣ ରାଉତ ସାମନ୍ତ ଏବଂ **୨. ଶ୍ରୀ ସୁଶାନ୍ତ କୁମାର ଜେନା**, ପିତା: ଶ୍ରୀ ପ୍ରଭାକର ଜେନା; ଡିମାଣ୍ଡ ନୋଟିସ ତାରିଖ: **୧୨.୧୧.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୧୮୧୬୦୦୦୦୪୬୩ ଏବଂ ୧୬୧୮୧୬୦୦୦୦୬୩୬**) ହେଉଛି ଯଥାକ୍ରମେ **ତା୧୨.୧୧.୨୦୨୧ରିଖ ସୁଦ୍ଧା ଯଥାକ୍ରମେ ₹୧୧,୭୬,୨୫୧/- ଏବଂ ₹୧୧,୦୧,୦୪୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୮.୧୨.୨୦୨୨**; ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ଯଥାକ୍ରମେ ୨୦,୩୨,୪୪୯ ଏବଂ ₹୧୮,୬୧,୦୦୯/-**।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ନିଜିଗଡ଼ରେ** ଅବସ୍ଥିତ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ.୬୦୪/୧୭୪୦, ପ୍ଲଟ୍ ନଂ.୧୭୩୩/୪୩୧୭, ରକବା ଏ.୦.୦୪୦ ଡିସିମିଲ । ମୋଟ କ୍ରୟ ରକବା ଏ.୦.୦୪୦ ଡିସିମିଲ, ଜମିର କିସମ: ହୋମଷ୍ଟିଡ୍, ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୭୩୩/୨୫୩୯ (ଅଂଶ), ପୂର୍ବ: ପ୍ଲଟ୍ ନଂ. ୧୭୩୩/୨୫୩୯ (ଅଂଶ), ପଶ୍ଚିମ: ବୀରବର ପଣ୍ଡା ।

| ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ |
|---|---|---|
| ₹୪୫,୨୮,୦୦୦/- | ₹୪,୫୨,୮୦୦/- | ₹୨୫,୦୦୦/- |

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୬୦୯ଙ୍କ ସହ ଯୋଗାଯୋଗ କରନ୍ତୁ । **ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି । ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮ ।**

ତାରିଖ: ୨୫.୦୬.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

# ଚାଷୀ ସୁରକ୍ଷା କମିଟି ପକ୍ଷରୁ ଗଣଧାରଣା

ଯାଜପୁର ଟାଉନ,୩୦।୬
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଶୁଶୁଆ, ନିଜାମପୁର ଓ ଦୁଦୁରାଅଣ୍ଡା ପଞ୍ଚାୟତର ଶତାଧିକ ଚାଷୀ ମୂଲିଆ ଓ ଭାଗଚାଷୀମାନେ ସୋମବାର ଅପରାହ୍ନରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଙ୍ଗଠନ ସହ ଅନୁବନ୍ଧିତ ଚାଷୀ ସୁରକ୍ଷା କମିଟି ନେତୃତ୍ୱରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । କମିଟିର ସଭାପତି ନୃସିଂହ ଚରଣ ପଣ୍ଡାଙ୍କ କହିବା ଅନୁଯାୟୀ, ଏ ବର୍ଷ ଚାଷୀମାନଙ୍କ ଧାନ ବିକ୍ରି କ୍ଷେତ୍ରରେ ବ୍ୟାପକ ଅନିୟମିତତା, ଦୁର୍ନୀତି ଓ ଅରାଜକତା ଦେଖାଦେଇଛି। ଚାଷୀମାନଙ୍କ ସମସ୍ତ ଧାନକୁ ସରକାର କିଣି ନେବା ପରିବର୍ତ୍ତେ ସିଲିଂ ବ୍ୟବସ୍ଥା ପ୍ରଚଳନ କରି ଧାନ ବିକ୍ରୟ କ୍ଷେତ୍ରରେ ଅଘୋଷିତ ପ୍ରତିବନ୍ଧକ ଲଗାଇଛନ୍ତି। ବର୍ଷ ସାରା ମଣ୍ଡି


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଚାଷୀ ସୁରକ୍ଷା କମିଟିର କର୍ମକର୍ତ୍ତା ।

ଖୋଲା ନ ରହିବା ଫଳରେ ଶାରଦ ଧାନର କିଣା ବିକା ଆଦୌ ସମ୍ଭବ ହେଉନାହିଁ। ସେହିଭଳି ଉତ୍ପାଦନର ୮୦ଭାଗ ଧାନ ଅମଳ କରୁଥିବା ଭାଗଚାଷୀଙ୍କ ନିଜସ୍ୱ ଜମିବାଡ଼ି ନ ଥିବାରୁ ଧାନ ବିକ୍ରି କ୍ଷେତ୍ରରେ ସେମାନଙ୍କ ପାଇଁ କୌଣସି ଆଇନଗତ ବ୍ୟବସ୍ଥା ନାହିଁ। ସାର, ବିହନ, କୀଟନାଶକ ଆଦି କୃଷି ସାମଗ୍ରୀର ବ୍ୟାପକ ଦରବୃଦ୍ଧି ଘଟି ଚାଲିଥିବା ବେଳେ ଧାର କରଜରେ ବୁଡ଼ି ରହିଥିବା ଏହି ଭାଗଚାଷୀମାନେ ସରକାରୀ ନିର୍ଦ୍ଧାରିତ ଦରରେ ଆଦୌ ଧାନ ବିକ୍ରିକରି ପାରୁନାହାନ୍ତି। ସେମାନଙ୍କ ଧାନକୁ କେତେଜଣ ଅସାଧୁ ବ୍ୟବସାୟୀ, ତଳଠୁ ଉପର ପର୍ଯ୍ୟନ୍ତ ସମବାୟ ସମିତିର କର୍ମକର୍ତ୍ତା, ଯୋଗାଣ ବିଭାଗ ଓ ନେତା ମନ୍ତ୍ରୀମାନଙ୍କ ସଲାସୁତୁରାରେ ହରିଲୁଟ ହେଉଛି। ଦିଲ୍ଲୀ କୃଷକ ଆନ୍ଦୋଳନରେ ପରାଜିତ କେନ୍ଦ୍ର ଓ ରାଜ୍ୟ ସରକାର ପଛଦ୍ୱାର ବାଟେ କୌଶଳ କ୍ରମେ ସରକାରୀ ମଣ୍ଡି ବ୍ୟବସ୍ଥାକୁ ଧ୍ୱଂସ କରି ବଡ଼ କର୍ପୋରେଟ ଓ ଶିଳ୍ପପତିମାନଙ୍କ ହାତରେ କୃଷି ବ୍ୟବସ୍ଥାକୁ ଟେକି ଦେବାର ଚକ୍ରାନ୍ତ ଚଳାଇଛନ୍ତି। ଏହିଭଳି ସମସ୍ୟାରୁ ଚାଷୀ, ମୂଲିଆ, ଭାଗଚାଷୀ ଓ କୃଷି ବ୍ୟବସ୍ଥାକୁ ରକ୍ଷା କରିବାର ଏକମାତ୍ର ରାସ୍ତା ହେଉଛି ସଚେତନ ସଙ୍ଗଠିତ କୃଷକ ଆନ୍ଦୋଳନ। ଏହି ଗଣ ଆନ୍ଦୋଳନକୁ ସଫଳ କରିବା କ୍ଷେତ୍ରରେ ନିରାକାର ଦାସ, ଜଳଧର ମଲିକ, ପ୍ରଫୁଲ୍ଲ ମଲିକ, ଚନ୍ଦ୍ରକାନ୍ତ ପଡ଼ିହାରୀ, ରଘୁନାଥ ଦାସ, କାଳିନ୍ଦୀ ଖଟୁଆ, ସୁବାସ ଦାସ, ସୁରେନ୍ଦ୍ର ଦାସ, ଭରତ ମଲିକ,ରତ୍ନାକର ଦାସ, ଅନ୍ତର୍ଯ୍ୟାମୀ ମଲିକ,ଅଜୟ ଦାସ, ମହେଶ୍ୱର ଦାସ, ବିଜୟ ମଲିକ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।

# ବାଂଲାଦେଶୀ, ମ୍ୟାନ୍‌ମାର, ରୋହିଙ୍ଗ୍ୟା ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପାରାଦୀପ, ୩୦।୬(ଶରତ ରାଉତ)

**୧୬ ଚିହ୍ନଟଙ୍କୁ ୪ ଆଶ୍ରୟସ୍ଥଳରେ ଥଇଥାନ**

ଭାରତ ସରକାରଙ୍କ ଗୃହ ବିଭାଗର ନିର୍ଦ୍ଦେଶ ଅନୁସାରେ ସୋମବାର ଜଗତ୍‌ସିଂହପୁର ଜିଲାରେ ବାଂଲାଦେଶୀ ଓ ମ୍ୟାନ୍‌ମାର ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ପାରାଦୀପରୁ ୯ ଓ ଏରସମାରୁ ୭ ଜଣଙ୍କୁ ଠାବ କରାଯାଇଛି। ସେମାନଙ୍କୁ ସରକାରଙ୍କ ଆଶ୍ରୟସ୍ଥଳରେ ଥଇଥାନ କରାଯାଇଛି ବୋଲି ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି। ପାରାଦୀପରୁ ଚିହ୍ନଟ ହୋଇଥିବା ସ୍ଥାନ ହେଲା ୩ ନଂ. ୱାର୍ଡ ଲକପଡା ବସ୍ତି। ସେମାନଙ୍କୁ ଅଠରବାଙ୍କୀ ଆହାରକେନ୍ଦ୍ର ପାଖ ଆଶ୍ରୟସ୍ଥଳରେ ରଖାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବେହେରା କୁହନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜଗତ୍‌ସିଂହପୁର ଜିଲାପାଳ ଓ ଏସ୍‌ପି ସମସ୍ତ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ବାଂଲାଦେଶୀ ଓ ମ୍ୟାନ୍‌ମାର ରୋହିଙ୍ଗ୍ୟାଙ୍କ ସମ୍ପର୍କରେ ଯାଞ୍ଚ କରିବେ। ଏହି ପ୍ରକ୍ରିୟା ସୋମବାରରୁ ଆରମ୍ଭ ହୋଇ ଆଗକୁ ମଧ୍ୟ ଜାରି ରହିବ। ଯେଉଁମାନେ ଭାରତୀୟ ପ୍ରମାଣପତ୍ର ଦେଖାଉଛନ୍ତି, ସେମାନଙ୍କ ଉପରେ ମଧ୍ୟ ଅଧିକ ଯାଞ୍ଚ ହେବ। ପ୍ରାଥମିକ ଯାଞ୍ଚବେଳେ ଚିହ୍ନଟ ହୋଇଥିବା ସମସ୍ତ ଲୋକେ ବାଂଲାଭାଷୀ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଚିହ୍ନଟ ପ୍ରକ୍ରିୟାବେଳେ ଆଶ୍ରୟସ୍ଥଳରେ ରହୁଥିବା ପାରାଦୀପର ୯ ଜଣ ଲୋକଙ୍କ ସମ୍ପର୍କୀୟମାନେ ସନ୍ଧ୍ୟାରେ ସେଠାରେ ଭୀଡ ଲଗାଇଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ୨୦୧୫ରେ ରାଜ୍ୟ ସରକାରଙ୍କ ଚିହ୍ନଟ ପ୍ରକ୍ରିୟାରେ ଜଗତ୍‌ସିଂହପୁର ଜିଲାରେ ସମୁଦାୟ ୪୯୭ ବାଂଲାଦେଶୀ ଥିଲେ ବୋଲି ବିଧାନସଭାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ଏଥିରେ ପାରାଦୀପ ପୌରାଞ୍ଚଳରେ ୨୯୦ ଜଣ ଥିଲେ। ଏବେ ସେହି ଲୋକଙ୍କ ପାଖରେ ସମସ୍ତ ପ୍ରକାର ସରକାରୀ ପରିଚୟ ପତ୍ର ଥିବା ଜଣାପଡିଛି। ଆଗକୁ ଏହି ଚିହ୍ନଟ ପ୍ରକ୍ରିୟା କିପରି ରାଜନୈତିକ ମୋଡ ନେବ ତାହା ଦେଖିବାକୁ ରହିଲା।

# ୫.୫୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ପଟ୍ଟାମୁଣ୍ଡାଇ, ୩୦।୬ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସହରରେ ବ୍ରାଉନସୁଗାର ରାକେଟ୍ ସକ୍ରିୟ ରହିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ କେନ୍ଦ୍ରାପଡ଼ା ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରବିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ଏକ ଟିମ ଆଦର୍ଶ ଥାନା ଅଧୀନ ପୋଖରିଆପଡ଼ା ହରପାର୍ବତୀ ମନ୍ଦିର ଛକଠାରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କଠାରୁ ୫୫ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ବୋଲି ଜଣାପଡିଛି। ଏହି ଘଟଣାରେ ସ୍ଥାନୀୟ ପୋଖରିଆପଡ଼ା ଗ୍ରାମର ସୋନୁ ବେହେରାଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ର ମଣ୍ଡଳ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ନାୟକ, ସବ ଇନ୍ସପେକ୍ଟର ଧର୍ମପଦ ଦାସ, ଏଏସ୍‌ଆଇ ସୁନିଲ ମିଶ୍ର, ଛାୟାକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ। ଏ ନେଇ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ନଂ. ୮୬/୨୫-୨୬ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁଦିନ ଚରସ, ଗଞ୍ଜେଇ, ଚୋରାମଦ ଓ ବ୍ରାଉନସୁଗାର ଭଳି ନିଶା କାରବାର ବଢି ଚାଲିଛି। ଏହି କାରବାରର ମାଷ୍ଟର ମାଇଣ୍ଡକୁ ଗିରଫ କରାଯିବାରେ ପୋଲିସ କି ଅବକାରୀ ବିଭାଗ ସଫଳ ହୋଇନାହିଁ। ଏହି ରାକେଟ୍‌ରେ ଏକାଧିକ ଲୋକ ସମ୍ପୃକ୍ତ ଅଛନ୍ତି। ପୋଲିସ ଓ ଅବକାରୀ ବିଭାଗ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କେବେ ଗିରଫ କରିବାରେ ସଫଳ ହେବେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ଆଡ଼ପ ମଣ୍ଡପରେ ଶ୍ରୀବଳଦେବ ଜୀଉ


ମାଉସୀମା' ମନ୍ଦିର ସମ୍ମୁଖରେ ଶ୍ରୀବଳଦେବ ଜୀଉଙ୍କ ରଥ ।

କେନ୍ଦ୍ରାପଡ଼ା, ୩୦।୬(ଜଗନ୍ନାଥ ଧଳ)

- ଅନ୍ନ ବଦଳରେ ରଥରେ ରହି ଚୁଡ଼ା ଖାଇବାକୁ ପଡ଼ିଲା
- ରଥଯାତ୍ରା ପରିଚାଳନାକୁ ନେଇ ତେଜୁଛି ଅସନ୍ତୋଷ
- ରଥର ଫିଟ୍‌ନେସ୍ ପ୍ରମାଣପତ୍ରକୁ ନେଇ ଉଠିଲା ପ୍ରଶ୍ନ

ରଥଯାତ୍ରା ଆରମ୍ଭର ୪ ଦିନ ପରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିଛି। ସୋମବାର ଅପରାହ୍ନ ୨ଟାରେ ରଥ ପହଞ୍ଚିବା ପରେ ଶ୍ରଦ୍ଧାଳୁ ଆଶ୍ୱସ୍ତ ହୋଇଛନ୍ତି। ଖୁସିରେ ନାଚିବା ସହ ହରିବୋଲ ହୁଳହୁଳିରେ ରଥ ଚକଡ଼ା ପୂରିଉଠିଛି। ଡାହୁକ ପାରମ୍ପରିକ ଭାବେ ମିଠା ବାଣ୍ଟିଛନ୍ତି। ତେବେ ଡାହୁକଙ୍କ ଏହି ମିଠା ବଣ୍ଟା କାର୍ଯ୍ୟକ୍ରମ ଗୋଟିଏ ଦିନ ଅଧିକ ଗଡ଼ି ଯାଇଛି।

ରବିବାର ରାତି ୯ଟାରେ ଶ୍ରୀଜୀଉ ଆଡ଼ପ ମଣ୍ଡପରେ ବିଜେ କରିଥାନ୍ତେ। ସୋମବାର ମଧ୍ୟାହ୍ନରେ ଅନ୍ନଭୋଗ ହୋଇଥାନ୍ତା। ମାତ୍ର ରଥ ନିର୍ମାଣ ଓ ପରିଚାଳନାରେ ତ୍ରୁଟି ଯୋଗୁ ଗତ ରାତିରେ ଆଡ଼ପ ମଣ୍ଡପ ବିଜେ ହୋଇପାରି ନ ଥିଲେ। ଫଳରେ ଅନ୍ନଭୋଗ ପରିବର୍ତ୍ତେ ଶ୍ରୀଜୀଉ ଚୁଡ଼ା ଭୋଗ ଖାଇ ରହିବାକୁ ପଡ଼ିଲା । ଏହାକୁ ନେଇ ଏବେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରଥ ପରିଚାଳନା ନେଇ ଥିବା ଅସନ୍ତୋଷ, ରୋଷକୁ ନିର୍ମାଣଗତ ତ୍ରୁଟି କହି ଟ୍ରଷ୍ଟ ବୋର୍ଡ ଓ ପ୍ରଶାସନିକ ଅଧିକାରୀ ଆଡେଇ ଯାଉଛନ୍ତି। ମାତ୍ର ରଥ ନିର୍ମାଣ ଓ ଫିଟ୍‌ନେସ୍ ପ୍ରମାଣପତ୍ର ପ୍ରଦାନ ପୂର୍ତ୍ତ ବିଭାଗ ଅଧୀନ। ଗତ ୪ ଦିନ ଧରି ରଥ ଅବ୍ୟବସ୍ଥାରେ ଚାଲିଥିଲେ ମଧ୍ୟ ପ୍ରମାଣପତ୍ର ଟ୍ରଷ୍ଟ ବୋର୍ଡ ନିକଟରେ ପହଞ୍ଚିନାହିଁ। ଜିଲା ପ୍ରଶାସନର ଏପରି ଖାମଖିଆଲ ଭାବକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଛନ୍ତି। ଧାର୍ମିକ ଭାବନା ଓ ଆସ୍ଥା ପ୍ରତି ଖେଳ ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତ।

ଏ ସମ୍ପର୍କରେ ଶ୍ରଦ୍ଧାଳୁ ଆଇନଜୀବୀ ମମତାମୟୀ ସାମଲ କହିଛନ୍ତି, ରଥଟଣା ଆରମ୍ଭରୁ ସୋମବାର ପର୍ଯ୍ୟନ୍ତ ରହି ଆସିଛି। ପ୍ରଥମ ଦିନ ସନ୍ଧ୍ୟା ସୁଦ୍ଧା ପାରମ୍ପରିକ ଭାବେ ୧୦୦ ମିଟର ରଥ ଗଡ଼ି ଥିଲା। ପର ୨ଦିନ ରଥ ବାମ ମୋଡ଼ ନେବାରୁ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିବାରେ ବିଳମ୍ବ ହୋଇଛି। ଶ୍ରୀଜୀଉଙ୍କ ଆଡ଼ପ ମଣ୍ଡପ ବିଜେ ଦର୍ଶନରୁ ରଥ ପରିଚାଳନା ତ୍ରୁଟି ପାଇଁ ଶ୍ରଦ୍ଧାଳୁଙ୍କୁ ବଞ୍ଚିତ କରାଯାଇଛି। ଏହା କେଉଁ କାରଣରୁ ହେଲା, ତାହାର ପ୍ରଶାସନିକ ତଦନ୍ତ କରାଯାଉ ବୋଲି ସେ ମତ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଳୁ ଚିତ୍ତରଞ୍ଜନ ସାହୁ କହିଛନ୍ତି, ଅନ୍ନ ଭୋଜନ ବଦଳରେ ୩ ଦିନ ଧରି ଶ୍ରୀଜୀଉଙ୍କୁ ଚୁଡ଼ା ଭୋଗ ଦେବା ଜାଣି ବହୁତ କଷ୍ଟ ହେଉଛି। ରଥ ଗଡ଼ିବା ପାଇଁ ରେଳ ବିଭାଗର ହାଇଡ୍ରୋ ଟ୍ରୋଚର ଲାଗିବା ଏହା ମଧ୍ୟ ଅନ୍ୟତମ କଷ୍ଟ। ନିର୍ଦ୍ଦିଷ୍ଟ ସମୟରେ ନୀତିକାନ୍ତି ନ ହେବା, ଶ୍ରୀଜୀଉଙ୍କ ବଡସିଂହାର ବେଶ ପରେ ଜ୍ୟାକ୍‌ରେ ରଥକୁ ଉଠାଇବା ଆଦି ପ୍ରଶାସନିକ ଅଧିକାରୀଙ୍କ ପ୍ରଶାସନିକ ଅପାରଗତା। ରଥ ନିର୍ମାଣ ତ୍ରୁଟିକୁ ଶ୍ରୀଜୀଉଙ୍କ ଲୀଳା କହି ଆଡ଼େଇ ଯିବା ଠିକ୍ ନୁହେଁ। ସେବାୟତ ଜ୍ୟୋତିରଞ୍ଜନ ପତ୍ରୀ କହିଛନ୍ତି, ନୀତି ପରିଚାଳନାକୁ ଜିଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଇନାହିଁ। ସେବାୟତଙ୍କ ସହ ବୈଠକ ହୋଇନାହିଁ। ସୀମିତ ସେବାୟତଙ୍କୁ ନେଇ ବୈଠକ କରାଯାଉଛି। ଆବଶ୍ୟକ ସମୟରେ ବୈଠକ ନ ହୋଇ ରଥଟଣାର ସାମାନ୍ୟ କେତୋଟି ଦିନ ପୂର୍ବରୁ ବୈଠକ ହୋଇଛି। ଏହାବ୍ୟତୀତ ରଥ ନିର୍ମାଣଗତ ତ୍ରୁଟିକୁ ଜିଲା ପ୍ରଶାସନ ଆଦୌ ଧ୍ୟାନ ଦେଇନାହାନ୍ତ। ପୂର୍ତ୍ତ ବିଭାଗ ରଥ ନିର୍ମାଣର ତଦାରଖ ସହ ଫିଟ୍‌ନେସ୍ ପ୍ରମାଣପତ୍ର ଦେବା କଥା। ତେବେ ଏହି ପ୍ରମାଣପତ୍ର ଦେବୋତ୍ତର ଟ୍ରଷ୍ଟକୁ ମିଳି ନ ଥିଲେ ମଧ୍ୟ ରଥଟଣା ଗଲା। ଆଡ଼ପ ମଣ୍ଡପକୁ ଶ୍ରୀଜୀଉ ବିଜେ କରି ନ ଥିବାରୁ ଅନ୍ନ ଭୋଗ ପରିବର୍ତ୍ତେ ଚୁଡ଼ା ଖାଇବାକୁ ଦିଆଗଲା। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କୁ ପଚାରିବାରେ ରଥ ନିର୍ମାଣ ତ୍ରୁଟି ଥିବା ସମ୍ପର୍କରେ ଏବେ ଅଭିଯୋଗ ହେଉଛି। ରଥ ଫିଟ୍‌ନେସ୍ ସମ୍ପର୍କରେ ପ୍ରମାଣପତ୍ର ପୂର୍ତ୍ତ ବିଭାଗ ଟ୍ରଷ୍ଟ ବୋର୍ଡକୁ ଦେବା କଥା। ହୁଏତ ଏହି ପ୍ରମାଣ ପତ୍ର ଜିଲାପାଳ ଓ ଏସ୍‌ପିଙ୍କୁ ପୂର୍ତ୍ତ ବିଭାଗ ଦେଇଥିବେ। ରଥଟଣାରେ ବିଭ୍ରାଟକୁ ନେଇ ୨ଦିନ ପୂର୍ବେ ସମୀକ୍ଷା ହୋଇଥିଲା। ନିର୍ମାଣଗତ ତ୍ରୁଟି ବା ଅନ୍ୟ ତ୍ରୁଟିର ତର୍ଜମା ସମ୍ପର୍କରେ ନିଶ୍ଚିତ ଆଲୋଚନା ହେବ ବୋଲି ସେ କହିଛନ୍ତି।

# ବିନୟକୃଷ୍ଣ ବେହେରାଙ୍କୁ ପିତୃଦିବସ ସମ୍ମାନ

ସିଂହପୁର,୩୦।୬
(ଅନଙ୍ଗ ଉଦୟ ବେଉରିଆ)

ବିଂଝାରପୁର ବ୍ଲକ କଳା ଅନୁଷ୍ଠାନ ମା'ଯଶୋଦା କଳା ପରିଷଦ ପକ୍ଷରୁ ବରିଷ୍ଠ ଶିକ୍ଷାବିତ୍ ବିନୟ କୃଷ୍ଣ ବେହେରାଙ୍କୁ ପିତୃ ଦିବସ ସମ୍ମାନରେ ସମ୍ମାନୀତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲିକ ପରିଚାଳନା କରିଥିଲେ। ସୁନାମଧନ୍ୟ ଗାୟିକା ବିଜୟିନୀ ଦାଶ, ସସ୍ମିତା ପାତ୍ର, ସାଇପ୍ରଭାଂଶୁ ନାୟକ, ଜେ.କେ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରଜକିଶୋର ଅନେକ ଗୁଣର ଅଧିକାରୀ ଥିଲେ


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି ବୃନ୍ଦ ।

ଯାଜପୁରରୋଡ଼,୩୦।୬(ପବିତ୍ର ରଞ୍ଜନ ମହାନ୍ତି):

ସ୍ୱର୍ଗତ ବ୍ରଜ କିଶୋର ରାଉତ ଏକାଧାରରେ ଜଣେ ସାମାଜିକ କର୍ମୀ, ରାଜନୀତିଜ୍ଞ, ଆଇନଜୀବୀ, ଖବରଦାତା, କ୍ରୀଡାବିତ ଓ କଳାକାର ଥିଲେ । ତାଙ୍କ ବିୟୋଗ ବ୍ୟାସନଗର ପାଇଁ ଅପୂରଣୀୟ କ୍ଷତି । ତାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ କୋରାଇ ବିଧାୟକ ଆକାଶ ଦାସ ନାୟକ ପରାମର୍ଶ ଦେଇଛନ୍ତି। ରବିବାର ସ୍ଥାନୀୟ ଦୁର୍ଗା ମନ୍ଦିର କମିଟି ତରଫରୁ ସ୍ୱର୍ଗତ ରାଉତଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ମରଣିକା 'ସ୍ମୃତିରେ ବ୍ରଜକିଶୋର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ, ବ୍ୟାସନଗର ପୌରପାଳ ସୁବାସ ଚନ୍ଦ୍ର ବଳ, ପୂର୍ବତନ ପୌରପାଳ ରସାନନ୍ଦ ମହାନ୍ତି, ପୂର୍ବତନ ଅଧକ୍ଷା ସବିତା ରାଉତ, ପ୍ରାକ୍ତନ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ସିପିଏମ ନେତା ପ୍ରଫୁଲ୍ଲ କୁମାର ନାୟକ, ପୂର୍ବତନ ଉପ ନଗରପାଳ ହୃଦାନନ୍ଦ ସାମଲ , ଚୋରଦା ଗ୍ରାମ କମିଟି ସମ୍ପାଦକ ରବିନାରାୟଣ ପୁହାଣ, ବ୍ୟାସନଗର କଂଗ୍ରେସ ସଭାପତି ଦିଲୀପ କୁମାର ମଲିକ, ବିଜେଡି ସମ୍ପାଦକ ମହେଶ କୁମାର ଧଳ, ଭାଜପା ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ରାଉତଙ୍କ ସ୍ମୃତି ଚରଣ କରିଥଲେ। ଦୁର୍ଗା ମନ୍ଦିର କମିଟି ତରଫରୁ ସଭାପତି ଜିତେନ୍ଦ୍ର କୁମାର ରାଉତ, ସମ୍ପାଦକ ନିରାକାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପବିତ୍ର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୩୦।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗରସ୍ଥିତ ହନୁମାନଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାହାଣୀଙ୍କୁ ସୋମବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟ ପ୍ରତିଷ୍ଠା ଦିନରୁ ନମିତା ସାହାଣୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ସୋମବାର ଅବସର ଗ୍ରହଣ କରିଛନ୍ତି । ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଗଙ୍ଗାଧରପୁର ପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ଜେନା ଯୋଗଦେଇଥିଲେ । ସିଆର୍‌ସିସି ରଞ୍ଜନ କୁମାର ବେହେରା, ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପାଳ ଯୋଗ ଦେଇ ସାହାଣୀଙ୍କ ଛାତ୍ର ବତ୍ସଳତା, ଶିକ୍ଷକତା ଓ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିବା ସହ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀ ସାହାଣୀଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା।

# ଚୋରଦା ଗ୍ରାମ୍ୟ କମିଟି ପକ୍ଷରୁ ସ୍ମୃତିସଭା



ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

ଯାଜପୁରରୋଡ଼,୩୦।୬
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌରାଞ୍ଚଳ ଚୋରଦା ଗ୍ରାମ୍ୟ କମିଟି ପକ୍ଷରୁ ଗ୍ରାମ ପାଠାଗାର ସଭାଗୃହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗ୍ରାମ କମିଟିର ପୂର୍ବତନ ସମ୍ପାଦକ ବ୍ରଜକିଶୋର ରାଉତ ଓ ଗ୍ରାମର ଧର୍ମପରାୟଣ ମହିଳା ଲକ୍ଷ୍ମୀପ୍ରିୟା ବଳଙ୍କ ସ୍ମୃତିଚାରଣ କରାଯାଇଥିଲା। ଗ୍ରାମ୍ୟ କମିଟିର ସାଧାରଣ ସମ୍ପାଦକ ରବି ନାରାୟଣ ପୁହାଣ, ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ଗଦାଧର ମହାନ୍ତି, ଶିଶିର କୁମାର ରାଉତ, ଗଣନାଥ ରାଉତ, ଶିକ୍ଷାବିତ୍ ପ୍ରହ୍ଲାଦ ରାଉତ, ସନ୍ତୋଷ କୁମାର ମହାନ୍ତି, ପବିତ୍ର ରଞ୍ଜନ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ଶରତ ଚନ୍ଦ୍ର ମହାନ୍ତି, ଲୋକନାଥ ବେହୁରା, ଅନିରୁଦ୍ଧ ମହାନ୍ତି, ଅଜୟ କୁମାର ବଳ, ଗୋବିନ୍ଦ ଚନ୍ଦ୍ର ସାହୁ, ମାଧବାନନ୍ଦ ବେହୁରା, କେଶବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଯୁବନେତା ପ୍ରଶାନ୍ତ କୁମାର ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌର ପରିଷଦ ବିବାଦ ଅସହ୍ୟ ହେଲା

- ନିର୍ବାହୀ ଅଧିକାରୀ ଛୁଟିରେ ଗଲେ
- ବାଧାପ୍ରାପ୍ତ ହେବ ସହରର ବିକାଶ କାର୍ଯ୍ୟ

ଯାଜପୁରରୋଡ଼,୩୦।୬
(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦରେ ବିବାଦ ଥମିବାର ନା ଧରୁନାହିଁ । ଟେଣ୍ଡର ପ୍ରକ୍ରିୟାକୁ ନେଇ ଲାଗିରହିଥିବା ବିବାଦକୁ ସାମ୍ନା କରି ନ ପାରି ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଚାଲି ଯାଇଥିବା ସୋମବାର ସୂଚନା ମିଳିଛି । ଏଥିପାଇଁ ସହରର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୬ ଜଣ ଅସନ୍ତୁଷ୍ଟ (ବିଜେଡିର ୪, ଭାଜପା ଓ କଂଗ୍ରେସର ୨ ଜଣ) କାଉନସିଲର ଟେଣ୍ଡରରେ ଜାଣିଶୁଣି ସେମାନଙ୍କ ୱାର୍ଡକୁ କମ୍ ଅନୁଦାନ ଦିଆଯାଉଛି ଦର୍ଶାଇ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ ଆଣିଥିଲେ । ବିଗତ ପୌର ପରିଷଦ କାଉନସିଲ ବୈଠକ ଅନୁଯାୟୀ ପୂର୍ବରୁ



ପଡିରହିଥିବା ପ୍ରାୟ ୪ କୋଟି ଟଙ୍କାର ଅନୁଦାନକୁ ବିଭିନ୍ନ ୱାର୍ଡର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରିବାକୁ ସର୍ବସମ୍ମତି ନିଷ୍ପତ୍ତି ହୋଇଥିଲା। ସମସ୍ତ ୨୬ ୱାର୍ଡରେ ବାକିଥିବା ବିକାଶ କାର୍ଯ୍ୟରେ ଉକ୍ତ ଅନୁଦାନ ଟେଣ୍ଡର ମାଧମରେ ଖର୍ଚ୍ଚ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଉକ୍ତ ବିକାଶ କାର୍ଯ୍ୟର ଖସଡ଼ା ପ୍ରସ୍ତୁତ କରାଯାଇ ଟେଣ୍ଡର କରିବା ପାଇଁ ନିର୍ବାହୀ ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ହେଲେ ନିର୍ବାହୀ ଅଧିକାରୀ ବିଭିନ୍ନ କାରଣ ଦର୍ଶାଇ ଟେଣ୍ଡର ପ୍ରକ୍ରିୟାକୁ ଗଡ଼ାଇ ଚାଲିଥିଲେ, ଯାହାକୁ ନେଇ ଗୁରୁବାର ଅଧ୍ୟକ୍ଷଙ୍କ ସହ ୨୦ଜଣ କାଉନସିଲର କେଉଁ କାରଣରୁ ଟେଣ୍ଡର କରାଯାଉନାହିଁ ବୋଲି ପ୍ରଶ୍ନ କରିବା ସହ ପୌର ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାକୁ ଚାପ ସୃଷ୍ଟି କରିଥିଲେ। ଏଥିସହ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଅଧିକାରୀଙ୍କୁ ଅଟକ ରଖିଥିଲେ । ଟେଣ୍ଡରରେ ସେମାନଙ୍କ ୱାର୍ଡ ପାଇଁ କମ୍ ଅର୍ଥ ଦିଆଯାଉଥିବା ୬ ଜଣ କାଉନସିଲର ଅଭିଯୋଗ କରି ଏକ ପତ୍ରରେ ଟେଣ୍ଡର ପ୍ରକ୍ରିୟା ବନ୍ଦ ରଖିବାକୁ ନିର୍ବାହୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ । ସେମାନଙ୍କ ଅଭିଯୋଗ ବିଚାର କରା ନ ଗଲେ ଅନଶନରେ ବସିବାକୁ ଚେତାବନୀ ଦେଇଥିଲେ। ଫଳରେ ସହରର ଉନ୍ନତି ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ବିକାଶ ବନ୍ଦ ହୋଇଛି । ଯଦି ପୂର୍ବବର୍ଷ ବଜେଟକୁ ଦେଖାଯାଏ ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନଙ୍କ ୱାର୍ଡରେ ଅନ୍ୟ ୱାର୍ଡ ଅପେକ୍ଷା ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ପୌରାଧ୍ୟକ୍ଷ ସୁବାସ ବଳ କହିଛନ୍ତି । ଏନେଇ ଶାସକ ଦଳ ରାଜନୀତି କରୁଥିବା ଅଭିଯୋଗ ହୋଇଛି । ସହରବାସୀଙ୍କ ଭୋଟରେ ନିର୍ବାଚିତ ହୋଇଥିବା ବିଧାୟକ ଅଯଥାରେ ସହରର ବିକାଶରେ ବାଧକ ସାଜୁଥିବା ୨୦ ଜଣ କାଉନସିଲର ଅଭିଯୋଗ ଆଣିଛନ୍ତି । ପୌର ପରିଷଦକୁ ଗୋଟିଏ ଟଙ୍କା ଦେଇ ନ ଥିବା ଶାସକ ଦଳ ପୂର୍ବ ସରକାର ସମୟରେ ପଡିରହିଥିବା ଅନୁଦାନ ସହରର ବିକାଶ କାର୍ଯ୍ୟରେ ବିନିଯୋଗକୁ ଉଦ୍ଦେଶ୍ୟ ମୂଳକ ଭାବେ ବାଧା ସୃଷ୍ଟି କରୁଥିବା ସେମାନେ କହିଛନ୍ତି। ଯଦି ଏଭଳି ପରିସ୍ଥିତି ଲାଗିରହେ ତେବେ ଆମେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏ ନେଇ ବିଧାୟକ ଆକାଶ ଦାସନାୟକଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

# ଆଡ଼ପ ମଣ୍ଡପକୁ ବିଜେହେଲେ ଶ୍ରୀବଳଦେବ ଜୀଉ

କେନ୍ଦ୍ରାପଡ଼ା, ୩୦।୬(ଜଗନ୍ନାଥ ଧଳ)

- ଅନ୍ନ ବଦଳରେ ରଥରେ ରହି ଚୁଡ଼ା ଖାଇବାକୁ ପଡ଼ିଲା
- ରଥଯାତ୍ରା ପରିଚାଳନାକୁ ନେଇ ତେଜୁଛି ଅସନ୍ତୋଷ
- ରଥର ଫିଟ୍‌ନେସ୍ ପ୍ରମାଣପତ୍ରକୁ ନେଇ ଉଠିଲା ପ୍ରଶ୍ନ

ରଥଯାତ୍ରା ଆରମ୍ଭର ୪ ଦିନ ପରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିଛି। ସୋମବାର ଅପରାହ୍ଣ ୨ଟାରେ ରଥ ପହଞ୍ଚିବା ପରେ ଶ୍ରଦ୍ଧାଳୁ ଆଶ୍ୱସ୍ତ ହୋଇଛନ୍ତି। ଖୁସିରେ ନାଚିବା ସହ ହରିବୋଲ ହୁଳହୁଳିରେ ରଥ ଚକଡ଼ା ପୂରିଉଠିଛି। ଡାହୁକ ପାରମ୍ପରିକ ଭାବେ ମିଠା ବାଣ୍ଟିଛନ୍ତି। ତେବେ ଡାହୁକଙ୍କ ଏହି ମିଠା ବଣ୍ଟା କାର୍ଯ୍ୟକ୍ରମ ଗୋଟିଏ ଦିନ ଅଧିକ ଗଡ଼ି ଯାଇଛି।

ରବିବାର ରାତି ୯ଟାରେ ଶ୍ରୀଜୀଉ ଆଡ଼ପ ମଣ୍ଡପରେ ବିଜେ କରିଥାନ୍ତେ। ସୋମବାର ମଧ୍ୟାହ୍ନରେ ଅନ୍ନଭୋଗ ହୋଇଥାନ୍ତା। ମାତ୍ର ରଥ ନିର୍ମାଣ ଓ ପରିଚାଳନାରେ ତ୍ରୁଟି ଯୋଗୁ ଗତ ରାତିରେ ଆଡ଼ପ ମଣ୍ଡପ ବିଜେ ହୋଇପାରି ନ ଥିଲେ। ଫଳରେ ଅନ୍ନଭୋଗ ପରିବର୍ତ୍ତେ ଶ୍ରୀଜୀଉ ଚୁଡ଼ା ଭୋଗ ଖାଇ ରହିବାକୁ ପଡ଼ିଲା । ଏହାକୁ ନେଇ ଏବେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରଥ ପରିଚାଳନା ନେଇ ଥିବା ଅସନ୍ତୋଷ, ରୋଷକୁ ନିର୍ମାଣଗତ ତ୍ରୁଟି କହି ଟ୍ରଷ୍ଟ ବୋର୍ଡ ଓ ପ୍ରଶାସନିକ ଅଧିକାରୀ ଆଡେଇ ଯାଉଛନ୍ତି। ମାତ୍ର ରଥ ନିର୍ମାଣ ଓ ଫିଟ୍‌ନେସ୍ ପ୍ରମାଣପତ୍ର ପ୍ରଦାନ ପୂର୍ତ୍ତ ବିଭାଗ ଅଧୀନ। ଗତ ୪ ଦିନ ଧରି ରଥ ଅବ୍ୟବସ୍ଥାରେ ଚାଲିଥିଲେ ମଧ୍ୟ ପ୍ରମାଣପତ୍ର ଟ୍ରଷ୍ଟ ବୋର୍ଡ ନିକଟରେ ପହଞ୍ଚିନାହିଁ। ଜିଲା ପ୍ରଶାସନର ଏପରି ଖାମଖିଆଲ ଭାବକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଛନ୍ତି। ଧାର୍ମିକ ଭାବନା ଓ ଆସ୍ଥା ପ୍ରତି ଖେଳ ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତ।

ଏ ସମ୍ପର୍କରେ ଶ୍ରଦ୍ଧାଳୁ ଆଇନଜୀବୀ ମମତାମୟୀ ସାମଲ କହିଛନ୍ତି, ରଥଟଣା ଆରମ୍ଭରୁ ସୋମବାର ପର୍ଯ୍ୟନ୍ତ ରହି ଆସିଛି। ପ୍ରଥମ ଦିନ ସନ୍ଧ୍ୟା ସୁଦ୍ଧା ପାରମ୍ପରିକ ଭାବେ ୧୦୦ ମିଟର ରଥ ଗଡ଼ି ଥିଲା। ପର ୨ଦିନ ରଥ ବାମ ମୋଡ଼ ନେବାରୁ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିବାରେ ବିଳମ୍ବ ହୋଇଛି। ଶ୍ରୀଜୀଉଙ୍କ ଆଡ଼ପ ମଣ୍ଡପ ବିଜେ ଦର୍ଶନରୁ ରଥ ପରିଚାଳନା ତ୍ରୁଟି ପାଇଁ ଶ୍ରଦ୍ଧାଳୁଙ୍କୁ ବଞ୍ଚିତ



ମାଉସୀ ମା' ଚକଡ଼ାରେ ବ୍ରହ୍ମ ତାଳଧ୍ୱଜ ରଥ ଲାଗିଛି।

କରାଯାଇଛି। ଏହା କେଉଁ କାରଣରୁ ହେଲା, ତାହାର ପ୍ରଶାସନିକ ତଦନ୍ତ କରାଯାଉ ବୋଲି ସେ ମତ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଳୁ ଚିତ୍ତରଞ୍ଜନ ସାହୁ କହିଛନ୍ତି, ଅନ୍ନ ଭୋଜନ ବଦଳରେ ୩ ଦିନ ଧରି ଶ୍ରୀଜୀଉଙ୍କୁ ଚୁଡ଼ା ଭୋଗ ଦେବା ଜାଣି ବହୁତ କଷ୍ଟ ହେଉଛି। ରଥ ଗଡ଼ିବା ପାଇଁ ରେଳ ବିଭାଗର ହାଇଡ୍ରୋ ଟ୍ରୋଚର ଲାଗିବା ଏହା ମଧ୍ୟ ଅନ୍ୟତମ କଷ୍ଟ। ନିର୍ଦ୍ଦିଷ୍ଟ ସମୟରେ ନୀତିକାନ୍ତି ନ ହେବା, ଶ୍ରୀଜୀଉଙ୍କ ବଡସିଂହାର ବେଶ ପରେ ଜ୍ୟାକ୍‌ରେ ରଥକୁ ଉଠାଇବା ଆଦି ପ୍ରଶାସନିକ ଅଧିକାରୀଙ୍କ ପ୍ରଶାସନିକ ଅପାରଗତା। ରଥ ନିର୍ମାଣ ତ୍ରୁଟିକୁ ଶ୍ରୀଜୀଉଙ୍କ ଲୀଳା କହି ଆଡ଼େଇ ଯିବା ଠିକ୍ ନୁହେଁ। ସେବାୟତ ଜ୍ୟୋତିରଞ୍ଜନ ପତ୍ରୀ କହିଛନ୍ତି, ନୀତି ପରିଚାଳନାକୁ ଜିଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଇନାହିଁ। ସେବାୟତଙ୍କ ସହ ବୈଠକ ହୋଇନାହିଁ। ସୀମିତ ସେବାୟତଙ୍କୁ ନେଇ ବୈଠକ କରାଯାଉଛି। ଆବଶ୍ୟକ ସମୟରେ ବୈଠକ ନ ହୋଇ ରଥଟଣାର ସାମାନ୍ୟ କେତୋଟି ଦିନ ପୂର୍ବରୁ ବୈଠକ ହୋଇଛି। ଏହାବ୍ୟତୀତ ରଥ ନିର୍ମାଣଗତ ତ୍ରୁଟିକୁ ଜିଲା ପ୍ରଶାସନ ଆଦୌ ଧ୍ୟାନ ଦେଇନାହାନ୍ତି। ପୂର୍ତ୍ତ ବିଭାଗ ରଥ ନିର୍ମାଣର ତଦାରଖ ସହ ଫିଟ୍‌ନେସ୍ ପ୍ରମାଣପତ୍ର ଦେବା କଥା। ତେବେ ଏହି ପ୍ରମାଣପତ୍ର ଦେବୋତ୍ତର ଟ୍ରଷ୍ଟକୁ ମିଳି ନ ଥିଲେ ମଧ୍ୟ ରଥଟଣା ଗଲା। ଆଡ଼ପ ମଣ୍ଡପକୁ ଶ୍ରୀଜୀଉ ବିଜେ କରି ନ ଥିବାରୁ ଅନ୍ନ ଭୋଗ ପରିବର୍ତ୍ତେ ଚୁଡ଼ା ଖାଇବାକୁ ଦିଆଗଲା। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କୁ ପଚାରିବାରେ ରଥ ନିର୍ମାଣ ତ୍ରୁଟି ଥିବା ସମ୍ପର୍କରେ ଏବେ ଅଭିଯୋଗ ହେଉଛି। ରଥ ଫିଟ୍‌ନେସ୍ ସମ୍ପର୍କରେ ପ୍ରମାଣପତ୍ର ପୂର୍ତ୍ତ ବିଭାଗ ଟ୍ରଷ୍ଟ ବୋର୍ଡକୁ ଦେବା କଥା। ହୁଏତ ଏହି ପ୍ରମାଣ ପତ୍ର ଜିଲାପାଳ ଓ ଏସ୍‌ପିଙ୍କୁ ପୂର୍ତ୍ତ ବିଭାଗ ଦେଇଥିବେ। ରଥଟଣାରେ ବିଭ୍ରାଟକୁ ନେଇ ୨ଦିନ ପୂର୍ବେ ସମୀକ୍ଷା ହୋଇଥିଲା। ନିର୍ମାଣଗତ ତ୍ରୁଟି ବା ଅନ୍ୟ ତ୍ରୁଟିର ତର୍ଜମା ସମ୍ପର୍କରେ ନିଶ୍ଚିତ ଆଲୋଚନା ହେବ ବୋଲି ସେ କହିଛନ୍ତି।

# ୫.୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ପଟ୍ଟାମୁଣ୍ଡାଇ, ୩୦।୬ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସହରରେ ବ୍ରାଉନସୁଗାର ରାକେଟ୍ ସକ୍ରିୟ ରହିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ କେନ୍ଦ୍ରାପଡ଼ା ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରବିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ଏକ ଟିମ ଆଦର୍ଶ ଥାନା ଅଧୀନ ପୋଖରିଆପଡ଼ା ହରପାର୍ବତୀ ମନ୍ଦିର ଛକଠାରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କଠାରୁ ୫୫ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ବୋଲି ଜଣାପଡିଛି। ଏହି ଘଟଣାରେ ସ୍ଥାନୀୟ ପୋଖରିଆପଡ଼ା ଗ୍ରାମର ସୋନୁ ବେହେରାଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ର ମଣ୍ଡଳ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ନାୟକ, ସବ ଇନ୍ସପେକ୍ଟର ଧର୍ମପଦ ଦାସ, ଏଏସ୍‌ଆଇ ସୁନିଲ ମିଶ୍ର, ଛାୟାକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ। ଏ ନେଇ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ନଂ. ୮୬/୨୫-୨୬ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁଦିନ ଚରସ, ଗଞ୍ଜେଇ, ଚୋରାମଦ ଓ ବ୍ରାଉନସୁଗାର ଭଳି ନିଶା କାରବାର ବଢି ଚାଲିଛି। ଏହି କାରବାରର ମାଷ୍ଟର ମାଇଣ୍ଡକୁ ଗିରଫ କରାଯିବାରେ ପୋଲିସ କି ଅବକାରୀ ବିଭାଗ ସଫଳ ହୋଇନାହିଁ। ଏହି ରାକେଟ୍‌ରେ ଏକାଧିକ ଲୋକ ସମ୍ପୃକ୍ତ ଅଛନ୍ତି। ପୋଲିସ ଓ ଅବକାରୀ ବିଭାଗ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କେବେ ଗିରଫ କରିବାରେ ସଫଳ ହେବେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ରଥଯାତ୍ରାରେ ଭିନ୍ନକ୍ଷମଙ୍କୁ ସଚେତନ କରାଉଛି ପୁନର୍ବାସ

କେନ୍ଦ୍ରାପଡ଼ା, ୩୦।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଭିନ୍ନକ୍ଷମଙ୍କ ପାଇଁ ସେବା କାର୍ଯ୍ୟ କରୁଥିବା ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କରେ ସଚେତନତା କରାଯାଉଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଉପଦେଷ୍ଟା ଡ. ବିରଜା ରାଉତରାୟ କହିଛନ୍ତି, ସମାଜରେ ବହୁ ପରିମାଣରେ ଭିନ୍ନକ୍ଷମ ଅବହେଳାର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନୂତନ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ରେ ପ୍ରଣୟନ କରାଯାଇଛି। ଏଥିରେ ସେହି ବର୍ଗର ଲୋକଙ୍କ ପାଇଁ ସରକାରୀ ସୁବିଧା, ସଂରକ୍ଷଣ, ପ୍ରାବଧାନ ଓ ସ୍ୱତନ୍ତ୍ର ସଂରକ୍ଷଣ ଆଦିକୁ ଗୁରୁତ୍ୱ ଦିଆଯାଇଛି। ପ୍ରକୃତରେ ସମସ୍ତଙ୍କ ସହଯୋଗ ମିଳିଲେ ଜଣେ ଅକ୍ଷମ ବ୍ୟକ୍ତି ନିଜକୁ ଭିନ୍ନକ୍ଷମ ଭାବେ ପ୍ରତିପାଦିତ କରିପାରିବେ। ଏହା ଏବେ ଉଦାହରଣ ନ ହୋଇ ବାସ୍ତବତାରେ ପରିଣତ ହୋଇଛି। ଏହି ଅବସରରେ ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସୂଚନା ପୁସ୍ତିକା ଓ ଲିଫଲେଟ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ବଂଶୀଧର ମହାନ୍ତି, କର୍ମକର୍ତ୍ତା ପ୍ରତାପ ସ୍ୱାଇଁ, ସଞ୍ଜୀବ ଜେନା, ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଦେଶ ପାଇଁ କାମ, ଶ୍ରମର ଉଚିତ ଦାମ ଆମ ସ୍ଲୋଗାନ୍

## ଭାରତୀୟ ମଜଦୁର ସଂଘର ବାର୍ଷିକ ସମ୍ମିଳନୀ



ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା, ୩୦।୬ (ଜଗନ୍ନାଥ ଧଳ)

ତୃଣମୂଳସ୍ତରରେ ନିରନ୍ତର କାର୍ଯ୍ୟ କରିବା ଭାରତୀୟ ମଜଦୁର ସଂଘର ଲକ୍ଷ୍ୟ। ଅନ୍ୟ ସଙ୍ଗଠନ ପରି ଏହାର ରାଜନୈତିକ ଅଭିସନ୍ଧି ନାହିଁ। ୧୯୫୫ ମସିହାରୁ ଅଦ୍ୟାବଧି ଭାରତର ସର୍ବବୃହତ୍ ମଜଦୁର ସଙ୍ଗଠନ ହୋଇ ରହି ଆସିଛି। ଦେଶ ପାଇଁ କାମ ଓ ଶ୍ରମ ପାଇଁ ଉଚିତ ଦାମ ଆମର ସ୍ଲୋଗାନ ବୋଲି ଭାରତୀୟ ମଜଦୁର ସଂଘର କେନ୍ଦ୍ରାପଡ଼ା ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ସମ୍ମାନିତ ଅତିଥିମାନେ ମତ ରଖିଛନ୍ତି। ଏହି ଅବସରରେ ଜିଲାସ୍ତରୀୟ କର୍ମକର୍ତ୍ତା ମନୋନୟନ ହୋଇଛି। ସହରର କଜଳାସ୍ଥିତ ମହାଦେବ ମନ୍ଦିର ପରିସରରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଅରୁନ୍ଧତୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଘର ଲକ୍ଷ୍ୟ, ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଦେଶର ହିତ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାକୁ ରାଜ୍ୟ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଅକ୍ଷୟ କୁମାର ଦାସ, ପୁଷ୍ପଲତା ରଥ, ଶାନ୍ତନୁ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କ ଜୟନ୍ତୀ ଅବସରରେ ମହାନ୍ ଦାର୍ଶନିକ ଦତୋପନ୍ତ ଠେଙ୍ଗଡିଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ସଂଘ ଅଦ୍ୟାବଧି ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ। ଏହା ଏବେ ବି ଶ୍ରମିକଙ୍କର ହୋଇ ରହିଛି। ଶ୍ରମିକଙ୍କ ସମସ୍ୟାର ସମାଧାନ କରି ଦେଶ ପାଇଁ କାର୍ଯ୍ୟ କରିବାକୁ ସର୍ବଦା ଗୁରୁତ୍ୱ ଦେଇଆସିଛି। ସେହିପରି କାର୍ଯ୍ୟ ପାଇଁ ନ୍ୟାଯ୍ୟ ପାରିଶ୍ରମିକ ଦାବି କରିଆସିଛି। ଏହି ଅବସରରେ ଜିଲାସ୍ତରୀୟ କର୍ମକର୍ତ୍ତା ନିର୍ବାଚନରେ ଶାନ୍ତନୁ ମଲ୍ଲିକଙ୍କୁ ଜିଲା ସଭାପତି ଭାବେ ଘୋଷଣା କରାଯାଇଥିଲା। ସେହିପରି ଅରୁନ୍ଧତୀ ଲେଙ୍କା ଓ କାହ୍ନୁଚରଣ ବେହେରା ଉପସଭାପତି, ପ୍ରଶାନ୍ତ କୁମାର ତ୍ରିପାଠୀ ସମ୍ପାଦକ, ପୁଷ୍ପଲତା ରଥ ସଙ୍ଗଠନ ସମ୍ପାଦକ, ମଥୁରୀ ସାହୁ ଓ ପ୍ରଶାନ୍ତ କୁମାର ପ୍ରଧାନ ସହସମ୍ପାଦକ, ପ୍ରଦୀପ କୁମାର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଏଥିସହ ପ୍ରଦୀପ ପତି, ଉମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖଙ୍କୁ କମିଟିରେ ସଦସ୍ୟ ରହିଛନ୍ତି।

# ପୋଲ ମଝିରେ ଗର୍ତ୍ତ, ଯାତାୟାତ ବାଧା

ଡେରାବିଶ, ୩୦।୬(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ଅନ୍ତର୍ଗତ ନରହରିପୁର ଗ୍ରାମକୁ ସଂଯୋଗ କରୁଥିବା ମାଣିକବଜାରସ୍ଥିତ କେନ୍ଦ୍ରାପଡ଼ା ଗୋବରୀ କେନାଲ ଉପରେ ହୋଇଥିବା ପୋଲ ମଧ୍ୟ ଭାଗରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ଗମନାଗମନ ବ୍ୟାହତ ହୋଇଛି। ପ୍ରାୟ ମାସେ ହେବ ପୋଲ ମଧ୍ୟଭାଗରେ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲେ ମଧ୍ୟ ଜଳସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଗୋବରୀ ମୁଖ୍ୟ କେନାଲ ଉପରେ ଥିବା ଏହି ପୋଲ ଉପରେ ଆଖପାଖ ୬ଟି ଗ୍ରାମର ଜନସାଧାରଣ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ଗର୍ତ୍ତ ସୃଷ୍ଟି ହେବା ଫଳରେ ୧୫ ଦିନ ମଧ୍ୟରେ ୪ଟି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଦିନକୁ ଦିନ ଏହି ଗର୍ତ୍ତର ଆକାର ବୃଦ୍ଧି ପାଇ ଚାଲିଥିବାରୁ ସ୍ଥାନୀୟ ଲୋକେ ସେଠାରେ ବାଡି ଓ ଗଛ ପତ୍ର ପକାଇ ଯାତାୟାତ ପାଇଁ ବାରଣ କରିଛନ୍ତି। ଯଦି କୌଣସି ଭାରିଯାନ ଯାଏ ତେବେ ଏହା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିବାର ସମ୍ଭାବନା ରହିଥିବା ଅଞ୍ଚଳର ପ୍ରକାଶ



ଗୋବରୀ କେନାଲ ଉପରେ ଥିବା ପୋଲ ମଝିରେ ଗର୍ତ୍ତ ସୃଷ୍ଟି ହୋଇଛି।

କୁମାର ଲେଙ୍କା କହିଛନ୍ତି। କେନାଲ ଉପରେ ପ୍ରାୟ ୨୦ ବର୍ଷ ପୂର୍ବେ ନିର୍ମିତ ଏହି ପୋଲଟି ରକ୍ଷଣାବେକ୍ଷଣ ନ ହେବାରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଇଛି। ପୋଲ କଡ଼ରେ ନିର୍ମିତ ବାଡ଼ା ବହୁଦିନ ପୂର୍ବରୁ ଭାଙ୍ଗି ରୁଜି ଯାଇଛି। ତାହା ମରାମତି ହେବା ତ ଦୂରର କଥା ବରଂ ବାଡ଼ ବିହୀନ ପୋଲ ଉପରୁ ଅନେକ ସମୟରେ ପଥଚାରୀ ଖସି ପଡ଼ିବାର ମଧ୍ୟ ନଜିର ରହିଛି। ଏପରି କି ବହୁ ସମୟରେ ଗୃହପାଳିତ ପ୍ରାଣୀ ମଧ୍ୟ ପୋଲରୁ ଖସିପଡ଼ି ମୃତାହତ ହୋଇଥିବା ଲେଙ୍କା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅଞ୍ଚଳବାସୀ ବସୁପୁରସ୍ଥିତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଯଦି ଏହି ପୋଲକୁ ଖୁବ୍‌ଶୀଘ୍ର ମରାମତି କରା ନ ଯାଏ ତେବେ ବସୁପୁର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଆଶିଷ ଦାସ ଓ ଶମ୍ଭୁ ପ୍ରଧାନ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ବିଜୟ ମହାନ୍ତିଙ୍କୁ ପଚାରିବାରେ ମୋର ବସୁପୁର ସେକ୍ସନରୁ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ସେ ବିଷୟରେ କିଛି କହିପାରିବି ନାହିଁ ବୋଲି କହିଥିଲେ।

# ମା' ରାମଚଣ୍ଡୀ ମନ୍ଦିର ମୁଖ୍ୟ ସେବାୟତ ପ୍ରମୋଦଙ୍କ ପରଲୋକ

ମହାକାଳପଡ଼ା, ୩୦।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ପ୍ରମୋଦ କୁମାର ସାମନ୍ତରାୟ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପ୍ରସିଦ୍ଧ ଶକ୍ତିପୀଠ ମା' ଦରିଆ ରାମଚଣ୍ଡୀ ମନ୍ଦିର ମୁଖ୍ୟ ସେବାୟତ ପ୍ରମୋଦ କୁମାର ସାମନ୍ତରାୟ ଓରଫ ବବୁନି ନନା (୬୪)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅପରାହ୍ଣରେ ପରଲୋକ ହୋଇଛି। ମନ୍ଦିରରେ ୩୫ ବର୍ଷରୁ ଅଧିକ ମୁଖ୍ୟ ସେବାୟତ ଭାବେ ନିଷ୍ଠାପର ସହିତ ସେ କାର୍ଯ୍ୟ କରି ଆସୁଥିଲେ। ସେ ଲିଭର ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ୨ ମାସ ଧରି ଚିକିତ୍ସାଧୀନ ଥିଲେ। ସେ ରାମନଗର ପଞ୍ଚାୟତ ବରଜ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପାରାଦୀପ କଲେଜରୁ ସ୍ନାତକ ଡିଗ୍ରୀ ପରେ ନିଜ କୌଳିକ ବୃତ୍ତି ମା'ଙ୍କ ସେବା କରିବାର ସୁଯୋଗ ଲାଭ କରିଥିଲେ। ରାମନଗର ଅଞ୍ଚଳରେ ମା' ରାମଚଣ୍ଡୀଙ୍କ ମୁଖ୍ୟ ସେବାୟତ ପରିବାର ଭାବେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କର ଅମାୟିକ ସ୍ନେହ ଶ୍ରଦ୍ଧା ଭଲ ପାଇବା ଶ୍ରଦ୍ଧାଳୁ ମାନଙ୍କର ହୃଦୟରେ ବିଶ୍ୱାସ ଭାଜନ ହୋଇ ପାରିଥିଲେ। ତାଙ୍କର ପରଲୋକ ଖବର ପାଇ ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରମନଗର ବଜାର ବ୍ୟବସାୟୀ, ବ୍ଲକର ପ୍ରମୁଖ ଖବରଦାତା, ମା' ରାମଚଣ୍ଡୀ ସେନା ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ବିଶେଷ କରି ମା' ରାମଚଣ୍ଡୀଙ୍କ ଝାମୁଯାତ୍ରାରେ ସଙ୍କୀର୍ତ୍ତନ ମଣ୍ଡଳୀମାନଙ୍କ ସହିତ ମନ୍ଦିର ପରିକ୍ରମା ସମୟରେ ମା'ଙ୍କ ଚଳନ୍ତି ପ୍ରତିମା ବିମାନ ସମ୍ମୁଖରେ ମୁଖ୍ୟ ସେବାୟତ ବାବୁନି ନନାଙ୍କ ଚାମର ସେବା ଖୁବ୍ ନିଆରା ପରମ୍ପରା ସୃଷ୍ଟି କରିଥାଏ। ମା'ଙ୍କ ଝାମୁଯାତ୍ରାରେ ବଡ଼ ପଣ୍ଡା ବାବୁନି ନନାଙ୍କ ଚାମର ସେବା ମିଳିବ ନାହିଁ ବୋଲି ଅନେକ ଶ୍ରଦ୍ଧାଳୁ କହି ଦୁଃଖ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାର ୩ ସପ୍ତାହ ପରେ ବି ଚେତା ଫେରୁନି

ପଟ୍ଟାମୁଣ୍ଡାଇ, ୩୦।୬ (କଳ୍ପତରୁ ନାୟକ)

**ଯୁବକଙ୍କ ଚିକିତ୍ସା ସହାୟତା ନିବେଦନ ପାଇଁ**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅମୃତମଣୋହି ଗ୍ରାମର କାହ୍ନୁ ଚରଣ ସେଠୀ ଜଣେ ଗରିବ ଲୋକ ଓ ଦାଦନ ଶ୍ରମିକ ଭାବେ ସେ ରାଜ୍ୟ ବାହାରେ କାମ କରନ୍ତି। ରଜ ଉତ୍ସବ ପାଳିବା ପାଇଁ ଚଳିତମାସ ପ୍ରଥମ ସପ୍ତାହରେ ଗାଁକୁ ଆସିଥିଲେ। ମାତ୍ର ୮ ତାରିଖରେ ଆଳି ଥାନା ଅନ୍ତର୍ଗତ ସିଙ୍ଗିରି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ବିଳମ୍ବିତ ରାତିରେ ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କଟକର ଏକ ଘରୋଇ ହସ୍ପିଟାଲ ଚିକିତ୍ସା ପାଇଁ ଭର୍ତ୍ତିକରାଯାଇଥିଲା। ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେବାରୁ ପରିବାର ଲୋକ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। କାହ୍ନୁଙ୍କ ବାପା ଅଶୋକ ଗାଁରେ ମାଛ ବ୍ୟାବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଅଶୋକଙ୍କ ଏକମାତ୍ର ପୁତ୍ର କାହ୍ନୁଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଅସ୍ତ୍ରୋପଚାର ଦ୍ୱାରା ଭଲ କରିବାରେ ପ୍ରଚୁର ଅର୍ଥର ଆବଶ୍ୟକ ରହିଛି। ଯାହାକି ଗରିବ ଅଶୋକଙ୍କ ପକ୍ଷେ ଅସମ୍ଭବ। ଫଳରେ ପୁଅକୁ ବଞ୍ଚାଇବା ପାଇଁ ଅଶୋକ ନିରୁପାୟ ହୋଇ ଗାଁକୁ ଗାଁ ବୁଲି ସାହାଯ୍ୟ ପାଇଁ ଆକୁଳ ନିବେଦନ କରୁଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ କାହ୍ନୁଙ୍କ ଚିକିତ୍ସା ଲାଗି ସରକାରୀ ସହାୟତା ଯୋଗାଇବା ସହ ବଦାନ୍ୟ ବ୍ୟକ୍ତିମାନେ ସହଯୋଗର ହାତ ବଢ଼ାଇବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

# ୬୮ ଅଭିଯୋଗରୁ ୧୧ ସାମୂହିକ

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

- ୬ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ

ମହାକାଳପଡ଼ା, ୩୦।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଭିନ୍ନକ୍ଷମମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲା ଗ୍ରାମ୍ୟ ଉନ୍ନୟନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ତହସିଲଦାର ଶିବ ମଲିକ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସାମାଜିକ ଅଧିକାରୀ ଦୀପକ କୁମାର ପରିଡ଼ା ଓ ପୋଲିସ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ। ସେମାନେ ୬୮ଟି ଅଭିଯୋଗପତ୍ରର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୧ଟି ସାମୂହିକ ଅଭିଯୋଗ ଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ଯୋଜନା, ଗରିବ ଲୋକଙ୍କ ପାଇଁ ଭତ୍ତା ଓ ରାଶନ କାର୍ଡ, ପାନୀୟ ଜଳ, ବୃକ୍ଷ ରୋପଣ, ଶିଶୁ ଖାଦ୍ୟ ଯୋଗାଣ, ମିଶନ ଶକ୍ତି, ମହିଳା ଗୋଷ୍ଠୀ ଗଠନ, ବର୍ଷାଦିନରେ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ଶେଷ କରିବା ଉପରେ ଅଭିଯୋଗର ଶୁଣାଣି କରିଥିଲେ। ଶେଷରେ ୧୦ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ ଭିନ୍ନକ୍ଷମଙ୍କୁ ହୁଇଲି ଚେୟାର ଓ ୪ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।

# ବର୍ଷା: ବୁଡ଼ିଲେ ଗୋକର୍ଣ୍ଣେଶ୍ୱର ମହାଦେବ

ରାଜକନିକା, ୩୦।୬(ସଞ୍ଜୟ କୁମାର ଦାଶ)



ରାଜାରାଜୁଡ଼ା ଅମଳରୁ ରାଜକନିକା ସଦର ଅଞ୍ଚଳର ଆରାଧ୍ୟ ଦେବତା ଶୈବପୀଠରେ ଶ୍ରୀ ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ ପୂଜା ପାଇ ଆସୁଛନ୍ତି। ହେଲେ ଏବେ ଅସରାଏ ବର୍ଷା ହେଲେ ମନ୍ଦିର ଭିତରେ ବର୍ଷାଜଳ ପଶି ଠାକୁର ପୂର୍ଣ୍ଣ ଭାବେ ବୁଡିଯାଉଛନ୍ତି। ଫଳରେ ପୂଜା କରିହେଉନାହିଁ। କନିକା ରାଜାଙ୍କ ସମୟରୁ ଚତୁଃପାର୍ଶ୍ୱରେ ପାଣି ନାଳ ଥିଲା। ଏବେ ପାଣିନାଳଗୁଡିକୁ ଅବରୋଧକରି ସ୍ଥାୟୀ ଗୃହ ନିର୍ମାଣ କରାଯିବା ଯୋଗୁ ଏପରି ସମସ୍ୟା ଉପୁଜିଛି ବୋଲି ପୂଜକ କହିଛନ୍ତି। ଅନ୍ୟପକ୍ଷରେ ଗୋକର୍ଣ୍ଣେଶ୍ୱର ଗାଁର ଘୋଡ଼ାଶାଳଠାରୁ ଗଡ଼ି ଉଠିଥିବା ଗାଁରେ ମଧ୍ୟ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ୮ମାସ ଧରି ଜମି ରହୁଛି। ଫଳରେ ଗ୍ରାମବାସୀ ଯିବା ଆସିବାରେ ଅସୁବିଧା ହେବା ସହ ପଚା ପାଣି ଜମିରହୁଥିବାରୁ ବିଭିନ୍ନ ପ୍ରକାର ରୋଗରେ ରୋଗାଗ୍ରସ୍ତ ହେଉଛନ୍ତି ବୋଲି କହିଛନ୍ତି। ଛାତ୍ରୀଛାତ୍ର ସ୍କୁଲ, କଲେଜ ସେହି ବର୍ଷାଜଳରେ ପଶି ଯିବାକୁ ପଡୁଛି। କୋମଳମତି ଶିଶୁମାନେ ମଧ୍ୟ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ମଧ୍ୟ ଯିବାକୁ ସମସ୍ୟା ଉପୁଜୁଛି। ଏମିତିକି ଯେଉଁଦିନ ଯାଉଛନ୍ତି, ଘରକୁ ଆସି ଜ୍ୱରରେ ପଡୁଥିବା ନଜିର ଅଛି। ଏହି ସମସ୍ୟା ଦୀର୍ଘବର୍ଷ ହେଲା ହେଇଆସୁଛି। ଏ ନେଇ ଅନେକଥର ଗାଁ ଲୋକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ବି କିଛି ବି ସୁଫଳ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ୩ ପୁରୁଷ ଧରି ମହାଦେବଙ୍କୁ ପୂଜାକରି ଆସୁଥିବା ପୂଜକ ପ୍ରଶାନ୍ତ ପାଣି କହିଛନ୍ତି, ମହାଦେବଙ୍କୁ ଜଳାଭିଷେକ କରାଗଲେ ଠାକୁର ବୁଡିଥାନ୍ତି। ହେଲେ ଏବେ ଅସରାଏ ବର୍ଷା ହେଲେ ମନ୍ଦିର ଭିତରେ ବର୍ଷାଜଳ ପଶି ଠାକୁର ପୂର୍ଣ୍ଣ ଭାବେ ବୁଡ଼ିଯାଉଛନ୍ତି। ଫଳରେ ପୂଜା କରି ହେଉନାହିଁ। କନିକା ରାଜାଙ୍କ ସମୟରୁ ଚତୁଃପାର୍ଶ୍ୱରେ ପାଣି ନାଳ ଥିଲା। ବର୍ତ୍ତମାନ ପାଣିନାଳ ଉପରେ ଗୃହ ନିର୍ମାଣ ହେବାରୁ ଏଭଳି ସମସ୍ୟା ଉପୁଜିଛି। ଗୋକର୍ଣ୍ଣେଶ୍ୱର ଗାଁର ଘୋଡ଼ାଶାଳଠାରୁ ଗଡ଼ି ଉଠିଥିବା ଗାଁରେ ମଧ୍ୟ ଏହି ବର୍ଷାଜଳ ୮ମାସ ଧରି ଜମି ରହୁଛି ବୋଲି ଗାଁର ସୁଶାନ୍ତ ସାମଲ, ରଶ୍ମିରଞ୍ଜନ ମହାନ୍ତି, ଦାଶରଥି ନାୟକ, ବିଶ୍ୱନାଥ ମାଝି, ସର୍ବେଶ୍ୱର ମୁଦୁଲି, ବାଇଧର ନାଥ, ଶରତ ବାରିକ, କୀର୍ତ୍ତି ରାୟ, ପୁରେନ୍ଦ୍ର ଦାଶ, ସତ୍ୟବ୍ରତ, ସନ୍ତୋଷ କୁମାର ସିଂହ, କମଳା ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଜଣେ ଦକ୍ଷ କବାଡ଼ି କୋଚ୍ ଥିଲେ ଭିକାରୀ

ନୂଆଗାଁ, ୩୦।୬ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ବେରୁହାଁବାରୀ ଗ୍ରାମ ପଞ୍ଚାୟତ ସରକାରୀ ବିଦ୍ୟାପୀଠଠାରେ ସୋମବାର କ୍ରୀଡା ଶିକ୍ଷକ ଭିକାରୀ ଚରଣ ସାହୁଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଲୋକନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ସମେତ ନୟାଗଡ଼ ଜିଲାର ପ୍ରତ୍ୟେକ ବ୍ଲକରୁ କ୍ରୀଡା ଶିକ୍ଷକ, ନୟାଗଡ଼ ଓଷ୍ଟା ସଂଘର କର୍ମକର୍ତ୍ତା, ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକତା ମଧ୍ୟରେ ସେ ବିଦ୍ୟାଳୟରେ ଅନେକ ମେଧାବୀ କ୍ରୀଡାବିତ୍ ସୃଷ୍ଟି କରିଥିଲେ। ସେ ଜଣେ ଦକ୍ଷ କବାଡି କୋଚ୍ ଥିଲେ। ତାଙ୍କ ଦ୍ୱାରା ଅନେକ ଥର ନୂଆଗାଁ ବ୍ଲକ କବାଡି ଖେଳାଳୀ ରାଜ୍ୟ ଏବଂ ଜାତୀୟସ୍ତରରେ ସୁନାମ ଆଣିଥିଲେ। କ୍ରୀଡା ଶିକ୍ଷକ ସାହୁ ନୂଆଗାଁ ବ୍ଲକ ଓଷ୍ଟାର ସଭାପତି, ବ୍ଲକ କ୍ରୀଡା ସମ୍ପାଦକ ପଦ ଆଦି କାର୍ଯ୍ୟ ସୂଚାରୁରୂପେ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚସଖା ଶିକ୍ଷାସେତୁ ସମ୍ପାଦକ ଭବାନୀ ପ୍ରସାଦ ଦେଓ, ସମିତି ସଭ୍ୟ କେଦାର ସେଠୀ, ସରପଞ୍ଚ ସୁଶାନ୍ତ ସାହୁ , ଦଶପଲ୍ଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ବିମଳ ପଟ୍ଟନାୟକ, ପ୍ରଦୀପ କୁମାର ପୃଷ୍ଟି, ବିନାୟକ ପରିଡା, ପରମାନନ୍ଦ ପରିଡା, ପ୍ରମୋଦ କୁମାର ଖଣ୍ଡୁଆଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

### ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଓଡ଼ଗାଁ, ୩୦।୬(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ସରକାରୀ ମଧ୍ୟ ଇଂରାଜି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପଟ୍ଟନାୟକ ସୋମବାର ଶିକ୍ଷକତା କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ବଟକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ଗାଁ ଏବିଇଓ କମଳିନୀ ବେହେରା, ରଘୁନାଥ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ପିତବାସ ସାହୁ, ବୈକୁଣ୍ଠନାଥ ମିଶ୍ର, ଶ୍ରୀମନ୍ତ ମହାରଣା ଅଂଶଗ୍ରହଣ କରି ପ୍ରଭାତୀଙ୍କ ଶିକ୍ଷକତା ଜୀବନର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ସେ ଜଣେ ଛାତ୍ର ବତ୍ସଳ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଜଣାଶୁଣା ଥିଲେ। ଅତିଥିମାନେ ତାଙ୍କୁ ଉପହାର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନରେଶ ପାଣିଗ୍ରାହୀ ସଂଯୋଜନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ସେହିପରି କୋମଣ୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ମାଗେତା ବେହେରା ଏବଂ ଚନ୍ଦ୍ରମଣି ନାୟକଙ୍କୁ ଅନୁରୂପ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ଅଭିଭାବକମାନେ ଶିକ୍ଷକ ଦ୍ୱୟଙ୍କୁ ସମ୍ମାନର ସହିତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ଥିଲେ। ଶୋଭାଯାତ୍ରାରେ ଗ୍ରାମର ଠାଏ ଠାଏ ଅଭିଭାବକ ମାନେ ଶିକ୍ଷକ ଦ୍ୱୟଙ୍କ ପଦ ବନ୍ଦନା କରୁଥିବା ଦେଖିବାକୁ ମିଳିଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ର, ଶିକ୍ଷକ ରଞ୍ଜନ କୁମାର ଦାଶ, ମନୋଜ କୁମାର ନାୟକ ସହଯୋଗ କରିଥିଲେ।

# ନବଘନପୁର ଚୋରି ପୋଲିସର ଚିନ୍ତା ବଢ଼ାଇଲା

ନୟାଗଡ଼, ୩୦।୬ (ଲୋକନାଥ ମିଶ୍ର)

- କରଡ଼ା, ଲୋକନାଥ ନଗର ପରି ୩ଟି ବଡ଼ ଚୋରି ଲୁଚିଗଲା
- ନୟାଗଡ଼ ପୋଲିସ ଜିଲାରେ ଚୋରି ବଢୁଥିଲେ ମଧ୍ୟ ପଦକ୍ଷେପ ଶୂନ

ନୟାଗଡ଼ ପୋଲିସ ଜିଲାର ଶରଣକୁଳ ଥାନା କରଡ଼ା ରଘୁନାଥପୁର ବ୍ରାହ୍ମଣ ଶାସନ, ନୟାଗଡ଼ ଟାଉନ ଥାନା ଖଣ୍ଡପଡ଼ା ରୋଡର ଲୋକନାଥ ନଗର ଓ ଲକ୍ଷ୍ମଣ ନଗର ପରି ୩ଟି ବଡ଼ ଚୋରି ଶୀତଳଭଣ୍ଡାରକୁ ଚାଲି ଯାଇଛି। ୩ଟି ଚୋରି ଘଟଣାରେ ପୋଲିସ ଟେର ପାଉ ନ ଥିବାବେଳେ ନୟାଗଡ଼ ଟାଉନ ଥାନା ନବଘନପୁର ଅଞ୍ଚଳରେ ରବିବାର ବିଳମ୍ବିତ ରାତିର ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ପୋଲିସର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ଚୋରମାନେ ପୋଲିସକୁ ଚାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ଚୋରି କରିବାରେ ସକ୍ଷମ ହେଉଥିବାବେଳେ ନବଘନପୁର ଚୋରି ପୋଲିସର ଚିନ୍ତାକୁ ବଢ଼ାଇଛି। ନୟାଗଡ଼ ପୋଲିସ ଜିଲାରେ ଚୋରି ବଢୁଥିବାବେଳେ ପୋଲିସ ପାଟ୍ରୋଲିଂ ହେଉ ନ ଥିବା ଅଭିଯୋଗ ହେଉଛି ।

ମାର୍ଚ୍ଚ ମାସରେ ଲକ୍ଷ୍ମଣନଗରର ସଦାଶିବ ଜେନାଙ୍କ ଘରୁ ୪୦ ଗ୍ରାମ ସୁନା, ଅଧ କିଲୋ ରୁପା, ୮ ହଜାର ଟଙ୍କା ଚୋରି ହୋଇଥିଲା। ସଦାଶିବଙ୍କ ଘର ଖଣ୍ଡପଡ଼ା ବ୍ଲକର ରାଣିପଡ଼ା ଗାଁରେ ହୋଇଥିବାବେଳେ ଲକ୍ଷ୍ମଣନଗର ଘରେ ଭଡ଼ାରେ ରହୁଥିଲେ। ଇତି ମଧ୍ୟରେ ଚୋରି ଘଟଣାର କିଛି ଟେର ମିଳିନାହିଁ। ସେହିପରି ୨୦୨୪ ଜୁନରେ ଲୋକନାଥନଗରର ଗୋକୁଳାନନ୍ଦ ଦ୍ୱିବେଦୀଙ୍କ ଘରୁ ଚୋରି ହୋଇଥିଲା। ଗୋକୁଳାନନ୍ଦଙ୍କ ପରିବାର ବାଙ୍ଗାଲୋର ଯାଇଥିବାବେଳେ ଚୋରି ହୋଇଥିଲା। ସେ ସମୟରେ ଘରେ ତାଲା ଝୁଲିଥିଲା। ୨୦୨୫ ଜୁନ ୭ ରାତିରେ ଗୋକୁଳାନନ୍ଦ ବାଙ୍ଗାଲୋର ଯାଇଥିବାବେଳେ ପୁଣି ଚୋରି ହୋଇଥିଲା। ଚୋରମାନେ ପ୍ରାୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଓ ରୁପା ଅଳଙ୍କାର ଚୋରାଇ ନେଇଥିଲେ। ସେହିପରି ୨ ବର୍ଷ ତଳେ ପଡୋଶୀ ଖବରଦାତା ମନୋରଞ୍ଜନ ମିଶ୍ରଙ୍କ ଘରେ ଚୋରି ଉଦ୍ୟମ ବିଫଳ ହୋଇଥିଲା। ଜୁନ ୭ ତାରିଖ ରାତିରେ ଚୋରି ଉଦ୍ୟମ ମଧ୍ୟ ବିଫଳ ହୋଇଥିଲା।

ଅପରପକ୍ଷେ ଶରଣକୁଳ ଥାନା ରଶ୍ମିତା ପଣ୍ଡାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଘର ପଞ୍ଚରିଡା ହୋଇଥିବାବେଳେ କରଡ଼ା ରଘୁନାଥପୁର ବ୍ରାହ୍ମଣ ଶାସନର ପଦ୍ମନାଭ ମିଶ୍ରଙ୍କ ଘରେ ଭଡ଼ାରେ ରହୁଥିଲେ। ମାର୍ଚ୍ଚ ୨୬ରେ ଘରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ସହ ଟଙ୍କା ଚୋରାଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୮/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ତେବେ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଦୁର୍ବୃତ୍ତମାନେ ଚୋରି କରିବାକୁ ଦାଣ୍ଡ ପାର୍ଶ୍ୱରୁ ଯିବା ଆସିବା ବେଳର ଭିଜୁଆଲ ରହିଛି। ଭିଜୁଆଲରେ ଗାଁର ବାପ ପୁଅର ଭିଜୁଆଲ ଦେଖିବାକୁ ମିଳିଥିଲା। ଚୋରି ସମୟର ବେଶ ପୋଷାକ ଓ ଚାଲି ଚଳଣ ଗାଁରେ ଉଭୟଙ୍କୁ ଦେଖିଲେ ପ୍ରାୟ ସମାନ ସେମାନଙ୍କୁ ସନ୍ଦେହ ଘେରକୁ ଟାଣିଛି। ସିସିଟିଭି ଫୁଟେଜ ପୋଲିସକୁ ପ୍ରଦାନ କରାଯାଇଛି। ତେବେ ପୋଲିସ ଏଯାବତ ଦୁର୍ବୃତ୍ତଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ କରୁନାହିଁ। ସେପଟେ ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ତଦନ୍ତ ଚାପି ହୋଇ ରହିଗଲା। ଏ ସମ୍ପର୍କରେ ପୋଲିସ ଓ ଡିଜିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି ବୋଲି ଅଭିଯୋଗ କରିଛନ୍ତି।

## ବାଙ୍ଗାଲୋରରେ ନିଖୋଜ ଯୁବକ ମିଳିଲେ

ଶରଣକୁଳ, ୩୦।୬ (ଦୀପକ କର)



କାହ୍ନୁ ପ୍ରଧାନ

ଗତ ସପ୍ତାହରେ ବାଙ୍ଗାଲୋରରେ ନିଖୋଜ ହୋଇଥିବା ଯୁବକଙ୍କ ପତ୍ତା ମିଳିଛି। ରବିବାର ଶରଣକୁଳ ଥାନାରୁ ପୁଅକୁ ନିଜ ହେପାଜତକୁ ନେଇଛନ୍ତି ପରିବାର ଲୋକେ। ସୂଚନାଯୋଗ୍ୟ, ଶରଣକୁଳ ଥାନା ହରିହରପୁର ଗ୍ରାମର ଯୋଗୀ ପ୍ରଧାନଙ୍କ ପୁଅ କାହ୍ନୁ ବାଙ୍ଗାଲୋରରେ କାମ କରିବାକୁ ଯାଇଥିଲେ। କିନ୍ତୁ କେତେଜଣ ସାଙ୍ଗ ବାଙ୍ଗାଲୋରରେ ତାଙ୍କୁ ମାଡ଼ ମାରି ହତ୍ୟା କରିଥିବା ବାପା ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାହା ଏବେ ମିଛରେ ପ୍ରମାଣିତ ହୋଇଛି। ରବିବାର ପୁଅ ଆସି ପହଞ୍ଚିବା ପରେ ପୋଲିସ ଉପସ୍ଥିତିରେ ପରିବାର ଲୋକେ କାହ୍ନୁକୁ ଘରକୁ ନେଇଛନ୍ତି। ଏହି ସମୟରେ କାହ୍ନୁଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡିଛି।

## ଦୁଇ ଗୋଷ୍ଠୀ ଝଗଡ଼ା, ୫ ଆହତ

ବ୍ରହ୍ମପୁର,୩୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡା ହୋଇଛି। ଏଥିରେ ଉଭୟ ପକ୍ଷର ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗୋଟିଏ ଗୋଷ୍ଠୀର ପ୍ରତାପ ଦାସ(୪୦) ତାଙ୍କ ଭାଇ ପିଣ୍ଟୁ ଦାସ ଓ ସାଙ୍ଗ ଅଜିତ ଦାସ। ଅନ୍ୟ ଗୋଷ୍ଠୀର ମୁନା ଦାସ ଓ ପ୍ରତାପଙ୍କ ସ୍ତ୍ରୀ ତଥା ମୁନାଙ୍କ ପ୍ରେମିକା ସୁକାନ୍ତି ଦାସ। ପୋଲିସ ଘଟଣାର ଏବେ ତଦନ୍ତ କରୁଛି। ପ୍ରତାପ ତାଙ୍କ ଭାଇ ଓ ସାଙ୍ଗ ଏମକେସିଜିରେ ଚିକିତ୍ସିତ ହୋଇଥିବା ବେଳେ ମୁନା ଓ ସୁକାନ୍ତି ସିଟି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ପ୍ରତାପ ତାଙ୍କ ସ୍ତ୍ରୀ 'ସୁକାନ୍ତିଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବାରୁ ସେ ମୁନା ଦାସ ସହ ରୁହନ୍ତି। ଏହାକୁ ନେଇ ଉଭୟ ପ୍ରତାପ ଓ ମୁନା ମଧ୍ୟରେ କଳହ ଲାଗି ରହିଛି। ସୋମବାର ଗାଁ'ମୁଣ୍ଡରେ ମୁନା ଦାସ ଓ ତାଙ୍କ ପ୍ରେମିକା ସୁକାନ୍ତି ଯାଉଥିବା ବେଳେ ପ୍ରତାପ ଦାସ, ତାଙ୍କ ଭାଇ ଓ ସାଙ୍ଗ ସେଠାରେ ମୁନା ସହ ଝଗଡା କରିଥିଲେ। ଉଭୟ ଗୋଷ୍ଠୀ ପରସ୍ପରକୁ ମାରପିଟ କରିଥିଲେ। ଯାହାଫଳରେ ସେମାନେ ଆହତ ହୋଇଥିଲେ। ପ୍ରତାପ, ମୁନା ଦାସଙ୍କ ନାଁରେ ଅଭିଯୋଗ କରିଥିବା ବେଳେ ସୁକାନ୍ତି ପ୍ରତାପ, ପିଣ୍ଟି ଓ ଅଜିତ ନାମରେ ଅଭିଯୋଗ କରିଛି।

# ସିରିଜ ଦୁର୍ଘଟଣାରେ ୨ ଗୁରୁତର

ନୟାଗଡ଼, ୩୦।୬ (ଲୋକନାଥ ମିଶ୍ର)




ମିନିଟ୍ରକ୍ ବାଇକ୍‌କୁ ଧକ୍କା ଦେଇଛି।

ନୟାଗଡ଼ ଖଣ୍ଡପଡ଼ା ରାସ୍ତାର ଗୋଡ଼ିସାହିଠାରେ ରବିବାର ଏକ ମିନି ଟ୍ରକ୍ ଆଇଚର ଧକ୍କାରେ ୨ ଜଣ ଗୁରୁତର ହୋଇଥିଲେ। ସୁବାସ ମହାପାତ୍ର ନାମକ ଜଣେ ବ୍ୟକ୍ତି ବର୍ତ୍ତିଯାଇଛନ୍ତି। ଗୋଡ଼ିସାହିର ବାପି ଜେନା ଓ ବରପଲ୍ଲୀ ଗୌଡଗାଁର ମିଟୁ ପ୍ରଧାନ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଗୋଡ଼ିସାହିରେ ଉତ୍ତେଜନା ଦେଖାଦେଇଥିଲା। ଗାଁର କେତେଜଣ ଯୁବକ ଉତ୍ତେଜିତ ହୋଇ ଆଇଚର ଭିତରୁ ଡ୍ରାଇଭରକୁ ଆଣି ଗାଁ ଭିତରେ ଅଟକ ରଖିଥିଲେ। ଖବରପାଇ ନୟାଗଡ଼ ସଦର ଥାନା ପୋଲିସ ଡ୍ରାଇଭରକୁ ଉଦ୍ଧାରକରି ସୋମବାର କୋର୍ଟଚାଲାଣ କରିଛି। ତେବେ ଡ୍ରାଇଭରଙ୍କ ଜାମିନ ମଞ୍ଜୁର ହୋଇଯାଇଛି। ଅନ୍ୟପକ୍ଷେ ପୋଲିସ ନଂ. ୧୭୦/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପ୍ରାପ୍ତ ସୂଚନା ଅନୁସାରେ, ଖଣ୍ଡପଡ଼ା ଦିଗରୁ ନଂ. ଓଡି୦୨ ପି ୫୪୯୫ ଆଇଚର ନୟାଗଡ଼କୁ ଆସୁଥିବାବେଳେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୋଡିସାହି ଗାଁ ମୁଣ୍ଡରେ ପ୍ରତାପ ମହାପାତ୍ରଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ସେ ରାସ୍ତା କଡ଼ରେ ଠିଆ ହୋଇଥିଲେ। ପ୍ରତାପ ଅଳ୍ପକେ ସାମାନ୍ୟ ଆହତ ହୋଇ ବର୍ତ୍ତିଯାଇଛନ୍ତ। ପରେ ୧୦୦ ମିଟର ଦୂରରେ ଗୋଡ଼ିସାହିର ବାପି ଜେନାଙ୍କୁ ଧକ୍କା ଦେଇଥିଲା। ସେ ମଧ୍ୟ ରାସ୍ତାକଡରେ ଠିଆ ହୋଇଥିଲେ। ବାପିଙ୍କ ଗୋଡ଼ ଭାଙ୍ଗିଯାଇଛି। ପରେ ଆଉ କିଛି ଦୂରରେ ବରପଲ୍ଲୀ ଗୌଡଗାଁର ମିଟୁ ପ୍ରଧାନଙ୍କୁ ଅନୁରୂପ ଭାବେ ଧକ୍କା ଦେଇଥିଲା। ବାପି ବାଇକ୍ ଯୋଗେ ଘରୁ ବାରବାଟି ଗାଁକୁ ଯାଉଥିଲେ। ତାଙ୍କ ବାଇକ୍‌କୁ ଆଇଚର ୩୦ ଫୁଟ ଘୋଷାଡ଼ି ଭାଙ୍ଗି ରୁଜି ନଷ୍ଟ କରି ପକାଇଛନ୍ତି। ବାପି ଗୁରୁତର ଭାବେ ଆହତ ହୋଇଛନ୍ତି।

## ଓଡ଼ଗାଁ ବନାଞ୍ଚଳ ଅଧିକାରୀଙ୍କ ଅବସର ଗ୍ରହଣ

ଓଡ଼ଗାଁ, ୩୦।୬ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ସୋମବାର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ବନପାଳ ସରିତା ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଅବସରକାଳୀନ ସଭାରେ ପ୍ରକୃତି ବନ୍ଧୁ ପ୍ରଫୁଲ୍ଲ ମାଝି, ସୁକାନ୍ତ ଚୌଧୁରୀ, ପଞ୍ଚାନନ ପଣ୍ଡା, ରଞ୍ଜନ କୁମାର ଦାଶ, ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଓଡ଼ଗାଁ ବନାଞ୍ଚଳରେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ଚାରାରୋପଣ, ବଣ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା ନିମନ୍ତେ ଅଗ୍ନି ନିର୍ବାପନ, କାଠମାଫିଆ ଦମନ ବିଶେଷ କରି ଚନ୍ଦ୍ରମଣି ଟୋଟା ସନ୍ନିକଟରେ ହୋଇଥିବା ସହରାଞ୍ଚଳ ସଫଳ ବନୀକରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ସରଳ, ଶାନ୍ତ, ନିଷ୍କପଟ ଓ ଅମାୟିକ ବ୍ୟବହାର କର୍ମଚାରୀମାନଙ୍କୁ ପ୍ରଭାବିତ କରିଥିଲା। ଶେଷରେ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ଦ୍ୱାରା ଉପହାର ଉପଢ଼ୌକନ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରିଥିଲେ।

## ପର୍ଯ୍ୟଟନସ୍ଥଳୀକୁ ରାସ୍ତା ନିର୍ମାଣ ଦାବି



ଶୋଚନୀୟ ରାସ୍ତା ।

ଜି.ଉଦୟଗିରି,୩୦।୬(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ମାଳିକାପଡ଼ି ପଞ୍ଚାୟତ ମୁକୁଲିଙ୍ଗିଆ ଗ୍ରାମ ଶେଷ ଭାଗରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଆକର୍ଷଣୀୟ କଳିଗାଡୁ ହିଲ୍ ଟପ ପର୍ଯ୍ୟଟନ ସ୍ଥଳୀକୁ ଯିବାଆସିବା ପାଇଁ ଥିବା ରାସ୍ତାଟି ଅତ୍ୟନ୍ତ ଖରାପ ହୋଇଥିବା ବେଳେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କଳିଗାଡୁ ହିଲ୍ ଟପର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଜିଲା ତଥା ଜିଲା ବାହାରୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଚଳିତ ବର୍ଷ ଲଗାଣ ବର୍ଷା ହେବାରୁ ମାଟି ରାସ୍ତା ଧୋଇ ହୋଇ ଖାଲ ଢିପ ହୋଇଛି। ଯାହାଫଳରେ ପର୍ଯ୍ୟଟକଙ୍କ ଗାଡ଼ି ଯିବା ଆସିବାରେ ବହୁ ସମସ୍ୟା ହେଉଥିବା ବେଳେ ରାସ୍ତା ସମସ୍ୟା କାରଣରୁ ପର୍ଯ୍ୟଟକଙ୍କ ହିଲ୍ ଟପ ବୁଲିବା ଇଚ୍ଛା କମି ଯାଉଥିବା ପର୍ଯ୍ୟଟକ ମାନେ ମତ ପ୍ରକାଶ କରିଛନ୍ତି। ତା' ଛଡ଼ା ସୀର୍କି ଗ୍ରାମ ଛକ ଠାରୁ ଟିଆ ମୁକୁଲିଙ୍ଗିଆ ଗ୍ରାମ ଦେଇ କାଳିଗାଡୁ ହିଲ୍ ଟପ୍ ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରାଗଲେ ପ୍ରାୟ ୮ଗ୍ରାମ ବାକାରେଜୁ, ଟିଆ ମୁକୁଲିଙ୍ଗିଆ, ପାଙ୍ଗାନାଜୁ, କଟାବାଲି, ମୁକୁଲିଙ୍ଗିଆ, ଗୁନ୍ଦାବାଜୁ ଓ ଲୟରେଜୁ ଗ୍ରାମର ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବା ସଙ୍ଗେ ସଙ୍ଗେ ବାହାରୁ ଆସୁଥିବା ପର୍ଯ୍ୟଟକ ମାନେ ମଧ୍ୟ ଉପକୃତ ହୋଇପାରିବେ।

# ପ୍ଲଟ ଦେବା ଆଳରେ ମହିଳାଙ୍କ ୮ଲକ୍ଷ ଠକେଇ

ବ୍ରହ୍ମପୁର,୩୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ଲଟ ଦେବା ଆଳରେ ଜଣେ ମହିଳାଙ୍କ ୮ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ଥାନା ପୋଲିସ ଏ ନେଇ ନଂ.୩୨୩/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୈକୁଣ୍ଠନଗର ନିକଟ ଲକ୍ଷ୍ମଣ ନଗରରେ ରହୁଥିବା ଏକ ଦମ୍ପତି ଅଭିଯୋଗକାରୀ ମହିଳାଙ୍କୁ ପ୍ଲଟ ଦେବାରେ ଅକ୍ଷମ ହେବା ପରେ ମାସିକ କିସ୍ତିରେ ଟଙ୍କା ପରିଶୋଧ କରିବାକୁ ପୋଲିସ ସମ୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ କିସ୍ତିରେ ମଧ୍ୟ ଟଙ୍କା ଦେବା ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। ନିମଖଣ୍ଡି ଥାନା ଅନ୍ତର୍ଗତ ଶକ୍ତିନଗରର ପ୍ରଥମ ଲାଇନ ସଂପ୍ରସାରଣ ଗଳିର ରୀତା ପାଢୀଙ୍କ ସହ ୨୦୨୧ରେ ଲକ୍ଷ୍ମଣନଗରରେ ରହୁଥିବା ଦମ୍ପତିଙ୍କ ସହ ପରିଚିତ ହୋଇଥିଲେ । ଏହି ଦମ୍ପତି ବ୍ରହ୍ମପୁର ଫାଷ୍ଟଗେଟରେ ଏକ ପ୍ଲଟ କରାଇ ଦେବେ ବୋଲି କହି ରୀତାଙ୍କଠାରୁ ୮ ଲକ୍ଷ ଟଙ୍କା ନେଇଥିଲେ। ହେଲେ ବର୍ଷେ ଯାଏଁ ଦମ୍ପତି ରୀତାଙ୍କ ନାମରେ ପ୍ଲଟ ପଞ୍ଜିକରଣ କରିନଥିଲେ। ଏପରିକି ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହି ଦମ୍ପତି ତାଙ୍କୁ ଧରାଛୁଆଁ ଦେଇନଥିଲେ। ଫଳରେ ରୀତା ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ୨୦୨୩ରେ ସେ ଉକ୍ତ ଦମ୍ପତିଙ୍କ ଘରକୁ ଯାଇ ଟଙ୍କା ଫେରସ୍ତ ମାଗିଥିଲେ। ସେତେବେଳେ ଟଙ୍କା ଫେରାଇ ଦେବେ ବୋଲି ସେମାନେ ତାଙ୍କୁ କହିଥିଲେ । ହେଲେ ଟଙ୍କା ଫେରାଇ ନଥିଲେ । ରୀତା ଏ ସମ୍ପର୍କରେ ବୈଦ୍ୟନାଥପୁର ଥାନା ପୋଲିସର ସାହାଯତା ନେବା ପରେ ଅଭିଯୁକ୍ତ ଦମ୍ପତି ଟଙ୍କା ନେବା କଥା ସ୍ୱୀକର କରିବା ସହ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୬୪ ହଜାର ଟଙ୍କା ଦେଇ ବଳକା ଟଙ୍କା ମାସିକ ୭ ହଜାର ହିସାବରେ କିସ୍ତିରେ ପରିଶୋଧ କରିବେ ବୋଲି କହିଥିଲେ । ହେଲେ ସେମାନେ ପ୍ରତିଶ୍ରୁତି ମୁତାବକ ୩ ଲକ୍ଷ ୬୪ ହଜାର ରିତାଙ୍କୁ ଦେଇନଥିଲେ । କିନ୍ତୁ ମାସକୁ ୭ ହଜାର ଲେଖାଏଁ ଦେଇଥିଲେ । ହେଲେ ୨୦୨୫ ଜାନୁଆରୀ ମାସ ଠାରୁ ଟଙ୍କା ଦେବା ବନ୍ଦ କରି ଦେଇଥିଲେ । ଏ ନେଇ ରିତା ପ୍ରଶ୍ନ କରିବା ପରେ ଅଭିଯୁକ୍ତ ଦମ୍ପତି ତାଙ୍କୁ ବିଭିନ୍ନ ଧମକ ଦେଉଥିବା ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଅଟକ

ବ୍ରହ୍ମପୁର,୩୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ଗତ ୩ ତାରିଖରେ ଦୁଇ ନାବାଳିକା ଭଉଣୀଙ୍କୁ ଗଣ ବଳାତ୍କାର ହୋଇଥିଲା। ଏବେ ପୁଣିଥରେ ଉକ୍ତ ଥାନା ଅଞ୍ଚଳରେ ଜଣେ ୧୧ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ପୀଡ଼ିତାଙ୍କ ସୋମବାର ଏମ୍‌କେସିଜିରେ ଡାକ୍ତରୀ ମଇନା କରାଯାଇଛି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରା ଉଚରା କରୁଛି।ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି।

## ଯୁବତୀଙ୍କଠାରୁ ୭ ଲକ୍ଷ ଠକେଇ

ବ୍ରହ୍ମପୁର,୩୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ଜଣେ ଯୁବକ କନ୍ଧମାଳ ଜିଲାର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କଠାରୁ ୭ ଲକ୍ଷ ୨୪ ହଜାର ଟଙ୍କା ଠକି ନେଇଛନ୍ତି। ଯୁବତୀ ଜଣଙ୍କ ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଶେଷରେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡିଛି, କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳର ଜଣେ ୨୭ ବର୍ଷୀୟ ଯୁବତୀଙ୍କ ସହ ବ୍ରହ୍ମପୁର ସହରର ଜଣେ ଯୁବକଙ୍କର ୪ ବର୍ଷ ତଳେ ପରିଚୟ ହୋଇଥିଲା। ଯୁବକ ଜଣଙ୍କ ସଂପୃକ୍ତ ଯୁବତୀଙ୍କ ସହ ସମ୍ପର୍କ ବଢାଇ ତାଙ୍କୁ ଭଲ ପାଉଥିବା ଜଣାଇଥିଲେ । ଯୁବକଙ୍କ କଥାକୁ ବିଶ୍ୱାସ କରି ଯୁବତୀ ଜଣଙ୍କ ସମ୍ପର୍କ ଆଗକୁ ବଢାଇଥିଲେ। ଏହା ଭିତରେ ଯୁବକ ଜଣଙ୍କ ବିଭିନ୍ନ ବାହାନା କରି ଯୁବତୀଙ୍କଠାରୁ ପର୍ଯ୍ୟାୟକ୍ରମେ ୭ ଲକ୍ଷ ୨୪ ହଜାର ଟଙ୍କା ନେଇଥିଲେ। ମାତ୍ର ପ୍ରତିଶ୍ରୁତି ମୁତାବକ ସେ ଟଙ୍କା ଫେରସ୍ତ କରି ନ ଥିଲେ। ଯୁବତୀ ଜଣଙ୍କ ସମ୍ପୃକ୍ତ ଯୁବକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ପ୍ରବଳ ଜୁଆରରେ ଅଲିଭ ରିଡ୍‌ଲେ ଅଣ୍ଡା ନଷ୍ଟ

ଗଞ୍ଜାମ,୩୦।୬(ବିଦ୍ୟାଧର ସାହୁ)

ସମ୍ପ୍ରତି ଅସନ୍ତୁଳନ ଜଳବାୟୁ ଓ ବର୍ଷା ଋତୁ ପ୍ରଭାବରେ ସମୁଦ୍ର ଜଳସ୍ତର ବୃଦ୍ଧି ପାଉଛି। ସାମୁଦ୍ରିକ ଜୁଆର ପ୍ରଭାବରେ ବଟେଶ୍ୱର ବେଳାଭୂମି ଅବକ୍ଷୟ ହେଉଥିବା ଦେଖିବାକୁ ମିଳିଛି। ଝାଉଁ ଜଙ୍ଗଲଠାରୁ ଦୂରରେ ରହୁଥିବା ସମୁଦ୍ର ଏବେ ଜଙ୍ଗଲ ଆଡକୁ ମୁହାଁଉଥିବା ପରିଲକ୍ଷିତ ହେଉଛି। ଆଉ କିଛି ଦିନ ମଧ୍ୟରେ ଝାଉଁ ଓ କାଜୁ ଜଙ୍ଗଲଗୁଡ଼ିକ ନଷ୍ଟ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ପ୍ରବଳ ଉଚ୍ଚ ଜୁଆର ଯୋଗୁ ବାଲୁକା ଶଯ୍ୟାରେ ପୋତି ହୋଇଥିବା ଅଲିଭ ରିଡଲେ କଇଁଛ ଅଣ୍ଡାଗୁଡ଼ିକ ନଷ୍ଟ ହୋଇ ବେଳାଭୂମିରେ ପଡ଼ିଥିବା ଦେଖାଯାଇଛି। ସୂଚନାଯୋଗ୍ୟ ଚଳିତବର୍ଷ ଅଲିଭ ରିଡ଼ଲେ କଇଁଛ ୨ଟି ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ଗଣ ଅଣ୍ଡାଦାନ କରିଥିଲେ। ଶେଷ ପର୍ଯ୍ୟାୟ ଗଣ ଅଣ୍ଡାଦାନ ବେଳେ ବାଲି ମଧ୍ୟରେ ପୋତି ହୋଇରହିଥିବା ଅଣ୍ଡାଗୁଡିକ ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷା ପାଇଁ ହେନ୍ତାଳ ବଣ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାପାଇଁ ବୁଦ୍ଧିଜୀବୀ ଓ ପରିବେବିତ ମହଲରେ ମତ ପ୍ରକାଶ ପାଉଛି।



ନଷ୍ଟ ହୋଇଥିବା ଅଲିଭ ରିଡଲେଙ୍କ ଅଣ୍ଡା।

# ମୁକୁଳା ଡ୍ରେନରେ ବାରିକେଡ କରିବ ମେଡିକାଲ

ବ୍ରହ୍ମପୁର,୩୦।୬ (ସ୍ମୃତି ରଞ୍ଜନ ମହାଲିକ)

**ବିଏମ୍‌ସି ଓ ଏମକେସିଜି କର୍ତ୍ତୃପକ୍ଷଙ୍କ ମିଳିତ ବୈଠକ**
**ଆବର୍ଜନା ପଏଣ୍ଟ କଂକ୍ରିଟ ଓ ଆବଦ୍ଧ ପରାମର୍ଶ**

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଓ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ଏକ ମିଳିତ ବୈଠକ ସୋମବାର ଏମକେସିଜି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଡେପୁଟି କମିଶନର୍ କଲ୍ୟାଣୀ ସଂଘମିତ୍ରା ଦେବୀ, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର, ଏମ୍‌କେସିଜି ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ ଓ ରେଜିଷ୍ଟ୍ରାର୍ ସଂଗ୍ରାମ ପଣ୍ଡା ମିଳିତ ଆଲୋଚନା କରିଥିଲେ। ଏହାପରେ ଉଭୟ କର୍ତ୍ତୃପକ୍ଷ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏମକେସିଜି ମେଡିସିନ ବିଭାଗ ନିକଟରେ ଥିବା ଆବର୍ଜନା ପଏଣ୍ଟରେ ଆବର୍ଜନା ଏଣେତେଣେ ପଡ଼ିବା ସହ ପାଣି ଜମି ଦୁର୍ଗନ୍ଧମୟ ପରିବେଶ ହୋଇଥିବା ଦେଖି କମିଶନର ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ସଜାଡ଼ିବା ପାଇଁ କମିଶନର ଉକ୍ତ ପଏଣ୍ଟକୁ କଂକ୍ରିଟ କରିବା ସହ ଚତୁଃପାର୍ଶ୍ୱ ଆବଦ୍ଧ ପାଇଁ କହିଥିଲେ। କାମ ସରିବା ପରେ ନିର୍ଦ୍ଧାରିତ ପଏଣ୍ଟରେ ଆବର୍ଜନା ପଡ଼ିବ। ସେଠାରୁ ବିଏମସି ଗାଡ଼ି ଆବର୍ଜନା ସଂଗ୍ରହ କରିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିଲେ। ଏମକେସିଜି ପରିସରକୁ ଗୋରୁ ଓ ବୁଲା କୁକୁରଙ୍କ ପ୍ରାଦୁର୍ଭାବରୁ ମୁକ୍ତ କରିବାକୁ ରେଜିଷ୍ଟ୍ରାର କହିଥିଲେ । ଗୋସାଣୀ ନୂଆଗାଁ ଠାରେ ଗୋଶାଳା ନିର୍ମାଣ ହେଉଛି। ସେହିପରି କୁକୁର ବନ୍ଧ୍ୟାକରଣ ଆରମ୍ଭ ପରେ ଏମକେସିଜି ପରିସରରେ ସମସ୍ୟା ରହିବ ନାହିଁ ବୋଲି କମିଶନର କହିଥିଲେ। ଏମକେସିଜି ପରିସରରେ ଥିବା ବଡ ଡ୍ରେନ ନୂଆ ବସଷ୍ଟାଣ୍ଡ ଓ ଗୋଇଲୁଣ୍ଡିରୁ ଆସିଛି । ବଡ଼ ଡ୍ରେନ ସଫେଇ ବିଏମସି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଡ୍ରେନ ପାର୍ଶ୍ୱରେ ସ୍ଥାୟୀ ବ୍ୟାରିକେଡ ନିର୍ମାଣ ପାଇଁ କମିଶନର୍ ଏମକେସିଜି କର୍ତ୍ତୃପକ୍ଷଙ୍କୁ କହିଥିଲେ । ନୂଆ ବସଷ୍ଟାଣ୍ଡ ସିଦ୍ଧାର୍ଥନଗର ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଚିଠି କଲେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କମିଶନର ରେଜିଷ୍ଟ୍ରାରଙ୍କୁ କହିଥିଲେ। ଯନ୍ତ୍ରୀ ତପନ ରାୟ ଓ ସୁସ୍ମିତା ପୁହାଣ ଉପସ୍ଥିତ ଥିଲେ।



ବିଏମସି ଓ ଏମକେସିଜି ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

# କୋଟିପତି ଅଧିକାରୀଙ୍କ ୮୪ ଏକର ଜମି ଠାବ

## ଭୁବନେଶ୍ୱର, କଳାହାଣ୍ଡି, ନବରଙ୍ଗପୁରର ୮ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

■ ନବରଙ୍ଗପୁରରେ ଦୁଇ ଫାର୍ମହାଉସ

■ ୨ କୋଠା, ଗୋଟିଏ ଫ୍ଲାଟ, ୫୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା


ଦୟାନିଧି ବାଗ

ନବରଙ୍ଗପୁର,(ସଦାଶିବ ପ୍ରହରାଜ)/ ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ)

ରାୟଗଡ଼ା ଜଳ ବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ (ପିଡି) ତଥା ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ ସୋମବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟବର୍ହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୟାନିଧିଙ୍କ ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରର ୮ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଦୟାନିଧିଙ୍କ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ କୁପାଗାଁସ୍ଥିତ ଘର, ଧର୍ମଗଡ଼ ଥାନା ଅନ୍ତର୍ଗତ ବିକ୍ରମଗଡ଼ସ୍ଥିତ ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଥିବାବେଳେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୮ଟି ଟିମ୍‌ରେ ୧୦ଜଣ ଡିଏସ୍‌ପି, ୮ ଇନ୍ସପେକ୍ଟର, ୧୦ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଦୟାନିଧିଙ୍କ ବହୁ ପ୍ଲଟ୍, ଫ୍ଲାଟ ସମେତ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଦୟାନିଧିଙ୍କ ମୋଟ ୮୪ ଏକର ଜମି ଠାବ ହୋଇଥିବା ବେଳେ ଭିଜିଲାନ୍ସ ଇତିହାସରେ ଏହା ସବୁଠୁ ଅଧିକ ବୋଲି ସୂଚନା ଦିଆଯାଇଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଦୟାନିଧିଙ୍କ ଭୁବନେଶ୍ୱର ଗୋଠପାଟଣାସ୍ଥିତ ମହାନଦୀ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ(ନଂ.୧-ଡି), ନବରଙ୍ଗପୁର ଟାଉନସ୍ଥିତ ମାଝୀଗୁଡ଼ା ଛକ ନିକଟରେ ୩ହଜାର ବର୍ଗଫୁଟରେ ଏକ ନିର୍ମାଣାଧୀନ ଘର, ନବରଙ୍ଗପୁର ଟାଉନରେ ୧୪୦୦ ବର୍ଗଫୁଟରେ ୫ଟି ଦୋକାନ ଘର ବିଶିଷ୍ଟ ସପିଂ କମ୍ପ୍ଲେକ୍ସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ଗୋଟିଏ କୋଠା ଠାବ ହୋଇଛି। ସେହିପରି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ତହସିଲ ଅଧୀନ ବିଜରାଗୁଡ଼ାରେ ୪୦ ଏକର ପରିମିତ ଏକ ଫାର୍ମ ହାଉସ ହୋଇଛି। ଏଥିରେ ଫାର୍ମ ଉପକରଣ ଓ କୃଷି ସାମଗ୍ରୀ ସମେତ ୧କୋଟି ଟଙ୍କାର ନିବେଶ ହୋଇଛି। ସେହିପରି ନବରଙ୍ଗପୁର ତହସିଲ ଅଧୀନ ପଟାକୋଟ ଗ୍ରାମରେ ୬ ଏକର ଜମିରେ ଫାର୍ମ ହାଉସ୍ ଠାବ ହୋଇଥିବାବେଳେ ଏଥିରେ ୪୬.୧୨ଲକ୍ଷ ଟଙ୍କାର ଟଙ୍କା ଖର୍ଚ୍ଚ କରାଯାଇଛି। ନବରଙ୍ଗପୁର ଜିଲାରେ ୨୭ ଏକର ଜମି ଓ ଭବାନୀପାଟଣା ଟାଉନରେ ୧୧ ଏକର ଜମି ଠାବ ହୋଇଛି। ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ କୋଠା, ଫ୍ଲାଟ ଓ ଫାର୍ମହାଉସ ଆଦିର ପ୍ରକୃତ ମୂଲ୍ୟ ଜାଣିବାକୁ ପ୍ରୟାସ କରୁଛି। ଏଥିସହ ଦୟାନିଧିଙ୍କ ଘରୁ ୩୧୨ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ସେ ୫୮ ଲକ୍ଷ ୪୧ ହଜାର ୪୨୨ ଟଙ୍କାର ବ୍ୟାଙ୍କ ଜମା ରଖିଥିବା ଜଣାପଡ଼ିଛି। ଦୟାନିଧିଙ୍କ ଘରୁ ଗୋଟିଏ ବେନାମି ଚାରିଚକିଆ ଯାନ (ବ୍ରିଜା) ଓ ଗୋଟିଏ ଦୁଇ ଚକିଆ ଯାନ ଏବଂ ୯ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି।

### ୪ ଅଧିକାରୀଙ୍କ ଗିରଫ ପରେ ସ୍କାନରରେ ଥିଲେ ଦୟାନିଧି

ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଦୟାନିଧି କାର୍ଯ୍ୟ କରୁଥିବା ପୂର୍ବ କାର୍ଯ୍ୟାଳୟର ୪ଜଣ ଅଧିକାରୀ ଗିରଫ ହେବାପରେ ଭିଜିଲାନ୍ସ ସ୍କାନରରେ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ରାୟଗଡ଼ା ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ୪ଜଣ ଅଧିକାରୀ ଗତ ମେ' ୨୨ତାରିଖରେ ଭିଜିଲାନ୍ସ ଜାଲରେ ଫସିଥିଲେ। କୋରାପୁଟ ଭିଜିଲାନ୍ସ ଥାନାରେ ଏନେଇ ମାମଲା (ନଂ.୨୦/୨୦୨୫) ରୁଜୁ କରାଯାଇ ଜିଲା ଜଳଛାୟା ପ୍ରକଳ୍ପର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଏପିଡି)

**ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲା**

ରାଜେନ୍ଦ୍ର ନାଥ ନାୟକ, ଓଭରସିଅର ଯୋଗେନ୍ଦ୍ର ଖୋସ୍ଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ଶ୍ରୀକୁମାର ନାୟକଙ୍କୁ ଗିରଫ କରାଯାଇଥିଲା। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ପୋଖରୀ ଖନନ ନାଁରେ ସରକାରୀ ପାଣ୍ଠି ଆତ୍ମସାତ ହୋଇଥିଲା। ମାମଲା ପରେ ଦୟାନିଧିଙ୍କ ବଦଳି ହୋଇଯାଇଥିଲା। ଟଙ୍କା ହଡ଼ପରେ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଦୟାନିଧିଙ୍କ ହାତ ଥିବା ସନ୍ଦେହ କରି ଭିଜିଲାନ୍ସ ତାଙ୍କୁ ସ୍କାନରରେ ରଖିଲା ବୋଲି ସୂଚନା ଦିଆଯାଇଛି।



ନବରଙ୍ଗପୁରରେ ୧୪୦୦ ବର୍ଗଫୁଟରେ ଥିବା ସପିଂ କମ୍ପ୍ଲେକ୍ସ

# ବାଂଲାଦେଶୀ ଦମ୍ପତି ଅଟକ

### ଭିଜା ଯାଞ୍ଚ ପରେ ଛାଡ଼ିଲା ପୋଲିସ

ବାସୁଦେବପୁର,୩୦।୬(ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର କଷିଆ ସାମୁଦ୍ରିକ ଥାନା ଅଧୀନ ବିନୋବାଭାବେନଗର ଗ୍ରାମକୁ ନିଜ ଭାଇଙ୍କ ଘରକୁ ଆସିଥିବା ଏକ ବାଂଲାଦେଶୀ ଦମ୍ପତି ସୋମବାର ହଟହଟା ହୋଇଛନ୍ତି। କଷିଆ ସାମୁଦ୍ରିକ ଥାନା ପୋଲିସ ସେମାନଙ୍କୁ ଅଟକ ରଖି ଭିଜା ଯାଞ୍ଚ କରିବା ପରେ ଛାଡ଼ିଛି। ଉକ୍ତ ଦମ୍ପତି ହେଉଛନ୍ତି ସୁପାଦ କୁମାର ବାଇ(୬୦) ଓ ତାଙ୍କ ସ୍ତ୍ରୀ ଛବିରାଣୀ ବାଇ(୪୭)। ସୂଚନା ଅନୁଯାୟୀ, ବାଂଲାଦେଶର ଖୋଲନା ଜିଲା ଶୁକବାରିଆ ଗାଁର ସୁପାଦ ହୃଦ୍‌ରୋଗ ଚିକିତ୍ସା ପାଇଁ ଭିଜା ନେଇ କୋଲକାତାକୁ ଆସିଥିଲେ। ତାଙ୍କୁ ସହାୟତା ପାଇଁ ଆଟେଣ୍ଡାଣ୍ଟ ଭିଜା କରି ତାଙ୍କ ସ୍ତ୍ରୀ ଛବିରାଣୀ ମଧ୍ୟ ତାଙ୍କ ସହ ଆସିଥିଲେ। ସୁପାଦଙ୍କର ଜଣେ ଭାଇ ଅରୁଣ କୁମାର ବାଇ ଦୀର୍ଘବର୍ଷ ଧରି ବିନୋବାଭାବେନଗରରେ ରହିଆସୁଛନ୍ତି। ସୁପାଦ ଓ ତାଙ୍କ ସ୍ତ୍ରୀ ରବିବାର ରାତିରେ ଅରୁଣଙ୍କ ଘରକୁ ଆସିଥିଲେ।

# ବଚସାରୁ ଯୁବକଙ୍କୁ ହତ୍ୟା

ଦିଗପହଣ୍ଡି,୩୦।୬(ଅଶେଷ ନାଥ ମିଶ୍ର)

ସାମାନ୍ୟ ବଚସାକୁ କେନ୍ଦ୍ରକରି ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ଭୀଷ୍ମଗିରି ଗ୍ରାମ ଉଷାକୋଠି ସାହିର ଜଣେ ଯୁବକଙ୍କୁ ସୋମବାର ହତ୍ୟା କରାଯାଇଛି। ସେ ହେଲେ ବି.ରାମଚନ୍ଦ୍ର ପାତ୍ର ଓରଫ ଗୁଲୁ (୪୦)। ଏହି ଘଟଣାରେ କେ. ସନ୍ତୋଷ ପାତ୍ର(୩୨)ଙ୍କୁ ପୋଲିସ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ଫେରାର ହୋଇଯାଉଥିବା ବେଳେ ଧରି ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣା ସମ୍ପର୍କରେ ଜାଣିବା ପରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳ ପରିଦର୍ଶନ କରି ଥାନାରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

ଖବରରୁ ପ୍ରକାଶ, ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାମ କରୁଥିବା ରାମଚନ୍ଦ୍ର ମାସେ ହେଲା ଗାଁକୁ ଫେରିଥିଲେ। ଗତ ଶୁକ୍ରବାରଠାରୁ ରାମଚନ୍ଦ୍ର ଏବଂ ତାଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଘରେ ଶ୍ରୀନୃସିଂହ ମହାପ୍ରଭୁଙ୍କ ପୂଜା କାର୍ଯ୍ୟ ଚାଲିଥିଲା। ଘରେ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ରାମଚନ୍ଦ୍ର ସନ୍ତୋଷ ଓ ତାଙ୍କ ପରିବାର ଲୋକଙ୍କୁ ପୂଜା କାର୍ଯ୍ୟରେ ସାମିଲ ହେବାକୁ ନିମନ୍ତ୍ରଣ କରି ନ ଥିଲେ। ରବିବାର ସନ୍ଧ୍ୟାରେ ସନ୍ତୋଷ ଏନେଇ ରାମଚନ୍ଦ୍ରଙ୍କୁ ପଚାରିଥିଲେ। କଥାବାର୍ତ୍ତାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ମାରପିଟ୍ ଯାଏ କଥା ଯାଇଥିଲା। ପରେ ଉଭୟଙ୍କ ସମ୍ପର୍କୀୟ ଏବଂ ଜାତି କୁଳମୁଖିଆଙ୍କ ହସ୍ତକ୍ଷେପ ପରେ ଘଟଣାର ଆପୋସ ସମାଧାନ ହୋଇଥିଲା। ରାମଚନ୍ଦ୍ର ଘରେ ଶୋଇଥିବା ବେଳେ ରାତି ପ୍ରାୟ ୨ଟାରେ ଲାଇନ କଟିଯାଇଥିଲା। ଗରମ ଯୋଗୁ ସେ ବାହାରକୁ ଆସି ପିଣ୍ଡାରେ ଶୋଇଥିଲେ। ଭୋର ସମୟରେ ତାଙ୍କୁ ସନ୍ତୋଷ ଠେଙ୍ଗାରେ ପିଟିପିଟି ହତ୍ୟା କରିବା ପରେ ସେ ଗାଁରୁ ଫେରାର ହୋଇଯାଇଥିଲେ। ଖବରପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ବ୍ରହ୍ମପୁରରୁ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ ଆସି ସରଜମିନ ତଦନ୍ତ କରି ଫେରିଛନ୍ତି। ଏନେଇ ଏତଲା ହେବା ପରେ ନଂ. ୨୩୬/୨୫ରେ ପୋଲିସ ଏକ ମାମଲା ରୁଜୁ କରି ସନ୍ତୋଷଙ୍କ ୨ଜଣ ସମ୍ପର୍କୀୟଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରି ପରେ ଉଭୟଙ୍କୁ ଛାଡିଦେଇଛି। ତେବେ ସୂଚନା ପାଇ ପୋଲିସ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ସନ୍ତୋଷଙ୍କୁ ଧରିଛି। ଅନ୍ୟପକ୍ଷରେ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ତଦନ୍ତ ବେଳେ ନିକଟସ୍ଥ ଡ୍ରେନରୁ ଜବତ କରିଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

### ୨ ହାତ କାଟି ହତ୍ୟା ଉଦ୍ୟମ ମାମଲା

ଢେଙ୍କାନାଳ,୩୦।୬(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଚନ୍ଦ୍ରଶେଖରପ୍ରସାଦ ଅଞ୍ଚଳର ରଜତ କୁମାର ରାଉତଙ୍କ ୨ ହାତ କାଟି ହତ୍ୟା ଉଦ୍ୟମ କରାଯିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଅତିରିକ୍ତ ସେସନ ଜଜ୍ ତଥା ମହିଳା ଅଦାଲତ ବିଚାରପତି ସୁନିତା ରାଉତ ଅଭିଯୁକ୍ତ ସୁଶାନ୍ତ ଧଳଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୧୬ ଅକ୍ଟୋବର ୨୮ ରାତି ପ୍ରାୟ ୧୨ଟାରେ ଚନ୍ଦ୍ରଶେଖର ପ୍ରସାଦ ଗ୍ରାମ ପୋଖରୀରୁ ମାମଲାର ୨ ଅଭିଯୁକ୍ତ ସୁଶାନ୍ତ ଓ ପ୍ରଶାନ୍ତ ଧଳ ମାଛ ମାରୁଥିବା ଦେଖି ରଜତ ବିରୋଧ କରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ଅଭିଯୁକ୍ତ ଦ୍ୱୟ ରଜତଙ୍କୁ ଆକ୍ରମଣ କରିଥିଲେ। ଏକ ପାଇଖାନା ଭିତରେ ପୂରାଇ ବେକରେ ଜିଆଇ ତାର ଗୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ୨ ହାତକୁ ଦଉଡ଼ିରେ ବାନ୍ଧି ହାଣି ଅଲଗା କରିଦେଇଥିଲେ। ଖବରପାଇ ବାପା ରସାନନ୍ଦ ଓ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ରଜତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ପଠାଯାଇଥିଲା। ୩ମାସ ଚିକିତ୍ସା ପରେ ମଧ୍ୟ ରଜତଙ୍କ ହାତ ଆଉ ଯୋଡ଼ାଯାଇ ପାରି ନ ଥିଲା। ରସାନନ୍ଦଙ୍କ ଅଭିଯୋଗ ପରେ ସଦର ଥାନାରେ ନଂ. ୩୮୨/୧୬ରେ ଏକ ମାମଲା ରୁଜୁ କରାଯାଇଥିଲା। ମୋଟ ୧୮ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ପ୍ରମାଣକୁ ବିଚାରକୁ ନେଇ ସିଟି ସେସନ୍ସ କେସ୍ ନଂ-୬୩/୧୭ର ବିଚାର କରି ଅତିରିକ୍ତ ସେସନ୍ସ ଜଜ୍ ଅଭିଯୁକ୍ତ ସୁଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଢେଙ୍କାନାଳର ପୂର୍ବତନ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ମାମଲା ପରିଚାଳନା କରିଥିବା ବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟ ନାରାୟଣ ତ୍ରିପାଠୀ ସହାୟତା କରିଥିଲେ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ବାରିପଦା,୩୦।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ପାଣ୍ଡରା ଗ୍ରାମର କାହ୍ନୁ ସିଂ(୩୬)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଏପ୍ରିଲ ୨୨ରେ କୌଣସି କାରଣକୁ ନେଇ କାହ୍ନୁ ସହିତ ତାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କାହ୍ନୁ ଏକ କାଠରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଅଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଅଞ୍ଜଳିଙ୍କ ଭାଇ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

**Business**

# ରେକର୍ଡ ସ୍ତରରେ ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୩୦।୬ (ଅଭୟ ଦାଶ)




■ ୨୦୨୪-୨୫ ବର୍ଷରେ ୨୨.୮ ଲକ୍ଷ କୋଟି

■ ଜିଏସ୍‌ଟିକୁ ୮ ବର୍ଷ ପୂର୍ତ୍ତି

ଦେଶର ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବା ଓ ଏକକ ଟିକସ ସଂଗ୍ରହ ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୭ ଜୁଲାଇରେ ସାମଗ୍ରୀ ଓ ସେବା ଟିକସ ବା ଜିଏସ୍‌ଟିର ଅୟ ଆରମ୍ଭ କରିଥିଲେ। ଏହାରି ମଧ୍ୟରେ ଜିଏସଟି ଲାଗୁ ବା କାର୍ଯ୍ୟକାରୀକୁ ୨୦୨୫ ଜୁଲାଇ ପହିଲାରେ ଆଠ ବର୍ଷ ପୂରଣ ହେଉଛି। ବିଶେଷ କରି ଆର୍ଥିକ ଏକୀକରଣ ଉଦ୍ଦେଶ୍ୟ ନେଇ ୨୦୧୭ ଜୁଲାଇ ୧ରେ ଜିଏସଟି ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହା ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ଏକକ, ସମନ୍ୱିତ ଏବଂ ସୁବ୍ୟବସ୍ଥିତ କରିଛି। ସେହିଭଳି ଏହା ଟିକସ ଅନୁପାଳନକୁ ସହଜ କରିବା ସହିତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଖର୍ଚ୍ଚ ହ୍ରାସ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସଟିକୁ ନୂତନ ଭାରତର ଏକ ଯୁଗାନ୍ତକାରୀ ଆଇନ ଭାବେ ଅଭିହିତ କରିଛନ୍ତି। ସେହିପରି ଗତ ୮ବର୍ଷ ମଧ୍ୟରେ ଜିଏସଟି ଅନେକ ଉପଲବ୍ଧି ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସକଳ ଜିଏସଟି ସଂଗ୍ରହ ରେକର୍ଡ ସହ ୨୨.୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଏହା ପୂର୍ବ ବର୍ଷ ତୁଳନାରେ ୯.୪% ବୃଦ୍ଧି ପାଇଛି। ଏହି ବର୍ଷ ହାରାହାରି ମାସିକ ସଂଗ୍ରହ ୧.୮୪ ଲକ୍ଷ କୋଟି ଟଙ୍କା ରହିଥିଲା। ଏହି ବୃଦ୍ଧି ଟିକସ ଅନୁପାଳନରେ ସୁଧାର ଏବଂ ଅର୍ଥ ବ୍ୟବସ୍ଥାର ଆନୁଷ୍ଠାନିକ କାରଣ କରିଛି। ଅପରପକ୍ଷରେ ଜିଏସଟି ସଂଗ୍ରହ ମଧ୍ୟ ପ୍ରତ୍ୟେକ ବର୍ଷ ବଢିବାରେ ଲାଗିଛି। ୨୦୨୦-୨୧ରେ ୧୧.୩୭ ଲକ୍ଷ କୋଟି ଟଙ୍କା, ଏହାର ପରବର୍ଷ ୧୮.୦୮ ଲକ୍ଷ କୋଟି ଟଙ୍କା, ୨୦୨୨-୨୩ରେ ୧୮.୦୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୩-୨୪ରେ ୨୦.୧୮ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଥିଲା। ଏହା ଅନୁପାଳନ ଏବଂ ଆର୍ଥିକ କାର୍ଯ୍ୟ କଳାପରେ ସ୍ଥିର ଅଭିବୃଦ୍ଧିକୁ ଦର୍ଶାଉଛି। ସକ୍ରିୟ କରଦାତାଙ୍କ ସଂଖ୍ୟାରେ ମଧ୍ୟ ତୀବ୍ର ବୃଦ୍ଧି ଘଟିଛି। ୨୦୨୫ ଏପ୍ରିଲ ୩୦ ସୁଦ୍ଧା ୧.୫୧ କୋଟିରୁ ଅଧିକ ସକ୍ରିୟ ଜିଏସଟି ପଞ୍ଜୀକରଣ ରହିଛି।

ନିକଟରେ ଡେଲଏଟ ସଂସ୍ଥାର ଏକ ରିପୋର୍ଟରେ ଜିଏସଟି ବ୍ୟବସ୍ଥାକୁ ଉଚ୍ଚପ୍ରଶଂସା କରାଯାଇଛି। ସମୟୋଚିତ ସଂସ୍କାର, ଟିକସଦାତାଙ୍କର ମାର୍ଗଦର୍ଶନ, ଜିଏସଟି ପୋର୍ଟାଲର ସ୍ଥିର ବିକାଶ ପାଇଁ ଏହି ସଂସ୍ଥା ସରକାରଙ୍କୁ ଶ୍ରେୟ ଦେଇଛି। ଜିଏସଟି ଟିକସ ବ୍ୟବସ୍ଥାକୁ ଦୃଢ କରିବା ସହିତ ବ୍ୟବସାୟିକ ସୁଗମତାରେ ସୁଧାର ଆଣିଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ ସହିତ ଜିଏସଟି ପରିଷଦ ଜିଏସଟି ଟିକସ ଦର ନିର୍ଦ୍ଧାରଣ କରିଥାଏ। ବର୍ତ୍ତମାନ ଦେଶରେ ବିଭିନ୍ନ ସାମଗ୍ରୀ ଏବଂ ସେବା ପାଇଁ ୫, ୧୨, ୧୮ ଏବଂ ୨୮% ହାରରେ ଜିଏସଟି ଲାଗୁ ହେଉଛି।

ଜିଏସଟି ଦ୍ୱାରା ଏକ ରାଷ୍ଟ୍ର ଏକ ଟିକସ' ସଂକଳ୍ପ ସାକାର ହୋଇଛି, ବହିର୍ଶୁଳ୍କ, ସେବାଶୁଳ୍କ, ଭାଟ୍ ଏବଂ ଅନ୍ୟାନ୍ୟ ଜଟିଳ ଶୁଳ୍କ ପରିବର୍ତ୍ତେ ଗୋଟିଏ ଜିଏସଟି ଲାଗୁ ହେଉଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୦।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୫୨(୪୫୨.୪୪) ପଏଣ୍ଟ ହ୍ରାସ ଘଟି ୮୩,୬୦୬ (୮୩,୬୦୬.୪୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୨୧ (୧୨୦.୭୫) ପଏଣ୍ଟ କମି ୨୫, ୫୧୭ (୨୫,୫୧୭.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୬

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନୂତନ ଶାଖା ଝାରସୁଗୁଡ଼ା ଜିଲାର ମୁଙ୍ଗପଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରରେ ବିଓଏମ୍ ଆଞ୍ଚଳିକ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ ଏବଂ ଶାଖା ପ୍ରବନ୍ଧକ କୋଳୟ ବିରୁଳି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବିଓଏମ ଆଞ୍ଚଳିକ ପ୍ରବନ୍ଧକ ରାଉଳ ଭୁବନେଶ୍ୱର ଅଞ୍ଚଳରେ ବ୍ୟାଙ୍କର ଶାଖା ସମ୍ପ୍ରସାରଣ ସମ୍ପର୍କରେ ନିଜର ମତ ରଖିଥିଲେ। ସେହିପରି ଏହି ନୂତନ ଶାଖାଟି ଝାରସୁଗୁଡା ଜିଲାର ଦ୍ୱିତୀୟ ଏବଂ ରାଜ୍ୟର ୫୯ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଓଏମ୍ ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତିକୁ ସୁଦୃଢ କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି।

# ଇଲେକ୍ଟ୍ରିକ ମୋବିଲିଟିରେ ନୂଆ ସମ୍ଭାବନା

ଭୁବନେଶ୍ୱର,୩୦।୬

ଓବେନ ଇଲେକ୍ଟ୍ରିକର ବହୁ ପ୍ରତିକ୍ଷୀତ ତଥା ୨୪ଘଣ୍ଟିଆ କଷ୍ଟମର ସପୋର୍ଟ ହେଲପଲାଇନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଇଭି ମାଲିକାନାରେ ଅନୁଭବ ଅତୁଳନୀୟ କରିବା ସହିତ ନିଜର ପ୍ରତିବଦ୍ଧତା ସୁଦୃଢ଼ କମ୍ପାନୀ କରିଛି। ଏହି ପଦକ୍ଷେପ ଓବେନର ପ୍ରତିକ୍ରିୟାଶୀଳ, ସ୍ୱଚ୍ଛ ଏବଂ ବ୍ୟକ୍ତିଗତ ବିକ୍ରୟ ପରବର୍ତ୍ତୀ ସହାୟତା ଉପରେ ବିଶେଷ ଧ୍ୟାନକୁ ରେଖାଙ୍କିତ କରିଛି, ଯାହା ଇଭି ମାଲିକମାନଙ୍କ ମଧ୍ୟରେ ଦୀର୍ଘକାଳୀନ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ହେଲପଲାଇନ ଦିନରାତି ପ୍ରକୃତ ସମୟରେ ବିଶେଷଜ୍ଞ ଏବଂ ସହାନୁଭୂତିପୂର୍ଣ୍ଣ ସହାୟତା ପ୍ରଦାନ କରିଥାଏ। ଗତ ୩ମାସରେ ସମସ୍ତ ସର୍ଭିସ କେସ୍‌ଗୁଡ଼ିକର ୯୦% ୭୨ଘଣ୍ଟା ମଧ୍ୟରେ ସମାଧାନ ହୋଇଛି। ଏ ସମ୍ପର୍କରେ ଓବେନ ଇଲେକ୍ଟ୍ରିକର ପ୍ରତିଷ୍ଠାତା ସିଇଓ ମଧୁମିତା ଅଗ୍ରୱାଲ କହିଛନ୍ତି,ଇଲେକ୍ଟ୍ରିକ ମୋବିଲିଟିରେ ଆମେ ନୂଆ ସମ୍ଭାବନା ଆରମ୍ଭ କରିଛୁ। ଏପରିକି ଆମର ୨୪ ଘଣ୍ଟିଆ ଗ୍ରାହକ ସେବା ହେଲପଲାଇନ ଏବଂ ଏକୀକୃତ ଓବେନ କେୟାର ସେବା କେନ୍ଦ୍ର ଆମର ଏହି ସଂକଳ୍ପକୁ ସଠିକ ଭାବେ ଦର୍ଶାଉଛି। ସେହିଭଳି ଆମେ ତ୍ୱରିତ, ପାରଦର୍ଶୀ ଏବଂ ବ୍ୟକ୍ତିଗତ ସହାୟତା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଆମର ବିଶ୍ୱାସ ଏହି ଦୃଷ୍ଟିକୋଣ କେବଳ ଯେ ସମସ୍ୟାର ଶୀଘ୍ର ସମାଧାନ କରିଥାଏ ତାହା ନୁହେଁ ବରଂ ଇଲେକ୍ଟ୍ରିକ ମୋବିଲିଟିରେ ଦୀର୍ଘକାଳୀନ ଆତ୍ମବିଶ୍ୱାସ ଏବଂ ଆନୁଗତ୍ୟ ମଧ୍ୟ ବଢ଼ାଇଥାଏ। ସେହିପରି ଏହାର ମାଲିକାନା ଉଚ୍ଚ-କ୍ଷମତା ସମ୍ପନ୍ନ ଲିଥିୟମ୍ ଆଇରନ୍ ଫସଫେଟ୍ (ଏଲଇପି) ବ୍ୟାଟେରୀ, ମୋଟର, ଯାନବାହନ ନିୟନ୍ତ୍ରଣ ୟୁନିଟ୍ (ଭିସିୟୁ) ଏବଂ ଚାର୍ଜର ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ କମ୍ପାନୀ ଦ୍ୱାରା ଡିଜାଇନ୍ ଏବଂ ନିର୍ମିତ କରାଯାଉଛି। ଏହି ସମନ୍ୱୟ ଦ୍ରୁତ ସମସ୍ୟା ସମାଧାନ ଏବଂ ଅଧିକ ସ୍ୱଚ୍ଛତାକୁ ସକ୍ଷମ କରିଥାଏ।

# ସିପେଟ୍‌ରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୩୦।୬




ଭାରତ ସରକାରଙ୍କ ବିକଶିତ ଭାରତ-୨୦୪୭ ଅଭିଯାନ ଅନ୍ତର୍ଗତ ୧୦୦ ଦିନିଆ କାର୍ଯ୍ୟ ଅଧୀନରେ କେମିକାଲସ୍ ଓ ପେଟ୍ରୋକେମିକାଲସ୍ ବିଭାଗ, କେମିକାଲ୍ ଓ ଫର୍ଟିଲାଇଜର୍ ମନ୍ତ୍ରାଣାଳୟ ପକ୍ଷରୁ କେମିକାଲସ୍ ଓ ପେଟ୍ରୋକେମିକାଲସ୍ କ୍ଷେତ୍ରରେ ସୁରକ୍ଷା ମାନକ ସୁନିଶ୍ଚିତ କରିବା ଲାଗି ତାଲିମକୁ ପ୍ରାଥମିକତା ଦିଆଯାଇଛି। ଏହି ପଦକ୍ଷେପ ସୁରକ୍ଷା, ସ୍ଥିରତା ଏବଂ ଦାୟିତ୍ୱ ପ୍ରତି ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପିରିକି ସୁରକ୍ଷିତ ଏବଂ ପରିବେଶଗତ ଦାୟୀତ୍ୱବାନ ଶିଳ୍ପ ପରିବେଶକୁ ସୁରକ୍ଷିତ ରଖିଥାଏ। ଆର୍ଥିକ ଅଭିବୃଦ୍ଧିରେ କେମିକାଲ ଏବଂ ପେଟ୍ରୋକେମିକାଲ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏହି କାର୍ଯ୍ୟକ୍ରମ ଦ୍ୱାରା ବିପଦପୂର୍ଣ୍ଣ ପଦାର୍ଥ ସହିତ ସୃଷ୍ଟି ହେଉଥିବା ବିପଦକୁ ଗମ୍ଭୀରତାର ସହ ଆଲୋଚନା କରାଯାଇ ଜୀବନ ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସୁରକ୍ଷା ନୀତି ଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍) ପକ୍ଷରୁ କୋଲକାତା ସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟର ଡ. ଏଚ.ଏଲ୍.ରାୟ ଅଡିଟୋରିୟମରେ କେମିକାଲ୍ ଓ ପେଟ୍ରୋକେମିକାଲ୍ ଉଦ୍ୟୋଗର ସୁରକ୍ଷାକୁ ନେଇ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମର ଉଦଘାଟନ ସମାରୋହରେ ସେଣ୍ଟ୍ରାଲ ପଲ୍ୟୁସନ୍‌କଣ୍ଟ୍ରୋଲ ବୋର୍ଡ, କୋଲକାତାର ଆଞ୍ଚଳିକ ନିର୍ଦ୍ଦେଶକ ମୃଣାଳକାନ୍ତି ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସେହିପରି ସିପେଟ୍ ସିଏସଟିଏସ୍ ବାଲେଶ୍ୱରର ନିର୍ଦ୍ଦେଶକ କେ. କେ ମହାପାତ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ, ଇଣ୍ଡିଆନ୍ କେମିକାଲ କାଉନସିଲ, କୋଲକାତାର ଆଞ୍ଚଳିକ ଅଧ୍ୟକ୍ଷ, ଦେବର୍ଷି ଦତ୍ତଗୁପ୍ତା, ଏଚ୍‌ଏସ୍‌ଇର ଡେପୁଟି ଜେନେରାଲ ମ୍ୟାନେଜର, ମାର୍କେଟିଂ ଏଚ୍‌ଏସ୍‌ଇ ବିଭାଗ, ଏଚପିସିଏଲ ମୁମ୍ବାଇର ସୁରେଶ ବାବୁ ଭୁତଲାଙ୍କ ସମେତ ଅନ୍ୟମାନେ ଯୋଗଦେଇ ଥିଲେ।

# ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୩୦।୬

ଏଚ୍‌ଡିଏଫ୍‌ସି ଲାଇଫର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ (ନୂଆ କ୍ୟାମ୍ପେନ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି, ଯେଉଁଥିରେ 'ଆପଣଙ୍କ ପରିବାରର ଭବିଷ୍ୟତ ପାଇଁ ଯୋଜନା କରିବା ସହିତ ଆଜିକୁ ଉପଭୋଗ କରନ୍ତୁ' ବାର୍ତ୍ତା ସହ କମ୍ପାନୀ ପଶ୍ଚିମବଙ୍ଗ ଓ ଓଡ଼ିଶା ବଜାରର ଦର୍ଶକଙ୍କ ନିକଟରେ ପହଞ୍ଚିଛି। ଏହି ବିଜ୍ଞାପନ ଫିଲ୍ମରେ ଅଭିନେତା ଅବିର ଚାଟାର୍ଜୀ ଅଭିନୟ କରିଛନ୍ତି। ଏପରିକି ମଜଭୁତ ସଂଯୋଗ ସ୍ଥାପନ କରିବା କ୍ଷେତ୍ରରେ ରିଜିଓନାଲ ମାର୍କେଟିଂ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଆବଶ୍ୟକତାକୁ ଚିହ୍ନଟ କରି ଏଚ୍‌ଡିଏଫ୍‌ସି ଲାଇଫ ଗତ ବର୍ଷ ଏକ ସ୍ୱତନ୍ତ୍ର ଅଞ୍ଚଳ-କେନ୍ଦ୍ରିତ କ୍ୟାମ୍ପେନ ପଦ୍ଧତି ଆରମ୍ଭ କରିଥିଲା, ଯାହାକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ପ୍ରଥମେ ଆରମ୍ଭ କରାଯାଇଥିଲା। ସେହିଭଳି ଦକ୍ଷିଣ ଭାରତ ପରେ ଏଚ୍‌ଡିଏଫ୍‌ସି ବର୍ତ୍ତମାନ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡିକ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛି। ବିଶେଷ କରି ପରିବାରର ଲକ୍ଷ୍ୟ ଓ ଆକାଂକ୍ଷା ନିଶ୍ଚିତ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଠିକ୍ ସମୟରେ ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେବ। ଏହି ବିଜ୍ଞାପନ ଫିଲ୍ମରେ ମୁଖ୍ୟ ନାୟକ ନିଜ ପିଲାଦିନର ସ୍ମୃତି ସମ୍ପର୍କରେ କହିବା ସମୟରେ ଏହି ବାର୍ତ୍ତାକୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଲାଇଫର ମାର୍କେଟିଂ ବିଭାଗ ମୁଖ୍ୟ ପ୍ରୀତିକା ଶାହ କହିଛନ୍ତି, ଆମର ପୂର୍ବର ଦକ୍ଷିଣ-କେନ୍ଦ୍ରିତ ପ୍ରୟାସଗୁଡିକୁ ମିଳିଥିବା ସକାରାତ୍ମକ ପ୍ରତିକ୍ରିୟା ଆମକୁ ଏହି ପଦ୍ଧତିକୁ ଭାରତର ଅନ୍ୟ ଅଂଶଗୁଡିକୁ ନେବା ପାଇଁ ପ୍ରୋତ୍ସାହିତ କରିଥିଲା। ଅବିର ଚାଟାର୍ଜୀଙ୍କ ଅଭିନୀତ ଆମର ପ୍ରଥମ ପୂର୍ବାଞ୍ଚଳ-କେନ୍ଦ୍ରିତ କ୍ୟାମ୍ପେନକୁ ପଶ୍ଚିମବଙ୍ଗ ଓ ଓଡ଼ିଶାର ଦର୍ଶକଙ୍କ ପାଇଁ ଆରମ୍ଭ କରାଯାଇଛି। ଆମେ ବିଶ୍ୱାସ କରୁଛୁ ଯେ, ଆମର କ୍ୟାମ୍ପେନ ସହିତ ଆମେ ଆର୍ଥିକ ସ୍ୱାଧୀନତା ଦିଗରେ ଅଧିକରୁ ଅଧିକ ଲୋକଙ୍କୁ ସଂଯୋଗ ଓ ଅନୁପ୍ରାଣିତ କରିବାକୁ ସକ୍ଷମ ହେବୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶ୍ରୀଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା: ବାଇକ୍ ଆରୋହୀ ମୃତ

ପାଟକୁରା, ୩୦।୬(ରବୀନ୍ଦ୍ର ନାଥ ବାରିକ ): ପାଟକୁରା ଥାନା ଅନ୍ତର୍ଗତ ନୂଆପଡ଼ା-ଗରଦପୁର ରାସ୍ତାର ନୂଆପଡା କାନାଡ଼ା ବ୍ୟାଙ୍କଠାରୁ ୪୦୦ ମିଟର ଦୂରରେ ସୋମବାର ସକାଳ ୧୦ଟାରେ ଆସୁଥିବା ଏକ ଟ୍ରକ୍ ଗୋଟିଏ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଛି। ଫଳରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ଥାନା ଅଧୀନ ପଦ୍ମପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ସୁଶାନ୍ତ ବେହେରା(୩୫)। ସେ ମଥୁରାନନ୍ଦ ବେହେରାଙ୍କ ଏକ ମାତ୍ର ପୁତ୍ର । ବିଲରେ ଧାନ ତଳି ପଡୁଥିବାରୁ ଶ୍ରମିକଙ୍କ ପାଇଁ ଜଳଖିଆ ନେଇ ବାଇକ୍ ଯୋଗେ ସୁଶାନ୍ତ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍‌ଟି ଧକ୍କା ଦେଇଥିଲା। ଫଳରେ ସୁଶାନ୍ତ ବାଇକ୍ ସହ ପଡିଯାଇଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା କାରଣରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଭାରପ୍ରାପ୍ତ ଇନ୍ସପେକ୍ଟର ମହମ୍ମଦ ଜାମସେଦ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓଡି ୨୧ ଜି ୨୬୯୧ ଓ ବାଇକ୍ ଓଡି ୨୯ଏନ୍ ୯୫୮୨କୁ ଜବତ କରିଛି। ସୁଶାନ୍ତଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ନଂ. ୧୧୨/୨୫ରେ ମକଦ୍ଦମା ରୁଜୁ କରିଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଥୁରାନନ୍ଦଙ୍କ ଜଣେ ଝିଅ ଓ ଜଣେ ପୁଅ ଥିଲେ। ୧୦ ବର୍ଷ ପୂର୍ବେ ସେ ଝିଅକୁ ବିବାହ ଦେଇଥିଲେ ଓ ବିବାହର ବର୍ଷକ ପରେ ଝିଅଟିର ଶାଶୁଘରେ ମୃତ୍ୟୁ ଘଟିଥିଲା। ଏବେ ଏକମାତ୍ର ପୁଅ ଟ୍ରକ୍ ଦୁର୍ଘଟଣାରେ ମୃତ୍ୟୁହେବା ତାଙ୍କୁ ଦୁଃଖ ଦେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି।

# ଅନ୍ୟତମ ଅଭିଯୁକ୍ତ କେରଳରୁ ଗିରଫ

## ବାଲିଘାଟ ହତ୍ୟା ଘଟଣା


କେରଳରୁ ଗିରଫ ହୋଇଥିବା ଆଲୋକ ମଲିକ।

ଯାଜପୁର ଟାଉନ/ଯାଜପୁର ସଦର,୩୦।୬(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି/ସମର ବିଜୟ ଶରଣ): ବାଲିଘାଟ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ କଟେରିଗାଁର ଆଲୋକ ମଲିକ(୨୮)ଙ୍କୁ ଯାଜପୁର ସଦର ଥାନା ପୋଲିସ କେରଳରୁ ଗିରଫ କରିଛି । ସୋମବାର ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଚନ୍ଦନ ନାୟକଙ୍କୁ ମେ' ୨୮ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ସେହିପରି ଅନ୍ୟତମ ଅଭିଯୁକ୍ତ ପ୍ରକାଶ ମଲିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ରକୁ ସଦର ଥାନା ପୋଲିସ ଜବତ କରିବା ସହ ଖୁବ୍‌ଶୀଘ୍ର ଅନ୍ୟତମ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଝୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମେ'୨୭ରେ ଖରସ୍ରୋତା ନଦୀର କଟେରି ଗାଁ ବାଲିଘାଟରେ ଗଣ୍ଡଗୋଳ ଘଟିଥିଲା । ଏଥିରେ ତପନ ଲେଙ୍କା ଗୁରୁତର ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜୁନ ୪ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତପନଙ୍କ ଭାଉଜ ମାନସୀ ଲେଙ୍କା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ହତ୍ୟା ଘଟଣାରେ ମୋଟ ୫ଜଣ ସମ୍ପୃକ୍ତ ଥିବା ବେଳେ ଅଦ୍ୟାବଧି ୩ଜଣଙ୍କୁ ସଦର ପୋଲିସ ଗିରଫ କରିଛି। ଅନ୍ୟ ୨ଜଣ ଫେରାର ଅଛନ୍ତି।


## ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବପ୍ରସାଦ


@ ଗୁଡ୍ଡୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଇଂ ଭୀମ ଚରଣ ସାମଲ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୪।୦୮।୧୯୩୯
ତିରୋଧାନ: ୧୨।୦୭।୨୦୨୪

ତୁମେ ଆମକୁ ଛାଡ଼ି ଚାଲିଗଲ । ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଓ ମାର୍ଗଦର୍ଶନ ଗୁଡ଼ିକ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୧୧୭


# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

## ୨୦ହଜାର ଟଙ୍କା ଜରିମାନା

ଯାଜପୁରଟାଉନ,୩୦।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଏକାଧିକ ଥର ବଳାତ୍କାର କରିଥିବା ମାମଲାର ବିଚାର କରି କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସୋମବାର କୋର୍ଟ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ମାମୁ ଘରେ ରହି ସ୍ଥାନୀୟ କଲେଜର ଯୁକ୍ତ ୨ ଶ୍ରେଣୀରେ ପାଠ ପଢୁଥିଲେ । ସେ ପ୍ରତିଦିନ ସାଇକେଲରେ କଲେଜକୁ ଯିବା ଆସିବା କରୁଥିଲେ। ଯାଜପୁର ଥାନା ଅଧୀନ ଦେବୀଦ୍ୱାରା ଗ୍ରାମର ଦୀନବନ୍ଧୁ ବିଶୋଇ ଓରଫ ଜଡ଼ା (୩୧)ତାଙ୍କୁ ଏକତରଫା ପ୍ରେମ କରି ଏକାଧିକ ଥର ପ୍ରେମ ନିବେଦନ କରୁଥିଲେ। ଦିନେ ନାବାଳିକା କଲେଜରୁ ଘରକୁ ଫେରୁଥିବା ସମୟରେ ଘୁଷୁରିଆ ସାହି ପୋଲ ନିକଟରେ ସେ ଛାତ୍ରୀଙ୍କୁ ଅଟକାଇ ଏକ ଜଙ୍ଗଲିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏଥିରେ ଛାତ୍ରୀ ଜଣକ ଅଚେତ ହୋଇପଡିଥିଲେ। ଏହାପରେ ଅଭିଯୁକ୍ତ ପୀଡ଼ିତାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ନାବାଳିକଙ୍କ ଚେତା ଫେରିବା ପରେ ଏହି ଘଟଣାକୁ କେଉଁଠି ପ୍ରକାଶ ନ କରିବା ପାଇଁ ଧମକ ଦେଇ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ଥିଲେ । ଏଥିରେ ବ୍ୟତିକ୍ରମ ହେଲେ ସେ ସୋସିଆଲ ମିଡ଼ିଆରେ ଏହି ଫଟୋ ଓ ଭିଡ଼ିଓକୁ ଭାଇରାଲ କରିଦେବି ବୋଲି କହିଥିଲେ । ଏପରି ଭୟ ଦେଖାଇ ଅଭିଯୁକ୍ତ ସେହି ନାବାଳିକା ସହ ୫ଥର ଶାରିରୀକ ସମ୍ପର୍କ ରଖିଥିଲେ। ଏହି ଭୟରେ ନାବାଳିକା ଜଣକ କଲେଜକୁ ଯିବା ଆସିବା ବନ୍ଦ କରି ଏକ ମେସ୍‌ରେ ରହି ପାଠ ପଢୁଥିଲେ। ୨୦୨୪ ଅଗଷ୍ଟ ୮ ତାରିଖ ଦିନ କଲେଜରୁ ଛାତ୍ରୀ ଜଣକ ମେସ୍‌କୁ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଅଟକାଇ ଲଜ୍ ଯିବା ପାଇଁ ପ୍ରସ୍ତାବ ଦେଇଥିଲେ। ଛାତ୍ରୀ ଜଣକ ଏହି ପ୍ରସ୍ତାବକୁ ବିରୋଧ କରିବାରୁ ଅଭିଯୁକ୍ତ ତାକୁ ମାଡ଼ ମାରିବା ସହ ତାଙ୍କ ବାପା ପାଖକୁ ଝିଅର ସମସ୍ତ ଅଶ୍ଳୀଳ ଫଟୋ ଏବଂ ଭିଡିଓକୁ ପଠାଇ ଦେଇଥିଲେ। ଏହି ଘଟଣା ପରେ ନାବାଳିକାଙ୍କ ବାପା ଯାଜପୁର ଟାଉନ ଥାନାରେ ସେଦିନ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଯାଜପୁର ଟାଉନ ଥାନାରେ ଏକ ମାମଲା(ନଂ.୩୩୨/୨୪) ରୁଜୁ ହୋଇଥିଲା। ଶେଷରେ ପୋଲିସ ସେହି ମାସ ୩୦ ତାରିଖ ଦିନ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିଦିନରୁ ଅଭିଯୁକ୍ତ ବିଚାରଧୀନ କଏଦୀ ଭାବେ ଯାଜପୁର ଜିଲା ଜେଲ୍‌ରେ ଅଛନ୍ତି । ସୋମବାର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ୯ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତ ପୁନଶ୍ଚ ଅଧିକ ୩ ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ ରହିଛି। ସେହିପରି ଜିଲା ଆଇନ ସେବା ପ୍ରାଧିକରଣ ୭ଲକ୍ଷ ଟଙ୍କା ପୀଡ଼ିତାଙ୍କୁ ସହାୟତା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରିଥିଲେ।

## ଖଣ୍ଡବନ୍ଧ ଅଞ୍ଚଳରେ ୧୮ ହାତୀ

ଯୋଡା,୩୦।୬(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହର ନିକଟବର୍ତ୍ତୀ ଖଣ୍ଡବନ୍ଧ ଅଞ୍ଚଳରେ ୧୮ଟି ହାତୀ ଜଳପ୍ରଚଳ କରୁଛନ୍ତି। ହାତୀପଲରେ ୩ ଦନ୍ତା, ୯ ମାଈ ଓ ୬ ହାତୀ ଶାବକ ରହିଛନ୍ତି। ହାତୀପଲ ବିଛାକୁଣ୍ଡୀ ଜଙ୍ଗଲରେ ରହୁଥିବା ବେଳେ ସୋମବାର ଖଣ୍ଡବନ୍ଧ ଅଞ୍ଚଳକୁ ଚାଲି ଆସିଛନ୍ତି। ନିକଟ ଅତୀତରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନହାନୀ ଓ ଜନ ସାଧାରଣ ବନ କର୍ମଚାରୀଙ୍କୁ ଆକ୍ରମଣ କରିବା ଘଟଣା ଘଟିଛି।

# ବସ୍ ଧକ୍କାରେ ଜଣେ ମୃତ

କେନ୍ଦ୍ରାପଡ଼ା, ୩୦।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁରଠାରେ ଏକ ବସ୍ ଓ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ସ୍କୁଟି ଚାଳକ ଏହି ଥାନା ଅନ୍ତର୍ଗତ ସୁଜାନଗର ଗ୍ରାମର ଉତ୍ତମ ସାହୁଙ୍କ ମୃତ୍ୟୁ ହୋଇଛି। ପୋଲିସ ଏ ସମ୍ପର୍କରେ ଅଭିଯୋଗପତ୍ର ପାଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହିତ ତଦନ୍ତ ଆରମ୍ଭ କରିଛି। ପୁଅ ପ୍ରତାପଙ୍କ ଅଭିଯୋଗ ମୁତାବକ, ଅପରାହ୍ନ ପ୍ରାୟ ୨ଟାରେ ଉତ୍ତମ ନଂ. ଓଡି ୨୯ ଏଲ ୪୨୫୮ ସ୍କୁଟିରେ ବାରିମୂଳଠାରୁ ଘରକୁ ଫେରୁଥିଲେ। ଏହି ସମୟରେ ସମ୍ମୁଖରୁ ଆସୁଥିବା ଓଏସ୍‌ଆର୍‌ଟିସିର ନଂ. ଓଡି ୨୯ ଏମ ୫୯୦୭ ବସ୍‌ଟି କୌଣସି କାରଣରୁ ଡାହାଣ ପଟକୁ ମାଡି ଯାଇ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଉତ୍ତମଙ୍କ ସମ୍ପୂର୍ଣ୍ଣ ଶରୀର କ୍ଷତାକ୍ତ ହୋଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


## ୫ମ ଜନ୍ମଦିନ ଶୁଭେଚ୍ଛା



ଶ୍ରୀଅଂଶ ନାୟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ବାବା, ମାମା, ଅପା, ଦାଦା, ଖୁଡ଼ୀ, ମାମୁ, ମାଇଁ, ଶ୍ରୀହାନ, ସାନ୍‌ଭି ଓ ପରିବାରବର୍ଗ
ଧ-୭୬୦୬୬



# Classified Everyday
0674-2580101, 9692975378


REAL ESTATE
SALE

A COMMERCIAL Plot Facing to NH (NAKKARA to NIALI ) 10 KM from NAKHARA 60×166 3 sides Road Personal plot Contact only owners 7809525452. D-76469




Newly open spa positively health benefits (Expert therapist). Contact: 7749034655 D-76922

Positively health benifits SPA expert female therapist homely atmosphere. Contact- 9114559860. D-1112

## LOST

I, Sri Priyabrata Sahu, S/o- Brundaban Sahu of Village- Singuri, P.O.- Kadopada, P.S.- Barkote, Dist.- Deogarh, Odisha-768110 state that I have passed B.Tech. Engineering Mechanical Branch from GIET (Gandhi Institute of Excellent Technocrats) Gangapatna, Bhubaneswar in the year 2015. The original B.Tech. pass Certificate issued by the concerned authority has been lost near Baramunda Market, Bhubaneswar on dtd. 29.06.2025 at about 6.00 P.M. and inspite of thorough search the same could not be traced out. D-1114

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Khordha, No.- 289, Dated- 04.02.2025, I Shradhanjali Mohanty, W/o-AnilKumarMohanty, At- Mukundaprasad, P.O.- P.N. College, P.S.- Khordha, Dist.- Khordha, PIN- 752057 declare that I have changed my name from Shradhanjali Mohapatra to Shradhanjali Mohanty. Henceforth, I shall be known as Shradhanjali Mohanty for all purposes.
Shradhanjali Mohanty D-1109

By virtue of an affidavit sworn before Executive Magistrate, Jagatsinghpur, dated- 12.06.25, I SAYADA RAZIA PARVEEN, Address: Village- Patana, P.O.- Mohiuddinpur, P.S./ Dist.- Jagatsinghpur, PIN- 754294 declare that I have changed my name from RAZIA PARWIN to SAYADA RAZIA PARVEEN. Henceforth, I shall be known as SAYADA RAZIA PARVEEN for all purpose.
SAYADA RAZIA PARVEEN D-73590

By virtue of an affidavit sworn before Executive Magistrate, Bhubaneswar, dated- 23.06.2025, I Pinky Jena, W/o- Balaram Jena, resident of At- Baliapata Basti, GGP Colony, P.O.- Rasulgarh, P.S.- Mancheswar, Bhubaneswar, Dist.- Khurda, PIN- 751025, Odisha declare that I have changed my minor son's name from Lokanath Jena to Sri Lokanatha Jena. Henceforth, he shall be known as Sri Lokanatha Jena for all purposes.
Pinky Jena D-1108

By virtue of an affidavit sworn before Executive Magistrate, Bhubaneswar, dated- 30.05.2025, I Ratnakar Murmu, permanent resident of At- Durdura, P.O.- Kasipal, Dist.- Mayurbhanj, PIN- 757034 declare that I have changed my name from Ratan Kumar Murmu to Ratnakar Murmu. Henceforth, I shall be known as Ratnakar Murmu for all purposes.
Ratnakar Murmu D-1111

I, Gajendra Kumar Andaja, S/o- Krushna Chandra Andaja of Sakhipara, Dhanupali, Sambalpur declare that my daughter's actual & correct name is Sneha Priyadarsini Andaja according to Aadhaar Card & my wife's correct name is Rashmi Andaja as per Aadhaar. In my daughter's Birth Certificate my name is wrongly mentioned as Gajendra Kumar Andaya instead of Gajendra Kumar Andaja. Now onwards my wife known as Rashmi Andaja & daughter as Sneha Priyadarsini Andaja for all purposes. D-1118

I, Jyosna Nag, D/o- Ukulu Nag, R/o. Village/P.O.- Sibtala, P.S.- Deogaon, Dist.- Balangir, PIN- 767024 declare by this affidavit No.-2043, date 23.06.2025 that I have changed my name from Jyosna Nag to Jyotsna Nag. Henceforth, I shall be known as Jyotsna Nag for all purposes.
Jyotsna Nag D-1115

## LEGAL NOTICE

Letter No.- 1234, Dt. 25.06.2025

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS, ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା
ଓ.ଏସ୍.ଏସ୍.କେସ୍ ନଂ.- ୧୨୪୧/୨୦୨୩

ସମ୍ବିତ ବେଦାନ୍ତ, ବୟସ ୪୦ ବର୍ଷ, ପିତା- ସଦାନନ୍ଦ ବେଦାନ୍ତ, ସା- କଲେଜ ରୋଡ୍, ସାଲେପୁର, ପୋ/ଥାନା- ସାଲେପୁର, ଜିଲ୍ଲା- କଟକ।
....ବାଦୀ

ବନାମ

ହରି ଭୁତିଆ ଓଗେର .....ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ହରି ଭୁତିଆ, ଧୋବେଇ ସାହୁ, ଶୋଭା ସାହୁ, ପି- ଲକ୍ଷ୍ମଣ ସାହୁ, ଆରତ ସାହୁ, ଭରତ ସାହୁ, ପି- ମାଧବ ସାହୁ, ରଙ୍ଗ ସାହୁ, ବେଙ୍ଗ ସାହୁ, ଲତା ସାହୁ, ପି- କୁଳମଣି ସାହୁ, କୁମ ସାହୁ, ସ୍ୱା- କୁଳମଣି ସାହୁ, ଧୁଳି ସାହୁ, ଶଶୀ ସାହୁ, ଗୁଣ୍ଡୁଚି ସାହୁ, ପି- ଯୋଗୀ ସାହୁ, ତଇ ସାହୁ, ସ୍ୱା- ଦ୍ୱିଜବର ସାହୁ, ଭାଗ୍ୟଧର ସାହୁ, ଅରକ୍ଷିତ ସାହୁ, ପି- ହାଡୁ ସାହୁ, ସମସ୍ତଙ୍କ ବାସସ୍ଥାନ: ସା- ଗାଡ଼କଣ, ପୋ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ମଞ୍ଚେଶ୍ୱର, ଜି- ଖୋର୍ଦ୍ଧା, ନୟନା ସାହୁ, ସ୍ୱା- ମହେଶ୍ୱର ସାହୁ, MIG-II-55/4, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଭରତ ସାହୁ, ପି- ମାଧବ ସାହୁ, ରବି ସାହୁ, ପି- ଦିଜବର ସାହୁ, ଲକ୍ଷ୍ମୀଧର ସାହୁ, ପି- ଅର୍ଜୁନ ସାହୁ।

ସମ୍ପତ୍ତି ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.- ୨୫, ମୌଜା- ଗାଡ଼କଣ, ହାଲ୍ ଖାତା- ୪୬୧୬, ହାଲ୍ ପ୍ଲଟ୍- ୩୦୮୧, ରକବା- ଏ୦.୦୪୦ ଡିସିମିଲ ଯାହାର ସାବକ ଖାତା- ୪୯୮, ସାବକ ପ୍ଲଟ୍- ୧୦୧, ରକବା- ଏ୦.୩୭୦ ଡିସିମିଲ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍.କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୦୧।୦୯।୨୦୨୫ରିଖ ଦିବା ଘ୧୧.୩୦ମି ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା: ୨୪।୦୬।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୭୫୮୪୭

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶ୍ରୀଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଝାଡ଼ା, ଜ୍ୱରରେ ଯୁବକ ମୃତ

**ନୟାଗଡ଼, ୩୦।୬ (ଲୋକନାଥ ମିଶ୍ର)**

ଓଡ଼ଗାଁ ବ୍ଲକ ମଗରବନ୍ଧ ଗାଁର ସନ୍ୟାସି ନାୟକ(୩୮) ଝାଡ଼ା ଓ ଜ୍ୱରରେ ଆକ୍ରାନ୍ତ ହୋଇ ରବିବାର ରାତିରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଣ ହରାଇଛନ୍ତି। ପରିବାର ଲୋକଙ୍କ ସୂଚନା ଅନୁସାରେ, ସନ୍ୟାସି କିଛିଦିନ ହେଲା ଜ୍ୱରରେ ପୀଡିତ ହୋଇ ସ୍ଥାନୀୟ ମଗରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ଖାଇଥିଲେ। ରବିବାର ପୁଣି ଜ୍ୱର ସହ ଝାଡ଼ା ହୋଇଥିଲା। ପରିବାର ଲୋକ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରାତି ପ୍ରାୟ ୧ଟାରେ ଭର୍ତ୍ତି କରିଥିଲେ। କିଛି ସମୟ ପରେ ଡାକ୍ତର ସନ୍ୟାସିଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବ୍ୟବଚ୍ଛେଦ ପରେ ସନ୍ୟାସିଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମହାପ୍ରଭୁଙ୍କ ବରାହ ଅବତାର

**ଦଶପଲ୍ଲା, ୩୦।୬ ( ପ୍ରକାଶ କୁମାର ପାଣି)**



ସୋମବାର ୩ୟ ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜନ୍ମବେଦୀରେ ବରାହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜା ନୀତି ହେବା ପରେ ବରାହ ଅବତାରରେ ସଜ୍ଜିତ କରାଯାଇଥିଲା। ତଳବଜାରସ୍ଥିତ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଏହି ବେଶ ଦେଖିବା ନିମନ୍ତେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ଇଂ ଭୀମ ଚରଣ ସାମଲ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୪।୦୮।୧୯୩୯
ତିରୋଧାନ: ୧୨।୦୭।୨୦୨୪

ତୁମେ ଆମକୁ ଛାଡ଼ି ଚାଲିଗଲ । ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଓ ମାର୍ଗଦର୍ଶନ ଗୁଡ଼ିକ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୧୧୭


# ନବଘନପୁରରେ ୩ ଭାଇଙ୍କ ଘରୁ ୪୦ ଲକ୍ଷ ଚୋରି





ନବଘନପୁର ଗାଁରୁ ସୁନା, ରୁପା ଅଳଙ୍କାର ଆଲମିରା ଭାଙ୍ଗି ଚୋରି ହୋଇଛି।

**ନୟାଗଡ଼, ୩୦।୬ (ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଥାନା ନବଘନପୁର ଗାଁର ଭଗବାନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଅଞ୍ଜନ ପ୍ରଧାନ ନାମକ ୩ ଭାଇଙ୍କ ଘରୁ ୬ ଲକ୍ଷ ଟଙ୍କା ସମେତ ସୁନା ଓ ରୁପା ଅଳଙ୍କାର ଏପରି ମୋଟରେ ପ୍ରାୟ ୪୦ ଲକ୍ଷ ଟଙ୍କା ଚୋରି ହୋଇଛି। ପରିବାର ଲୋକ ଶୋଇଥିବାବେଳେ ଦୁର୍ବୃତ୍ତମାନେ କବାଟରେ ଶିଙ୍କୁଳି ପକାଇ ରବିବାର ରାତିରେ ଘରେ କଳା କନା ବୁଲାଇ ଦେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ନଂ. ୨୭୦/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ତଦନ୍ତ କରି ଫେରିଛନ୍ତି।

ଅଭିଯୋଗ ଅନୁସାରେ, ନବଘନପୁର ଗାଁର ଭଗବାନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ରହୁଥିବାବେଳେ ଅଞ୍ଜନ ପ୍ରଧାନ ଗାଁରେ ରହୁଥିଲେ। ଅଞ୍ଜନଙ୍କ ପରିବାର ରାତିରେ ତଳ ମହଲାର ଦାଣ୍ଡପଟ ଘରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ବାରିପଟ ଲୁହା ଗ୍ରିଲ ଭାଙ୍ଗି ଘରେ ପଶିଥିଲେ। ପରେ ଅଞ୍ଜନଙ୍କ ଘର ପଛ ପାଖର କବାଟରେ ଶିଙ୍କୁଳି ପକାଇ ଚୋରି କରିଥିଲେ। ତଳ ମହଲା ଓ ଉପର ମହଲାର ୬ ବଖରା ଘର ମଧ୍ୟରୁ କେବଳ ୨ବଖରାରୁ ଚୋରି ହୋଇଛି। ଉପର ମହଲା ଘରେ ଅଞ୍ଜନଙ୍କ ୬ ଲକ୍ଷ ଟଙ୍କା ସମେତ ପ୍ରାୟ ୧୪ ଲକ୍ଷ



ପୋଲିସ ସନ୍ଧାନୀ କୁକୁରର ସହାୟତା ନେଇ ତଦନ୍ତ କରୁଛି।

- **ଘରେ ଶୋଇଥିବାବେଳେ ଶିଙ୍କୁଳି ପକାଇ ଚୋରି**
- **ସାନ ଭାଇ ଜମି କିଣିବା ପାଇଁ ରଖିଥିଲେ ୬ ଲକ୍ଷ**

ଟଙ୍କାର ସୁନା ଓ ରୁପା ଅଳଙ୍କାର ଏପରି ପ୍ରାୟ ୨୦ ଲକ୍ଷ ଟଙ୍କା ଚୋରି ହୋଇଛି। ଜମି କିଣିବା ପାଇଁ ଅଞ୍ଜନ ୬ ଲକ୍ଷ ଟଙ୍କା ଘରେ ରଖିଥିଲେ। ଅନ୍ୟପକ୍ଷେ ତଳ ମହଲାର ଭଗବାନ ଓ ରବୀନ୍ଦ୍ରଙ୍କ ଗୋଟିଏ ବଖରାରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ସମ୍ପୃକ୍ତ ଘରେ ଅଞ୍ଜନ ମା' ବାଉରୀ ପ୍ରଧାନଙ୍କ ସୁନା ଓ ରୁପା ଅଳଙ୍କାର ମଧ୍ୟ ରହିଥିଲା। ଦୁର୍ବୃତ୍ତମାନେ କେବଳ ଟଙ୍କା ଓ ଅଳଙ୍କାର ନେଇଥିବାବେଳେ ଅନ୍ୟ କୌଣସି ଉପକରଣ ନେଇନାହାନ୍ତି। ରାତି ପ୍ରାୟ ୩ଟାରେ ଅଞ୍ଜନ ପରିସ୍ରା ଲାଗି ଉଠିଥିଲେ। ସେ ସମୟରେ କବାଟ ଖୋଲି ନ ଥିଲା। କବାଟ ନ ଖୋଲିବାରୁ ଅଞ୍ଜନ ପଡୋଶୀ ଘରକୁ ଫୋନ ଯୋଗେ କବାଟ ବନ୍ଦ ଥିବା ଜଣାଇଥିଲେ। ପଡୋଶୀ ଲୋକ ଆସି ଦେଖନ୍ତି ବାରିପଟ କବାଟ ଭଙ୍ଗା ହୋଇ ଚୋରି ହୋଇଛି। ଏ ସମ୍ପର୍କରେ ପଡୋଶୀ ଚୋରି ନେଇ କହିବା ସହ ଘରର ଶିଙ୍କୁଳି ଖୋଲିଥିଲେ। କବାଟ ଖୋଲିବା ପରେ ଦୁର୍ବୃତ୍ତମାନଙ୍କ କାରନାମା ଜଣାପଡିଥିଲା। ଚୋରି ସମ୍ପର୍କରେ ଅଞ୍ଜନଙ୍କୁ ପଚାରିବାରେ ଗାଁରେ ମୋର ଏକ ଡେଜରାତି ଦୋକାନ ରହିଛି। ପୁଣି ଅଟୋ ଚଳାଇ ରୋଜଗାର କରିଥାଏ। ସବୁଦିନ ପରି ରବିବାର ରାତିରେ ଘରେ ଶୋଇଥିଲି। ହେଲେ ରାତିରେ ଦୁର୍ବୃତ୍ତମାନେ ଚୋରି କରି ଗଲା ପରେ ବି ମୋ ପରିବାର ଜାଣି ପାରି ନ ଥିଲେ। ଚୋରିର ତରିକାକୁ ଦେଖିଲେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବା ଅନୁଭବ କରୁଛି। କାରଣ ଆମ ଘରର କେଉଁ କେଉଁ ଘରେ ଅଳଙ୍କାର ଓ ଟଙ୍କା ରହିଲା ଦୁର୍ବୃତ୍ତମାନେ ଜାଣିବେ କିପରି। ୬ଟି ବଖରା ଘର ମଧ୍ୟରୁ କେବଳ ୨ ଟି ବଖରାରୁ ଚୋରି ହୋଇଛି। ଏଣୁ ଘଟଣାର ଉପଯୁକ୍ତ ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିବ ବୋଲି ସେ କହିଛନ୍ତି। ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ନବଘନପୁର ଚୋରି ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ କରି ତଦନ୍ତ କରାଯାଉଛି। ତେବେ କେତେ ଟଙ୍କା ଓ ସୁନା ରୁପା ଅଳଙ୍କାର ଚୋରି ହୋଇଛି ସେନେଇ ସବିଶେଷ ତଥ୍ୟ ମିଳିନି। ପରିବାର ଲୋକ ଚୋରି କ'ଣ କ'ଣ ହୋଇଛି ସେନେଇ ଅନୁଧ୍ୟାନ କରୁଛନ୍ତି। ସେମାନଙ୍କ ରିପୋର୍ଟ ମିଳିବା ପରେ ପୋଲିସ ତଦନ୍ତ ଅଧିକ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବପ୍ରସାଦ



@ ଗୁଡ୍ଡୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗଞ୍ଜାମ ଆଇନ କଲେଜ ଅଧ୍ୟକ୍ଷ ଗିରଫ

**ବ୍ରହ୍ମପୁର, ୩୦।୬(ସୁବାସ ଚନ୍ଦ୍ର ପାଢ଼ୀ)**

ବୈଦ୍ୟନାଥପୁର ପୋଲିସ ୱାରେଣ୍ଟ ବଳରେ ଗଞ୍ଜାମ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ମନୋଜ କୁମାର ଜେନା ସାମନ୍ତ(୫୫)। ତାଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏସଡିଜେଏମ କୋର୍ଟରେ ତାଙ୍କର ଜାମିନ ଆବେଦନ କରାଯାଇଥିଲା। ମାଜିଷ୍ଟ୍ରେଟ ଉକ୍ତ ଅଧ୍ୟକ୍ଷଙ୍କୁ ଜାମିନ ପ୍ରଦାନ କରିଥିବା ଜଣାପଡ଼ିଛି। ଅଧ୍ୟକ୍ଷ ମନୋଜଙ୍କ ନାମରେ ନଂ.୧୩୭/୨୪ ରେ ଏକ ୱାନସିସି ମାମଲା ହୋଇଥିଲା।


## ୫ମ ଜନ୍ମଦିନ ଶୁଭେଚ୍ଛା



ଶ୍ରୀଅଂଶ ନାୟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ବାବା, ମାମା, ଅପା, ଦାଦା, ଖୁଡ଼ୀ, ମାମୁ, ମାଇଁ, ଶ୍ରୀହାନ, ସାନ୍‌ଭି ଓ ପରିବାରବର୍ଗ

ଧ-୭୬୦୬୬



# Classified Everyday
0674-2580101, 9692975378



REAL ESTATE
SALE

A COMMERCIAL Plot Facing to NH (NAKKARA to NIALI ) 10 KM from NAKHARA 60×166 3 sides Road Personal plot Contact only owners 7809525452. D-76469



Newly open spa positively health benefits (Expert therapist). Contact: 7749034655 D-76922

Positively health benifits SPA expert female therapist homely atmosphere. Contact- 9114559860. D-1112

## LOST

I, Sri Priyabrata Sahu, S/o- Brundaban Sahu of Village- Singuri, P.O.- Kadopada, P.S.- Barkote, Dist.- Deogarh, Odisha-768110 state that I have passed B.Tech. Engineering Mechanical Branch from GIET (Gandhi Institute of Excellent Technocrats) Gangapatna, Bhubaneswar in the year 2015. The original B.Tech. pass Certificate issued by the concerned authority has been lost near Baramunda Market, Bhubaneswar on dtd. 29.06.2025 at about 6.00 P.M. and inspite of thorough search the same could not be traced out. D-1114

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Khordha, No.- 289, Dated- 04.02.2025, I Shradhanjali Mohanty, W/o-AnilKumarMohanty, At- Mukundaprasad, P.O.- P.N. College, P.S.- Khordha, Dist.- Khordha, PIN- 752057 declare that I have changed my name from Shradhanjali Mohapatra to Shradhanjali Mohanty. Henceforth, I shall be known as Shradhanjali Mohanty for all purposes.
Shradhanjali Mohanty D-1109

By virtue of an affidavit sworn before Executive Magistrate, Jagatsinghpur, dated- 12.06.25, I SAYADA RAZIA PARVEEN, Address: Village- Patana, P.O.- Mohiuddinpur, P.S./ Dist.- Jagatsinghpur, PIN- 754294 declare that I have changed my name from RAZIA PARWIN to SAYADA RAZIA PARVEEN. Henceforth, I shall be known as SAYADA RAZIA PARVEEN for all purpose.
SAYADA RAZIA PARVEEN D-73590

By virtue of an affidavit sworn before Executive Magistrate, Bhubaneswar, dated- 23.06.2025, I Pinky Jena, W/o- Balaram Jena, resident of At- Baliapata Basti, GGP Colony, P.O.- Rasulgarh, P.S.- Mancheswar, Bhubaneswar, Dist.- Khurda, PIN- 751025, Odisha declare that I have changed my minor son's name from Lokanath Jena to Sri Lokanatha Jena. Henceforth, he shall be known as Sri Lokanatha Jena for all purposes.
Pinky Jena D-1108

By virtue of an affidavit sworn before Executive Magistrate, Bhubaneswar, dated- 30.05.2025, I Ratnakar Murmu, permanent resident of At- Durdura, P.O.- Kasipal, Dist.- Mayurbhanj, PIN- 757034 declare that I have changed my name from Ratan Kumar Murmu to Ratnakar Murmu. Henceforth, I shall be known as Ratnakar Murmu for all purposes.
Ratnakar Murmu D-1111

I, Gajendra Kumar Andaja, S/o- Krushna Chandra Andaja of Sakhipara, Dhanupali, Sambalpur declare that my daughter's actual & correct name is Sneha Priyadarsini Andaja according to Aadhaar Card & my wife's correct name is Rashmi Andaja as per Aadhaar. In my daughter's Birth Certificate my name is wrongly mentioned as Gajendra Kumar Andaya instead of Gajendra Kumar Andaja. Now onwards my wife known as Rashmi Andaja & daughter as Sneha Priyadarsini Andaja for all purposes. D-1118

I, Jyosna Nag, D/o- Ukulu Nag, R/o. Village/P.O.- Sibtala, P.S.- Deogaon, Dist.- Balangir, PIN- 767024 declare by this affidavit No.-2043, date 23.06.2025 that I have changed my name from Jyosna Nag to Jyotsna Nag. Henceforth, I shall be known as Jyotsna Nag for all purposes.
Jyotsna Nag D-1115

## LEGAL NOTICE

Letter No.- 1234, Dt. 25.06.2025

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS, ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା
ଓ.ଏସ୍.ଏସ୍.କେସ୍ ନଂ.- ୧୨୪୧/୨୦୨୩

ସମ୍ବିତ ବେଦାନ୍ତ, ବୟସ ୪୦ ବର୍ଷ, ପିତା- ସଦାନନ୍ଦ ବେଦାନ୍ତ, ସା- କଲେଜ ରୋଡ୍, ସାଲେପୁର, ପୋ/ଥାନା- ସାଲେପୁର, ଜିଲ୍ଲା- କଟକ। ....ବାଦୀ

ବନାମ

ହରି ଭୁତିଆ ଓଗେର .....ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ହରି ଭୁତିଆ, ଧୋବେଇ ସାହୁ, ଶୋଭା ସାହୁ, ପି- ଲକ୍ଷ୍ମଣ ସାହୁ, ଆରତ ସାହୁ, ଭରତ ସାହୁ, ପି- ମାଧବ ସାହୁ, ରଙ୍ଗ ସାହୁ, ବେଙ୍ଗ ସାହୁ, ଲତା ସାହୁ, ପି- କୁଳମଣି ସାହୁ, କୁମ ସାହୁ, ସ୍ୱା- କୁଳମଣି ସାହୁ, ଧୁଳି ସାହୁ, ଶଶୀ ସାହୁ, ଗୁଣ୍ଡୁଚି ସାହୁ, ପି- ଯୋଗୀ ସାହୁ, ତଇ ସାହୁ, ସ୍ୱା- ଦ୍ୱିଜବର ସାହୁ, ଭାଗ୍ୟଧର ସାହୁ, ଅରକ୍ଷିତ ସାହୁ, ପି- ହାଡ୍ଡୁ ସାହୁ, ସମସ୍ତଙ୍କ ବାସସ୍ଥାନ: ସା- ଗାଡ଼କଣ, ପୋ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ମଞ୍ଚେଶ୍ୱର, ଜି- ଖୋର୍ଦ୍ଧା, ନୟନା ସାହୁ, ସ୍ୱା- ମହେଶ୍ୱର ସାହୁ, MIG-II-55/4, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଭରତ ସାହୁ, ପି- ମାଧବ ସାହୁ, ରବି ସାହୁ, ପି- ଦିଜବର ସାହୁ, ଲକ୍ଷ୍ମୀଧର ସାହୁ, ପି- ଅର୍ଜୁନ ସାହୁ।

ସମ୍ପତ୍ତି ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.- ୨୫, ମୌଜା- ଗାଡ଼କଣ, ହାଲ୍ ଖାତା- ୪୬୧୬, ହାଲ୍ ପ୍ଲଟ୍- ୩୦୮୧, ରକବା- ଏ୦.୦୪୦ ଡିସିମିଲ ଯାହାର ସାବକ ଖାତା- ୪୯୮, ସାବକ ପ୍ଲଟ୍- ୧୦୧, ରକବା- ଏ୦.୩୭୦ ଡିସିମିଲ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍.କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୦୧।୦୯।୨୦୨୫ରିଖ ଦିବା ଘ୧୧.୩୦ମି ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା: ୨୪।୦୬।୨୦୨୫
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୭୫୮୪୭

# ପାଦ କିଏ ବ୍ୟକ୍ତିତ୍ୱର ପରିଚୟ...

**ସାମୁଦ୍ରିକ ଶାସ୍ତ୍ର ଅନୁସାରେ, ପାଦର ଗଠନ ଦେଖି ମହିଳାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଜାଣି ହୋଇଥାଏ। ପାଦର ଗଠନରୁ କିପରି ମହିଳାଙ୍କ ସ୍ୱଭାବ ଚିହ୍ନଟ କରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...**



❖କେତେଜଣ ମହିଳାଙ୍କ ପାଦରେ ଉପରକୁ ଶିରା ଦେଖାଯାଇ ନ ଥାଏ। ସାମୁଦ୍ରିକ ଶାସ୍ତ୍ର ଅନୁଯାୟୀ ଏଭଳି ସୁନ୍ଦର ପାଦ ଥିବା ମହିଳା ଖୁବ୍ ଲକ୍ଷ୍ମୀମନ୍ତ ହୋଇଥାନ୍ତି। ସେମାନେ ଯେଉଁ ପରିବାରରେ ରୁହନ୍ତି ସେଠାରେ ଧନ, ସମ୍ପତ୍ତି, ବୈଭବ, ସୁଖ, ଶାନ୍ତି ରହିଥାଏ। ସେହି ଘରେ ସବୁବେଳେ ଉନ୍ନତି ହୋଇଥାଏ ଏବଂ କେବେ ଅଭାବ ଦେଖା ଦେଇ ନ ଥାଏ।

❖ଯେଉଁ ମହିଳାଙ୍କ ପାଦର ମଝି ଆଙ୍ଗୁଠି ତୁଳନାରେ ଅନ୍ୟଗୁଡ଼ିକ କ୍ରମଶଃ ଛୋଟ(ବକ୍ରାକାର ବା ସର୍ପାକାର) ସେମାନେ ଜନ୍ମରୁ ଭାଗ୍ୟଶାଳୀ ହୋଇଥାନ୍ତି। ସେମାନେ ଜୀବନରେ ଖୁବ୍ ସଫଳତା ହାସଲ କରନ୍ତି। ସେମାନଙ୍କ ଉପରକୁ ଆସୁଥିବା ସବୁ ବାଧା ବିଘ୍ନ ଦୂରହୋଇଯାଏ ଏବଂ ସେମାନେ ସବୁବେଳେ ଖୁସିରେ ରୁହନ୍ତି।

❖ ଯେଉଁ ମହିଳାଙ୍କ ପାଦ ବହୁ ନରମ ଏବଂ ସାମାନ୍ୟ ଲାଲ

❖ଯେଉଁ ମହିଳାଙ୍କ ପାଦ ଆକାରରେ ଛୋଟ, କିନ୍ତୁ ଆଙ୍ଗୁଠିଗୁଡ଼ିକ ବ୍ୟବସ୍ଥିତ ହୋଇ ରହିଥାନ୍ତି, ସେମାନେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥାନ୍ତି। ସେମାନଙ୍କ ସୋସିଆଲ ଲାଇଫ୍ ମଜଭୁତ ହୋଇଥାଏ। ସେମାନଙ୍କ ବ୍ୟବହାର ଭଦ୍ର ହୋଇଥାଏ ଏମାନେ ସମାଜରେ ଏକ ପ୍ରଭାବଶୀଳୀ ଭୂମିକା ନିର୍ବାହ କରିବାର କ୍ଷମତା ରଖନ୍ତି।

❖ଯେଉଁମାନଙ୍କ ପାଦ ସରୁ, ବୁଢ଼ା ଆଙ୍ଗୁଠି ଲମ୍ବା ଏବଂ ଆଙ୍ଗୁଠିଗୁଡ଼ିକ ପରସ୍ପର ସହ ଜାକି ହୋଇ ରହିଥାନ୍ତି,



ଦେଖାଯାଏ ସେମାନେ ବହୁତ ସୁଖୀ ହୋଇଥାନ୍ତି। ସେମାନଙ୍କ ଜୀବନରେ ଧନ ଏବଂ ଐଶ୍ୱର୍ଯ୍ୟ କମ୍ ହୋଇ ନ ଥାଏ।

❖ କେତେଜଣ ମହିଳାଙ୍କ ପାଦ ମୋଟା ଏବଂ ଭାରି ହୋଇଥାଏ। ସେମାନେ ସ୍ୱଭାବରେ ଧାର୍ମିକ ଏବଂ ଭାବୁକ ହୋଇଥାନ୍ତି। କିନ୍ତୁ ସେମାନେ କର୍ମଠ ହୋଇଥାନ୍ତି। ସେମାନେ ସର୍ବଦା ନିଜ କର୍ମ ଉପରେ ବିଶ୍ୱାସ ରଖିଥାନ୍ତି। ଦୟାଳୁ ଏବଂ ବିଶ୍ୱାସୀ ମଧ୍ୟ ହୋଇଥାନ୍ତି।

ସେମାନେ ନିଜର ବ୍ୟକ୍ତିଗତ କଥାକୁ ସର୍ବଦା ଗୋପନୀୟ ରଖିବାକୁ ଚାହାନ୍ତି। ସେମାନଙ୍କ ମନ ବାରମ୍ବାର ପରିବର୍ତ୍ତନ ହୋଇଥାଏ।

❖ପାଦର ଦ୍ୱିତୀୟ ଆଙ୍ଗୁଠି ଅନ୍ୟ ଆଙ୍ଗୁଠିଠାରୁ ବଡ଼ ହୋଇଥିଲେ ସ୍ତ୍ରୀଲୋକମାନେ ସାଧାରଣତଃ ଉତ୍ସାହୀ ଏବଂ ପ୍ରେରଣାଦାୟକ ହୋଇଥାନ୍ତି। ଏମାନେ ବିଶେଷକରି ଅଭିନୟ କିମ୍ବା କ୍ରୀଡ଼ା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥାନ୍ତି।

# ପିଲା ସହ ୱାର୍କ ଫ୍ରମ୍ ହୋମ୍

**ଏପଟେ ଚାକିରି କରି ଆତ୍ମନିର୍ଭର ହେବାକୁ ଇଚ୍ଛା, ସେପଟେ ପିଲା ସାଙ୍ଗକୁ ଘରର ଦାୟିତ୍ୱ ଭିତରେ ପ୍ରତିଦିନ ବାହାରକୁ ଯିବା ଅସମ୍ଭବ। ହେଲେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ ଜବ୍ କରିବାର ସୁବିଧା ଅନେକ ମହିଳାଙ୍କୁ ନିଜ ସ୍ୱପ୍ନ ସାକାର କରିବାକୁ ଦେଇପାରୁଛି ସୁଯୋଗ। ତେବେ ଏମିତିରେ ଘରେ ଥାଇ ପିଲା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଫିସ୍ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା ଏତେ ସହଜ ନୁହେଁ ଏଥିପାଇଁ ଦରକାର ଠିକ୍ ପ୍ଲାନିଂ...**



ପାଠ ପଢ଼ି ରୋଜଗାରକ୍ଷମ ହେବାକୁ କିଏ ବା ନ ଚାହେଁ। ହେଲେ କେବେ କେବେ ପରିସ୍ଥିତି ଏବଂ ପରିବେଶ ଅନେକଙ୍କୁ ଏଥିରୁ ବଞ୍ଚିତ କରିଥାଏ। ଉଦାହରଣ ସ୍ୱରୂପ ଅନେକ ମହିଳାଙ୍କୁ ନିଆଯାଇପାରେ, ଯେଉଁମାନଙ୍କୁ ସନ୍ତାନ ଜନ୍ମ ପରେ କର୍ମଜଞ୍ଜାଳ ସହ ପିଲାକୁ ଛାଡ଼ି ବାହାରକୁ ଯିବା ଅସମ୍ଭବ ହୋଇପଡୁଥିବାରୁ ଚାକିରି ଛାଡ଼ିବାକୁ ପଡ଼ିଥାଏ। ହେଲେ ଏବେ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ ଜବ୍ ବା ୱାର୍କ ଫ୍ରମ୍ ହୋମ୍‌ର ସୁବିଧା ଉପଲବ୍ଧ ଥିବାରୁ ଅନେକଙ୍କୁ ଘରେ ରହି ମଧ୍ୟ ଟଙ୍କା ରୋଜଗାର କରିବାର ଭରପୂର ସୁଯୋଗ ମିଳିପାରୁଛି। ତେବେ ସେମାନଙ୍କ ପାଇଁ ଘର ଓ ପିଲା ସହ ଅଫିସ୍ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତେଣୁ ଘରେ ଥାଇ ଅନ୍‌ଲାଇନ ଜବ୍ କରୁଥିଲେ କେତୋଟି ଉପାୟ ଆପଣେଇଲେ ଆପଣଙ୍କୁ ଘରେ ଅଫିସ କାମ କରିବା ସହଜ ହୋଇପାରିବ...

**ନିଅନ୍ତୁ ପରିବାର ସଦସ୍ୟଙ୍କ ସାହାଯ୍ୟ :** ପରିବାରରେ ପରସ୍ପରର ସାହାଯ୍ୟ ନେବା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ସହଜ ହେବା ସହ ସମସ୍ତଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଥାଏ। ତେଣୁ ମା' ହେବା ପରେ ଅନ୍‌ଲାଇନ ଜବ୍ କରୁଥିଲେ ଘରେ ଥିବା ଅନ୍ୟ ସଦସ୍ୟଙ୍କଠାରୁ ଅଫିସ କାମ ସମୟରେ ପିଲାଙ୍କୁ ରଖିବା ଲାଗି ସାହାଯ୍ୟ ନିଅନ୍ତୁ। ଯଦି ଶାଶୁ ଶ୍ୱଶୁର ରହୁଥାନ୍ତି ତେବେ ପିଲାଙ୍କୁ ଜେଜେମା' ଜେଜେବାପାଙ୍କ ପାଖେ ଛାଡ଼ନ୍ତୁ, ଏହାଦ୍ୱାରା ଉଭୟଙ୍କୁ ଖୁସି ମିଳିବା ସହ ଆପଣ କାମ ପାଇଁ ସମୟ ପାଇପାରିବେ।

**ସୁବିଧା ଅନୁଯାୟୀ ବାଛନ୍ତୁ ଶିଫ୍ଟ:** ବର୍ତ୍ତମାନ ପ୍ରତ୍ୟେକ ସଂସ୍ଥାରେ ଶିଫ୍ଟ ଡ୍ୟୁଟି ବ୍ୟବସ୍ଥା ରହିଛି। ତେଣୁ ଅନ୍‌ଲାଇନ ଜବ୍ କରୁଥିଲେ ନିଜ ସୁବିଧାକୁ ଆଖି ଆଗରେ ରଖି ଅର୍ଥାତ୍ ପିଲାର ଗାଧୁଆ, ଖାଇବା, ଶୋଇବା ଆଦି ସହ ଘରର ଅନ୍ୟାନ୍ୟ କାମକୁ ନଜରରେ ରଖି ୱାର୍କିଂ ଟାଇମ୍ ବାଛନ୍ତୁ। ମନେରଖନ୍ତୁ ପିଲାଙ୍କ ଶୋଇବା ସମୟ କାମ ପାଇଁ ସବୁଠୁ ଭଲ। ତେଣୁ ପିଲାର ପ୍ରତ୍ୟେକ କାର୍ଯ୍ୟ ବିଶେଷକରି ଖାଇବା ଏବଂ ଶୋଇବାର ଏକ ସିଷ୍ଟମେଟିକ୍ ଟାଇମ୍ ଟେବୁଲ





କରନ୍ତୁ, ଦେଖିବେ କାମ କରିବା ଅଧିକ ସହଜ ହୋଇଯିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘର କାମ ସହ ଅଫିସ୍ କାମ ଏକାଠି କରନ୍ତୁ ନାହିଁ ଅର୍ଥାତ୍ ରୋଷେଇ ବେଳେ କିଚେନ୍‌ରେ, ଖାଇବା ବେଳେ ଡାଇନିଂରେ ଏଣେ ତେଣେ ବୁଲି ବୁଲି କାମ ନ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି କାମ କରନ୍ତୁ। ଏପରି କଲେ କମ୍ ସମୟରେ ଅଧିକ କାମ କରିପାରିବେ।

**ପିଲାଙ୍କୁ ଧ୍ୟାନ ଦିଅନ୍ତୁ:** ସାଧାରଣତଃ ପ୍ରତ୍ୟେକ ପିଲା ମା' ସେମାନଙ୍କ ଆଡ଼କୁ ବିଶେଷ ଆଟେନ୍ସନ ଦିଅନ୍ତୁ ବୋଲି ଚାହାନ୍ତି। ତେଣୁ ମା'ଙ୍କ ଧ୍ୟାନ ଅନ୍ୟ କେଉଁଆଡ଼େ ଗଲେ ସେମାନଙ୍କୁ ବିରକ୍ତ ଲାଗିଥାଏ। ମାଆ ତାଙ୍କୁ ଛାଡ଼ି ଅଫିସ୍ କାମ କରୁଥିଲେ ସେମାନେ ବିଭିନ୍ନ ଉପାୟରେ ଡିଷ୍ଟର୍ବ କରିବା ଆରମ୍ଭ କରିଦିଅନ୍ତି। ଏମିତି ନ ହେବା ଲାଗି ମା'ଙ୍କୁ କାମ ଆରମ୍ଭ କରିବା ପୂର୍ବରୁ କିଛି ସମୟ ପିଲାଙ୍କ ସହ ଭଲ ଭାବେ ଖେଳିବା, ଗପିବା ଦରକାର। ଏପରି କରି ପିଲାଙ୍କ ଧ୍ୟାନ ଅନ୍ୟ ଆଡ଼େ ଆକର୍ଷିତ କରିପାରିବେ। ତା'ଛଡ଼ା କାମ ମଝିରେ ମଝିରେ ବି ଉଠି ଆସି ପିଲାଙ୍କ ସହ କଥା ହେଲେ ସେମାନେ ଆଦୌ ଡିଷ୍ଟର୍ବ କରିବେ ନାହିଁ ଏବଂ ଆପଣ କାମ ଶୀଘ୍ର ଶେଷ କରିପାରିବେ।

**ପାଖରେ ବସାନ୍ତୁ:** ଯେଉଁ ପରିବାରରେ କେବଳ ସ୍ୱାମୀସ୍ତ୍ରୀ ଏବଂ ପିଲା ରହୁଛନ୍ତି ଏବଂ ମାଆ ଅନ୍‌ଲାଇନ ଜବ୍ କରନ୍ତି ସେମାନଙ୍କୁ ପିଲାଙ୍କ ପ୍ରତି ଅଧିକ ଧ୍ୟାନର ଆବଶ୍ୟକତା ରହିଛି। କାରଣ ଅନେକ ମାଆ ଅଛନ୍ତି ଯେଉଁମାନେ କାମରେ ଅବହେଳା କିମ୍ବା ଡିଷ୍ଟର୍ବ ନ ହେବା ଲାଗି କାମ ସମୟରେ ପିଲାଙ୍କୁ ଅଲଗା ରୁମ୍‌ରେ ଛାଡ଼ି ଦିଅନ୍ତି। ହେଲେ ଏପରି କଲେ ପିଲା ଚିଡ଼ିଯିବା ସହ ବାରମ୍ବାର ଆସି ଡିଷ୍ଟର୍ବ କରିଥାନ୍ତି। ତେଣୁ ଏପରି ନ କରି ଅବା ପିଲା ଅନ୍ୟ ରୁମ୍‌କୁ ନ ଗଲେ ତାଙ୍କ ଉପରେ ରାଗିବା ଅବା ଗାଳି ଦେବା ପରିବର୍ତ୍ତେ ବୁଝାଇବା ଲାଗି କିଛି ସମୟ ପାଖରେ କାମ ଦେଖିବାକୁ ଦିଅନ୍ତୁ ଏବଂ ସ୍ନେହରେ ବୁଝାନ୍ତୁ ଦେଖିବେ ପିଲା ହଇରାଣ କରିବେ ନାହିଁ।

**ଏନ୍‌ଗେଜ୍ ରଖିବାକୁ ଚେଷ୍ଟା କରନ୍ତୁ:** ଅଧିକାଂଶ ମା'ଙ୍କୁ ପିଲାଙ୍କ ଉପସ୍ଥିତିରେ ଅଫିସ କାମ କରିବାରେ ଅସୁବିଧା ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି, ପିଲାମାନେ କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ଦେଖିଲେ ଆକର୍ଷିତ ହୋଇ ଚାଲିଆସନ୍ତି ଏବଂ ସେଥିରେ ଲାଗନ୍ତି। ତେଣୁ ନିଜେ ଅଫିସ କାମ କରିବା ବେଳେ ଡିଷ୍ଟର୍ବ ନ ହେବା ଲାଗି ପିଲାଙ୍କୁ ପିକ୍ଚର ବୁକ୍, ବିଲ୍ଡିଂ ବ୍ଲକ୍ସ କିମ୍ବା ସେମାନଙ୍କୁ ପସନ୍ଦର ଖେଳନା ଦିଅନ୍ତୁ। ସେମାନେ ଏଥିରେ ଏନ୍‌ଗେଜ୍ ରହିବା ଦ୍ୱାରା ଆପଣଙ୍କ କାମରୁ ସେମାନଙ୍କ ଧ୍ୟାନ ଦୂରେଇ ନିଜ ଖେଳ ଉପରେ ରହିବ। ଏହାଦ୍ୱାରା ଆପଣ ଯଥା ସମୟରେ କାମ ଶେଷ କରିପାରିବେ।

**ଆବଶ୍ୟକତା ପୂରଣ କରନ୍ତୁ:** ପିଲାଙ୍କର ଅନେକ ଆବଶ୍ୟକତା ରହିଥାଏ। ସେ କେବେ କିଛି ଖାଦ୍ୟ ତ ଆଉ କେବେ କିଛି ଖେଳନା ଡିମାଣ୍ଡ କରିଥାନ୍ତି। ମାଆମାନେ କେବେ କେବେ କାର୍ଯ୍ୟବ୍ୟସ୍ତତା ଭିତରେ ତାହା ଭୁଲିଯାଆନ୍ତି ଅବା କିଛି ସମୟ ପରେ କରିବା ଭାବି ଅବହେଳା କରିବସନ୍ତି। ଏପରି କରିବା ଦ୍ୱାରା ପିଲା ବିରକ୍ତ ହୋଇଯାଆନ୍ତି ଏବଂ ଅଫିସ କାମ ବେଳେ ବାରମ୍ବାର ଡିଷ୍ଟର୍ବ କରିଥାନ୍ତି। ତେଣୁ ପ୍ରଥମେ ପିଲାର ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରନ୍ତୁ , ଦେଖିବେ ପିଲାଙ୍କ ମନ ଖୁସି ରହିଲେ ସେ କାମ ବେଳେ ଜିଦ୍ କିମ୍ବା ଦୁଷ୍ଟାମି କରିବେ ନାହିଁ।





ସୌନ୍ଦର୍ଯ୍ୟ

# ବର୍ଷାରେ ଛାଡ଼ିବନି ମେକ୍‌ଅପ୍

**ବର୍ଷାଦିନ ଆସିଲେ ପାଣି ସଂସ୍ପର୍ଶରେ ଆସି ମେକ୍‌ଅପ୍ ଧୋଇଯିବାକୁ ନେଇ ଅଧିକାଂଶ ଯୁବତୀ ହୁଅନ୍ତୁ ଅବା ମହିଳାଙ୍କର ଚିନ୍ତା ବଢ଼ିଯାଏ। ହେଲେ ଏ ଦିନେ କେଉଁଭଳି ମେକ୍‌ଅପ୍ ନେଲେ ଶୀଘ୍ର ଖରାପ ହେବ ନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...**

➔ଏଦିନ ପାଇଁ ୱାଟରପ୍ରୁଫ୍, ସ୍ମଜ୍ ପ୍ରୁଫ୍ ଏବଂ ଲଙ୍ଗ୍ ଲାଷ୍ଟିଂ ମେକ୍‌ଅପ୍ ପ୍ରଡକ୍ଟ ବ୍ୟବହାର କରନ୍ତୁ। ଲାଇଟ୍‌ୱେଟ୍ ୱାଟର ବେସ୍‌ଡ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ। ସେହିପରି କ୍ରିମ୍ ଫାଉଣ୍ଡେଶନ ବଦଳରେ ଏଦିନେ ଜେଲ୍ ବେସ୍‌ଡ ୱାଟରପ୍ରୁଫ୍ ଫାଉଣ୍ଡେଶନ ବ୍ୟବହାର କରନ୍ତୁ। ଏହାକୁ ମୋଟା





ଲେୟାରରେ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।

➔ଆଇ ମେକ୍‌ଅପ୍ ବର୍ଷାପାଣି ସଂସ୍ପର୍ଶରେ ଆସି ବୋହିଗଲେ ମୁହଁ ଖରାପ ଲାଗିଥାଏ। ତେଣୁ ଆଇ ମେକ୍‌ଅପ୍‌କୁ ଲାଇଟ୍ ଏବଂ ବୋଲ୍ଡ ରଖିବାକୁ ଚେଷ୍ଟା କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ୱାଟରପ୍ରୁଫ୍ କାଜଲ, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଆଖିର ମେକ୍‌ଅପ୍ ଠିକ୍ ରହିଲେ ମଧ୍ୟ ମୁହଁ ଆକର୍ଷଣୀୟ ଲାଗିଥାଏ।

➔ଏଦିନେ ଲିପ୍ ଗ୍ଲସ୍ ଆଦୌ ଲଗାନ୍ତୁ ନାହିଁ। ଲଙ୍ଗ୍ ଲାଷ୍ଟିଂ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଟିଣ୍ଟେଡ୍ ଲିପ୍ ବାମ୍, ମ୍ୟାଟ୍ କିମ୍ବା ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ବ୍ୟବହାରକଲେ ବର୍ଷାପାଣି ସଂସ୍ପର୍ଶରେ ଆସିଲେ ମଧ୍ୟ ଶୀଘ୍ର ଧୋଇ ନ ଥାଏ।

➔ଯଦି ହଠାତ୍ ବର୍ଷା ପାଣିରେ ଭିଜି ମେକ୍‌ଅପ୍ ଅଧା ଅଧା ଛାଡ଼ି ପ୍ୟାଚେସ୍ ଭଳି ଲାଗୁଥାଏ, ତେବେ ୱେଟ୍ ୱାଇପ୍‌ରେ ପୋଛି ବିବି କ୍ରିମ୍ ଲଗାଇପାରିବେ।

ଖାଦ୍ୟରୁଚି

# ଏଗ୍‌ଲେସ୍ ବାନାନା କେକ୍

**ଆବଶ୍ୟକ ସାମଗ୍ରୀ:** ୪ଟି ପାଚିଲା କଦଳୀ, ମଇଦା ଦେଢ଼ କପ୍, ବେକିଂ ପାଉଡର ଏକ ଛୋଟ ଚାମଚ, ଅଧା ଛୋଟ ଚାମଚ ବେକିଂ ସୋଡ଼ା, ତେଲ ୧/୨ କପ୍, ଭ୍ୟାନିଲା ଏସେନ୍ସ ୧ ଚାମଚ, ଚିନି ୧/୨ କପ୍ , ଲୁଣ ସ୍ୱାଦାନୁସାରେ, କାଜୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କଦଳୀ ଚୋପା ଛଡ଼ାଇ ତାକୁ ଗ୍ରାଇଣ୍ଡ କରିଦିଅନ୍ତୁ। ସେଥିରେ ଚିନି, ତେଲ, ୧ଚାମଚ ଭ୍ୟାନିଲା ଏସେନ୍ସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଆଉ ଏକ ପାତ୍ରରେ ମଇଦା, ବେକିଂ ପାଉଡର, ବେକିଂ ସୋଡ଼ା, ସ୍ୱାଦାନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ପୂର୍ବରୁ ପ୍ରସ୍ତୁତ ଥିବା କଦଳୀ ପେଷ୍ଟକୁ ଏଥିରେ ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ କାଜୁ, ଆଲମଣ୍ଡ, ଚେରି ଆଦି ଛୋଟ ଛୋଟ କାଟି ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଦେଖନ୍ତୁ ଯେପରି କୌଣସି ଗୁଳା ନ ରହିଯାଏ। ଯଦି ବ୍ୟାଟର ଅଧିକ କାଠୁଆ ହୋଇଯାଏ ତେବେ ସେଥିରେ ଅଳ୍ପ ପାଣି କିମ୍ବା କ୍ଷୀର ମିଶାଇ ପାରିବେ। ଏବେ ଏକ କେକ୍ ଟିନ୍ ଭିତରେ ବଟର ଲଗାଇ ଗ୍ରିଜିଂ କରନ୍ତୁ। ସେଥିରେ ପ୍ରସ୍ତୁତ ହୋଇଥିବା ବ୍ୟାଟର ଢାଳି ଚାମଚ ସାହାଯ୍ୟରେ ସମାନକରି ଦିଅନ୍ତୁ। ଓଭନ୍‌କୁ ପ୍ରି ହିଟ୍ କରି ରଖନ୍ତୁ। ବର୍ତ୍ତମାନ ୩୫୦ଡିଗ୍ରୀରେ ଓଭନ୍‌କୁ ସେଟ୍‌କରି କେକ୍ ଟିନ୍ ରଖି ୪୫ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଟୁଥ୍‌ପ୍ରିକ୍ ସାହାଯ୍ୟରେ ଚେକ୍ କରନ୍ତୁ ଯଦି ବ୍ୟାଟର ଆଦୌ ଲାଗୁ ନାହିଁ ତେବେ ଓଭନ୍ ବନ୍ଦ କରିଦିଅନ୍ତୁ, ନ ହେଲେ ଆଉ ୫-୧୦ ମିନିଟ୍ ସିଝିବାକୁ ଦିଅନ୍ତୁ। ଯଦି ଓଭନ୍ ନାହିଁ ତେବେ ପ୍ରେସର କୁକରରେ ମଧ୍ୟ ଏପରି କରିପାରିବେ। କେକ୍ ଭଲ ଭାବେ ସିଝିବା ପରେ ଏହାକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଏଗ୍‌ଲେସ୍ ବାନାନା କେକ୍। ଏହାକୁ ସ୍ଲାଇସ୍‌କରି ନିଜେ ଖାଇବା ସହ ପିଲାଙ୍କୁ ଏବଂ ପରିବାର ସଦସ୍ୟଙ୍କୁ ଖାଇବାକୁ ଦିଅନ୍ତୁ।



ଧରିତ୍ରୀ DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧/୨୦୨୫ Bhubaneswar, Tuesday, July 1/ 2025

# ଭାରତୀୟ ମହିଳା ହକି ଆଗରେ କଷ୍ଟସାଧ୍ୟ ପଥ

■ ପ୍ରୋ-ଲିଗ୍‌ରୁ ରେଲିଗେଟେଡ୍

■ ୨୦୨୫-୨୬ ନେସନ୍ସ କପ୍ ଖେଳିବ



ଭୁବନେଶ୍ୱର, ୩୦।୬ (ତପନ ସ୍ୱାଇଁ)

ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ୨୦୨୪-୨୫ ସଂସ୍କରଣରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତି ଦୟନୀୟ ରହିଛି। ଭାରତ ଖେଳିଥିବା ୧୬ ମ୍ୟାଚରୁ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ଶୁଟ୍‌ଆଉଟ ପରାଜୟ, ୧୧ ପରାଜୟ ସହ ମୋଟ ୧୦ ପଏଣ୍ଟ ପାଇ ସିଜନ ଶେଷ କରିଛି। ଫଳରେ ଏଫ୍ଆଇଏଚ୍‌ର ଦ୍ୱିତୀୟ ଟିୟର ଟୁର୍ଣ୍ଣାମେଣ୍ଟ ନେସନ୍ସ କପ୍‌କୁ ଭାରତ ରେଲିଗେଟେଡ ହୋଇଛି। ଚଳିତ ସିଜନରେ ଭାରତୀୟ ମହିଳା ଦଳ ୨୨ଟି ଗୋଲ ସ୍କୋର କରିଥିବାବେଳେ ୪୩ଟି ଗୋଲ ବରଣ କରିଥିଲେ। ଫଳରେ ଗୋଲ ବ୍ୟବଧାନ-୨୧ ରହିଥିଲା। ଅର୍ଥାତ୍ ଭାରତୀୟ ଦଳର ଗୋଲ ସ୍କୋରିଂ କ୍ଷମତା ଅତି ଦୁର୍ବଳ ରହିଥିବାବେଳେ ଅନ୍ୟ ସବୁ ବିଭାଗରେ ଫେଲ୍ ମାରିଥିବା ପରିଲକ୍ଷିତ ହୋଇଛି। ଏହି ସିଜନରେ ଭାରତ କେବଳ ଇଂଲଣ୍ଡ ଓ ଜର୍ମାନୀ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚରେ ବିଜୟୀ ହୋଇଥିବାବେଳେ ନେଦରଲାଣ୍ଡ ବିପକ୍ଷରେ ଗୋଟିଏ ମ୍ୟାଚରେ ଶୁଟ୍‌ଆଉଟ ବିଜୟ ସ୍ୱାଦ ଚାଖିଥିଲା। ୨ଟି ମ୍ୟାଚରେ ଶୁଟ୍‌ଆଉଟ ପରାଜୟ ଯୋଗୁ ଗୋଟିଏ ଲେଖାଏ ପଏଣ୍ଟ ପାଇଛି ଏବଂ ଅନ୍ୟ ୧୧ଟି ମ୍ୟାଚରେ ପରାଜିତ ହୋଇଛି। ଗତ ୨୮ ଓ ୨୯ ତାରିଖରେ ଚାଇନାଠାରୁ ଡବଲ ପରାଜୟ ଫଳରେ ଭାରତ ଆଗାମୀ ସିଜନ ପାଇଁ ପ୍ରୋ-ଲିଗ୍‌ରେ ରହିବା ସ୍ୱପ୍ନ ଶେଷ ହୋଇଛି। ସମସ୍ତ ଦଳ ୧୬ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ନେଦରଲାଣ୍ଡ ୪୨, ଆର୍ଜେଣ୍ଟିନା ୩୪, ବେଲଜିୟମ ୩୨, ଚାଇନା ୨୮, ଅଷ୍ଟ୍ରେଲିଆ ୨୦, ସ୍ପେନ୍ ୨୦, ଜର୍ମାନୀ ୧୬ ଓ ଇଂଲଣ୍ଡ ୧୪ ପଏଣ୍ଟ ପାଇ ଲିଗ୍ ଶେଷ କରିଛି। ୨୦୨୪-୨୫ ନେସନ୍ସ କପ୍‌ରେ ଚାମ୍ପିୟନ ହୋଇଥିବା ନ୍ୟୁଜିଲାଣ୍ଡ ଆଗାମୀ ସିଜନରେ ପ୍ରୋ-ଲିଗ୍ ଖେଳିବାକୁ ଯୋଗ୍ୟତା ପାଇଛି।

ପ୍ରକାଶ ଯୋଗ୍ୟ ଯେ, ୨୦୨୬ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡର ମିଳିତ ଆନୁକୂଲ୍ୟରେ ମହିଳା ହକି ବିଶ୍ୱକପ ଅନୁଷ୍ଠିତ ହେବ। ଚଳିତ ବର୍ଷ ସେପ୍ଟେମ୍ବରରେ ଏସିଆ କପ୍ ଚାଇନାର ହାଙ୍ଗଝୋରେ ଆୟୋଜିତ ହେବ। ଏସିଆ କପ୍ ଚାମ୍ପିୟନ ଦଳ ସିଧାସଳଖ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଭାରତ ଆଗରେ ପଥ ଅତ୍ୟନ୍ତ କଷ୍ଟସାଧ୍ୟ ରହିଛି। ୨୦୧୮ରୁ ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ପ୍ରାୟୋଜକ ରହିବ।

## ୨୦୨୪-୨୫ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ

**ଫେବୃୟାରୀ ୧୫:** ଇଂଲଣ୍ଡ ବିପକ୍ଷରେ ୩-୨ରେ ବିଜୟୀ, ଭୁବନେଶ୍ୱର
**ଫେବୃୟାରୀ ୧୬:** ଇଂଲଣ୍ଡଠାରୁ ଶୁଟ୍‌ଆଉଟରେ ୧-୨ରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୧୮:** ସ୍ପେନ୍ ନିକଟରୁ ୩-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୧୯:** ସ୍ପେନ୍ ନିକଟରୁ ୦-୧ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୧:** ଜର୍ମାନୀ ନିକଟରୁ ୦-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୨:** ଜର୍ମାନୀ ବିପକ୍ଷରେ ୧-୦ରେ ବିଜୟୀ, ଭୁବନେଶ୍ୱର
**ଫେବୃୟାରୀ ୨୪:** ନେଦରଲାଣ୍ଡଠାରୁ ୨-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୫:** ନେଦରଲାଣ୍ଡ ବିପକ୍ଷରେ ଶୁଟ୍‌ଆଉଟରେ ୨-୧ରେ ବିଜୟୀ, ଭୁବନେଶ୍ୱର
**ଜୁନ ୧୪:** ଅଷ୍ଟ୍ରେଲିଆ ନିକଟରୁ ୨-୩ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୫:** ଅଷ୍ଟ୍ରେଲିଆ ନିକଟରୁ ୧-୨ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୭:** ଆର୍ଜେଣ୍ଟିନା ନିକଟରୁ ୧-୪ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୮:** ଆର୍ଜେଣ୍ଟିନା ନିକଟରୁ ଶୁଟ୍‌ଆଉଟରେ ୦-୨ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୨୧:** ବେଲଜିୟମଠାରୁ ୧-୫ ଗୋଲରେ ପରାସ୍ତ, ଆଣ୍ଟୱେର୍ପ
**ଜୁନ ୨୨:** ବେଲଜିୟମଠାରୁ ୦-୨ ଗୋଲରେ ପରାସ୍ତ, ଆଣ୍ଟୱେର୍ପ
**ଜୁନ ୨୮:** ଚାଇନାଠାରୁ ୦-୩ ଗୋଲରେ ପରାସ୍ତ, ବର୍ଲିନ
**ଜୁନ ୨୯:** ଚାଇନାଠାରୁ ୨-୩ ଗୋଲରେ ପରାସ୍ତ, ବର୍ଲିନ
(ଭାରତ ଖେଳିଛି ମୋଟ ମ୍ୟାଚ: ୧୬, ବିଜୟ-୨, ଶୁଟ୍‌ଆଉଟ ବିଜୟ-୧, ଶୁଟ୍‌ଆଉଟ ପରାଜୟ-୨, ପରାଜୟ-୧୧, ଗୋଲ ସ୍କୋର-୨୨, ଗୋଲ ବରଣ-୪୩, ଗୋଲ ବ୍ୟବଧାନ:-୨୧, ପଏଣ୍ଟ-୧୦)।

## ଭାରତ ଥରେ ଖେଳିଥିଲା ନେସନ୍ସ କପ୍

ନେସନ୍ସ କପ୍ ହକି ହେଉଛି ପ୍ରୋ-ଲିଗ୍‌ର ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ। ଏଥିରେ ଯେଉଁ ଦଳ ଚାମ୍ପିୟନ ହେବ ସେ ପରବର୍ତ୍ତୀ ସିଜନ ପାଇଁ ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟ ବିବେଚିତ ହେବ। ୨୦୨୨ରେ ଅନୁଷ୍ଠିତ ସର୍ବପ୍ରଥମ ନେସନ୍ସ କପ୍‌ରେ ଖେଳି ଭାରତ ଚାମ୍ପିୟନ ହୋଇଥିଲା। ଫଳରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସ୍ପେନ୍, ଆୟର୍ଲାଣ୍ଡ, ଇଟାଲି, ଦକ୍ଷିଣ କୋରିଆ, ଜାପାନ, ଚିଲି ଓ ଦକ୍ଷିଣ ଆଫ୍ରିକାକୁ ନେଇ ଏହି ପ୍ରତିଯୋଗିତାରେ ଭାରତ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲା। ଫାଇନାଲରେ ସ୍ପେନ୍‌କୁ ୧-୦ ଗୋଲରେ ହରାଇ ପ୍ରୋ-ଲିଗ୍ ଯୋଗ୍ୟତା ପାଇଥିଲା। ୨୦୨୧-୨୨ ପ୍ରୋ ଲିଗ୍‌ରେ ଭାରତ ୩୦ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦୨୩-୨୪ରେ ୮ମ ସ୍ଥାନ ଅଧିକାର କରିଥିଲା। ଏବେ ପୁଣି ଭାରତକୁ ୨୦୨୫-୨୬ ନେସନ୍ସ କପ୍ ଖେଳିବାକୁ ହେବ। ଫଳରେ ଏଫ୍ଆଇଏଚ୍ ବିଶ୍ୱକପ ଯୋଗ୍ୟତା ପାଇଁ ଦଳକୁ ବହୁ ପରିଶ୍ରମ କରିବାକୁ ପଡ଼ିବ।

## ପ୍ରଦର୍ଶନ ଆଶାନୁରୂପ ହେଲାନି: ଦିଲୀପ

"ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଗତ ସିଜନରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଘରୋଇ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଯଦିଓ ଦଳ ମିଶ୍ରିତ ଫଳ ପାଇଥିଲା ତେବେ ବାହାର ପରିବେଶରେ ୟୁରୋପରେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ମୁଖ୍ୟ କୋଚ୍‌ଭାବେ ହରେନ୍ଦ୍ର ସିଂ କିଛିମାସ ପୂର୍ବରୁ ଦାୟିତ୍ୱ ନେଇଛନ୍ତି। ସବୁ ବିଭାଗ ଉପରେ ଫୋକସ ରଖି ଦଳକୁ କାମ କରିବାକୁ ପଡ଼ିବ। ଆଶା କରୁଛି ପ୍ରଦର୍ଶନରେ ସୁଧାର ଆଣି ମହିଳା ଦଳ ପୁଣି ଅନ୍ତର୍ଜାତୀୟ ସ୍ତରରେ ନିଜର ଉପସ୍ଥିତି ଜାହିର କରିବ" ବୋଲି ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଆଗକୁ ଏସିଆନ ଗେମ୍ସ, ହକି ବିଶ୍ୱକପ ପ୍ରଭୃତି ଅନେକ ବଡ଼ ଟୁର୍ଣ୍ଣାମେଣ୍ଟ ଅଛି। ତେଣୁ ଦଳ ନିଜର ତ୍ରୁଟିକୁ ସୁଧାରି ଖୁବ୍‌ଶୀଘ୍ର ସଫଳ ପ୍ରତ୍ୟାବର୍ତ୍ତନ କରିବା ନେଇ ମୋର ଆଶା ରହିଛି ବୋଲି ଦିଲୀପ କହିଛନ୍ତି।

## 'କ୍ୟାପ୍ଟେନ କୁଲ' ଟ୍ରେଡ୍‌ମାର୍କ ଲାଗି ଧୋନୀଙ୍କ ଆବେଦନ

**ନୂଆଦିଲ୍ଲୀ,୩୦।୬:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ 'କ୍ୟାପ୍ଟେନ କୁଲ' ଫ୍ରେଜ ପାଇଁ ଟ୍ରେଡ୍‌ମାର୍କ ଆବେଦନ ଦାଖଲ କରିଛନ୍ତି। ଫିଲ୍ଡରେ ଶାନ୍ତ ସ୍ୱଭାବ ପାଇଁ ଧୋନୀଙ୍କ ସହ ଦୀର୍ଘ ବର୍ଷ ହେଲା କ୍ୟାପ୍ଟେନ କୁଲ ଫ୍ରେଜ ଯୋଡ଼ା ହୋଇଆସୁଛି। ଟ୍ରେଡ ମାର୍କ୍ସ ରେଜିଷ୍ଟ୍ରୀ ପୋର୍ଟାଲ ମୁତାବକ, ଧୋନୀଙ୍କ ଆବେଦନ ଗ୍ରହଣ କରାଯିବା ସହ ଏହାର ବିଜ୍ଞାପନ ଦିଆଯାଇଛି। ଏହା ଗତ ଜୁନ ୧୬ ତାରିଖରେ ଟ୍ରେଡ୍‌ମାର୍କ ଜର୍ନାଲରେ ପ୍ରକାଶ ପାଇଥିଲା। ଏହି ଆବେଦନ ଜୁନ ୫ ତାରିଖରେ କରାଯାଇଥିଲା।

## ବୁମରା ଦ୍ୱିତୀୟ ଟେଷ୍ଟ ଲାଗି ଉପଲବ୍ଧ ଅଛନ୍ତି

**ବର୍ମିଂହାମ, ୩୦।୬:** ହେଡିଂଲେରେ ନୈରାଶ୍ୟଜନକ ପରାଜୟ ପରେ ଭାରତୀୟ ଦଳ ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ସିରିଜ୍‌ରେ ୦-୧ରେ ପଛରେ ରହିଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ବୋଲିଂର କର୍ଣ୍ଣଧାର ଯଶପ୍ରୀତ ବୁମରାଙ୍କ ଉପରେ ସଭିଙ୍କ ନଜର ରହିଛି। ଏହି ବୋଲର ଦ୍ୱିତୀୟ ଟେଷ୍ଟ ଲାଗି ଉପଲବ୍ଧ ଥିବା ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ରିୟାନ ଟେନ ଡସଚେଟ୍ କହିଛନ୍ତି। ବୁମରା ଉପଲବ୍ଧ ଅଛନ୍ତି। ହେଲେ ସେ ଖେଳିବେ କି ନାହିଁ, ସେ ନେଇ ନିଷ୍ପତ୍ତି ନିଆଯାଇ ନାହିଁ। ଏହି ନିଷ୍ପତ୍ତି ଅନ୍ତିମ ମୁହୂର୍ତ୍ତରେ ନିଆଯିବ। ଯୁବ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀଙ୍କ ପାଇଁ ଦ୍ୱିତୀୟ ଟେଷ୍ଟ ଇଂଲଣ୍ଡରେ ପ୍ରଥମ ମ୍ୟାଚ୍ ହୋଇପାରେ। ସେ ଟ୍ରେନିଂରେ ଖୁବ ପ୍ରଭାବୀ ବ୍ୟାଟିଂ କରିଥିଲେ। ମୁଖ୍ୟତଃ ଯଦି ବୁମରାଙ୍କୁ ବିଶ୍ରାମ ଦିଆଯାଏ, ତେବେ ନୀତିଶଙ୍କୁ ଦଳରେ ସାମିଲ କରାଯିବା ଦ୍ୱାରା ଦଳର ସନ୍ତୁଳନ ବୃଦ୍ଧି ପାଇବ। ସେ ଆମର ପ୍ରିମିୟମ ବ୍ୟାଟିଂ ଅଲରାଉଣ୍ଡର ବୋଲି ଡସଚେଟ୍ ସୋମବାର ଖବରଦାତା ସମ୍ମିଳନୀରେ କହିଛନ୍ତି।

# ଆୟୁଷ ଚାମ୍ପିୟନ, ତନ୍‌ଭୀ ରନରଅପ୍




ପୁରସ୍କାର ସହ ଆୟୁଷ ଶେଟ୍ଟି।

**ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ**

ଲୋୱା, ୩୦।୬ (ପି.ଟି.)

ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ଶେଟ୍ଟି ତାଙ୍କ କ୍ୟାରିୟରରେ ପ୍ରଥମ ଥର ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଏଠାରେ ଚାଲିଥିବା ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ କାନାଡାର ବ୍ରାଏନ୍ ୟାଙ୍ଗଙ୍କ ବିପକ୍ଷରେ ସେ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ଏଥିସହ ସେ ସିଜନରେ ଭାରତ ପାଇଁ ପ୍ରଥମ ଟାଇଟଲ ଆଣିଦେଇଛନ୍ତି। ୨୦୨୩ ଜୁନିୟର ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ଏହି ୨୦ ବର୍ଷୀୟ ଖେଳାଳି ରବିବାର ତୃତୀୟ ସିଡ୍ ୟାଙ୍ଗଙ୍କୁ ୨୧-୧୮, ୨୧-୧୩ରେ ୪୭ ମିନିଟରେ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ଟୁର୍ଣ୍ଣାମେଣ୍ଟରେ ତାଙ୍କ ପ୍ରଦର୍ଶନ ଜୋରଦାର ଥିଲା। ଏହା ପୂର୍ବରୁ ସେମିଫାଇନାଲରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଟପ୍ ସିଡ୍ ଚୋଉତିନ୍ ଚେନ୍‌ଙ୍କୁ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ୟାଙ୍ଗଙ୍କ ବିପକ୍ଷରେ ଶେଟ୍ଟିଙ୍କର ଏହା ତୃତୀୟ ବିଜୟ ଥିଲା। ଚଳିତବର୍ଷ ମାଲେସିଆ ଓ ତାଇପେ ଓପନରେ ସେ ଦୁଇଥର ଏହି ଖେଳାଳିଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ମହିଳା ବିଭାଗରେ ୧୬ ବର୍ଷିୟା ତନ୍‌ଭୀ ଶର୍ମା ଆମେରିକାର ବିଓ୍ୱେନ୍ ଝାଙ୍ଗଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରି ୩ମ୍ୟାଚ ବିଶିଷ୍ଟ ଗେମ୍‌ରେ ହାରିଯାଇଥିଲେ। କ୍ୟାରିୟର ପ୍ରଥମ ୱାର୍ଲ୍ଡ ଟୁର୍ ଫାଇନାଲ ଖେଳିଥିବା ତନ୍‌ଭୀ ଟୁର୍ଣ୍ଣାମେଣ୍ଟର ସ୍ୱଳ୍ପ ବୟସ୍କା ଅଣସିଡ୍ ଖେଳାଳି ଥିଲେ। ସେ ତାଙ୍କ ମ୍ୟାଚ ୧୧-୨୧, ୨୧-୧୬, ୧୦-୨୧ରେ ପରାଜିତ ହୋଇଥିଲେ। ଏହି ମ୍ୟାଚ ୪୬ ମିନିଟ୍ ଧରି ଚାଲିଥିଲା।

## ବାସ୍କେଟବଲ: ଇସ୍ରାଏଲ ସହ ଖେଳିବାକୁ ମନା କଲା ଜୋର୍ଡାନ

**ତେଲ ଆଭିଭ୍,୩୦।୬:** ଗାଜା ଯୁଦ୍ଧ ଯୋଗୁ ସୁଇଜରଲାଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ବାସ୍କେଟବଲ ବିଶ୍ୱକପ୍‌ରେ ରବିବାର ଇସ୍ରାଏଲ ସହ ଖେଳିବାକୁ ଜୋର୍ଡାନ ମନା କରିଛି। ଏଥିଯୋଗୁ ଇସ୍ରାଏଲ ସପକ୍ଷରେ ଫରଫିଟେଡ୍ ଦିଆଯିବ ବୋଲି ଅନ୍ତର୍ଜାତୀୟ ବାସ୍କେଟବଲ ଫେଡେରେଶନ (ଏଫ୍ଆଇବିଏ) ପକ୍ଷରୁ କୁହାଯାଇଛି। ଜୋର୍ଡାନ ବାସ୍କେଟବଲ ଫେଡେରେଶନ ପକ୍ଷରୁ ଅନ୍ତର୍ଜାତୀୟ ଫେଡେରେଶନକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରାଯାଇଥିଲା ଯେ, ଜୋର୍ଡାନ ତା'ର ନୀତି ଓ ବର୍ତ୍ତମାନ ପରିସ୍ଥିତିରେ ତା'ର ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ମ୍ୟାଚ୍ ଖେଳିପାରିବ ନାହିଁ। ତେବେ ଜୋର୍ଡାନ ଫେଡେରେଶନ ପକ୍ଷରୁ ଅଧିକ ତଥ୍ୟ ଦିଆଯାଇ ନାହିଁ। ଅନ୍ୟପକ୍ଷରେ ଇସ୍ରାଏଲ ବାସ୍କେଟବଲ ଫେଡେରେଶନ ସଭାପତି ଆମୋସ ଫିଶମ୍ୟାନ ଜୋର୍ଡାନର ନିଷ୍ପତ୍ତିରେ ଦୁଃଖ ପ୍ରକାଶ କରିଛନ୍ତି।

# ରାଉଣ୍ଡ-୨ରେ ଟିଆଫୋ, ମେଡଭେଡେଭ ଆଉଟ୍

**ୱିମ୍ବଲଡନ ଟେନିସ**

ଲଣ୍ଡନ,୩୦।୬

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ୧୨ତମ ସିଡ୍ ଫ୍ରାନ୍ସେସ ଟିଆଫୋ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ନବମ ସିଡ୍ ଡାନିଲ ମେଡଭେଡେଭ ଓ ଆଲେକ୍ସି ପପରିନ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ଷ୍ଟେଫାନସ ସିତସିପାସ ଇଞ୍ଜୁରୀ କାରଣରୁ ଓହରି ଯାଇଛନ୍ତି।



ଶଟ୍ ଖେଳିବା ଅବସରରେ ଫ୍ରାନ୍ସେସ ଟିଆଫୋ।

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଟିଆଫୋ ୩-୦ ସେଟ୍‌ରେ ଏଲମର ମଲରଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୨୩ତମ ସିଡ୍ ଜିରି ଲେହେକା ୩-୧ ସେଟ୍‌ରେ ହୁଗୋ ଡେଲିଏନଙ୍କୁ, ମାଟିଆ ବେଲୁସି ୩-୧ ସେଟ୍‌ରେ ଓଲିଭର କ୍ରାଉଫର୍ଡଙ୍କୁ, କାମେରନ ନରି ୩-୧ ସେଟ୍‌ରେ ରବେର୍ଟୋ ବୌତିସ୍ତା ଆଗୁତଙ୍କୁ, ଜୋର୍ଡାନ ଥମସନ ୩-୨ ସେଟ୍‌ରେ ଭିଟ କୋପ୍ରିଭାଙ୍କୁ, ଆଡ୍ରିଆନ ମାନାରିନୋ ୩-୦ ସେଟ୍‌ରେ ଖ୍ରିଷ୍ଟଫର ଓ' କନେଲଙ୍କୁ, ଅଲିଭର ଟାର୍ଭେଟ ୩-୦ ସେଟ୍‌ରେ ଲିଏଣ୍ଡ୍ରୋ ରିଡିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମେଡଭେଡେଭ ୧-୩ ସେଟ୍‌ରେ ବେଞ୍ଜାମିନ ବୋଞ୍ଜି ଓ ୨୦ତମ ସିଡ୍ ପପିରିନ ୧-୩ ସେଟ୍‌ରେ ଆର୍ଥୁର ଫେରିଙ୍କଠାରୁ ପରାସ୍ତ ହୋଇଛନ୍ତି।

ଟିଆଫୋ ୬-୩, ୬-୪, ୬-୨ ମଲର
ଲେହେକା ୪-୬, ୬-୨, ୬-୨, ୭-୬ ଡେଲିଏନ
ବେଲୁସି ୬-୭, ୬-୩, ୬-୪, ୬-୪ କ୍ରାଉଫର୍ଡ
ନରି ୬-୩, ୩-୬, ୬-୪, ୭-୬ ବୌତିସ୍ତା
ଥମସନ ୩-୬, ୪-୬, ୬-୩, ୭-୬, ୬-୧ କୋପ୍ରିଭା
ମାନାରିନୋ ୬-୨, ୬-୪, ୬-୩ ଓ' କନେଲ
ବୋଞ୍ଜି ୭-୬, ୩-୬, ୭-୬, ୬-୨ ମେଡଭେଡେଭ
ଫେରି ୬-୪, ୬-୧, ୪-୬, ୬-୪ ପପିରିନ
ଟାର୍ଭେଟ ୬-୪, ୬-୪, ୬-୪ ଲିଏଣ୍ଡ୍ରୋ

## ଓହରିଲେ ଜାବେଉର

ଦୁଇ ଥରର ୱିମ୍ବଲଡନ ରନରଅପ୍ ଅନ୍ସ ଜାବେଉର ସୋମବାର ଇଞ୍ଜୁରୀ କାରଣରୁ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ଟ୍ୟୁନିସିଆର ୩୦ ବର୍ଷୀୟା ଜାବେଉର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଭିକ୍ଟୋରିୟା ଟୋମୋଭାଙ୍କୁ ଭେଟିଥିଲେ। ମ୍ୟାଚ୍‌ରେ ସେ ୬-୭, ୦-୨ ସେଟ୍‌ରେ ପଛରେ ଥିବା ବେଳେ ସେ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ସେଟ୍‌ରେ ତାଙ୍କୁ କୋର୍ଟ ଉପରେ ଟ୍ରେନରଙ୍କ ସହାୟତା ନେବାକୁ ପଡ଼ିଥିଲା। ଏଥିଯୋଗୁ ସେ ସାଇଡ୍‌ଲାଇନ ସିଟ୍‌ରେ ବସି ଟାୱେଲରେ ମୁହଁ ଲୁଚାଇ କାନ୍ଦିଥିଲେ। ସେ ୨୦୨୨ ଫାଇନାଲରେ ଏଲିନା ରିବାକିନା ଓ ୨୦୨୩ ଫାଇନାଲରେ ମର୍କେଟା ଭଣ୍ଡ୍ରୋସୋଭାଙ୍କଠାରୁ ପରାଜିତ ହୋଇଥିଲେ।

# ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୬ (ବିଜୟ ରଣା)

ଚଳିତ ମାସ ୨୬ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ରାଜ୍ୟ ଓପନ୍ ବନ୍ଧୁକ ଚାଳନା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ୫୦ମିଟର ରେଞ୍ଜ୍‌ରେ ୨୬ ଓ ୨୭ ତାରିଖରେ ଏବଂ ୨୮ ଓ ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲର ୧୦ମିଟର ଶୁଟିଂ ରେଞ୍ଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ .୨୨ ରାଇଫଲ, .୨୨ ପିସ୍ତଲ, .୩୨ ପିସ୍ତଲ ଏବଂ ୧୦ ମିଟର ଏୟାର ରାଇଫଲ ଓ ଏୟାର ପିସ୍ତଲରେ ପ୍ରତିଯୋଗିତା ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ରୋମିଓକାନ୍ତ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୌରୀ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ବଳଭଦ୍ର ଦାସ, ଆଶିଷ ନାୟକ, ସୋନୁ କୁମାର ପଣ୍ଡା ଓ ସତ୍ୟଜିତ୍ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ମହିଳା କୋଚ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ନୂଆଦିଲ୍ଲୀ,୩୦।୬(ପି.ଟି.)

ରୋହତକ୍‌ରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ନ୍ୟାଶନାଲ ବକ୍ସିଂ ଏକାଡେମୀରେ କାର୍ଯ୍ୟରତ ଥିବା ଜଣେ ମହିଳା କୋଚ୍‌ଙ୍କ ବିରୋଧରେ ଜଣେ ନାବାଳିକା ବକ୍ସର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବକ୍ସରଙ୍କ ବାପା ମା' ମହିଳା କୋଚ୍‌ଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରାଇଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତଙ୍କ ନାମ ପ୍ରଘଟ କରାଯାଇ ନାହିଁ।

ଏ ଘଟଣା ସମ୍ପର୍କରେ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ଓ ସାଇକୁ ଯୋଗାଯୋଗ କରିବାରୁ ଜଣାପଡ଼ିଥିଲା ଯେ, ୧୭ ବର୍ଷୀୟା ପୀଡ଼ିତାଙ୍କଠାରୁ ଚାପୁଡ଼ା ମାରିବା ଓ ଧମକାଇବା ଭଳି ଅଭିଯୋଗ ମିଳିଥିଲା। ହେଲେ ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ଆନ୍ତଃ ତଦନ୍ତରେ କୋଚ୍‌ଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନ ଥିଲା। ଏଣୁ ସେ ଏବେ ଜୁନିୟର ଓ ଯୁବ ବକ୍ସରଙ୍କୁ ଜାତୀୟ କ୍ୟାମ୍ପରେ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ବିଏଫ୍ଆଇର ତଦନ୍ତରେ ପୀଡ଼ିତା ବକ୍ସରଙ୍କ ବାପା ମା' ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଫ୍ଆଇଆର୍‌ରେ ଦର୍ଶାଯାଇଛି ଯେ, କୋଚ୍ ବଳପୂର୍ବକ ତାଙ୍କ ପୋଷାକ ଖୋଲିବାକୁ ଉଦ୍ୟମ କରିବା ସହ ଅନେକ ଥର ଚାପୁଡ଼ା ମାରିଥିଲେ। କ୍ୟାରିୟର ନଷ୍ଟ କରିବାକୁ ଧମକ ଦେଇଥିଲେ ଏବଂ ଅନ୍ୟ ବକ୍ସରଙ୍କ ଆଗରେ ତାଙ୍କ ଚରିତ୍ର ଖରାପ ଥିବା କହିଥିଲେ। ଏଥିଯୋଗୁ କୋଚ୍‌ଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୧୫ (ଜାଣିଶୁଣି ଆଘାତ ଦେବା), ୩୫୧ (୩) (ଆପରାଧିକ ଧମକ) ଓ ପୋକ୍‌ସୋ ଆଇନରେ ମାମଲା ରୁଜୁ କରାଯାଇଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ